Split by PDF Splitter



## ମୃତ୍ୟୁର ତାଲିକା ବାବତ୍ ମାହେ ମଇ ସନ ୧୮୭୫ ମସିହା ।

| ଜିଲ୍ଲା କଟକ | | | ଜିଲା ପୁରୀ | |
|---|---|---|---|---|
| ଭୂମିପରିମାଣ ୩୧୭୮ ବର୍ଗମାଇଲ | | | ଭୂମିପରିମାଣ ୨୧୭୦ ବର୍ଗମାଇଲ | |
| ଲୋକସଂଖ୍ୟା ପୁରୁଷ ୭,୨୫,୩୩୦ ସ୍ତ୍ରୀ ୭୬୯୪୫୪ | | | ଲୋକସଂଖ୍ୟା ପୁରୁଷ ୩୮୯୪୯ ସ୍ତ୍ରୀ ୩୮୦୨୨୫ | |
| **ଜାତିର ବିବରଣ** | | | **ଜାତିର ବିବରଣ** | |
| ଖ୍ରୀଷ୍ଟିୟାନ | ଜ | ୨୩୧୪ | ... ... ... ଜ | ୫୭୬ |
| ମୁସଲମାନ | ଜ | ୪୦,୦୧୩ | ... ... ... ଜ | ୧୧୫୮୬ |
| ହିନ୍ଦୁ | ଜ | ୧୪,୩୦,୦୪୦ | ... ... ... ଜ | ୭୩୯୬୩୬ |
| ବୌଦ୍ଧ | ଜ | ୦ | ... ... ... ଜ | ୮ |
| ଅନ୍ୟାନ୍ୟଜାତି | ଜ | ୨୨୪୧୭ | ... ... ... ଜ | ୧୬୮୬୮ |
| ମୋଟ | ଜ | ୧୪,୯୪,୭୮୪ | ଜ | ୭୬୯,୬୭୪ |
| **କେଉଁ ଜାତିରେ କେତେ ମୃତ୍ୟୁ** | | | **କେଉଁ ଜାତିରେ କେତେ ମୃତ୍ୟୁ** | |
| ଖ୍ରୀଷ୍ଟିୟାନ | ଜ | ୦ | ... ... ... ଜ | ୬୧୪ |
| ମୁସଲମାନ | ଜ | ୩୧ | ... ... ... ଜ | ୦ |
| ହିନ୍ଦୁ | ଜ | ୧୫୨୨ | ... ... ... ଜ | ୦ |
| ବୌଦ୍ଧ | ଜ | ୦ | ... ... ... ଜ | ୦ |
| ଅନ୍ୟାନ୍ୟଜାତି | ଜ | ୦ | ... ... ... ଜ | ୩୩ |
| | ଜ | ୧୫୫୩ | ଜ | ୬୪୭ |

| ରୋଗର ନାମ | ପୁରୁଷ | ସ୍ତ୍ରୀ | | ପୁରୁଷ | ସ୍ତ୍ରୀ |
|---|---|---|---|---|---|
| ଓଲାଉଠା | ୧୧୮ | ୧୧୩ | ... ... ... | ୩ | ୧ |
| ବସନ୍ତ | ୫ | ୯ | ... ... ... | ୬ | ୪ |
| ଜ୍ୱର | ୨୬୨ | ୨୭୫ | ... ... ... | ୧୧୪ | ୯୦ |
| ଉଦରରୋଗ | ୧୦୪ | ୭୫ | ... ... ... | ୬୨ | ୫୯ |
| ଆତ୍ମହତ୍ୟା | ୩ | ୪ | ... ... ... | ୪ | ୫ |
| ଅଘାତ | ୧ | ୨ | ... ... ... | ୧ | ୧ |
| ଦୁର୍ଘଟନା | ୧୨ | ୧୫ | ... ... ... | ୫ | ୩ |
| ସର୍ପାଘାତ ଓ ହିଂସ୍ର-ଜନ୍ତୁଦ୍ୱାର୍ ହତ | ୧୩ | ୧୭ | ... ... ... | ୧ | ୪ |
| ଅନ୍ୟକାରଣ | ୨୬୧ | ୨୫୮ | ... ... ... | ୧୩୧ | ୧୫୨ |
| ମୋଟ | ୭୭୯ | ୭୭୪ | | ୩୨୮ | ୩୧୯ |

| ଯେତେ ବୟସରେ ମୃତ୍ୟୁ | ପୁରୁଷ | ସ୍ତ୍ରୀ | ଯେତେ ବୟସରେ ମୃତ୍ୟୁ | ପୁରୁଷ | ସ୍ତ୍ରୀ |
|---|---|---|---|---|---|
| ମୃତଜାତ | ୧୭ | ୧୪ | ... ... ... | ୨୫ | ୨୧ |
| ଏକବର୍ଷର ଅନଧିକ | ୧୬୮ | ୧୨୮ | ... ... ... | ୫୩ | ୬୪ |
| ଏକଠାରୁ ଛବର୍ଷ | ୯୧ | ୧୨୧ | ... ... ... | ୪୯ | ୩୬ |
| ୬ ,, ୧୨ | ୫୮ | ୪୨ | ... ... ... | ୨୧ | ୧୫ |
| ୧୨ ,, ୨୦ | ୫୬ | ୯୨ | ... ... ... | ୧୮ | ୩୬ |
| ୨୦ ,, ୩୦ | ୧୦୫ | ୧୧୪ | ... ... ... | ୩୮ | ୬୩ |
| ୩୦ ,, ୪୦ | ୮୫ | ୭୦ | ... ... ... | ୪୬ | ୧୮ |
| ୪୦ ,, ୫୦ | ୫୮ | ୪୦ | ... ... ... | ୧୬ | ୧୬ |
| ୫୦ ,, ୬୦ | ୪୯ | ୫୨ | ... ... ... | ୩୪ | ୨୦ |
| ୬୦ ବର୍ଷର ଊର୍ଦ୍ଧ୍ୱ | ୮୩ | ୧୦୧ | ... ... ... | ୨୮ | ୩୦ |
| ମୋଟ | ୭୭୯ | ୭୭୪ | | ୩୨୮ | ୩୧୯ |

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୦ | ତାଂ ୨୪ରିଖ ଜୁଲାଇ ସନ ୧୮୭୫ ମସିହା । ମୁ । ଶ୍ରାବଣ ୨୫ ଅଂକ ସନ ୧୨୮୨ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
୨୯ ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
| | ମଫସଲ ପାଇଁ ଡାକମାସୁଲ ୨।୵

ବ୍ରହ୍ମଦେଶର ସହିତ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ମତାନ୍ତର ବିଷୟରେ ଯେ ସମସ୍ତ କଥା ସମ୍ବାଦପତ୍ରମାନଙ୍କରେ ଦେଖାଯାଉଅଛି ତହିଁରେ କିଛି ସ୍ଥିର ଜଣାଯାଉ ନାହିଁ । ବିଲାତର ଟାଇମସ୍ ପ୍ରଭୃତି ଭଲ ଭଲ ସମ୍ବାଦପତ୍ରର ମତ ଏହି ଯେ ବ୍ରହ୍ମାର ରାଜା ଯେବେ ଇଂରାଜସୈନ୍ୟଙ୍କୁ ଆପଣା ରାଜ୍ୟ ଦେଇ ଯିବାକୁ ଅନୁମତି ନ ଦିଅନ୍ତି ତେବେ ଗବର୍ଣ୍ଣମେଣ୍ଟ ନିଶ୍ଚୟ ତାହାଙ୍କ ସହିତ ଯୁଦ୍ଧ କରି ଏ ଅଧିକାରଟି ଲାଭ କରିବେ । ଏଠାର ଇଂରାଜୀ ସମ୍ବାଦପତ୍ରମାନଙ୍କର ମଧ୍ୟ ମତ ଏହିରୂପ ଅଟଇ ଏଥିକୁ ସବିଶେଷ ବାର୍ତ୍ତା ନେବା ସରଡଗଲାସ ସିମଲାକୁ ଯାଇଅଛନ୍ତି । ଶୁଣାଯାଏ ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଉକ୍ତ ଅଧିକାରଟି ନ ପାଇଲେ ବ୍ରହ୍ମାସହିତ ଯୁଦ୍ଧରେ ପ୍ରବୃତ୍ତ ହେବେ । ଯାହା ହେଉ ପ୍ରତିଦିନ ଏବିଷୟରେ ନାନାପ୍ରକାର ସମ୍ବାଦ ତାରଡାକରେ ପ୍ରକାଶ ହେଉଥିବାରୁ ଆମ୍ଭମାନଙ୍କର ଭୟ ହେଉଅଛି ଯେ କୌଣସି ଉପଦ୍ରବ ନ ହୋଇ ଏକଥା ଶୀଘ୍ରରେ ଛିଡିବ ନାହିଁ ।

---

ଗତ ଶନିବାର ବାବୁ ପ୍ରତାପଚନ୍ଦ୍ର ମଜୁମଦାର କଟକ ହାଇସ୍କୁଲରେ ବାହ୍ୟ ଓ ଅନ୍ତର୍ଗତ ଧର୍ମ ବିଷୟରେ ଇଂରାଜୀ ଭାଷାରେ ଗୋଟିଏ ବକ୍ତୃତା କରିଥିଲେ । ବାବୁ ଯେପରି ସଦ୍‌ବକ୍ତା ତହିଁର ପରିଚୟ ପୂର୍ବରୁ ଦେଇଅଛୁଁ ସୁତରାଂ ଏପକ୍ଷରେ ଏତିକି କହିଲେ ପ୍ରଚୁର ହେବ ଯେ ଏ ଦିନର ବକ୍ତୃତାଟି ମଧ୍ୟ ସର୍ବତୋଭାବରେ ଶ୍ରୋତାଙ୍କର ଚିତ୍ତ ରଞ୍ଜନ କରିଥିଲା । ବକ୍ତୃତାର ସାର ମର୍ମ ଏହି ଯେ ଧର୍ମର ଅଙ୍କୁର ସମସ୍ତ ଲୋକଙ୍କ ମନରେ ନିହିତ ଅଛି । ବିଷୟ ବ୍ୟାପାରରେ ଚିତ୍ତ ମୁଗ୍ଧ ବା ଅଜ୍ଞାନରେ ଆଚ୍ଛନ୍ନ ନ ହେଲେ ଧର୍ମପ୍ରଭାବ ଚିତ୍ତକୁ ବିମୋହିତ କରେ ତହୁଁ ତାହା ବାକ୍ୟଭଙ୍ଗି ଓ ଅନୁଷ୍ଠାନଦ୍ୱାରା ବାହାରେ ପ୍ରକାଶ ପାଏ । ସୁତରାଂ ସ୍ତବ ସ୍ତୁତି ପାଠ ପୂଜା ସେବାର ଅନୁଷ୍ଠାନ ପ୍ରଭୃତି ବାହ୍ୟଧର୍ମ ଅଟଇ । ଯେତେବେଳଯାଏ ଅନ୍ତରରେ ଧର୍ମନିଷ୍ଠା ଜାଗ୍ରତ ଥାଏ ସେତେବେଳ ପର୍ଯ୍ୟନ୍ତ ବାହ୍ୟଧର୍ମର ଶୋଭା । ମନରୁ ପାସୋର ଗଲେ ସେସବୁ ଅସାର ଓ ଅକର୍ମଣ୍ୟ ହୁଅଇ । ଅନ୍ତର୍ଗତ ଧର୍ମ ପରମେଶ୍ୱରଙ୍କୁ ଆତ୍ମାରେ ସାକ୍ଷାତ୍ କରି ତାହାଙ୍କୁ ଅବିଚଳିତ ଭକ୍ତି ଓ ପ୍ରେମ ସହକାରେ ଆତ୍ମ ସମର୍ପଣ କରିବା ଅଟଇ । ଯେ ତାହାଙ୍କୁ ଆତ୍ମାରେ ଦେଖି ନାହିଁ ଓ ତାହାଙ୍କ ପ୍ରେମରେ ମଜ୍ଜି ନାହିଁ ତାହାର ସ୍ତବ ପାଠ ଓ ପୂଜା ଇତ୍ୟାଦି କ୍ରିୟା କେବଳ ବାହ୍ୟାଡମ୍ବର ମାତ୍ର ତଦ୍ୱାରା ସେ ବ୍ୟକ୍ତି ଆପଣାକୁ ଓ ଅନ୍ୟକୁ ପ୍ରତାରିତ କରେ ମାତ୍ର ପ୍ରକୃତଧର୍ମ ଲଭଇ ନାହିଁ ଇତ୍ୟାଦି ।

---

ଏଡୁକେସନ ଗେଜେଟରେ ଦେଖିଲୁଁ ଯେ ଓଡିଶାରେ ଇଂରାଜୀଟୀକା ପ୍ରଚଳିତ କରିବା କାରଣ ଗବର୍ଣ୍ଣମେଣ୍ଟ ମାନସ କରାଉଅଛନ୍ତି ଓ ବଙ୍ଗଳା ଗବର୍ଣ୍ଣମେଣ୍ଟ ତଲଲିଖିତ ପ୍ରକାରମତ ବ୍ୟକ୍ତ କରିଅଛନ୍ତି ଯଥା—

ବେହାର ଏବଂ ଓଡିଶାରେ ଟୀକା ଦେବାର ସର୍କେଲ ଅଦ୍ୟାପି ପ୍ରତିଷ୍ଠିତ ହୋଇ ନାହିଁ । ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ଇଚ୍ଛା ଯେ ଏ ଦୁଇ ପ୍ରଦେଶରେ ସୁଦ୍ଧା ଟୀକା ଦେବାର ସର୍କେଲ ଶୀଘ୍ର ପ୍ରବର୍ତ୍ତିତ ହେବ । ଏଣୁକରି ସେ ଏହି ଦୁଇ ପ୍ରଦେଶର କମିଶନରଙ୍କ ସହିତ ପରାମର୍ଶ କରିବେ । ଓଡିଶାପ୍ରଦେଶର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମତ ଏହି ଯେ ଓଡିଶା ଲୋକମାନେ ଆଜଯାଏ ଇଂରାଜୀଟୀକା ନେବାର ଉପଯୁକ୍ତ ହୋଇ ନାହାନ୍ତି ସେମାନେ ଏ ଟୀକାର ଉପକାରିତା କିଛିମାତ୍ର ବୁଝି ନାହାନ୍ତି । ଏଥିକୁ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ସାହେବ କହୁଅଛନ୍ତି କି ସେମାନଙ୍କୁ ବୁଝାଇ ଏ ଅନୁଷ୍ଠାନରେ ପ୍ରବର୍ତ୍ତିତ କରାଇବାର ଉଚିତ । ସେମାନେ ଜାଣନ୍ତି ନାହିଁ ବୋଲି ଏବଂ କାର୍ଯ୍ୟର ଫଳ ଦେଖି ନାହାନ୍ତି ବୋଲି ସେମାନଙ୍କୁ ଏ ଉପକାରରୁ ବଞ୍ଚିତ ରଖିବା ଗବର୍ଣ୍ଣମେଣ୍ଟଙ୍କର ରାଜନୀତି ଅନୁଯାୟୀ କର୍ମ ନୁହେ ।

ଆମ୍ଭମାନଙ୍କ ବିବେଚନାରେ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ଯାହା କହୁଅଛନ୍ତି ଯଥାର୍ଥ ଅଟଇ । ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କର ଗୋଟିଏ ଦୋଷ ଏହି ଯେ ସେମାନେ ଆପେ ଯାହା ବୁଝନ୍ତି ତାହା କରନ୍ତି ଲୋକଙ୍କ ମତ ନେବା ଚେଷ୍ଟିତ ଥାଉ କେଉଁ ବିଷୟରେ କି କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୁଅନ୍ତି ତାହା ଲୋକଙ୍କୁ ଜଣାଇବାକୁ ସୁଦ୍ଧା ଯତ୍ନ

Digitized by srujanika@gmail.com

ହରନ୍ତି ନାହିଁ । ଅମ୍ଭେମାନେ କେତେକଥର ଅନୁରୋଧ କରିଥିଲୁଁ ଯେ ସାଧାରଣ ଚିକିତ୍ସାଳୟ ପ୍ରଭୃତିର ସାମୟିକ ତାଲିକା ଓଡ଼ିଆ ଗେଜେଟ ଅଥବା ସ୍ଥାନୀୟ କୌଣସି ସମ୍ବାଦପତ୍ରରେ ପ୍ରକାଶ ହେଉଥିଲେ ଲୋକେ ଇଂରାଜୀ ଚିକିତ୍ସାର ଫଳାଫଳ ଜାଣିପାରନ୍ତେ ମାତ୍ର ସ୍ଥାନୀୟ ହାକିମମାନେ ତହିଁପ୍ରତି କର୍ଣ୍ଣପାତ କରନ୍ତି ନାହିଁ ।

---

(ଓଡ଼ିଶାରେ କଲେଜ ହେବାର ଉଦ୍ୟମଶୁଣି ଓ ତାହା ଅମ୍ଭମାନଙ୍କ କମିଶନରସାହେବଙ୍କ ବିଶେଷ ଯତ୍ନ ଓ ପରିଶ୍ରମର ଫଳ ସ୍ୱରୂପ ଜାଣି ଅନେକ ସଂବାଦପତ୍ରରେ ସାହେବଙ୍କର ସୁଖ୍ୟାତି ବାହାରି ଅଛି । ବାସ୍ତବରେ ଶ୍ରୀଯୁକ୍ତ ରେବନ୍ସାସାହେବ ଏ ପ୍ରଦେଶରେ ଶିକ୍ଷାର ଉନ୍ନତି ପକ୍ଷରେ ସର୍ବଦା ମନୋଯୋଗୀ ଅଟନ୍ତି । ଅନ୍ୟାନ୍ୟ ବିଷୟରେ ଯାହା ହେଉ ଶିକ୍ଷା ବିଷୟରେ ତାହାଙ୍କପରି, ଆଉ କାହାରି ଦୃଢ଼ରୂପେ ଚେଷ୍ଟିତ ହେବାର ଦେଖାଯାଇ ନାହିଁ । ଓଡ଼ିଆମାନଙ୍କପ୍ରତି ତାହାଙ୍କର ବିଶେଷ ଇଷା ଥିବାରୁ ସେମାନଙ୍କ ଉନ୍ନତି ସକାଶେ ସେ ଏରୂପ କାର୍ଯ୍ୟ କରୁଅଛନ୍ତି ଏବଂ ସେମାନଙ୍କ ଉତ୍ସାହ ନିମନ୍ତେ ସେ ନିୟମିତରୂପେ ବିଦ୍ୟାଳୟମାନଙ୍କର ବାର୍ଷିକ ସଭାରେ ଉପସ୍ଥିତ ହୁଅନ୍ତି ଏବଂ ହାତରୁ ଟଙ୍କା ଦେଇ ମଧ୍ୟ ବାଳକଙ୍କୁ ପଢ଼ାଉ ଅଛନ୍ତି । ନର୍ମାଲ ସ୍କୁଲର ବାର୍ଷିକ ସଭାରେ ସେ ଓଡ଼ିଶା କଲେଜ ସମ୍ପର୍କରେ କହିଲେ ଯେ ଲୋକମାନେ ଯେମନ୍ତ ଆଗ୍ରହ ସହକାରେ ଚାନ୍ଦା ଦେବାକୁ ସ୍ୱୀକୃତ ହେଉ ଅଛନ୍ତି ତହିଁରେ ତାହାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ହୋଇଅଛି ଯେ ଅଳ୍ପକାଳ ମଧ୍ୟରେ ଆବଶ୍ୟକୀୟ ଟଙ୍କା ହସ୍ତଗତ ହେବ ଓ ବର୍ଷପୂର୍ତ୍ତି ନ ହେଉଣୁ ହିଁ ଏଠାରେ କଲେଜ ସ୍ଥାପନ ହେବ । ଏସଂବାଦଟି ଅତି ଶୁଭକର ଅଟଇ ଏବଂ ଶ୍ରୀଯୁକ୍ତ ରେବନ୍ସାସାହେବଙ୍କ ଉଦ୍ୟମରୁ ଯେ ଇହା ଘଟିଅଛି ଏଥିରେ ସନ୍ଦେହ ନାହିଁ । କିନ୍ତୁ ହେଉ ଓଡ଼ିଶାଲୋକମାନେ ଯେ ଆପଣାର ବୋଲି ଗୋଟିଏ କଲେଜ ଦେଖି ପାରିବେ ଗୌରବର ବିଷୟ ଅଟଇ ଯେବେ ପଢ଼ା ଏତିକ ଯେ ବ୍ୟୟ ପରିମାଣରେ ଫଳ ହେବ ନାହିଁ ଓ ଏଠାର ଉର୍ଦ୍ଧନ ଲୋକଙ୍କର ବହୁତ ଧନ ଅଳ୍ପଫଳ ଉଦ୍ଦେଶରେ ବ୍ୟୟ ହେବ ବଡ଼ ଦୁଃଖର କଥା ଅଟଇ । କମିଟିର ଏକଥା ଉପରେ ଦୃଷ୍ଟି ରଖିଥିଲେ ଭଲ ହୋଇଥାନ୍ତା ।

---

## ଟାଉନହାଟ ।

ଏ ନଗରର ଟାଉନହାଟ ଯାହା ଚୌଧୁରୀବଜାରରେ ପ୍ରସ୍ତୁତ ହୋଇଅଛି ଓ ପ୍ରାୟ ଦୁଇବର୍ଷ ହେବ ଯହିଁର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେହେଁ ତହିଁରେ ବିକ୍ରୀ ବଟା ଆରମ୍ଭହେବାର ଗତ ସପ୍ତାହରେ ଅମ୍ଭେମାନେ ଲେଖିଥିଲୁଁ । ସମ୍ପ୍ରତି ସେଠାରେ କେବଳ ଉଠାଦୋକାନି ଓ ଫେରିବାଲାମାନେ ବସି ବିକ୍ରୟ କରୁଅଛନ୍ତି ଓ ହାଟର ବିକ୍ରୀ ଦେଖିବାପାଇଁ ନଗରବାସୀ ଅନେକଲୋକ ପ୍ରତିଦିନ ସେଠାକୁ ଯାଉଅଛନ୍ତି । ଅତି କାଲି ବର୍ଷା ହେଉଥିବାରୁ ଦୋକାନିମାନେ ନିୟମିତରୂପେ ବସି ବିକ୍ରୀ କରିପାରୁ ନାହାନ୍ତି ଗୃହଅ ଖଣ୍ଡେ୨ ପ୍ରସ୍ତୁତ ହୋଇଥିଲେ ଭଲ ହୋଇଥାନ୍ତା । ଆଠ ଦଶଦିନ ହେଲା ହାଟରେ ବିକ୍ରୀ ଆରମ୍ଭ ହେଲାଣି କିନ୍ତୁ ତହିଁରେ ବର୍ତ୍ତମାନ ଉପକାର ଅପେକ୍ଷା ଅପକାର ଅଧିକ ହୋଇଅଛି । ଯେଉଁମାନେ ହାଟ ନିକଟରେ ଅଛନ୍ତି ଏକା ତାହାଙ୍କର ସମସ୍ତ ସୁଯୋଗ ଅଛି ମାତ୍ର ବକ୍ସିବଜାର ଓ ନଗରପଡ଼ା ଅଞ୍ଚଳର ଲୋକଙ୍କ ସର୍ବପ୍ରକାରରେ କଷ୍ଟ ହେଉଅଛି । ଏସବୁ ସ୍ଥାନରେ ଗୋଟିଏ ଲେଖାଏଁ ହାଟ ବସିବାଯାଏ ପୂର୍ବ ପ୍ରାୟ ବଜାର ଉପରେ ଉଠା ଦୋକାନିଙ୍କୁ ବିକ୍ରୀହାଲ ବସିବାକୁ ଦେବାର ଉଚିତ ତାହା ନ ହେଲେ ଏମାନଙ୍କର ବ୍ୟବହାର କଷ୍ଟ ନିବାରିତ ଅଉ ସନ୍ଧ୍ୟାବାତି ଦିଆଯାଇପାରିବ ନାହିଁ । କିନ୍ତୁ ସର୍ବାପେକ୍ଷା ହାଟଦ୍ୱାରା ଏହି ଅନିଷ୍ଟ ହୋଇଅଛି ଯେ ପୁଲିସ କନଷ୍ଟବଲମାନେ ଗୁଲିବଜା ଦୋକାନିଙ୍କୁ ଯେଉଁଠାରେ ଦେଖୁଅଛନ୍ତି ହାଟକୁ ଉଡ଼ ନେଇଯାଉଛନ୍ତି ଅଉ କୌଣସି ଅନ୍ତରକୁ ଯିବାକୁ ଦେଉ ନାହାନ୍ତି ଏଥିରେ ଯେଉଁମାନେ ଆପଣା ଘରେବସି ତେଲ ପରିବା ପ୍ରଭୃତି ବିକୁଥିଲେ ସେମାନେ ବଡ଼ ହରବରରେ ପଡ଼ିଅଛନ୍ତି, ଯାହାର ଲୋକବଳ ଅଛି ସେ ଇଚ୍ଛାମତେ ଦୋକାନ ବା ହାଟରୁ ଦ୍ରବ୍ୟ କିଣୁଅଛି ଯାହାର ନାହିଁ ତାହା କଥା ବଡ଼ କଠିନ କେତେ୨ ବିକାବାଲାମାନେ ପୁଲିସକୁ ଲୁଚିଅଛି ଘରେ୨ ବିକିଦେଇ ଯାଉଅଛନ୍ତି ମାତ୍ର ସମସ୍ତ ଗୁଲିବଜା ଲୋକଙ୍କ ମନରେ ଏହି ବିଶ୍ୱାସ ହୋଇଅଛି ଯେ ହାଟ ଛଡ଼ା ଅଉ କୌଣସି ସ୍ଥାନରେ ସେମାନେ ବିକ୍ରୟ କଲେ ମାଜିଷ୍ଟ୍ରେଟ ସାହେବ ସେମାନଙ୍କୁ ଦଣ୍ଡ ଦେବେ । ପୁଲିସ ଏହିପରି ଶିକ୍ଷା ଅଣ୍ଡା ପାଉଅଛନ୍ତି ଅବା ମାଜିଷ୍ଟ୍ରେଟଙ୍କ ଆଜ୍ଞାକୁ ବୁଝିପାରୁ ନାହାନ୍ତି ଅମ୍ଭେମାନେ ନିଶ୍ଚୟ କରି କହି ନ ପାରୁଁ । ଅନୁମାନ ହୁଅଇ ମାଜିଷ୍ଟ୍ରେଟ ସାହେବ ଗୋଲମାଲିଆ ହୁକୁମ ଦେଇଥିବାରୁ ପୁଲିସ ତହିଁର ଅର୍ଥ ଶେଷ ପର୍ଯ୍ୟନ୍ତ କରୁଅଛି । ସଡ଼କ ଉପରେ କେହି ଉଠାଦୋକାନ ଦେଇ ବସିଲେ ତାହାକୁ ନିଷେଧ କରିବା ଓ ଯେଉଁମାନେ ସଡ଼କରେ ବସି ବିକୁଥିଲେ ତାହାଙ୍କୁ ହାଟକୁ ଯିବାକୁ କହିଦେବାର ଆଜ୍ଞା ହୁଏତ ମାଜିଷ୍ଟ୍ରେଟ ଦେଇଥିବେ ପୁଲିସ ସେହି ଆଜ୍ଞାର ଏମନ୍ତ କଠିନ ଅର୍ଥ କଲେ ଯେ କାହାରିକୁ ତେଲ କି ପରିବା ଝୋଲାଇ ଘେନି ବୁଲିବାର ଦେଖିଲେ ତାହାକୁ ହାଟକୁ ପଠାଇ ଦେଉଅଛନ୍ତି ଅଉ କୌଣସି ଦିଗକୁ ଯାଇଦେଉ ନାହାନ୍ତି । ଏପରି ବ୍ୟବହାର ଯେ ଛଡ଼ାନ୍ତ ଟ୍ରେଣ୍ଡରର ଓ ପୁଲିସ ଆଇନର ବିରୁଦ୍ଧ ତହିଁରେ ସନ୍ଦେହ ନାହିଁ । ଏ ଜାତି ନିବାରଣ ଉଦ୍ଦେଶ୍ୟରେ ଯେବେ ମାଜିଷ୍ଟ୍ରେଟ ସାହେବ ନିର୍ଦ୍ଦିଷ୍ଟ ଆଜ୍ଞା ପ୍ରଚାର କରନ୍ତି ତାହା ହେଲେ ଭଲ ହେବ ।

---

## ପୁରୀ ।

ଅମ୍ଭେମାନେ ଗତସପ୍ତାହରେ ପୁରୀର ଯାତ୍ରା ବିଷୟରେ ସଂକ୍ଷେପ ବିବରଣ ଦେଇଥିଲୁଁ ସମ୍ପ୍ରତି ତହିଁର ସବିଶେଷ ବିବରଣ ଅବଗତ ହୋଇ ପାଠକମାନଙ୍କୁ ଜଣାଉ ଅଛୁଁ । ଯାତ୍ରୀ ଏ ବର୍ଷ ଊଣା ହେବାର କାରଣ ଗତବର୍ଷ ଦୁର୍ଭିକ୍ଷ ଅଟଇ । ଗତବର୍ଷ ଦୁର୍ଭିକ୍ଷ ହେବାରୁ ଅଧିକ ବଙ୍ଗାଳୀଯାତ୍ରୀ ଆସି ନ ଥିଲେ ଓ ଏବର୍ଷ ମଧ୍ୟ ଲୋକଙ୍କର ଅବସ୍ଥା ଭଲ ହୋଇ ନ ଥିବାରୁ ଆସି ପାରିଲେ ନାହିଁ ।

ରଥଯାତ୍ରା ସମ୍ପର୍କରେ ପଦ୍ୟଠିକ ମନ୍ଦିରର କାର୍ଯ୍ୟକାରକମାନେ ନିୟମିତରୂପେ ଅମନୋଯୋଗ ଓ ଅଳସପଣିଆ ଦେଖାଇ ଅଛନ୍ତି କିନ୍ତୁ ଅମ୍ଭେମାନେ ଆହ୍ଲାଦିତ ହୋଇ ଶୁଣିଲୁଁ ଯେ ଡେପୁଟିକଲେକ୍ଟର ବାବୁ ନବୀନକୃଷ୍ଣ ସରକାରଙ୍କ ବିଶେଷ ଯତ୍ନରେ ଗୁଣ୍ଡିଚାଯାତ୍ରାର କାର୍ଯ୍ୟମାନ ଏମନ୍ତ ସୁନ୍ଦରରୂପେ ନିର୍ବାହ ହୋଇଅଛି ଯେ ସେଠା ଲୋକଙ୍କ କହିବାରୁ ଜଣାଯାଏ ଓଲ୍ଡହ୍ୟାମ ସାହେବଙ୍କ ଅମଳଠାରୁ ଅବଧି ସେରୂପ ଦେଖା ନ ଥିଲା । ପୁରୀର କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂସାହେବ ନବୀନବାବୁଙ୍କୁ ଏ କର୍ମର ଭାର ଦେଇ ପ୍ରଶଂସାର କାର୍ଯ୍ୟ କରିଅଛନ୍ତି । ଅନ୍ୟ ବର୍ଷରେ ଗୁଣ୍ଡିଚାଦିନ [illegible] ପର୍ଯ୍ୟନ୍ତ ଠାକୁରଙ୍କର ରଥରୁ ଓହ୍ଲାଇବାରେ ହେବାର ଦସ୍ତୁର ଥିଲା । ଏ ବର୍ଷ ନବୀନବାବୁ

Split by PDF Splitter
Digitized by srujanika@gmail.com

Split by PDF Splitter



ଶୁଙ୍କରୁ ସତର୍କ ହୋଇ ମନ୍ଦିରର କର୍ମଚାରିଙ୍କ ଦ୍ୱାରା ଶୀଘ୍ର ମାଡ଼ ବଢ଼ାଇ ଅପରାହ୍ନ ୫ ଘଣ୍ଟା ସମୟରେ ଠାକୁରମାନଙ୍କୁ ରଥରେ ବସାଇଦେଲେ । ପ୍ରାଚୀନକାଳର ନିୟମାନୁସାରେ ମନ୍ଦିର କାର୍ଯ୍ୟ ପ୍ରାତଃକାଳରେ ଶେଷ ହୋଇ ଠାକୁରମାନେ ରଥକୁ ବିଜେ କରୁଥିଲେ ଓ ସେହିଦିନ ରଥ ଟଣା ହୋଇ ଗୁଣ୍ଡିଚାମନ୍ଦିରରେ ପହଞ୍ଚୁଥିଲା ଏ ବର୍ଷ ସେତେବେଳେ ହୋଇଯାଏ ନ ହେବା ଉଚିତ ଠାକୁରମାନେ ଦିନ ଥାଉଁ ଥାଉଁ ରଥରେ ବସିବାରୁ ସନ୍ଧ୍ୟା ହୋଇଯାଏ ରଥ ଟଣା ହେଲା ଓ ତହିଁ ଆରଦିନ ଗୁଣ୍ଡିଚାଘରଠାରେ ପହଞ୍ଚି ଥାନ୍ତେ କେବଳ ନିଯୁକ୍ତ ସଂସ୍କାର ରଥଦଉଡ଼ି ସଜା ପ୍ରସ୍ତୁତ କରି ରଖି ନ ଥିବାରୁ ଅଳ୍ପ ପରିମାଣରେ ରଥ ଟଣା ହୋଇ ତୃତୀୟଦିନର ସାୟଂକାଳରେ ଗୁଣ୍ଡିଚାଘରଠାରେ ତିନିରଥ ଏକତ୍ରେ ପ୍ରବେଶ ହେଲେ ଓ ସେହି ରାତ୍ରରେ ପହଣ୍ଡିବିଜେ ହୋଇ ଠାକୁରମାନେ ସିଂହାସନରେ ବସିଲେ ରଥଟଣାକାର୍ଯ୍ୟ ଅଧିକାଂଶ ଯାତ୍ରିମାନଙ୍କଦ୍ୱାରା ନିର୍ବାହିତ ହୋଇଅଛି । ଗୁଣ୍ଡିଚାଦିନ ବହୁତଦିନ ହେଲା ରଥ ଟଣା ହେଉ ନ ଥିଲା ଏ ବର୍ଷ ତାହା ହେବାରୁ ଯାତ୍ରିମାନେ ବଡ଼ ଆନନ୍ଦିତ ହେଲେ । ବାବୁ ନବୀନକୃଷ୍ଣ ସରକାର ବରାବର ରଥ ସଙ୍ଗରେ ଉପସ୍ଥିତ ଥିଲେ ବାହୁଡ଼ାଦିନ ଠାକୁରମାନେ ରଥକୁ ବିଜେ କରିବାର ସମସ୍ତ ଉଦ୍ୟମ ହୋଇଥିଲା ମାତ୍ର ରଥଗୁଡ଼ିକର ମୁହଁ ଫେରି ନ ଥିବାରୁ ତାହା ହୋଇ ପାରିଲା ନାହିଁ ପ୍ରାଚୀନକାଳର ନିୟମାନୁସାରେ ନବଦିନମଧ୍ୟରେ ଠାକୁରମାନଙ୍କର ମନ୍ଦିରକୁ ଫେରି ଆସିବାର ଉଚିତ ଓ ମନ୍ଦିରର କର୍ମଚାରୀମାନେ ସତର୍କ ହୋଇ କାର୍ଯ୍ୟ କଲେ ତାହା ଯେ ନ ହେବ ଏମନ୍ତ କିଛି ହେତୁ ନାହିଁ ।

ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସମ୍ପର୍କରେ ଅମ୍ଭେମାନେ ଆଉ ଗୋଟିଏ କଥା ଶୁଣିଅଛୁଁ । ଠାକୁରମାନେ ଯେତେବେଳେ ଅଣସରଘରେ ଥିଲେ ସେତେବେଳେ ଶ୍ରୀମନ୍ଦିରର ଭିତରପାଖର ଛାତରୁ ଗୋଟିଏ ବଡ଼ ପଥର ଖସି ପଡ଼ିଲା । ସିଂହାସନର ସମ୍ମୁଖରେ ଯେଉଁଠାରେ ଭୋଗ ବଢ଼ଇ ଓ ପୂଜା ଇତ୍ୟାଦି ହୁଅଇ ସେହିସ୍ଥାନରେ ତାହା ପଡ଼ିଅଛି । ସୌଭାଗ୍ୟର ବିଷୟ ଯେ ଏଥିରେ କୌଣସି ଦୁର୍ଘଟନା ଘଟି ନାହିଁ । ଏହାକୁ ଉଠାଇ ବସାଇଦେବା ନିମିତ୍ତ ଜଣେ ହିନ୍ଦୁ ଓଭରସିଅର ସକାଶେ ସେଠାର ମାଜିଷ୍ଟ୍ରେଟ କମିଶନର ସାହେବଙ୍କ ନିକଟକୁ ଲେଖି ଅଛନ୍ତି । ଶୁଣାଯାଏ ପୂର୍ବେ ଥରେ ଏହିରୂପ ହୋଇଥିଲା ଯେ ଜଣେ ଓଭରସିଅର ଯାଇ ପାର୍ଶ୍ୱସଂସ୍କାର କରିଥିଲା । ଅମ୍ଭେମାନେ ଭରସା କରୁଁ ଯେ ଜଣେ ଉପଯୁକ୍ତ ଓଭରସିଅର ଏ କର୍ମରେ ପ୍ରେରିତ ହେବେ ଓ ଯେଉଁଠାରେ ଭଙ୍ଗିଯାଇ ଅଛି ତାହା ମରାମତ କରିବା ଛଡ଼ା ମନ୍ଦିରର ଅବସ୍ଥା ଭଲରୂପେ ପରୀକ୍ଷା କରି ଆସିବେ କାରଣ ଯେବେ ମନ୍ଦିର ଅତ୍ୟନ୍ତ ପୁରାତନ ହେବାରୁ ତହିଁର ନାନାସ୍ଥାନ ଦୁର୍ବଳ ଓ ଶିଥିଳ ହୋଇ ଯାଇଥିବ ତେବେ ଭବିଷ୍ୟତ ଦୁର୍ଘଟନା ନିବାରଣ ସକାଶେ ମନ୍ଦିରକୁ ସମ୍ପୂର୍ଣ୍ଣରୂପେ ସଂସ୍କାର କରିବାକୁ ହେବ ମନ୍ଦିର ମଧ୍ୟ ଯେରୂପ ଅନ୍ଧକାରମୟ ତହିଁରେ କଦାଚ ସମ୍ଭବ ନୁହଇ ଯେ ମନ୍ଦିରର କୌଣସିଠାରେ କିଛି ଭଙ୍ଗାରୁଜା ଥିଲେ ତାହା କାହାର ନା କାହାର ଦୃଷ୍ଟିପଥରେ ପଡ଼ିବ ସୁତରାଂ କେତେବେଳେ ବିପଦ ଘଟିବାର ସମ୍ଭାବନା । ଏଥିପାଇଁ ମନ୍ଦିରକୁ ପ୍ରତିବର୍ଷ ପରୀକ୍ଷା କରିବାର ଉଚିତ ଶୁଣାଯାଏ ଯେ ଛାତକୁ ଟେକିଧରିବା ସକାଶେ ଖମ୍ବମାନ ନିର୍ମାଣ କରିବାକୁ ସଜା କଳ୍ପନା କରୁଅଛନ୍ତି ।

---

### କଟକ ନର୍ମ୍ମାଲ ସ୍କୁଲର ବାର୍ଷିକ ପାରିତୋଷିକ ବିତରଣ ସଭା ।

ଏ ବାର୍ଷିକ ସଭାଟି ଗତ ମଙ୍ଗଳବାର ସକାଳ ବେଳେ ହୋଇଥିଲା । ଇଂରେଜଙ୍କ ମଧ୍ୟରେ କେବଳ ଶ୍ରୀଯୁକ୍ତ ରେଭେନସା ସାହେବ କମିଶନର ଏବଂ ଦେଶୀୟ ଲୋକ ଜ ୧୦।୧୨ ଣ ମଧ୍ୟରେ ଦୁଇଜଣ ଜମିଦାର, ଜଣେ ଉକିଲ ଓ ବାକି ସମସ୍ତ ରାଜକର୍ମଚାରୀ ଉପସ୍ଥିତ ହୋଇଥିଲେ । ବ୍ରାହ୍ମଧର୍ମ ପ୍ରଚାରକ ବାବୁ ପ୍ରତାପ ଚନ୍ଦ୍ର ମଜୁମଦାର ମଧ୍ୟ ସଭାକୁ ଆସିଥିଲେ । ଅନେକ ଇଂରେଜ ଓ ଦେଶୀୟ ଭଦ୍ରଲୋକଙ୍କୁ ଆମନ୍ତ୍ରଣ ହୋଇଥିବା ପ୍ରତ୍ୟକ୍ଷେ ଆଉ କେହି ଆସିବାକୁ ପ୍ରବୃତ୍ତ ହେଲେ ନାହିଁ । ଏଠି କଟକର ସାଧାରଣ ଅବସ୍ଥା ଅଟଇ ସୁତରାଂ ଏଥିପାଇଁ ଆକ୍ଷେପ କରିବା ବୃଥା ନିୟମିତରୂପ ସଭା କାର୍ଯ୍ୟାରମ୍ଭ ହେଲାରୁ ସ୍କୁଲର ପ୍ରଧାନ କର୍ମଚାରୀ ବାବୁ ଦ୍ୱାରିକା ନାଥ ଚକ୍ରବର୍ତ୍ତୀ ଇଂରେଜୀ ଭାଷାରେ ସ୍କୁଲର ବାର୍ଷିକ ବିଜ୍ଞାପନୀ ପାଠକଲେ ତହିଁଉତ୍ତାରୁ ପାରିତୋଷିକ ପୁସ୍ତକସବୁ ପିଲାମାନଙ୍କୁ ବାଣ୍ଟିଦିଆଗଲା । ପୁସ୍ତକ ବଣ୍ଟନ ସମୟରେ ଅନେକ ଓଡ଼ିଆପିଲା ମୁଣ୍ଡର ବାଳ କାଟିଥିବାର ଦେଖି କମିଶନର ସାହେବ ସେମାନଙ୍କୁ ବୁଝାଇ କହିଲେ ଯେ ଆପଣା ଦେଶୀୟ ପ୍ରଥା ଛାଡ଼ିବାର ଉଚିତ ନୁହଇ । ଏକଜଣ ପିଲାକୁ ବାଳ କାଟିବାର କାରଣ ପଚାରିବାରେ ସେ କହିଲା କି ସେ ବାଳ କଟାଇଥିଲା ପୁନର୍ବାର ବଢ଼ାଉଅଛି । ଏ କାର୍ଯ୍ୟ ଶେଷ ହେଲା ଉତ୍ତାରୁ ଶ୍ରୀ ଯୁକ୍ତ କମିଶନର ସାହେବ ଛିଡ଼ା ହୋଇ ଶିକ୍ଷକ ଓ ଛାତ୍ରଙ୍କୁ ସମ୍ବୋଧନ କରି କହିଲେ ଯେ ଏଥରକୁ ଘେନି ସାତଥର ସେ ଏହି ସ୍କୁଲର ପାରିତୋଷିକ ବିତରଣ ସଭାରେ ଉପସ୍ଥିତ ହୋଇ ଏ କାର୍ଯ୍ୟ ନିର୍ବାହ କଲେଣି ଓ ତାହାଙ୍କ ମନରେ ଭାରି ଆନନ୍ଦ ଜାତ ହେଉଅଛି ଯେ ସେ ଉତ୍ତରୋତ୍ତର ଏଠାର ଶିକ୍ଷାର ଉନ୍ନତି ଦେଖୁଅଛନ୍ତି । ବିଜ୍ଞାପନୀ ବର୍ଷରେ ଜ ୧୮ ଣ ପଣ୍ଡିତ ଓ ୫୦ ଜଣ ଅବଧାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏ ଫଳ ସନ୍ତୋଷଜନକ ଅଟଇ ଓ ଏଥିରେ ଶିକ୍ଷକ ଓ ଛାତ୍ର ଉଭୟଙ୍କର ପ୍ରଶଂସା ଅଛି । ନର୍ମ୍ମାଲ ସ୍କୁଲ ସଙ୍ଗେ ଯେଉଁ ଆଦର୍ଶବିଦ୍ୟାଳୟ ଓ ପାଠଶାଳା ଅଛି ତହିଁର କାର୍ଯ୍ୟ ମଧ୍ୟ ଉତ୍ତମରୂପେ ଚଳୁଅଛି ସୁଖର ବିଷୟ ଅଟଇ ମାତ୍ର ନର୍ମ୍ମାଲ ସ୍କୁଲରେ ତାହାଙ୍କୁ ବଡ଼ କରି ଦେଖିବାକୁ ହେବ ନାହିଁ କାରଣ ଉକ୍ତ ବିଦ୍ୟାଳୟ ଦ୍ୱୟର ପିଲାମାନେ ଉପକରଣମାତ୍ର ବା ତାହାଙ୍କୁ ଘେନି ପଣ୍ଡିତ ଓ ଅବଧାନମାନେ ଶିକ୍ଷାକାର୍ଯ୍ୟ ଶିକ୍ଷା କରିବେ । ସାହେବ ମହୋଦୟ ଆହୁରି କହିଲେ କି ସେ ମୋଫସଲର ଅନେକ ସ୍କୁଲ ଓ ଚାଟଶାଳୀ ସ୍ୱୟଂ ଦେଖିଅଛନ୍ତି ଓ ନର୍ମ୍ମାଲ ସ୍କୁଲରୁ ବାହାର ଥିବା ପଣ୍ଡିତ ଅବଧାନମାନେ ସେସମସ୍ତର କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରନ୍ତି ମାତ୍ର ସେ ଦୁଃଖିତ ହୋଇ କହୁଅଛନ୍ତି ଯେ ଏଠାରୁ ବାହାର ଯେଉଁମାନେ ଶିକ୍ଷକ ହୁଅନ୍ତି ତାହାଙ୍କର ଯେରୂପ ବିଦ୍ୟା ସେରୂପ ଚରିତ୍ର ନୁହଇ । ବାସ୍ତବରେ ଅନେକଙ୍କର ମନ୍ଦଚରିତ୍ର ସେ ଶୁଣିଅଛନ୍ତି ଓ ତହିଁ ପାଇଁ ଗ୍ରାମର ଲୋକମାନେ ଏମାନଙ୍କୁ ସୁଖ ପାନ୍ତି ନାହିଁ । ନର୍ମ୍ମାଲ ସ୍କୁଲର ଅଧ୍ୟକ୍ଷ ଓ ଶିକ୍ଷକମାନଙ୍କୁ ଏଥିରେ ଭାରି ଦୃଷ୍ଟି ରଖିବାର ଉଚିତ ଏଥିଉତ୍ତାରୁ ଛାତ୍ରମାନଙ୍କୁ ବାବୁ ନ ହେବା ଓ ଭଲ ଶିକ୍ଷା ଲାଭ କରି ଉଚ୍ଚକର୍ମ ପାଇବା ପାଇଁ ଆକାଂକ୍ଷା ବଢ଼ାଇବା ଇତ୍ୟାଦି ସତ୍ପରାମର୍ଶ ଦେଇ କହିଲେ ଯେ ନର୍ମ୍ମାଲ ସ୍କୁଲରୁ ଯେଉଁମାନେ ଉତ୍ତୀର୍ଣ୍ଣ ହୋଇ ମୋଫସଲରେ ପଣ୍ଡିତ ଓ ଅବଧାନ ହୁଅନ୍ତି ସେମାନଙ୍କୁ ବଳିଷ୍ଠ କର୍ମ ଜାଣିବା ଅତ୍ୟନ୍ତ ଆବଶ୍ୟକ ଓ ଏଥିରେ ତା-

Digitized by srujanika@gmail.com

Split by PDF Splitter



ଛାତ୍ରଙ୍କର ଓ ତାହାଙ୍କଦ୍ୱାରା ମୋଫସଲ ଲୋକଙ୍କର ବିଶେଷ ଉପକାର ହେବାର ସମ୍ଭାବନା । ଏଥିପାଇଁ ସେ ପ୍ରସ୍ତାବ କଲେ କି ଯେବେ ସ୍କୁଲର ଶିକ୍ଷକମାନେ ଆପେ ଛାତ୍ରଙ୍କ ସହିତ ଯୋଗଦେଇ ନାନାବିଧ ଶାଗ ପତ୍ରିବା ଓ ଫଳ ଫୁଲର ଗଛ ଲଗାଇ ବଗିଚା ପ୍ରସ୍ତୁତ କରିବାକୁ ସମ୍ମତ ହେବେ ତେବେ ସେ ତହିଁ ନିମିତ୍ତ ଖଣ୍ଡେ ଜମି ଛଡ଼ାଇ ଦେବେ ଓ ତହିଁ ସମ୍ପର୍କୀୟ ଅନ୍ୟାନ୍ୟ ଦ୍ରବ୍ୟସମୂହ ଆୟୋଜନ କରିଦେବେ । ଅସ୍ମାନଙ୍କ ବିବେଚନାରେ ଏ ପ୍ରସ୍ତାବଟି ବଡ ଉତ୍ତମ ଅଟଇ ଓ ଏଥିରେ କେବଳ ଶିକ୍ଷକ ଓ ଛାତ୍ରଙ୍କର ଶାରୀରିକ ଓ ମାନସିକ ବଳ ବୃଦ୍ଧି ହେବ ଏମନ୍ତ ନୁହଇ ଏଥିରେ କୃଷିର ବିଶେଷ ଉନ୍ନତି ହେବ ଓ ଅନେକ ଲୋକର ଜୀବନଯାତ୍ରା ମଧ୍ୟ ହୋଇ ପାରିବ । ଅସ୍ମେମାନେ ଭୟ କରୁଁ ଯେ ପ୍ରଥମତଃ ନୂଆ ବୃଥା ଜାତି ଅହଙ୍କାର ଅବା ମାନହାନି ହେତୁରୁ ଶିକ୍ଷକମାନେ ଏଥିରେ ମନୋଯୋଗୀ ହେବେ ନାହିଁ କିନ୍ତୁ ଯେବେ ସେମାନେ ଅନୁଧାବନ କରି ଦେଖିବେ ତେବେ ଅବଶ୍ୟ ବୁଝି ପାରିବେ ଯେ ଏଥିରେ କୌଣସି ପ୍ରକାର ଜାତି ମର୍ଯ୍ୟାଦା ଲାଘବ ହେବାର କଥା ନାହିଁ ବସ୍ତୁତଃ ଏହାଦ୍ୱାରା ଅନେକ କୁସଂସ୍କାର ଓ ଅଳସ୍ୟ କି ଯହିଁର ପ୍ରାଦୁର୍ଭାବରୁ ଏ ପ୍ରଦେଶ ପ୍ରକୃତ ଉନ୍ନତି କି ଲଭି ପାରୁ ନାହିଁ ତହିଁ ମୂଳରେ କୁଠାର ପ୍ରୟୋଗ ହେବ । ଓଡ଼ିଶା କୃଷି ପ୍ରଧାନ ଦେଶ ଅଟଇ ଏଠାରେ ସମସ୍ତଙ୍କୁ କୃଷିର ନିୟମ ଜାଣିବାର ଉଚିତ । ଏହା ଜାଣିଲରୁ ଯେ ସମସ୍ତେ ହାତରେ ଲଙ୍ଗଳ ଧରି ଚାଷ କରିବେ ଏମନ୍ତ ନୁହେ କିନ୍ତୁ ଯାହାଙ୍କର ଜମି ଅଛି ଓ କୋଠିଆଦ୍ୱାରା ଚାଷ କରନ୍ତି ବା ଅପେ ଅପଣା ବାଡିଖଣ୍ଡି କରେ ଶାଗ ପତ୍ରିବା କରି କେତେକ ସାଂସାରିକ ବ୍ୟୟରୁ ରକ୍ଷାପାଆନ୍ତି ସେମାନେ ତହିଁରୁ ସମଧିକ ଲାଭ ପାଇବାକୁ ସକ୍ଷମ ହେବେ ଓ ଉତ୍କୃଷ୍ଟ ପ୍ରକାର ଦ୍ରବ୍ୟ ଉତ୍ପନ୍ନ କରିଇ ପାରିବେ ।

ଷ୍ଟାସ୍ଥିକ କମିଶନର ସାହେବ ଅବକାଶ ଗ୍ରହଣ କଲ ଉତ୍ତାରୁ ସର୍ବ୍ୟଙ୍କ ଅନୁରୋଧରେ ବାବୁ ପ୍ରତାପ ଚନ୍ଦ୍ର ମଜୁମଦାର ଛାତ୍ରମାନଙ୍କ ସମ୍ବୋଧନ କରି ବଙ୍ଗଳାଭାଷାରେ ବିଦ୍ୟାର ଗୌରବ ବିଷୟ ବର୍ଣ୍ଣନ କଲେ ଓ ଶାରୀରିକ ବଳଠାରୁ ବୁଦ୍ଧିବଳର ଆଧିକ୍ୟ ବିଷୟ ଗୋଟିଏ କୌତୁକଜନକ ଗଳ୍ପଦ୍ୱାରା ବ୍ୟାଖ୍ୟା କଲେ ଓ ପରିଶେଷରେ କହିଲେ ଯେ ଛାତ୍ରମାନଙ୍କ ଶିକ୍ଷାପ୍ରତି ଗବର୍ଣ୍ଣମେଣ୍ଟ ଯେମନ୍ତ ଯତ୍ନ କରୁଅଛନ୍ତି ଶିକ୍ଷକଙ୍କ ଶିକ୍ଷା ପ୍ରତି ତଦ୍ରୂପ ଯତ୍ନ ହେଉ ନାହିଁ । ଏଠାରେ ଶିକ୍ଷକମାନଙ୍କୁ ଛାତ୍ରଙ୍କ ପରି ଶିକ୍ଷା ଦିଆଯାଏ ମାତ୍ର ତାହା ଯଥାର୍ଥ ନୁହଇ ବାସ୍ତବରେ ଶିକ୍ଷକଙ୍କୁ ଏରୂପ ଶିକ୍ଷା ଦେବାର ଉଚିତ କି ଯହିଁରେ ସେମାନେ ବାଳକଙ୍କର ପ୍ରକୃତ ନିଃସନ୍ଦେହରୂପେ ବୁଝି ପାରିବେ ଓ ତାହାଙ୍କର ମନ ମଧ୍ୟରେ ପଶି ଅନ୍ତର୍ଗତ ଭାବସବୁ ପ୍ରତ୍ୟକ୍ଷ କରି ପାରିବେ । ଶିକ୍ଷକମାନେ ଏହା ନ ଜାଣିଲେ ବାଳକଙ୍କର ମନ ଓ ସ୍ୱଭାବ ବୁଝି ତାହାଙ୍କୁ ଶିକ୍ଷା ଦେଇ ପାରିବେ ନାହିଁ ଓ ସେମାନେ ତାଡନାଦ୍ୱାରା ବାଳକଙ୍କ ପ୍ରତି ଯମଦୂତ ପ୍ରାୟ ଜଣା ଯିବେ । ପ୍ରତାପ ବାବୁଙ୍କ ବକ୍ତୃତାର ଏହି ଭାବକୁ ସଭ୍ୟମାନେ ଅନୁମୋଦନ କଲେ ।

---

# ସାପ୍ତାହିକ ସଂବାଦ ।

ଏସପ୍ତାହରେ ଏଠାରେ ଖୁବ ଝଡ ବର୍ଷା ହୋଇଅଛି ଓ ଗୋଟିଏ ବଡ଼ବଢ଼ି ଆସିବାର ସମସ୍ତ ଲକ୍ଷଣ ଦେଖାଯାଏ ।

ଫକୀରପଡା ଡକାଇତି ମକଦ୍ଦମା କି ଯହିଁରେ ହାଜି ଅବ୍ଦୁଲ ରହମାନ ମହାଜନର ୫୬୦୦୦୲ ଙ୍କା ଚୋରି ଯିବାର କଥିତ ହୋଇଥିଲା ତହିଁରେ ପୁଲିସ ଉକ୍ତ ଟଙ୍କା ସଙ୍ଗରେ ଥିବା ଚାକରମାନଙ୍କୁ ଅପରାଧୀ ବୋଲି ଚାଲାଣ କରିଥିଲେ । ଦୌରାରେ ସେମାନେ ଖଲାସ ପାଇଲେ କାରଣ କିଛି ପ୍ରମାଣ ନ ଥିଲା ।

ଯାଜପୁରରୁ ମିଥ୍ୟା ସାକ୍ଷ୍ୟ ଦେବାର ଯେଉଁ ମକଦ୍ଦମାଟି ଆସିଥିଲା ତହିଁର ଆସାମିମାନେ ଦୌରାରେ ଖଲାସ ପାଇଲେ । ଏଥର ଦୌରାରେ ଜଜସାହେବଙ୍କର ଅନେକ ଅବିବେଚନା ପ୍ରକାଶ ହୋଇଅଛି ।

ଏଠା କଲେକ୍ଟରୀ ନାଜରର ମକଦ୍ଦମା ଚଳିତ ମାସ ତା ୨୩ ରିଖରେ ଦୌରାରେ ବିଚାର ହେବ ।

ଏ ସପ୍ତାହରେ ଓଲାଉଠା ରୋଗ ଏ ନଗରରେ କିଛି ଅଧିକ ପ୍ରବଳ ଥିବାର ଦେଖାଯାଏ । କେତେ ଗୁଡିଏ ମନୁଷ୍ୟ ଏଥିରେ ନଷ୍ଟ ହୋଇଅଛନ୍ତି ।

ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ମିଷ୍ଟର ସାଣ୍ଡି ନାମରେ ଜଣେ ଅଧ୍ୟାପକ ଏମନ୍ତ ଗୋଟିଏ ଉପାୟ ବାହାର କରିଅଛନ୍ତି ଯେ ପଶୀର ଉପରେ ଏକପ୍ରକାର ଦ୍ରବ୍ୟ ଲଗାଇ ଦେଲେ ତାହା ଦୁଇବର୍ଷ ପର୍ଯ୍ୟନ୍ତ ଟଟ୍କା ରହିବ ।

ଡେଲିନ୍ୟୁସ ଲେଖନ୍ତି ଯେ ପ୍ରିନ୍ସ ଅବ୍ ୱେଲ୍ସ ବନାରସକୁ ଶୁଭାଗମନ କଲେ ବିଜୟନଗରର ରାଜାବାହାଦୁର ସମାରୋହପୂର୍ବକ ତାହାଙ୍କର ସମ୍ମାନ କରିବାକୁ ଆଶା କରୁଅଛନ୍ତି ।

ବଙ୍ଗାଲୋର ସମ୍ବାଦପତ୍ର ଲେଖନ୍ତି ଯେ ସର୍ ରିଚାର୍ଡ ମିଡ ମହୀସୂରକୁ ଶୀଘ୍ର ପ୍ରତ୍ୟାଗମନ କରିବେ ମାତ୍ର କର୍ମଭାର ଗ୍ରହଣ କରିବେ କି ନାହିଁ ସନ୍ଦେହ କାରଣ ତାହାଙ୍କର ବିଲାତକୁ ଛୁଟୀ ନେଇଯିବାର ମାନସ ଅଛି ।

ବ୍ରହ୍ମାର ଲୋକମାନେ ଝିରପୋକ ଭଜା ଖାଇବାକୁ ବଡ଼ ସୁଖ ପାଆନ୍ତି ଏମନ୍ତ କି ଏହାକୁ ଉତ୍କୃଷ୍ଟ ଆହାରୀୟ ଦ୍ରବ୍ୟମଧ୍ୟରେ ଗଣ୍ୟ କରନ୍ତି ।

କଲିକତାରେ ଜଣେ ଡାକହରକରା ଖଣ୍ଡେ ଚିଠୀ ମଧ୍ୟରୁ ନୋଟ ଚୋରାଇ ନେଇଥିବାରୁ କଠିନପରିଶ୍ରମ ସହିତ ଏକବର୍ଷ ଦଶମାସ କାରାବାସର ଦଣ୍ଡ ପାଇଅଛି ।

ପ୍ରିନସ୍ ଅବ୍ୱେଲସ୍ଙ୍କ ନିମିତ୍ତ ପଞ୍ଜାବର ଲୋକମାନେ ଦୁଇଲକ୍ଷ ଟଙ୍କା ଚେଦାଦ୍ୱାରା ସଂଗ୍ରହ କରିଅଛନ୍ତି । ଏ ଟଙ୍କା ଉକ୍ତ ମହୋଦୟଙ୍କ ପଞ୍ଜାବ ଭ୍ରମଣରେ ଖର୍ଚ୍ଚ ହେବ । ମାତ୍ର ବମ୍ବେଇର ମିଉନିସିପାଲିଟି ଏହାଙ୍କ ଅଭ୍ୟର୍ଥନା ସକାଶେ କିଛି ଟଙ୍କା ଦେବାକୁ ଅସ୍ୱୀକାର କରିଅଛନ୍ତି । ଏ ସ୍ଥଳରେ ବିଷୟ ସକାଶେ ପୃଥକ୍ ଚେଦା ଉଠିବାର ଆବଶ୍ୟକ ।

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ବର୍ତ୍ତମାନ କମିଶ୍ନର ସାହେବଙ୍କ ସତ୍କାର୍ଯ୍ୟମାନ ସ୍ମରଣାର୍ଥେ ବେହାରର ଲୋକମାନେ ଗୋଟିଏ ସରାଇ ନିର୍ମାଣ କରୁଅଛନ୍ତି । ଏଥିପାଇଁ ଟ ୨୦୦୦୦ ଙ୍କା ଚେଦା ଉଠିଥିଲା ମାତ୍ର ଏ ଟଙ୍କା ଊଣା ହେବାରୁ ଜମିଦାରମାନେ କେହି କାଠ ଓ କେହି ମଜୁରି ଯୋଗାଇବାରେ ଉଦ୍ୟୁକ୍ତ ହୋଇଅଛନ୍ତି ।

କଲିକତା ହାଇକୋର୍ଟର ପ୍ରଧାନ ଜଜ ସର୍ ରିଚାର୍ଡଗାର୍ଥ ଗତମାସ ଶେଷ ତାରିଖରେ କାର୍ଯ୍ୟଭାର ଗ୍ରହଣ କଲେ ।

ପ୍ରିନସ୍ ଅବ୍ ୱେଲସଙ୍କର ଭାରତବର୍ଷକୁ ଶୁଭାଗମନ କରିବାର ନିଶ୍ଚୟ ହୋଇଅଛି ଓ ଏଥିପାଇଁ ବମ୍ବେବାସିମାନେ ଚେଦାସଂଗ୍ରହ କରିବାର ଆରମ୍ଭ କଲେଣି କିନ୍ତୁ କଲିକତାରେ ଏଥିର କିଛି ଉଦ୍ୟମ ହୋଇ ନାହିଁ ।

---

କଟକ — ଏହି ଉତ୍କଳଦୀପିକା ସହରକଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

GISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ } ତା ୨୪ ରିଖ ଜୁଲାଇ ସନ ୧୮୭୫ ମସିହା । ମୁ । ଶ୍ରାବଣ ୧୦ ଦିନ ସନ ୧୨୮୨ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା ୩୦ } ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୷

ଯାଜପୁରଠାରୁ ସମ୍ବାଦ ପାଇଅଛୁଁ ଯେ ବୈତରଣୀ ଓ ଖରସ୍ରୁଆ ଓ ବ୍ରାହ୍ମଣୀ ନଦୀମାନ[ରେ] ତା ୧୪ ରିଖଠାରୁ ତା ୧୭ ରିଖଯାଏ ବିଶେଷ ବୃଦ୍ଧି ହୋଇଥିଲା ତା ୧୮ ରିଖରୁ ପାଣି ଉତୁରିବାର ଆରମ୍ଭ ହେଲା ଫସଲ କିଛି କ୍ଷତି ହୋଇ ନାହିଁ ।

---

ବ୍ରହ୍ମାର ରାଜାଙ୍କ ସହିତ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟର ଯେଉଁ ସନ୍ଧି ହୋଇଅଛି ତାହା ଇଣ୍ଡିଆ ଗଜେଟରେ ପ୍ରକାଶିତ ହୋଇଅଛି । ଏହିଁରୁ ଜଣାଯାଏ ଯେ ଯେଉଁ ନିମନ୍ତେ ଦୂତ ପ୍ରେରିତ ହୋଇଥିଲା ସେ କାର୍ଯ୍ୟ ଶାନ୍ତରୂପେ ନିଷ୍ପତ୍ତି ହେଲା ଓ ବ୍ରହ୍ମାରାଜାଙ୍କ ସହିତ ପୂର୍ବରୁ ଯେ ବନ୍ଧୁତା ଅଛି ତାହା ସ୍ଥିର ରହିଲା । ଅତଏବ ଏ ବିଷୟରେ ସାମାନ୍ୟ ମତାନ୍ତର ଅଛି ତାହା ମଧ୍ୟ ଶାନ୍ତଭାବରେ ସମ୍ପନ୍ନ ହେବ ଗବର୍ଣ୍ଣମେଣ୍ଟ ଏରୂପ ମତ ପ୍ରକାଶ କରିଅଛନ୍ତି । ଅତଏବ ପୂର୍ବେ ଯୁଦ୍ଧର ଯେ କିଛି ସମ୍ଭାବନା ଲୋକେ କରୁଥିଲେ ତାହା ସବୁ ଅମୂଳକ ହେଲା ଏ ବଡ ସୁଖର ବିଷୟ ଅଟଇ ।

---

ପୁରୀରୁ ସମ୍ବାଦ ପାଇଅଛୁଁ ଯେ ଅସିଷ୍ଟାଣ୍ଟ ଇଞ୍ଜିନିଅର ବାବୁ ପୂର୍ଣ୍ଣଚନ୍ଦ୍ର ସରକାର ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଅବସ୍ଥା ଦେଖି ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରିବାକାରଣ ପ୍ରେରିତ ହୋଇଅଛନ୍ତି । ତଦନୁସାରେ ସେ ସେଠାରେ ପହୁଞ୍ଚି ତଦାରଖ କରୁ ଅଛନ୍ତି । ଦେଉଳରୁ ଯେଉଁ ପଥର ପଡଅଛି ତାହା ବସାଇବାକୁ କିଛିଦିନ ବିଳମ୍ବ ହେବ ଓ ସେ ପର୍ଯ୍ୟନ୍ତ ଠାକୁର କେଉଁଠାରେ ରହିବେ ସ୍ଥିର ହୋଇ ନାହିଁ । ଅବଧି ଠାକୁରମାନେ ଗୁଣ୍ଡିଚାଘରୁ ଫେରି ନାହାନ୍ତି ଗତ ତା ୨୧ ରିଖ ପର୍ଯ୍ୟନ୍ତ ଜଗମୋହନରେ ବନ୍ଦୀ ହୋଇ ରହିଥିଲେ । ଯେଉଁମାନେ ମହାପ୍ରସାଦ ବିନା ଅନ୍ୟ ଅନ୍ନ ଭୋଜନ କରନ୍ତି ନାହିଁ ସେମାନଙ୍କର କ୍ଲେଶର ସୀମା ନାହିଁ ଏ ଉତ୍ତାରୁ ସମ୍ବାଦ ପାଇଅଛୁଁ ଯେ ମନ୍ଦିରର ତଦାରକ ଓ ସମ୍ପୂର୍ଣ୍ଣରୂପେ ମରାମତି ହେବା ପର୍ଯ୍ୟନ୍ତ ଠାକୁରମାନେ ଜଗମୋହନରେ ରହିବେ ତହିଁ ଉତ୍ତାରୁ ରଥସବୁ ଫେରି ଆସିବ । ରାଜାଙ୍କର ଏହି କଥାରେ ମାଜିଷ୍ଟ୍ରେଟସାହେବ ସମ୍ମତ ହୋଇ ଅଛନ୍ତି ।

---

ଗଞ୍ଜାମ ବ୍ରହ୍ମପୁରଠାରୁ ନାରାୟଣ ବଗିଷ୍ଟନ ନାମରେ ଏକବ୍ୟକ୍ତି ଲେଖିଅଛନ୍ତି ଯେ ପାଦ୍ରି ସ୍ମିଥସାହେବଙ୍କ ଅତିଶୟ ଶ୍ରମସ୍ୱୀକାର ପୂର୍ବକ ‘ମିତା ଭକ୍ଷେଶ୍ୱମା ସଭା’ ନାମରେ ଗୋଟିଏ ସଭା ସ୍ଥାପନ କରି ଅଛନ୍ତି । ସଭାଟି ପାକ୍ଷିକ ପ୍ରତିପକ୍ଷର ଶେଷ ବୁଧବାରରେ ଏହାର ନିୟମିତ ଅଧିବେଶନ ହୁଅଇ ସମ୍ବାଦଦାତା ଲେଖନ୍ତି ଯେ ଏଥିରେ ଅନେକ ଭଦ୍ରଲୋକ ସଭ୍ୟସ୍ୱରୂପ ଭର୍ତ୍ତି ହୋଇ ଅଛନ୍ତି ଏବଂ ମାଦକଦ୍ରବ୍ୟ ସେବନରୁ କ୍ଷାନ୍ତ ରହିବାପାଇଁ ସଭ୍ୟମାନଙ୍କୁ ସର୍ବଦା ଉତ୍ତେଜିତ କରିବାକାରଣ ବକ୍ତୃତାମାନ ପଠିତ ହେଉଅଛି । ସଭାର ଉଦ୍ୟମରେ ଅନେକଲୋକ ଅତିରିକ୍ତ ମାଦକଦ୍ରବ୍ୟ ସେବନରୁ କ୍ଷାନ୍ତ ହୋଇ ନିର୍ମଳ ଚରିତ୍ରର ସୁଫଳ ଭୋଗ କରୁ ଅଛନ୍ତି । ଗଞ୍ଜାମଜିଲ୍ଲାର ଲୋକମାନେ କେଉଁ ମାଦକଦ୍ରବ୍ୟ ବିଶେଷରେ ଅନୁରକ୍ତ ଓ ତଦ୍ଦ୍ୱାରା କି ଦୁଃଖ ଭୋଗ କରୁଅଛନ୍ତି ପତ୍ରପ୍ରେରକ ଲେଖି ନ ଥିବାରୁ ଆମ୍ଭେମାନେ କହି ନ ପାରୁଁ ମାତ୍ର ସଭା ବସିବାରୁ ବୋଧହେଉଅଛି ଯେ କୌଣସି ମାଦକଦ୍ରବ୍ୟର ଅତ୍ୟନ୍ତ ପ୍ରାଦୁର୍ଭାବ ଅବଶ୍ୟ ହୋଇଥିବ ଓ ସେଠାଲୋକମାନେ ତାହା ନିବାରଣ ସକାଶେ ଯତ୍ନଶୀଳ ହୋଇଅଛନ୍ତି ବଡ ସୁଖର ବିଷୟ ଅଟଇ ।

---

ବିଲାତରୁ ତାରଡାକଯୋଗେ ସମ୍ବାଦ ଆସିଅଛି ଯେ ଶ୍ରୀ ଶ୍ରୀମତୀ ମହାରାଣୀଙ୍କର ଜ୍ୟେଷ୍ଠ ପୁତ୍ର ପ୍ରିନ୍ସଅବ୍‌ୱେଲ୍ସ ଆଗାମୀ ଅକ୍ଟୁବର ମାସ ତା ୧୭ ରିଖରେ ଇଂଲଣ୍ଡରୁ ଭାରତବର୍ଷ ଓ ତନ୍ନିକଟବର୍ତ୍ତୀ ଉପଦ୍ୱୀପମାନ ଦେଖିବାକାରଣ ଯାତ୍ରା କରିବେ । ଏଥିପାଇଁ ସେ ଛଅମାସ ବିଲାତରେ ଅନୁପସ୍ଥିତ ରହିବେ । ଦୁଇଖଣ୍ଡ ଜାହାଜ ଏହାଙ୍କ ଭ୍ରମଣ କାର୍ଯ୍ୟରେ ନିଯୁକ୍ତ ହୋଇଅଛି । ଜାହାଜ ଓ ସୈନ୍ୟ ଇତ୍ୟାଦିର ବ୍ୟୟ ୫୨୦,୦୦୦ଙ୍କା ହେବ ଓ ଭାରତବର୍ଷରେ ସ୍ଥିତିକାଳର ବ୍ୟୟ ୬ ୩,୦୦,୦୦୦ଙ୍କା ଅନୁମାନ ହୋଇଅଛି । ଖର୍ଚ୍ଚସବୁ ଭାରତବର୍ଷରେ ନିର୍ବା-

Digitized by srujanika@gmail.com

Split by PDF Splitter



ମାନ୍ୟ ଗବର୍ଣ୍ଣର ଜେନରଲଙ୍କ ନିକଟରେ ଆତିଥ୍ୟ ସ୍ୱୀକାର କରିବେ ଓ ସେହି ଆତିଥ୍ୟ ସମ୍ପର୍କୀୟ ଅଧିକାରର ବ୍ୟବହାରରେ ଉକ୍ତ ଟଙ୍କା ବ୍ୟୟ ହେବ, ରାଜକୁମାର ମହାରାଣୀଙ୍କର ପ୍ରତିନିଧିସ୍ୱରୂପ ପରିଚିତ ହେବେ ନାହିଁ କେବଳ ସିଂହାସନର ଉତ୍ତରାଧିକାରୀସ୍ୱରୂପ ଭ୍ରମଣ କରିବେ। ତାହାଙ୍କର ନିଜବ୍ୟୟ ଓ ପାରିତୋଷିକ ଦାନ ଇତ୍ୟାଦିରେ ୫ ୨,୦୦,୦୦୦ ଟଙ୍କା ବ୍ୟୟ ହେବାର ଅନୁମାନ ହୋଇଅଛି। ରାଜକୁମାରଙ୍କ ଭ୍ରମଣରେ ଯେତେ ବ୍ୟୟ ହେବ ତହିଁର ଅନୁମାନିକ ତାଲିକା ପାର୍ଲିମେଣ୍ଟରେ ଉପସ୍ଥିତ ହେବ।

ମୋଟ ଯେତେ ଟଙ୍କା ବ୍ୟୟ ହେବ ତାହାସବୁ ଇଂଲଣ୍ଡଦେବ କି ଭାରତବର୍ଷଦେବ ଉପରଲିଖିତ ତାରଡାକ ସମ୍ବାଦରେ ପ୍ରକାଶ ନାହିଁ ବୋଧ ହୁଅଇ ପାର୍ଲିମେଣ୍ଟ ସଭା ତାହା ବିବେଚନା ପୂର୍ବକ ଧାର୍ଯ୍ୟ କରିବେ କିନ୍ତୁ ଫସେଟ ସାହେବ ଅପଣାମତ ଏହିରୂପ ବ୍ୟକ୍ତ କରିଅଛନ୍ତି ଯେ ଇଂଲଣ୍ଡର ରାଜକୋଷରୁ ସବୁ ଟଙ୍କା ଦେଲେ ସୁନ୍ଦର ଦିଶିବ।

ମହାମାନ୍ୟ ରାଜକୁମାର ଅଗାମୀ ନବେମ୍ବର ମାସ ତା ୮ ରିଖରେ ବମ୍ବେଇରେ ବିରାଜମାନ ହେବାର ସମ୍ଭାବ ଯାଉଅଛି। ବମ୍ବେଇର ବଡ଼ ଭାଗ୍ୟ ବୋଲିବାକୁ ହେବ କଲିକତା ଭାରତବର୍ଷର ରାଜଧାନୀ ହୋଇ ସୁଦ୍ଧା ପ୍ରଥମେ ତାହାଙ୍କର ଶ୍ରୀମୁଖ ଦର୍ଶନ କରିପାରିଲା ନାହିଁ।

---

ଯାଜପୁରରୁ ଏଥର ଦୌରାକୁ ଯେତେ ମକଦ୍ଦମା ଅସିଥିଲା ତହିଁର ଅଧିକାଂଶରେ ଆସାମିମାନେ ଖଲାସ ହେବା ଯେବେ କି ବଡ଼ ଆଚର୍ଯ୍ୟ ହୋଇ ନ ପାରେ କିନ୍ତୁ ଅନେକ ମକଦ୍ଦମା ଅନର୍ଥକ ଥିବାରୁ ଆଶ୍ଚର୍ଯ୍ୟ ହେବାକୁ ହେଉଅଛି ଓ ତହିଁରୁ ଲୋକଙ୍କର ଏହି ଅନୁମାନ ହେଉଅଛି ଯେ ଗନ ସାହେବ ପୁଲିସକୁ ଅଧିକ ବିଶ୍ୱାସକରି ଅପଣା ବିଚାରଶକ୍ତିର ମହତ୍ୱକୁ ଏତାଦୃଶ ଊଣା କରୁଅଛନ୍ତି। ନେଟିବଡାକ୍ତରଙ୍କ ମକଦ୍ଦମାତ ପାଠକମାନଙ୍କୁ ଜଣାଇଅଛୁଁ ଏଥର ଅଉ ଗୋଟିଏ ମକଦ୍ଦମାର ବୃତ୍ତାନ୍ତ ଶୁଣ। ଜଣେ ସ୍ତ୍ରୀ ଏହି ଅଭିଯୋଗରେ ଦୌରାସୋପର୍ଦ୍ଦ ହୋଇଥିଲା ଯେ ସେ ଅପରାଧପୂର୍ବକ ଗର୍ଭନଷ୍ଟ କରିବାର ଚେଷ୍ଟା କରିଥିଲା। ମକଦ୍ଦମାର ଅବସ୍ଥା ଏହି ଯେ ଗ୍ରାମର ଚୌକିଦାର ଚୌକିଦାରକୁ କହିଲା ଯେ ଆସାମୀର ପାପଗର୍ଭ ହୋଇଅଛି। ଚୌକିଦାର ଏହା ଶୁଣି ଦିନବେଳେ ଯାଇ ଆସାମୀ ଘରଠାରେ ତାଗାଦ କରି ଅସିଲା କି ଗର୍ଭପ୍ରତି ଯେମନ୍ତ କୌଣସି ଅନିଷ୍ଟ ନ ଘଟେ। ପୁନଶ୍ଚ ସେହିଦିନ ଅଧିକ ରାତ୍ରରେ ସେ ଆସାମିକୁ ଦେଖିବାକୁ ଗଲା। ଆସାମୀର କ୍ରନ୍ଦନଧ୍ୱନି ଶୁଣି ତାହା ଶାଶୁକୁ ତହିଁର କାରଣ ପଚାରିବାରେ ସେ କହିଲା କି ତାହାର ପେଟରେ ବିରୂପ ବେଦନା ହୋଇଅଛି। ଗର୍ଭ ଉଡ଼ାଇବାର ଅନୁମାନ କରି ଚୌକିଦାର ତହିଁ ଅରଦିନ ଥାନାରେ ଖବର କଲା। ସବଇନସ୍ପେକ୍ଟର ଅସି ତଦାରକ କଲେ ଓ ଆସାମୀ ଅପରାଧ ସ୍ୱୀକାର କରି ଦୁଇଖଣ୍ଡ ବାଉଁଶକାଠି କବଳକାଡ଼ିରୁ କାଢ଼ି କରି କହିଲା ଯେ ଏହାକୁ ପିନ୍ଧି ସେ ଗର୍ଭନଷ୍ଟ କରିବାର ଚେଷ୍ଟା କରିଥିଲା। ଏ ଘଟନାର ଭୃତୀୟଦିନରେ ଡାକ୍ତର ତଦାରକ କରି କହିଲେ ଯେ ଆସାମୀର ଗର୍ଭ ଅଛି ଓ ନଷ୍ଟ କରିବାର କୌଣସି ଚେଷ୍ଟାର ଚିହ୍ନ ତାହା ଦେହରେ ନାହିଁ। ତଥାପି ଗନ ସାହେବ ଏହାକୁ ଦୌରାସୋପର୍ଦ୍ଦ କଲେ ଓ ଏଠାରେ ଡାକ୍ତର ତଦାରକ କରି ଗର୍ଭ ଥିବାର କହିଲେ। ଆସାମୀ ମାଜିଷ୍ଟ୍ରେଟଙ୍କ ନିକଟରେ ଇଙ୍କାର ହୋଇ ଜଜ ସାହେବଙ୍କ ନିକଟରେ କହିଲା ଯେ ଔଷଧ ଅଣିଥିଲା ମାତ୍ର ବ୍ୟବହାର କରି ନାହିଁ। ଜଜ ସାହେବ କୌଣସି ଅପରାଧ ଘଟିବାର ନ ଦେଖି ତାହାକୁ ମୁକ୍ତ ଦେଲେ ଓ ଅପରାଧ ଅବା କେଉଁଠାରେ? ଗର୍ଭତ ଅଛି ନଷ୍ଟ କରିବାର କୌଣସି ଚେଷ୍ଟାର ଚିହ୍ନ ନାହିଁ ଓ ଗର୍ଭନଷ୍ଟ ନିମନ୍ତେ ଯେପରି କାଠି ବ୍ୟବହାର ହୁଅଇ ସେରୂପ କାଠିକି ଔଷଧ ନ ଥାଇ ଗଣ୍ଡେ ଚକ୍ଷୁଣ ବାଉଁଶତାଙ୍ଗ ବାହାରିଅଛି ସୁତରାଂ ଅପରାଧର କଥା କେବଳ ପୁଲିସ ଓ ସ୍ତ୍ରୀହାଙ୍କ ମୁହଁରେ ବିନା ଅଉ କୌଣସିଠାରେ ନାହିଁ। ଚୌକିଦାର ଦିନରେ ତାଗିଦ କରି ଅସି ପୁନର୍ବାର କାହିଁକି ଗୃହ ଦୁଇପ୍ରହରବେଳେ ଗଲା ତହିଁର କିଛି ହେତୁ ପ୍ରକାଶ ନାହିଁ। ଏପରି ତୁଚ୍ଛକଥା ସବୁରେ ଗନ ସାହେବ ପୁଲିସକୁ ଶାସନ ନ କରି ଯେ ନିର୍ଦ୍ଦୋଷୀ ବ୍ୟକ୍ତିମାନଙ୍କୁ ଅନର୍ଥକ କ୍ଲେଶ ଦିଅନ୍ତି ବଡ଼ ଦୁଃଖରବିଷୟ ଅଟଇ।

---

ପ୍ରାଚୀନ ଓ ନବ୍ୟ ସମ୍ପ୍ରଦାୟ।

ଗତ ସପ୍ତାହ ଶୁକ୍ରବାର ବାବୁ ପ୍ରତାପଚନ୍ଦ୍ର ମଜୁମଦାର ବଙ୍ଗଳାଭାଷାରେ ଗୋଟିଏ ବକ୍ତୃତା ଦେଇଥିଲେ। ଏଥିପାଇଁ ମଧ୍ୟ କଟକ ହାଇସ୍କୁଲରେ ସଭା ହୋଇଥିଲା ଓ ତହିଁର ବିଷୟ ସାମାଜିକ ବ୍ୟବହାର ଓ ଧର୍ମନୀତି ଥିଲା। ଏ ବକ୍ତୃତା ସମ୍ପର୍କରେ ଗୋଟିଏ ବଡ଼ କୌତୁକର ବିଷୟ ହୋଇଗଲା। ତାହା ଏହି ଯେ ବାବୁ ଏଥିପୂର୍ବେ ଦୁଇଥର ଇଂରାଜୀରେ ବକ୍ତୃତାମାନ ଦେଇ ଥିବାରୁ ତାହାଙ୍କର ପ୍ରଶଂସା ଚାରିଅଡ଼େ ବାହାରିଗଲା ଏବଂ ବାବୁ ଅତି ଭଦ୍ର ଓ ଉଦାରସ୍ୱଭାବର ଲୋକ ଥିବାରୁ ଏଠାର ନାନା ସମ୍ପ୍ରଦାୟର ଭଦ୍ର ଲୋକଙ୍କ ସହିତ ସାକ୍ଷାତ ଓ ସଦାଳାପ କରି ବୁଲିଲେ। ଏଠାର ପ୍ରାଚୀନ ସମ୍ପ୍ରଦାୟ ସଙ୍ଗେ ତାହାଙ୍କର ସାକ୍ଷାତ ଚୌଧୁରୀ ବିଶ୍ୱନାଥ ଦାସଙ୍କ କୋଠାଠାରେ ହୋଇଥିଲା ଓ ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ଏହାଙ୍କ ବାକ୍ୟ ବ୍ୟବହାରରେ ଅତ୍ୟନ୍ତ ଅନନ୍ଦିତ ହେଲେ। ଇଂରାଜୀରେ ଏହାଙ୍କର ବକ୍ତୃତାର ପ୍ରଶଂସା ଶୁଣି ଅଛନ୍ତି ଓ ତାହା ସେମାନେ ବୁଝି ପାରନ୍ତି ନାହିଁ ସୁତରାଂ ଅପଣା ମାନସ ଚରିତାର୍ଥ କରିବା ପାଇଁ ବଙ୍ଗଳାଭାଷାରେ ବାବୁଙ୍କୁ ଗୋଟିଏ ବକ୍ତୃତା ଦେବାର ଅନୁରୋଧ କଲେ ଓ 'ମଦ୍ୟପାନ ନିବାରଣ' ତହିଁର ବିଷୟ ବୋଲି ସ୍ଥିର କରି ଦେଲେ ତହିଁଉତ୍ତାରୁ ଚୌଧୁରୀ କାଶୀନାଥ ଦାସ ପ୍ରଭୃତି କେତେକଜଣ ବାବୁଙ୍କ ନିକଟକୁ ଯିବା ଅସିବା ଓ ଶିଷ୍ଟାଳାପ ରକ୍ଷା କରିବାରେ ପ୍ରବୃତ୍ତ ହେଲେ। ପୂର୍ବ ସଭାମାନଙ୍କରେ କେବଳ ନବ୍ୟଦଳର ଲୋକେ ଅସୁଥିଲେ ମାତ୍ର ଏସମସ୍ତ ବ୍ୟାପାର ଦେଖି ସମସ୍ତେ ମନେ କଲେ ଯେ ଏଥର ପ୍ରାଚୀନଦଳର ଲୋକମାନେ ସଭାକୁ ଅସିବେ ସୁତରାଂ ସଭା ଏଥର ଅଭିନବ ଶ୍ରୀ ଧାରଣ କରିବ ଓ ପ୍ରତାପ ବାବୁ ମଧ୍ୟ ବକ୍ତୃତାଦ୍ୱାରା ଏମାନଙ୍କୁ ସଭାକୁ ଅକର୍ଷଣ କରିବାଦ୍ୱାରା ଗୋଟିଏ ନୂତନ ରଙ୍ଗ ହେବ ଏରୂପ ଚିନ୍ତା କରି ଯାହା ମାଡ଼ିବସିବା ପାଇଁ ଲୋକେ ତତ୍ପର ହୋଇ ସଭାକୁ ଅସିଲେ। ନିରୂପିତ ସମୟ ବହି ଗଲା ସାଢ଼େ ୮ଟା ହେଲା। ପ୍ରତାପ ବାବୁ ମଧ୍ୟ ଉପସ୍ଥିତ ହେଲେ କିନ୍ତୁ ଯାହାଙ୍କ ଅନୁରୋଧରେ ସଭା ବସିଲା ସେମାନଙ୍କ ମଧ୍ୟରୁ କେବଳ ବାବୁ ତାମ୍ରବର୍ଣ୍ଣ ନଦୀପାରର ଉନ ଅଉ କେହ ଅସିଲେ ନାହିଁ। ଅସିବାର କୌଣସି ଥାଉ ନ ଅସିବାର ସମ୍ବାଦ ସୁଦ୍ଧା ପଠାଇଲେ ନାହିଁ। ଏଥିରେ ଉପସ୍ଥିତ ସଭ୍ୟ ଓ ପ୍ରଚାରକଙ୍କ ମନରେ ଯେରୂପ ଭାବ ଉଦୟ ହୋଇଥିବ ତାହା ଅମ୍ଭମାନଙ୍କର ବ୍ୟକ୍ତ କରିବାର ପ୍ରୟୋଜନ ନ ଦିଶେ।

Digitized by srujanika@gmail.com

ନ ଆସିବାର କାରଣ ମଧ୍ୟ କିଛି ଜଣା ପଡ଼ ନାହିଁ ଯେ ତହିଁର ଭଲ ମନ୍ଦ ବୋଲିବାକୁ ହେବ । ମାତ୍ର ଅନେକଲୋକ ଅନେକ ପ୍ରକାର କଳ୍ପନା କରୁଥିଲେ । କେହି କହୁଥିଲେ ଯେ ପ୍ରାଚୀନ ସମ୍ପ୍ରଦାୟର ଲୋକମାନେ ଆପଣା ଧର୍ମ ବିଶ୍ୱାସକୁ ଏମନ୍ତ ଦୃଢ଼ କରି ଧରିଅଛନ୍ତି ଯେ ଅନ୍ୟ ଧର୍ମାବଲମ୍ବୀ କଥା ଶୁଣିଲେ ପଛକେ ତାହାଙ୍କର ବିଶ୍ୱାସ କିଞ୍ଚିତ୍ ମାତ୍ରରେ ବିଚଳିତ ହେବ ଏ ଭୟରୁ ବକ୍ତୃତା ଶୁଣିବାକୁ ଆସିଲେ ନାହିଁ । ଏ କାରଣ ଯଥାର୍ଥ ହେଲେ ବକ୍ତୃତା ଦେବାକୁ କାହିଁକି ଅନୁରୋଧ କଲେ ? ଏଥିର ଉତ୍ତର କେହି୨ ଏହି ପ୍ରକାରେ ପ୍ରଦାନ କରନ୍ତି କି ପ୍ରାଚୀନ ଲୋକଙ୍କର ବିଶ୍ୱାସ ଏହି ଯେ ନବ୍ୟ ସମ୍ପ୍ରଦାୟର ଲୋକେ ମଦପାନଦ୍ୱାରା ଧର୍ମ ଭ୍ରଷ୍ଟ ହୋଇ ସର୍ବନାଶକୁ ଲଭୁ ଅଛନ୍ତି ଏଣେ ପ୍ରତାପ ବାବୁଙ୍କୁ ସେମାନେ (ଅର୍ଥାତ୍ ପକ୍ଷରେ ପାତ୍ରମାନେ) ଗୁରୁତୁଲ୍ୟ ମାନନ୍ତି ସୁତରାଂ ମଦପାନ ବିରୁଦ୍ଧରେ ଏ ମହାଶୟ ବକ୍ତୃତା କଲେ ନବ୍ୟ ଲୋକଙ୍କର ଉତ୍ତମ ଭଲ ହେବ ଏଥିପାଇଁ ସେମାନେ ବାବୁଙ୍କୁ ଉକ୍ତ ରୂପ ଅନୁରୋଧ କରିଥିଲେ ପ୍ରାଚୀନଲୋକମାନେ ମଦକୁ ଘୃଣା କରିବାର ସମ୍ବନ୍ଧରେ ରାଷ୍ଟ୍ର ସେମାନଙ୍କର ସେ ବିଷୟରେ ବକ୍ତୃତା ଶୁଣିବା ର ଲାଭର ସମ୍ଭାବନା ଥିଲା ଯେ ସେମାନେ ସଭାକୁ ଆଗମନ କରନ୍ତେ ? ଏ ଯୁକ୍ତିଟି ସତ୍ୟ ହେଉ ଅବା ମିଥ୍ୟା ହେଉ ଅବସ୍ଥା ଦୃଷ୍ଟିରେ ବହୁତ ସଙ୍ଗତ ବୋଧ ହେଉଅଛି । ଫଳତଃ ଏଥିଦ୍ୱାରା ବିଶେଷରୂପେ ପ୍ରକାଶ ପାଇଲା ଯେ ପ୍ରାଚୀନ ଓ ନବ୍ୟସମ୍ପ୍ରଦାୟଙ୍କ ମଧ୍ୟରେ ଘୋର ଅସଦ୍ଭାବ ଅଛି ମାତ୍ର ଦୁଃଖର ବିଷୟ ଯେ ପ୍ରାଚୀନ ଦଳର ଲୋକମାନେ ନବ୍ୟମାନଙ୍କର ସର୍ବପ୍ରକାରରେ ମାନ୍ୟ ଓ ମୁରବି ହେଉଥିବା ପ୍ରତ୍ୟକ୍ଷେ ସେଷଲୋକଙ୍କୁ ଦୁଷ୍ଟରିପୁରୁ କ୍ଷାନ୍ତ ରଖିବା ଓ ସତ୍ପଥରେ ପ୍ରବୃତ୍ତ କରିବା ଉଦ୍ଦେଶରେ ପ୍ରଥମଲକ୍ଷିତ ମହାଶୟମାନେ କୌଣସି ଉପାୟ ସ୍ୱୟଂ ଅବଲମ୍ବନ ନ କରି କେବଳ ଆପଣା ହିତ ବାଞ୍ଛାରେ ରହିଅଛନ୍ତି । ସେମାନେ ଯେବେ ସ୍ୱାର୍ଥ ମୁରବିପଣ କରି ନବ୍ୟମାନଙ୍କୁ ସହାର୍ଯ୍ୟରେ ଉତ୍ସାହ ଓ ଦୃଷ୍ଟାନ୍ତରେ ଶାସନ କରନ୍ତେ ତାହା ହେଲେ ସମାଜର ଗୌରବ ରକ୍ଷା ପାନ୍ତା ଓ ଅନେକ ସାଧାରଣ ଉପକାର ହୁଅନ୍ତା ।

ଯାହା ହେଉ ସଭାର ଏହିରୂପ ଅବସ୍ଥା ଦେଖି ମେଦକର ବକ୍ତୃତା ଅନ୍ୟଦିନଠାରୁ ଅଳ୍ପକାଳ ଓ ଅଳ୍ପ କଥାରେ ଶେଷ ହୋଇ ଗଲା । ପ୍ରତାପଚନ୍ଦ୍ରବାବୁ ଯେମନ୍ତ ଇଂରାଜୀଭାଷାରେ ସେହିରୂପ ବଙ୍ଗଳାଭାଷାରେ ଆପଣା ଶକ୍ତିର ପରିଚୟ ଦେଇଥିଲେ ମାତ୍ର ବିଷୟଟି ବଡ଼ ଅସଂଲଗ୍ନ ଓ ଅସମ୍ପୂର୍ଣ୍ଣରୂପେ ନିର୍ବାହିତ ହେଲା ସୁରାପାନ ଓ ବ୍ୟଭିଚାର ବର୍ତ୍ତମାନ୍ ସମାଜର ଦୋଷ ସ୍ୱରୂପ ପ୍ରଦର୍ଶିତ ହୋଇ ଯଥାଯୋଗ୍ୟ ରୂପେ ଉତ୍ତମ ହେଲା ଓ ସାମାଜିକ ଅନ୍ୟ ଦୋଷର କିମ୍ବା କୌଣସି ଗୁଣର କିଛିମାତ୍ର ଉଲ୍ଲେଖ ହେଲା ନାହିଁ ପୁଣି ଅନ୍ୟାନ୍ୟ ମାଦକଦ୍ରବ୍ୟ ଯଥା ଆପୁ ଗଞ୍ଜାଇ ଭଙ୍ଗ ମଦର ମୋଦକ ପ୍ରଭୃତିର କିଛି କଥା ହେଲା ନାହିଁ । ଏସବୁଦ୍ୱାରା ଯେ ସୁରାପାନ ଅପେକ୍ଷା ଅଧିକ ଅନିଷ୍ଟ ଘଟୁଅଛି ତହିଁ ପ୍ରତି ଅବେ ଦୃଷ୍ଟି ପଡ଼ ନାହିଁ । ନୀତିଜ୍ଞ ଓ ଧର୍ମନିଷ୍ଠ ବ୍ୟକ୍ତିମାନେ ଯାହା କହନ୍ତୁ ଆମ୍ଭେମାନେ ତହିଁର ପ୍ରତିବାଦ କରିବାକୁ ମାନସ କରୁ ନାହୁଁ ମାତ୍ର ଆମ୍ଭେମାନେ ଓଡ଼ିଶାର ବର୍ତ୍ତମାନ୍ ଅବସ୍ଥା ଦୃଷ୍ଟିରେ ସାହସପୂର୍ବକ କହୁଅଛୁଁ ଯେ ମଦ ଅପେକ୍ଷା ମହୁରି ଓ ଆପୁ ଇତ୍ୟାଦିଦ୍ୱାରା ଅଧିକ ସର୍ବନାଶ ହେଉଅଛି । ଏଠାର ଭଦ୍ରଶ୍ରେଣୀରେ ମଦ ନିତ୍ୟ ବ୍ୟବହାର କରିବା ଲୋକ ଅତ୍ୟନ୍ତ ବିରଳ କେହି ଖୋଜିଲେ ପଦରଅଣା ଲୋକ ଆପୁ ମହୁରି ଓ ମୋଦକ ପ୍ରତିଦିନ ସେବା କରନ୍ତି ଦେଖିବାରେ ଆସିବ । ଏମାନେ ବହୁତଲୋକ ପ୍ରାଚୀନ ଦଳଭୁକ୍ତ କିନ୍ତୁ ଏହାଙ୍କ ଉପରେ କି ସମାଜର କୌଣସି ଘୃଣା ଦେଖାଯାଏ । ଏହା ନ ହେବାର କାରଣ ସୁଦ୍ଧା ଏହି ଅସାର ବିଶ୍ୱାସ ଯେ ମଦପାନ ଶାସ୍ତ୍ରବିରୁଦ୍ଧ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ଶାସ୍ତ୍ରସମ୍ମତ ଅଟଇ ଯେବେ ଏରୂପ ବିଶ୍ୱାସ ନ ଥାଇ ସବୁ ମାଦକ ଦ୍ରବ୍ୟ ପ୍ରତି ସମାଜର ସମାନରୂପ ଘୃଣା ହୁଅନ୍ତା ତାହା ହେଲେ ଅନେକ ପରିମାଣରେ ମାଦକ ଦ୍ରବ୍ୟର ବ୍ୟବହାର ଉଠିଯାନ୍ତା । ଆମ୍ଭେମାନେ ଆଶା କରୁଁ ଯେ ପ୍ରାଚୀନ ଓ ନବ୍ୟଲୋକମାନେ ଏକତ୍ରିତ ହୋଇ ସବୁ ମାଦକଦ୍ରବ୍ୟର ଅତ୍ୟାନ୍ତିକ ବ୍ୟବହାର ବିରୁଦ୍ଧରେ ବଦ୍ଧହସ୍ତ ହେଉନ୍ତୁ ।

## ସାପ୍ତାହିକ ସଂବାଦ ।

ଯେଉଁ ବ୍ୟକ୍ତି କୃତ୍ରିମ ଚେକ ପ୍ରସ୍ତୁତ କରି ଜଣେ ସ୍ତ୍ରୀଲୋକକୁ ଠକି ଦେଇଥିଲା ଓ କଲେକ୍ଟରରୁ ଟଙ୍କା ନେବାକୁ ଯିବାରୁ ଧରା ପଡ଼ିଲା ତାହାର ଦୌରା କୋର୍ଟରେ ଦେହବର୍ଦ୍ଧ କାରାବାସର ଦଣ୍ଡ ହୋଇଅଛି ।

ଗତଶନିବାରଠାରୁ ବାବୁ ପ୍ରତାପଚନ୍ଦ୍ର ମଜୁମଦାର ପୁରୀକୁ ଯାଇଅଛନ୍ତି । ଆଜିକାଲି ଫେରି ଆସି କଲିକତାକୁ ପ୍ରତ୍ୟାଗମନ କରିବେ ।

ଗତ ବୁଧବାର ଏଠାରେ ଅନବରତ ବୃଷ୍ଟି ହୋଇଥିଲା । ବାଟଘାଟ ଅନେକ ପାଣିରେ ବୁଡ଼ି ରହିଅଛି । ଶ୍ରାବଣମାସର ଆରମ୍ଭରେ ଏତେବୃଷ୍ଟି କିଛି ଅସାଧାରଣ ଅଟଇ ।

ଓଲାଉଠା ଭୟରେ ଏ ନଗରରେ ପ୍ରାୟ ପ୍ରତିଦିନ ନଗରକୀର୍ତ୍ତନ ଓ ଗ୍ରାମଦେବତା ପୂଜା ଲାଗିଅଛି । ରୋଗର ପ୍ରବଳ କିଞ୍ଚିନ୍ମାତ୍ରରେ ଛୁଟିବାର ଜଣାଯାଏ ।

କଟକରେ ଯେଉଁ ଲୋକ ଗୋଟିଏ ପିଲାକୁ ଜଳରେ ବୁଡ଼ାଇ ମାରିଥିଲା ଦୌରା କୋର୍ଟରେ ତାହାକୁ ଫାଶି ଦେବା କାରଣ ଜଜସାହେବ ଆଜ୍ଞା ଦେଇ ଅଛନ୍ତି ।

ବାଲେଶ୍ୱରର ଡିଷ୍ଟ୍ରିକ୍ଟ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ବାବୁ ଜଗଦୀଶନାଥ ରାୟ ତୃତୀୟଶ୍ରେଣୀକୁ ପଦବୃଦ୍ଧି ପାଇଅଛନ୍ତି ।

ବାଙ୍କବଙ୍ଗାଲ ଏଥର ବାର୍ଷିକ ଶତକଡ଼ା ଟ ୧୦୲ ଙ୍କା ହିସାବରେ ଅଂଶିମାନଙ୍କୁ ଲାଭ ଦେଇଅଛନ୍ତି ଓ ଏତଦ୍ଭିନ୍ନ ଲାଭ ମଧ୍ୟରୁ ଟ ୭୬୦୦୦୲ ନଗଦ ତହବିଲ ସକାଶେ ଜମା ରଖିଅଛନ୍ତି ।

ପ୍ରିନ୍ସ ଅବ୍ ୱେଲ୍ସଙ୍କ ସକାଶେ ଖଣ୍ଡିଏ ରେଲଗାଡ଼ି ନିର୍ମାଣ କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଟ ୧୦୦୦୦୲ ଙ୍କା ବ୍ୟୟ ମଞ୍ଜୁର କରିଅଛନ୍ତି । ଏପର ଆଉ ଦଶଖଣ୍ଡ ପ୍ରଥମଶ୍ରେଣୀର ଗାଡ଼ି ସକାଶେ ଟ ୫୦୦୦୦୲ ଙ୍କା ମଞ୍ଜୁର ହୋଇଅଛି ଯେମନ୍ତ କି ସେ ସମୟରେ ଲୋକଙ୍କ ଯାତାୟାତ ସକାଶେ ଏ ପ୍ରକାର ଗାଡ଼ି ଅଣ୍ଟ ହେବ ନାହିଁ ।

ଜଣେ ପାଦ୍ରୀ ସାହେବ ଓ ଜଣେ ସୈନିକ କର୍ମଚାରୀ ମଧ୍ୟରେ କଥାବାର୍ତ୍ତା ହେବାରେ ପାଦ୍ରୀ ସୈନିକ କର୍ମଚାରୀକୁ କହିଲା ତୁମ୍ଭେ ପୃଥିବୀର ରାଜାର ଚାକର ମାତ୍ର ଆମ୍ଭେ ସ୍ୱର୍ଗୀୟ ରାଜାର ଚାକର ଅଟୁଁ । ତହିଁ ସୈନିକ ଉତ୍ତର କଲା କି ତୁମ୍ଭେ ସଦରମୁକାମରୁ ବହୁତ ଅନ୍ତରରେ ପଡ଼ି ଅଛ ।

ସର୍ ଡଗ୍ଲାସ ଫର୍ସିଥ୍ ସାହେବ ବ୍ରହ୍ମଦେଶରୁ ଫେରି ଆସି ସିମଲାକୁ ଯାଇଅଛନ୍ତି । ଅତଏବ ସେ ଯାହା କରି ଆସିଅଛନ୍ତି ଶୀଘ୍ର ପ୍ରକାଶ ହେବ ।

ମାନ୍ଦ୍ରାଜ ନଗରରେ ପ୍ରତ୍ୟେକ କୁକୁର ସକାଶେ ବାର୍ଷିକ ଟ ୧ ଙ୍କା ଲେଖାଏଁ ନିରୂପି-

Split by PDF Splitter
Digitized by srujanika@gmail.com

Split by PDF Splitter



ସିପଲ ଟାକ୍ସ ପଡଇ । ଗତବର୍ଷ ଏହି ଟାକ୍ସ ଟ ୧୪୫୦ ଅଦାୟ ହୋଇଥିଲା ।

ଜଣେ ପେନସନ ଭୋଗୀ ଅବସ୍ଥିତ କର୍ମଚାରୀଙ୍କ ଅବେଦନପତ୍ରାନୁସାରେ ଗବର୍ଣ୍ଣମେଣ୍ଟ ବଙ୍ଗାଳ ସ୍ଥିର କରିଅଛନ୍ତି ଯେ ସିବିଲ ଏଷ୍ଟାବ୍ଲିର ପେନସନଭୋଗିମାନେ ବିନାମୂଲ୍ୟରେ ଚିକିତ୍ସା ଲାଭ କରିବାର ଉପଯୁକ୍ତ ନୁହନ୍ତି । ସୈନିକ କର୍ମଚାରୀଙ୍କୁ ଏହା ସେ ଅଧିକାର ଅଛି ।

ବଙ୍ଗାଲୋର ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ଏକପ୍ରକାର ଡାଙ୍ଗ ଅତି ସୁଲଭ ଦରରେ ବଜାରରେ ବିକ୍ରୟ ହୁଅଇ ତାହାର ନାମ ସେ ଅଞ୍ଚଳରେ ଉଧୂଡ ଅଟଇ । ୨୦।୨୫ ଗଣ୍ଡ ଡିଆ ବନ୍ଧା ହୋଇ ବିକ୍ରୟ ହୁଅଇ ଏଥିରେ ଅଗ୍ନି ଲଗାଇଦେଲେ ଧୀରେ୨ ଜ୍ୱଳଯାଏ ଏଥିର ଧୂଆଁ ଲାଗିଲେ ମଶା ରହଇ ନାହିଁ । ଯେତେବେଳଯାଏ ଘରେ ଧୂଆଁ ଥିବ ସେତେକାଳ ଯମାରେ ମଶା ପଡ଼ିବେ ନାହିଁ ।

ଯୋଧପୁର ମହାରାଜାଙ୍କୁ ଚୌଷଠିଲକ୍ଷ ଟଙ୍କା ଗବର୍ଣ୍ଣମେଣ୍ଟଇଣ୍ଡିଆ ଋଣ ଦେବାକୁ ଅଙ୍ଗୀକାର କରିଅଛନ୍ତି । ମହାରାଜା ଆପଣା ରାଜ୍ୟରେ କେତେକ ହିତକର ଓ ଉନ୍ନତିକର କାର୍ଯ୍ୟର ଅନୁଷ୍ଠାନ କରିବେ ବୋଲି ଏ ଋଣ ନେଉଅଛନ୍ତି ।

ସିବିଲ ଓ ମିଲିଟରି ଗେଜେଟରେ ଲେଖାଅଛି ଯେ ବସୋରର ଡେପୁଟି କମିଶନର ମେଜର ହେବଟସାହେବ ସନ ୧୮୭୩ ମସିହାରେ ଦୁଇ ବର୍ଷ ଛୁଟୀ ନେଇ ବିଲାତକୁ ଯାଇଥିଲେ । ଯିବା ପୂର୍ବରେ ଅଯୋଧ୍ୟାର ଏକ ରାଜାଠାରୁ ଟ୧୦,୦୦୦-ଙ୍କା ଋଣ ନେଇଥିଲେ । ଛୁଟୀରୁ ଫେରି ଅସିଲରୁ ତାହାଙ୍କୁ ବାଗେରକୁ ବଦଳ ହେବାର ଅଜ୍ଞା ହେଲ ଉତ୍ତାରେ ସେ କମିଶନରସାହେବଙ୍କ ଠାରେ ସେଠାକୁ ଯିବାକୁ ଅସମ୍ମତ ହୋଇ ଉକ୍ତ ଋଣକୁ ତାହାର ହେତୁ ସ୍ୱରୂପ ଜଣାଇଲେ । ଗବର୍ଣ୍ଣମେଣ୍ଟକୁ ରିପୋର୍ଟ ହେବାରେ ସେଠାରୁ ସ୍ଥିର ହେଲ ଯେ ମେଜର ହେବଟସାହେବ ଅପଣା ମିଲିଟରି ଏଲାକାକୁ ଫେରିଯିବେ । ହିନ୍ଦୁପେଟ୍ରିଅଟ୍ ଏଥିରୁ ପଚାରୁଅଛନ୍ତି ଯେ ଦେଶୀୟ କର୍ମଚାରୀ କେହି ଋଣରେ ବାନ୍ଧ ଥିଲେ ଗବର୍ଣ୍ଣମେଣ୍ଟ ତାହାକୁ କର୍ମରେ ରଖନ୍ତେ କି ।

କାସ୍ଗାରର ଅମୀରଙ୍କ ରାଜ୍ୟକୁ ଜୟ କରିବା କାରଣ ଚୀନରେ ଅନେକଦିନରୁ ଉଦ୍ୟମ ଲାଗିଥିଲା ସମ୍ପ୍ରତି ଶୁଣାଯାଏ ଯେ ସମଧିକରୂପେ ଅୟୋଜନସବୁ ହେଉଅଛି । ସୈନ୍ୟଙ୍କ ଅହାର କାରଣ ଅନେକ ଶସ୍ୟ ସଂଗ୍ରହ ହେଉଅଛି ଓ ଓ ବୋଝ ବହିବାର ପଶୁମାନ ଖରିଦ ବା ଧରା ହୋଇ ଅସୁଅଛି । ବର୍ତ୍ତମାନ ରାଜ୍ୟର ସୀମାରେ ୨୦,୦୦୦ ସେନା ଉପସ୍ଥିତ ଅଛନ୍ତି ଓ ଆଉ ଏକ ଲକ୍ଷ ସେଠାକୁ ଯାଉଅଛନ୍ତି ।

୧ । ବୋମ୍ବାଇ ଗେଜେଟ କହନ୍ତି, ବରୋଦା ରାଜ୍ୟରେ ଗୋଟିଏ ଦେବମନ୍ଦିରରେ ଅତି ମନୋହର ଦୁଇଖଣ୍ଡ ରୌପ୍ୟ ନିର୍ମିତ କବାଟ ଅଛି ଏଥିର ନିର୍ମାଣ କୌଶଳ ଦେଖି ଚମତ୍କୃତ ହେବାକୁ ହୁଏ । ବରୋଦାର ଲୋକମାନେ ସେ ମନ୍ଦିରର ଦ୍ୱାର ପ୍ରାୟ ବନ୍ଦ ରଖନ୍ତି, ବିଦେଶୀୟମାନଙ୍କ ସନ୍ଦର୍ଶନରେ ଶିଳ୍ପକୌଶଳାଦି କ୍ରମଶଃ ଲୋପ ପାଉଅଛି ।

୨ । ଏକପ୍ରକାର କଳଗାଡ଼ି ପ୍ରସ୍ତୁତ ହୋଇଅଛି । ଏ ଇଞ୍ଜିନରେ ଚକ ନାହିଁ, କିନ୍ତୁ ପାଦ୍ୟା ବା ପାଦଅଛି ତାହା ଗଡ଼ଯାଏ ନାହିଁ ଯେପର ଚଳନ୍ତି. ଦୌଡ଼ନ୍ତି, କୁଦନ୍ତି ସେହିପରି କରିଯାଏ । ଗାଡ଼ିର ଆକାର ସାମାନ୍ୟ ରେଲୱେ ଇଞ୍ଜିନ ତୁଲ୍ୟ, କେବଳ ସମ୍ମୁଖରେ ଛଅଟା ଗୋଡ଼ ଅଛି । ତାହା ଦ୍ରିପଦ ଘୋଡାର ଗମନ କରିବ ଏହାର ବିଶେଷ ଉପଯୋଗିତା ଏହି ଯେ ଏହା ଅଧିକତର ଭାର ବହନ କରି ପାରିବ ।

ମିଶରଦେଶର ଏକସ୍ଥାନରେ ରେଳବାଟ ନିର୍ମାଣ ହେଉଅଛି ତହିଁପାଇଁ ମାଟିଖୋଳାକାମ ଲାଗିଥିବାରୁ ଅସଂଖ୍ୟମନୁଷ୍ୟ ଶବ ପାଯାଉଅଛି ଦେହସବୁ କାଠବାକ୍ସ ଭିତରେ ଏମନ୍ତ ସୁନ୍ଦର ରକ୍ଷିତ ହୋଇଅଛି ଯେ କୌଣସି ଅଙ୍ଗ ସୁନ୍ନ ହୋଇ ନାହିଁ ଅଥଚ ହାତଦେଲେ ପାଟପର ଗୁଣ୍ଡି ହୋଇ ଯାଉଅଛି ସୁନାର ଅଳଙ୍କାରସବୁ ଏହିପରି ଏମନ୍ତ ସମ୍ପୂର୍ଣ୍ଣରୂପେ ଗଳିତ ହୋଇଅଛି ଯେ ଆଦର୍ଶସ୍ୱରୂପ ଖଣ୍ଡେ ଅଣିବାର କଠିନ ।

ଜଣେ ଅମେରିକାନବାସି ପଦବ୍ରଜେ ପୃଥିବୀ ଚାରିପାଖ ବୁଲିଅସିବାକୁ ସଂକଳ୍ପ କରି ନିୟୁର୍କରୁ ଚଳିତବର୍ଷ ଅପ୍ରେଲ ତା ୩ ଖରେ ଯାତ୍ରା କରିଅଛି । ପ୍ରତିଦିନ ମା ୩୩ ଇଲ ବାଟ ଚାଲି ସନ ୧୮୭୬ ମସିହା ତା ୨୩ ରିଖ ନବମ୍ବରରେ ଭ୍ରମଣ ଶେଷକରିବ । ଯେଉଁଠାରେ ସମୁଦ୍ର ପଡ଼ିବ ସେଠାରେ ଜାହାଜରେ ପାରି ହେବ । ଅମେରିକାବାସିମାନେ କୌଣସି କଥା ବାକି ରଖିବେ ନାହିଁ ।

କଲିକତାର ଦସ୍ତାବଜ ରେଜିଷ୍ଟ୍ରରଙ୍କ କର୍ମ ଖାଲିଥିବାରୁ ବିଏ ତଦ୍ଧା ପାଠକ ବନ୍ଧୁଚଦନଙ୍କୁ ଏଥିର ତର୍କ ଲାଗିଥିଲା । ସମ୍ପ୍ରତି ବାବୁ ପ୍ରତାପଚନ୍ଦ୍ର ଘୋଷ ତହିଁରେ ନିଯୁକ୍ତ ହୋଇଅଛନ୍ତି । ଡେଲିନ୍ୟୁସ ଲେଖନ୍ତି ଯେ ଏ କର୍ମପାଇଁ ନ ୫୦ ଣ ପ୍ରାର୍ଥୀ ହୋଇ ଥିଲେ କିନ୍ତୁ ସେମାନେ କେହି ସଫଳ ହେଲେ ନାହିଁ । ପ୍ରତାପବାବୁ ଏସିୟାଟିକ ସୋସାଇଟିର ସହକାରୀ ସମ୍ପାଦକ ଥିଲେ ।

ହିନ୍ଦୁପେଟ୍ରିଅଟ କୌଣସି ସମ୍ବାଦପତ୍ରରେ ପାଠ କରିଅଛନ୍ତି କି ମୁହଁରକଥା ଲେଖି ନେବାପାଇଁ ଗୋଟିଏ କଳ ପ୍ରସ୍ତୁତ ହୋଇଅଛି । କଳଟି ଗୋଟିଏ ହାତର ଆକୃତି ପ୍ରାୟ; ତାହାକୁ ମୁହଁସଙ୍ଗେ ଯୋଗକଲେ ଯାହା ମୁହଁରେ କହିବ ତାହା କାଗଜରେ ରେଖା ଓ ବିନ୍ଦୁଦ୍ୱାରା ଅଙ୍କିତ ହୋଇଯିବ । ବକ୍ତୃତା ଇତ୍ୟାଦି ଲେଖି ନେବାର ବଡ଼ ସହଜ ଉପାୟ ହୋଇଅଛି ।

ପୁନାର ସର୍ବଜନିକସଭା ଓ ଦକ୍ଷିଣର ଅନ୍ୟାନ୍ୟ ନିବାସି ପ୍ରାୟ ନ ୨୦୦୦୦ ଣ ପାର୍ଲିମେଣ୍ଟସଭାକୁ ଆବେଦନପତ୍ର ପଠାଇ ଅଛନ୍ତି ଓ ତହିଁରେ ପ୍ରାର୍ଥନା କରିଅଛନ୍ତି ଯେ ବ୍ୟବସ୍ଥାପକ କାର୍ଯ୍ୟରେ ଭାରତବର୍ଷର ପ୍ରତିନିଧି ରହିବେ ।

ଢାକାରେ ଟେମ୍ପଲ ସାହେବଙ୍କ ଚିକିତ୍ସା ବିଦ୍ୟାଳୟର କାର୍ଯ୍ୟ ଆରମ୍ଭ ହୋଇଅଛି । ପ୍ରାୟ ନ ୩୦ ଣ ଛାତ୍ର ଏଥିରେ ଭର୍ତ୍ତି ହୋଇ ଅଛନ୍ତି ।

ହିନ୍ଦୁପେଟ୍ରିଅଟରୁ ଜଣାଗଲା ଯେ ବଙ୍ଗଳାର ସକଳସ୍ଥାନରେ ସୁବୃଷ୍ଟି ହୋଇଅଛି ଓ ଏହିପରି ମଧ୍ୟ୨ରେ ବର୍ଷା ହେଲେ ଏବର୍ଷ ଉତ୍ତମ ଫସଲ ହେବ ।

## ମୂଲ୍ୟପ୍ରାପ୍ତି ।

ଶ୍ରୀଚୌଧୁରି କାଳିକୃଷ୍ଣମହାପାତ୍ର
କସରଦା ବଣ୍ଟସ୍ଥା ଟ୬୷୵

ବାବୁ ନନ୍ଦକିଶୋରଦାସ କଟକ „ ଟ୬୳୵

„ ସନ୍ତୁଚରଣଘୋଷ ପିପିଲି „ ଟ୬୴୵

ଶ୍ରୀରାଜା ବଳଭଦ୍ର ନରସିଂହପୁର „ ଟ୬

ଶ୍ରୀରାଜା ପୀତାମ୍ବରଦେବଭଞ୍ଜ ଦୌଦ
ଅଗ୍ରିମ ଟ୬୴୵

ଏହି ଉତ୍କଳଦୀପିକା ସହରକଟକ ଦରସାବଜାର କଟକପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

REGISTERED NO. 18
Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ | ସଂଖ୍ୟା ୩୧ | ତା ୩୧ରଖ ଜୁଲାଇ ସନ ୧୮୭୫ ମସିହା । ମୂ । ଶ୍ରାବଣ ଦି ୧୭ନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୫।୧୦

ଗ୍ରାହକଙ୍କ ପ୍ରତି ।

ମୋଫସଲର ଯେଉଁ ଗ୍ରାହକ ପୂର୍ବବର୍ଷର ମୂଲ୍ୟ ବାକି ରଖିବାରୁ ତାହାଙ୍କୁ ଜଣାଇ ଦିଆଯାଇଅଛି କି ଆଗାମୀ ସପ୍ତାହରୁ ଯେଉଁମାନେ ପତ୍ରିକା ନ ପାଇବେ ସେମାନେ ଜାଣିବେ ଯେ ଯାଚିତମତ ମୂଲ୍ୟ ନ ଦେବାରୁ ଗ୍ରାହକଶ୍ରେଣୀରୁ ତାହାଙ୍କୁ କାଟିଦିଆଗଲା । ଏ ଉତ୍ତାରୁ ସେମାନେ ପତ୍ରିକା ନେବାକୁ ଇଚ୍ଛାକଲେ ବାକିଆମୂଲ୍ୟ ଛଡା ଅଗ୍ରୁଆ ମୂଲ୍ୟ ପଠାଇବେ । ବାକିଆମୂଲ୍ୟ ନ ପଠାଇଲେ ଅମ୍ଭେମାନେ ବାଧ୍ୟ ହୋଇ ଅଦାଲତର ଆଶ୍ରୟଗ୍ରହଣ କରିବୁଁ ।

---

ଗବର୍ଣ୍ଣମେଣ୍ଟ ଗେଜେଟରେ ଫସଲ ସମ୍ବନ୍ଧୀୟ ଯେସବୁ ସମାଚାର ଚଳିତମାସ ତା ୨୭ରିଖ ପର୍ଯ୍ୟନ୍ତ ବାହାରିଅଛି ତହିଁରୁ ଦେଖାଯାଏ ଯେ ବଙ୍ଗଳାର ପ୍ରାୟ ସମସ୍ତ ଜିଲାରେ ପ୍ରଚୁରରୂପେ ବର୍ଷା ହୋଇଅଛି ଓ ଭଦୀଫସଲର ଅବସ୍ଥା ଉତ୍ତମ ଦେଖାଯାଏ । କେବଳ ଭାଗଲପୁର ଓ ପୂର୍ଣ୍ଣିୟାରେ କିଞ୍ଚିତ୍ ପରିମାଣରେ ଶସ୍ୟର ହାନି ପ୍ରତ୍ୟକ୍ଷ ହୁଅଇ । ପ୍ରଥମଲିଖିତ ଜିଲାରେ ବନ୍ୟାରେ ଧୋଇ ଓ ଶେଷ ଲିଖିତ ଜିଲାରେ ଅଳ୍ପବୃଷ୍ଟି ହୋଇଅଛି ।

---

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରର ଜୀର୍ଣ୍ଣ ସଂସ୍କାର ପର୍ଯ୍ୟନ୍ତ ଠାକୁରମାନେ ଗୁଣ୍ଡିଚାଘରେ ରହିବାର [illegible] ନାହିଁ । ଗତ ମଙ୍ଗଳବାର ଅପରାହ୍ନରେ ମହାପ୍ରଭୁ ରଥରୁ ବିଜେ କରିଅଛନ୍ତି ଅମ୍ବୁବାଚି ଅମାବାସ୍ୟା ସରିବ ମନ୍ଦିରଠାରେ ପହଞ୍ଚିବାର ଅନୁମାନ ହୁଅଇ । ମନ୍ଦିରକୁ ଆସି କେଉଁଠାରେ ଅବସ୍ଥିତ କରିବେ କିଛି ସ୍ଥିର ହୋଇନାହିଁ ଏ ବିଷୟରେ ରାଜାଙ୍କର ଏବଂ ପଣ୍ଡା ପରିଚ୍ଛାମାନଙ୍କର ମତାନ୍ତର ଘଟିଅଛି । ଠାକୁରମାନେ ପହଞ୍ଚିଲାଠାରୁ ତହିଁର ବନ୍ଦୋବସ୍ତ ହେବ । ମନ୍ଦିରର ଅବସ୍ଥା ଓ ଜୀର୍ଣ୍ଣସଂସ୍କାର ବିଷୟ ଅମ୍ଭେମାନେ ଯାହା ଶୁଣିଅଛୁଁ ଏଥର ସ୍ଥାନାଭାବରୁ ଲେଖି ନ ପାରିଲୁଁ ଆଗାମୀ ସପ୍ତାହରେ ପ୍ରକାଶ ହେବ ।

---

ଆଗାମୀବର୍ଷ ପାଇଁ ପୁରୀଜିଲାରେ ରୋଡ-ସେସ ସର୍ବୋତଭାବରେ ଆଦାୟ ହେବାର କମିଟି ପ୍ରସ୍ତାବ କରିବାରୁ ଗବର୍ଣ୍ଣମେଣ୍ଟ ତାହା ଅନୁମୋଦନ କରି ଅଛନ୍ତି । ସୁତରାଂ ଆଗାମୀ ଅକ୍ଟୋବରମାସ ଆରମ୍ଭରୁ ଖଜଣା ଉପରେ ଟଙ୍କାରେ ୫୦/୬ ଲେଖାଏ କର ଦେଣ ହେବ । ସେଠାର କଲେକ୍ଟର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବ ସଡକବାଟ ନିର୍ମାଣ ପକ୍ଷରେ ଅତ୍ୟନ୍ତ ମନୋଯୋଗୀ ଓ ତାହାଙ୍କ ଅମଳରେ ଅନେକ ଗୁଡିଏ ନୂତନ ସଡକ ମୋଫସଲମାନଙ୍କରେ ପ୍ରସ୍ତୁତ ହୋଇଅଛି ଅଧିକ ବହୁତବାଟ ନିର୍ମାଣ କରିବେ ବୋଲି ବୋଧ ହୁଅଇ ସେ ପୂର୍ବୁ ରୋଡସେସ ଆଦାୟ କରିବାକୁ ପ୍ରବୃତ୍ତ ହୋଇ ଅଛନ୍ତି । ଯେବେ ମୋଫସଲରେ ବହୁତ ସଡକ ହୁଅଇ ତେବେ ଏ ପ୍ରସ୍ତାବକୁ ମନ୍ଦ ବୋଲାଯାଇ ନ ପାରେ ।

---

ସ୍ଥାନାନ୍ତରରେ ଆମ୍ଭେମାନେ ଓଡିଶା ସ୍କୁଲସମୂହର ଜଏଣ୍ଟ ଇନସ୍ପେକ୍ଟରଙ୍କ ଖଣ୍ଡିଏ ବିଜ୍ଞାପନ ପ୍ରକାଶ କଲୁଁ । ପାଠକମାନେ ତହିଁରୁ ଦେଖିବେ ଯେ ବିଦ୍ୟାଳୟରେ ଶିକ୍ଷା ନିମିତ୍ତ କେତେକ ପୁସ୍ତକର ପ୍ରୟୋଜନ ଥିବାରୁ ତାହା ପ୍ରାପ୍ତି ସକାଶେ ପାରିତୋଷିକ ଦେବାକୁ ଗବର୍ଣ୍ଣମେଣ୍ଟ ପ୍ରସ୍ତୁତ ହୋଇଅଛନ୍ତି । ଏଥି ପୂର୍ବବର୍ଷମାନଙ୍କରେ ଗବର୍ଣ୍ଣମେଣ୍ଟ ଉତ୍କଳପୁସ୍ତକ ସକାଶେ କେତେହଜାର ଟଙ୍କା ଦାନ କରିଥିଲେ ମାତ୍ର ସେସବୁ ଦାନ କେବଳ ଦାତାଙ୍କ ପ୍ରତିପାଳିତ ବ୍ୟକ୍ତିମାନେ କିଛି ଲାଭକରିଥିଲେ ମାତ୍ର କୌଣସି ସାଧାରଣ ଉପକାର ହୋଇ ନାହିଁ । ଏଥର ଯେଉଁ ଉପାୟ ଅବଲମ୍ବିତ ହୋଇଅଛି ତାହା ପ୍ରକୃତ ଉପାୟ ଅଟଇ ଓ ଏହି କାର୍ଯ୍ୟଦ୍ୱାରା ଏ ପ୍ରଦେଶୀୟ ଏକବ୍ୟକ୍ତିଙ୍କୁ ଜଏଣ୍ଟଇନସ୍ପେକ୍ଟର ପଦରେ ନିଯୁକ୍ତ କରିବାର ଗୋଟିଏ ଅତି ବାଞ୍ଛନୀୟ ସୁଫଳ ଲାଭ ହେଲା ବଡ ଆନନ୍ଦର ବିଷୟ ଅଟଇ । ଆମ୍ଭେମାନେ ଅନେକ ଥର ଏପରି ବିଜ୍ଞାପନ ଦେବା ସକାଶେ ଅନୁରୋଧ କରିଥିଲୁଁ ମାତ୍ର ଏତେକାଳ କେହି ତହିଁରେ କର୍ଣ୍ଣପାତ କରି ନ ଥିଲେ । ଏଥର ଉତ୍କଳବାସୀ ପୁସ୍ତକରଚକମାନେ ତତ୍ପର ହେଉନ୍ତୁ ଏହି ଅମ୍ଭମାନଙ୍କର ପ୍ରାର୍ଥନା ।

Digitized by srujanika@gmail.com

କଟକ କଲେଜ ସକାଶେ ତଳ ଲିଖିତ ଚନ୍ଦା ଏପର୍ଯ୍ୟନ୍ତ ସ୍ୱାକ୍ଷରିତ ହୋଇଅଛି ।

| | | |
|---|---|---|
| ଶ୍ରୀ ମହାରାଜା ଭିଜାନଗର | ଟ | ୨୦୦୦୦ |
| ଶ୍ରୀମହାରାଜା ବର୍ଦ୍ଧମାନ | ଟ | ୨୦୦୦୦ |
| ଶ୍ରୀବାବୁ ଦେବେନ୍ଦ୍ରନାଥଠାକୁର | ଟ | ୨୫·୦୦ |
| ଶ୍ରୀମତ୍ୟା ମହାରାଣୀ ସ୍ୱର୍ଣ୍ଣମୟୀ | ଟ | ୨୦୦୦୦ |
| ଶ୍ରୀବାବୁ ଜଗନ୍ନାଥରାୟ ଚୌଧୁରୀ | ଟ | ୧୫·୦୦ |
| ଶ୍ରୀମହାରାଜା ଢେଙ୍କାନାଳ | ଟ | ୧୨୫·୦ |
| ଶ୍ରୀ ଚୌଧୁରୀ କାଶୀନାଥଦାସ | ଟ | ୧୦୦·୦ |
| ଶ୍ରୀବାବୁ ଦିଗମ୍ବରମିଶ୍ର | ଟ | ୫·୦୦ |
| ,, ଜନ୍ମାଯ୍ୟାଲାଲ ପଣ୍ଡିତ | ଟ | ୫·୦୦ |
| ,, ବୈଦ୍ୟନାଥପଣ୍ଡିତ | ଟ | ୫·୦୦ |
| ,, ଲକ୍ଷ୍ମୀନାରାୟଣରାୟ ଚୌଧୁରୀ | ଟ | ୫·୦୦ |
| ଶ୍ରୀରାଜା ମୟୂରଭଞ୍ଜ | ଟ | ୫·୦୦ |
| ଶ୍ରୀବାବୁ ଜଗବନ୍ଧୁ ଘୋଷ | ଟ | ୨୦ |
| ,, ନିମାଇଁଚରଣ ନିୟୋଗି | ଟ | ୨୦ |
| ,, ହରେକୃଷ୍ଣ ଦାସଅସିଷ୍ଟାଣ୍ଟସ୍କୁଲଡେପ୍ଟି | | ୫୦ |
| ,, ବ୍ରଜକୁମାରଘୋଷ | ଟ | ୫୦ |
| ,, କାହ୍ନୁଚରଣଦାସ | ଟ | ୫୦ |
| ,, ମଥୁରାଲାଲ ଭଗତ | ଟ | ୫୦ |
| ,, ଡାକ୍ତଅଲ୍ ସଡାଙ୍ଗି | ଟ | ୩୦ |
| ଢଠ | ଟ | ୨୩୧୦୦ |

ବାଲେଶ୍ୱରରେ ଛଅହଜାର ଟଙ୍କା ଚନ୍ଦା ହୋଇଅଛି ଏରୂପ ଶୁଣାଗଲା ହଜାରେ ଟଙ୍କାରୁ ଊର୍ଦ୍ଧ ହୋଇଗଲେ ଅବଶିଷ୍ଟ ଏଠାରେ ଓ ସ୍ଥାନ୍ତରେ ଉଠିପାରେ ଓ କିଛି ନିଅଣ୍ଟ ହେଲେ ସ୍କୁଲର ଅତିରିକ୍ତ ଟଙ୍କାରୁ ପୂରଣ ହୋଇ ଯିବ । ଏବେ ଯାଇଁ କଲେଜଟି ସ୍ଥାପନ ହେବାର ନିଶ୍ଚୟ ହେଲା ଓ ତନ୍ନିମିତ୍ତ କମିଶନର ଶ୍ରୀ ରେଭନସାସାହେବ ବିଶେଷ ଧନ୍ୟବାଦର ପାତ୍ର ଅଟନ୍ତି । ସେ ଏ ବିଷୟରେ ଅତ୍ୟନ୍ତ ଉତ୍ସାହିତ ହୋଇ ଚେଦା ସଂଗ୍ରହର ଚେଷ୍ଟା କରି ନ ଥିଲେ କଦାଚ ଓଡ଼ିଶାରୁ ଏତେଟଙ୍କା ଉଠନ୍ତା ନାହିଁ । ଏ କଲେଜଟିକୁ ନିଶ୍ଚୟ ତାହାଙ୍କର କୀର୍ତ୍ତି ବୋଲିବାକୁ ହେବ କିନ୍ତୁ କଲେଜଟି ଯେପରି ଆଶାନୁରୂପ ଫଳଦାୟକ ହୁଏ ଓ ସ୍ଥାୟୀ ହୋଇ ରହେ ସେପରି ବନ୍ଦୋବସ୍ତ ଓ ଯତ୍ନ କରିବାର ଉଚିତ । ପ୍ରଥମ ଉପାୟ ଏହି ଯେ ଉପଯୁକ୍ତ ଶିକ୍ଷକ ନିଯୁକ୍ତ କରିବା । ଏ ପକ୍ଷରେ କେବଳ ଯୋଗ୍ୟତା ପ୍ରତି ଦୃଷ୍ଟି ରଖିବା କର୍ତ୍ତବ୍ୟ; ବ୍ୟକ୍ତିବିଶେଷର "ପାସ ଖାତିର" କଲେ ସବୁ ଭ୍ରଷ୍ଟ ହେବ । ଗତ ସୋମବାର ସ୍କୁଲର କମିଟିରେ ଶ୍ରୀଯୁକ୍ତ କମିଶନରସାହେବ କଲେଜ ଅଧ୍ୟକ୍ଷ ପଦରେ ଏଜରସାହେବଙ୍କୁ ନିଯୁକ୍ତ କରିବାର ପ୍ରସ୍ତାବ କରିଥିଲେ ମାତ୍ର ଏଥିରେ ତାଙ୍କୁ କେହି ସଭ୍ୟ ପୋଷକ ନ କଲେ । ଉପସ୍ଥିତ ସଭ୍ୟ ସଂଖ୍ୟା ଅଳ୍ପ ଥିବାରୁ ଏ ଗୁରୁତର ବିଷୟର ବିଚାର ସ୍ଥଗିତ ରହିଲା ଏହା ବୃହତ୍ ସଭାରେ ନିଷ୍ପତ୍ତି ହେବ । ଉତ୍ତମ ହୋଇଅଛି । ଆମ୍ଭେମାନେ ଶ୍ରୀ କମିଶନରସାହେବଙ୍କୁ ଅନୁରୋଧ କରୁଁ ଯେ ସେ ଏ ବିଷୟରେ ସାବଧାନପୂର୍ବକ ବିବେଚନା କରି କାର୍ଯ୍ୟ କରନ୍ତୁ କି ଯେପରି ସୁଖ୍ୟାତି ସଙ୍ଗେ ସଙ୍ଗେ ଅଖ୍ୟାତି ନ ଘଟେ ଓ ତାଙ୍କର ଏତାଦୃଶ ହିତଚେଷ୍ଟା, ପରିଶ୍ରମ ଓ ଯତ୍ନ ବିଫଳ ନ ହୁଏ ।

---

## ବର୍ଷା ଓ ନଗରର ଅବସ୍ଥା ।

ଶ୍ରୀଯୁକ୍ତ ଟମସ ସାହେବ ଏ ଜିଲ୍ଲାର ମାଜିଷ୍ଟ୍ରେଟ ହେଲା ଦିନରୁ ଏ ନଗରର ବଡ ସୌଭାଗ୍ୟ ଉଦୟ ହୋଇଅଛି । ପୂର୍ବେ ହାକିମମାନେ ଟାଉନଟାକ୍ସଦ୍ୱାରା ଆଦାୟ ହେବା ଟଙ୍କା ଖର୍ଚ୍ଚ କରି ପାରୁ ନ ଥିଲେ ଓ ଯେବେ ଖର୍ଚ୍ଚ କରୁଥିଲେ ତାହା ଲୋକଙ୍କୁ ଜଣା ପଡୁ ନ ଥିଲା । ସମ୍ପ୍ରତି ଯେସବୁ କାର୍ଯ୍ୟ ହେଉଅଛି ତହିଁରେ ନଗର ଉନ୍ନତିର ବିଶେଷ ପରିଚୟ ପାଯାଉଅଛି । ଆଜକୁ ଦୁଇବର୍ଷ ହେଲା ଗୋଟିଏ ହାଟ ନିର୍ମାଣ ହେଉଅଛି ଓ ତହିଁର କାର୍ଯ୍ୟସବୁ ଶେଷ ହୋଇ ନ ଥିଲେ ମଧ୍ୟ ତହିଁରେ ହାଟ ବସିଗଲାଣି । କେତେ ଲୋକଙ୍କର ଘର ଭଙ୍ଗାଯାଇଁ ସଡକସବୁ ପରିସର ହେଉଅଛି । କେତେ ପୁଷ୍କରିଣୀର ଗୃହପାଖ ସଂସ୍କାର ହୋଇ ଚକ୍କଣ ଦିଶୁଅଛି ଓ ସଡକସବୁ ମରମତ ହେବା ପାଇଁ କେତେ ସ୍ଥାନରେ ମାକଡାପଥର ଜମା ହୋଇଅଛି । ଏସବୁ ଦେଖି କିଏ ସ୍ୱୀକାର ନ କରିବ ଯେ ବର୍ତ୍ତମାନ୍ ସ୍ଥାନୀୟ ହାକିମଙ୍କ ଯତ୍ନରେ ନଗରର ଶୋଭା ଅନେକ ବୃଦ୍ଧି ପାଇଅଛି ତଥାପି ସାହେବଙ୍କର ତୃପ୍ତି ହୋଇ ନାହିଁ । ସେ ପ୍ରତିଦିନ ନଗରର ଏକ ୨ ଦିଗ ଭ୍ରମଣ କରନ୍ତି ଓ ଲୋକଙ୍କୁ ସଡକ ପାଖରେ କୋଠା ନିର୍ମାଣ କରିବା କାରଣ ଉପଦେଶ ଦିଅନ୍ତି ।

ନଗରକୁ ସର୍ବପ୍ରକାରରେ ସୁନ୍ଦର ଦେଖିବା ସାହେବଙ୍କ ଅଭିପ୍ରାୟ ଓ ତାହାଙ୍କ ଯତ୍ନରେ ଯାହା ଶୀଥିଲ ହୋଇଅଛି ଇନ୍ଦ୍ରଦେବତା ତାହାଙ୍କର ସହାୟ ହୋଇ ତାହାକୁ ଦ୍ୱିଗୁଣ ବା ଚତୁର୍ଗୁଣ କରିଅଛନ୍ତି । ଏବର୍ଷ ଯେମନ୍ତ ବର୍ଷା ତାହା ବାହାରିଲ ରହିବାର ହେଉ ନାହିଁ ପାୟ ପ୍ରତିଦିନ ବର୍ଷା ହେଉଅଛି ଓ ଆମ୍ଭମାନଙ୍କ ନଗରରକ୍ଷକ ଏମନ୍ତ ସୁନ୍ଦର ଉପାୟ କରିଅଛନ୍ତି ଯେ ବର୍ଷାଜଳ ଅନର୍ଥକ ନଦୀକୁ ବହି ନ ଯାଇ ଯେମନ୍ତ ନଗରର ଶୋଭା ବଢାଇଅଛି ସେହିପରି ଲୋକଙ୍କର ହିତରେ ମଧ୍ୟ ନିୟୋଗ ହୋଇଅଛି । କେଉଁଠାରେ ସଡକ ଦୁଇପାଖ ନଏନଯୋଗ୍ୟ ଜଳରେ ପରିପୂର୍ଣ୍ଣ ରହି ପାର୍ଶ୍ୱସ୍ଥିତ ଘର କାନ୍ଥସବୁ ଟାଣ ଅଛି କି ନାହିଁ ତହିଁର ପରୀକ୍ଷା କରୁଅଛି ଓ ଭେକମାନେ ତହିଁ ତଟରେ ବସି ଯୈବଉଶ୍ୱର ଆଳାପ କରି ପଥିକମାନଙ୍କୁ ବିମୋହିତ କରୁଅଛନ୍ତି କେଉଁଠାରେ ଅବାଖଣ୍ଡେଦୂର ଯାଏ ସଡକ ଜଳରେ ବୁଡିରହି ପଥିକମାନଙ୍କର ପଦଧୌତ କରି ଦେଉଅଛି ଓ ହଂସଯୂଥ ତହିଁଉପରେ କୌତୁକରେ ପହଁରି ବୁଲୁଅଛନ୍ତି । କେଉଁଠାରେ ସଡକ ଉପର ଦେଇ ପାଣି ବହିଯିବାର ବାଟ ଥିବାରୁ ତାହା ଗଡଖାତର ନାମ ପ୍ରାପ୍ତ ହେଲେ ଅଥଚ ଅନ୍ୟବେଳେ ଶୁଖିଲା ଥାଇ ବିଚିତ୍ର ଶୋଭାକୁ ବହିଅଛି । ଯୋଡା କଣିବାରେ ଖର୍ଚ୍ଚାନ୍ତ ହେବାର ପ୍ରୟୋଜନ ନାହିଁ କାରଣ ବାଟସବୁ ନିର୍ଝରଣୀ ପ୍ରାୟ ଚକ୍କଣ ହୋଇଅଛି ଓ ଗୋଡ ଅପରିଷ୍କାର ରହିବାର ମଧ୍ୟ ଭୟ ନାହିଁ କାରଣ ଠାବଠାବରେ ସଡକମଧ୍ୟରେ କ୍ଷୁଦ୍ର ୨ ଜଳାଶୟମାନ ପୂର୍ଣ୍ଣ ହୋଇ ରହିଥିବାରୁ ଯେଉଁଠାରେ ଇଚ୍ଛା ସେଠାରେ ଗୋଡ ଧୋଇବାର ସୁଯୋଗ ହୋଇଅଛି । କାହାରି ଆପଣା ଦରିଦ୍ରତା ଦେଖୁରୁ ଲଜ୍ଜା ଦେଇ ପଳାଉ ଅଛି ଓ କେତେକ ସ୍ଥଳରେ କୋଠାଘର ଦ୍ୱିପଦଣ୍ଡିର ଶୀଧାରଣ କରିଅଛି । ଭାବୁକ ଲୋକମାନେ ସାଗର, ନଦୀ, ହ୍ରଦ, ଦ୍ୱୀପ, ଉପଦ୍ୱୀପ ପ୍ରଭୃତି ପୃଥିବୀର ନାନା ଦୃଶ୍ୟ ପଦାର୍ଥର ସନ୍ଦର୍ଶନ କରି ଚିତ୍ତ ବିନୋଦ କରୁଅଛନ୍ତି ମାତ୍ର ଅବୋଧଲୋକେ ଏସବୁ ମନହିଭାବ ଗ୍ରହଣ କରି ପାରୁ ନାହାନ୍ତି ସେମାନେ ନିତାନ୍ତ ଶୁଖିଲା, ସୁତରାଂ ପାଣି କଟାଇ ଦେବାକୁ ପଲପଲ ହୋଇ ଦରଖାସ୍ତ ଦେଉଅଛନ୍ତି । ମାଜିଷ୍ଟ୍ରେଟ ସାହେବ ସକଳ ପ୍ରଜାଙ୍କୁ ସମାନଭାବ ଶ୍ରଦ୍ଧା କରନ୍ତି ଓ ସମସ୍ତଙ୍କ ମନ ଯୋଗାଇବାକୁ ତତ୍ପର, ମାତ୍ର ହେଲେ କି ହେବ ? ଫଣ୍ଡରେ ତ ଟଙ୍କା ନାହିଁ ହାଟବାଟରେ ସବୁ ଖର୍ଚ୍ଚ ହୋଇ ଯାଇଅଛି, ଯେ ବର୍ଷାପାଣି ଏ ପ୍ରଦେଶରଲୋକଙ୍କ ଜୀବନଧାରଣର ଏକମାତ୍ର ଉପାୟ ତାହାକୁ ବାହାର କରି ଦେବା ପାଇଁ ସ୍ୱଭାବ ସଙ୍ଗରେ ଲଢାଇ କରିବାକୁ ମୂର୍ଖଲୋକେ ପ୍ରାର୍ଥନା କରନ୍ତେ କେଉଁ ଦୂରଦର୍ଶୀ ବ୍ୟକ୍ତି ... ଶୁଣ୍ଡା ...

Split by PDF Splitter
Digitized by srujanika@gmail.com

ଧାରେ ଯେ ଏହିଁ ପାଇଁ ମାକକ୍ଲେଷ୍ଟ ସାହେବ ଅନେକୁ ଟଙ୍କା ରଖିଥାନ୍ତେ ସ୍ୱତଃ ପ୍ରାର୍ଥୀମାନଙ୍କୁ ବୁଝାଇ ଦେଉଅଛନ୍ତି ଯେ ବର୍ତ୍ତମାନ ଫଣ୍ଡରେ ଟଙ୍କା ନାହିଁ ଏ ଉତ୍ତାରୁ ଟଙ୍କା ହେଲେ ପାଣି ବାହାର କରି ଦିଆଯିବ । ଏଥିମଧ୍ୟରେ ଯେବେ ତାହାର ଘର ଦ୍ୱାର ଭାଙ୍ଗିପଡେ ତେବେ ତାହା ଅନ୍ୟାଯ୍ୟ ନୁହଇ କାରଣ ଏମନ୍ତ ସୁନ୍ଦର ନଗରରେ ଏପ୍ରକାର ଦୁର୍ବଳ ଘର ରହିବାର ଉଚିତ ନୁହଇ କି ଯାହା ଅଳେ ପାଣି ଜମା ହେଲେ ସେ ଦମ୍ଭ ରହି ନ ପାରିବ । ଲୋକେ ଆପଣା ଘର ଦ୍ୱାର ରକ୍ଷା ସକାଶେ ଟାକ୍ସ ଦେଉଅଛନ୍ତି ସତ୍ୟ ମାତ୍ର ଏହା ବୋଲି କି ସେମାନେ ନିଶ୍ଚିନ୍ତ ହୋଇ ରହିବେ ? ସରକାର ଆଠମାସ ସମ୍ଭାଳିଲେ, ଚାରିମାସ ସେମାନେ ସମ୍ଭାଳନ୍ତୁ, ଟଙ୍କା ଜମା ହେବା ମାତ୍ରକେ ତାହାଙ୍କ ମାନସ ପୂର୍ଣ୍ଣ କରି ଦିଆଯିବ । ଏଥିର ଏମନ୍ତ ପ୍ରଶ୍ନ ହୋଇପାରେ କି ଯେବେ ଫଣ୍ଡର ଟଙ୍କା ସବୁ ଖର୍ଚ୍ଚ ହେଲାଣି ତେବେ ଏଥିମଧ୍ୟରେ ଆଉ ଟଙ୍କା କାହୁଁ ଆସିବ । ମାତ୍ର ଜନରବ ଶୁଣାଯାଏ ଯେ ଏହିଁର ଭାବନା ନାହିଁ 'ଅସି ମୁସକିଲକୁ ଗୌଗୁଣୀ ଆସାନ' ବୋଲି ପ୍ରବାଦ ଅଛି । ମାକକ୍ଲେଷ୍ଟ ସାହେବ ନଦୀ ଘାଟସବୁ ଖାସରେ ରଖି ଅନେକ ଟଙ୍କା ଲାଭ ହେବାର ଦେଖି ସ୍ଥିର କରିଅଛନ୍ତି ଯେ ଘାଟପାରିଦ୍ୱାରା ବିସ୍ତର ଲାଭ ହୁଅଇ ଏଥିପାଇଁ ପ୍ରସ୍ତାବ ହେଉଅଛି ଯେ ନଗର ମଧ୍ୟରେ ଯେସବୁ ସଡକବାଟ ପାଣିରେ ବୁଡି ରହୁଅଛି ସେଠାରେ ସରକାରୀ ଘାଟ ବସିବ ଓ ଏଥିରେ ଯେମନ୍ତ ସାଧାରଣ ଉପକାର ନିମନ୍ତେ ଅନେକ ଅର୍ଥ ଲାଭ ହେବ ତେମନ୍ତ ଅନେକ ଲୋକେ ଅମେଦଉଆରଙ୍କର ପ୍ରତିପୋଷଣ ହେବ । ମାକକ୍ଲେଷ୍ଟ ସାହେବଙ୍କ ମନରେ ଏ ପ୍ରସ୍ତାବଟି ଉଦୟ ହୋଇଅଛି କି ନାହିଁ ଆମ୍ଭେମାନେ କହି ନ ପାରୁଁ, କାଳେ କର୍ମର ଝଞ୍ଝଟରେ ମନେ ନ ପଡେ ଏଥିପାଇଁ ନଗର ବାସିଙ୍କୁ ଉଚିତ କି ଏପରି ଘାଟ ବସାଇବା ପାଇଁ ତାହାଙ୍କଠାରେ ପ୍ରାର୍ଥନା କରନ୍ତୁ ।

---

ଏଠା ଜଏଣ୍ଟମେଜିଷ୍ଟ୍ରେଟ ଷ୍ଟିଭନସାହେବଙ୍କର ଗୋଟିଏ ଫଉଜଦାରୀ ମକଦ୍ଦମାରେ ଅତିସୂକ୍ଷ୍ମ ଓ ଅପକ୍ଷପାତ ବିଚାର ଦେଖି ଏହିଁର ବୃତ୍ତାନ୍ତ ନ ଲେଖି ଓ ସାହେବଙ୍କୁ ପ୍ରଶଂସା ନ କରି କ୍ଷାନ୍ତ ରହି ନ ପାରିଲୁଁ । ମକଦ୍ଦମାଟି ଗୋରା ଓ କଳା ଲୋକ ମଧ୍ୟରେ ହୋଇ[illegible] ପୁଲିସ କଳା-ଲୋକକୁ [illegible]ଣ ଗୋରାଲୋକଟି ହାକିମ ଓ କଳାଲୋକ ସାମାନ୍ୟ ଜମିଦାର । ଏହିଁର ବୃତ୍ତାନ୍ତ ଏହି ଯେ ସୁହାଙ୍ଗ ପ୍ରଗଣା ଅନ୍ତର୍ଗତ ସାଧୁପୁର ମଉଜାର କେତେକ ରଯ୍ୟତ ଜଲକର ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ରବର୍ଟ ସାହେବଙ୍କଠାରେ ଗୁହାରି କଲେ କି ବୈଦ୍ୟନାଥ ମିଶ୍ର ଜମିଦାର ଗୋଟିଏ ବନ୍ଧ ପ୍ରସ୍ତୁତ କରିବାରୁ ଜଳ ଅଟକି ସେମାନଙ୍କ ଶସ୍ୟ ନଷ୍ଟ କରୁଅଛି ଅତଏବ ବନ୍ଧ କଟାଇଦେବାର ପ୍ରାର୍ଥନା କଲେ, ଏହନ୍ତୁଁ ସାହେବ ସ୍ୱୟଂ ସେ ସ୍ଥାନକୁ ଯାଇ ଦେଖିଲେ ଯେ ବନ୍ଧଯୋଗୁଁ ଆନୁମାନିକ ମା ୧୫ ଣ ଶସ୍ୟଭୂମି ଜଳରେ ବୁଡିଅଛି । ବୈଦ୍ୟନାଥମିଶ୍ର ସେଠାରେ ଉପସ୍ଥିତ ଥିଲା ସାହେବ କିଛି ତଦନ୍ତ ନ କରି ତାକୁ କହିଲେ କି ଆମ୍ଭେ ଏ ବନ୍ଧ ନିଶ୍ଚୟ କାଟି ଦେବୁଁ, ବୈଦ୍ୟନାଥ କଷ୍ଟିତ କର୍କଶବଚନରେ ବାରଣ କରିବାରୁ ସାହେବ ରାଗାନ୍ଧ ହୋଇ ତାକୁ କଷ୍ଟିତ ଚପେଟାଘାତ ଓ ଥରେ ବେତ୍ରାଘାତ କଲେ, ତାହା ସେ ସହ୍ୟକଲା; ଏହନ୍ତୁଁ ସାହେବ କୋଡ ଅଣାଇ ଆପେ କୋଡରେ ବନ୍ଧ ଥରେ ଦୁଇଥର ହାଣି ସାଧୁପୁର ରଯ୍ୟତଙ୍କୁ ତଦନୁକ୍ରମେ ବନ୍ଧ କାଟିବାର ଆଜ୍ଞା ଦେଲେ ଓ ସେମାନେ ବନ୍ଧ କାଟନ୍ତେ ବୈଦ୍ୟନାଥର ଲୋକମାନେ ସେମାନଙ୍କୁ ତଡ଼ ଦେଇ ବନ୍ଧ ରକ୍ଷା କଲେ । ଏହନ୍ତୁଁ ସାହେବ ବନ୍ଧକୁ ଯାଇ ବେତ୍ରାଘାତର ଭୟ ଦେଖାନ୍ତେ ବୈଦ୍ୟନାଥର ଲୋକମାନେ ପଳାଇଗଲେ ଓ ସାହେବ ଚାଲି ଆସନ୍ତେ ପୁଣି ଆସି ବନ୍ଧ କଟାଇ ନ ଦେଲେ । ତେତେବେଳକୁ ବୈଦ୍ୟନାଥପକ୍ଷୀୟ ଶତାବଧି ଲୋକ ଆଗତ ହୋଇଥିଲେ ସାହେବ ସେମାନଙ୍କ ସଙ୍ଗେ ଯୁଝିବାକୁ ଅକ୍ଷମ ମଣି ଭାବିଲେ ସେ ବୈଦ୍ୟନାଥ ଦଳପତି ଅଟେ ତାହାକୁ ପରାସ୍ତ କଲେ ସମସ୍ତେ ପଳାଇବେ ଓ ମଧ୍ୟ ସେ ଏକାକୀ କଷ୍ଟିତ ଦୂରରେ ଠିଆ ହୋଇଥିଲା, ସାହେବ ଏହା ଭାବି ବୈଦ୍ୟନାଥକୁ ଥରେ ବେତ୍ରାଘାତ କରନ୍ତେ ସେ ଆଉ ସହ୍ୟ ନ କରି ବେତ ଧରି 'ମାର ମାର' ଉଚ୍ଚାରନ୍ତେ ତାହା ପକ୍ଷୀୟ ଲୋକେ ସାହେବଙ୍କୁ ତାଙ୍କର ଚପରାସୀ ଇତ୍ୟାଦିଙ୍କୁ ଓ ସାଧୁପୁରର ରଯ୍ୟତଙ୍କୁ ଲାଠି ବାଡରେ ପ୍ରଚୁର ପ୍ରହାର କଲେ । ସାହେବ କହନ୍ତି ତାଙ୍କ ଉପରେ ଚାରିଆଡୁ ମୁଷ୍ଟି ଓ ଲାଠିର ଆଘାତ ପଡିଲା ଓ ସେ ପୀଡାଗ୍ରସ୍ତ ହେଲେ ।

ସାହେବ ଏ ଘଟନାର ସମ୍ବାଦ ପୁଲିସ ଓ ମେଜିଷ୍ଟ୍ରେଟଙ୍କୁ ଦେଲେ ଓ ବୈଦ୍ୟନାଥ ସାହେବଙ୍କ ନାମରେ ଫଉଜଦାରୀରେ ଦରଖାସ୍ତ ଦେଲା କିନ୍ତୁ ଟମ୍ସ ସାହେବ ତାହାର ଦରଖାସ୍ତ ଉଦନ୍ତ ଅଗ୍ରାହ୍ୟ କରି ଅଙ୍କଜ ଖାଁ ଇନ୍‌ସ୍ପେକ୍ଟରଙ୍କୁ ସାହେବଙ୍କ ମକଦ୍ଦମା ତଦନ୍ତ କରିବା ନିମନ୍ତେ ପଠାଇଲେ । ପୁଲିସ ବୈଦ୍ୟନାଥ ଓ ଅନ୍ୟ କେତେକଜଣଙ୍କୁ ଚାଲାଣ କଲେ ଓ ସରକାର ଉକିଲ ସାହେବଙ୍କ ପକ୍ଷରେ ଉପସ୍ଥିତ ହେଲେ, ବୈଦ୍ୟନାଥ ମଧ୍ୟ ଜଣେ ଉକୀଲ ଓ ମୁକ୍ତିଆର ନିଯୁକ୍ତ କଲା ମକଦ୍ଦମା ଏକପ୍ରକାର ଆଡମ୍ବରରେ ଚଳିଲା । ରବର୍ଟ ସାହେବ ସ୍ୱଚ୍ଛ ହୋଇ ସବୁବୃତ୍ତାନ୍ତ କହିଲେ ଆପଣାର ଦୋଷ କିଛିହିଁ ନ ଲୁଚାଇଲେ ଓ ତାଙ୍କର ସାକ୍ଷିମାନେ ମାରପିଟର ଉତ୍ତମ ପ୍ରମାଣ ଦେଲେ ମାତ୍ର ଜଏଣ୍ଟମେଜିଷ୍ଟ୍ରେଟ ସାହେବ ଯଥାର୍ଥ ବିବେଚନା କରି ସମସ୍ତପ୍ରତିବାଦିଙ୍କୁ ଖଲାସ ଦେଲେ ଓ ଖଲାସିର ତଳ ଲିଖିତ ହେତୁବାଦ ଦର୍ଶାଇଅଛନ୍ତି ।

ରବର୍ଟ ସାହେବଙ୍କର ବନ୍ଧ କଟାଇଦେବାର ଅଧିକାର ନ ଥିଲା ଓ ସେ ବୈଦ୍ୟନାଥର ଭୂମି ଉପରକୁ ଯାଇ ବନ୍ଧ କଟାଇବାରେ ଅନଧିକାର ପ୍ରବେଶ ଓ ଅପକାରର ଅପରାଧ କରିଅଛନ୍ତି ଏବଂ ବୈଦ୍ୟନାଥକୁ ପ୍ରଥମେ ମାରିବାରୁ ନିଜେ ଆକ୍ରମଣକାରୀ ହୋଇଅଛନ୍ତି । ବୈଦ୍ୟନାଥ-ପକ୍ଷୀୟ ଲୋକଙ୍କ ଆକ୍ରମଣ ଆପଣାର ସମ୍ପତ୍ତି ଓ ଆତ୍ମରକ୍ଷାର୍ଥେ ହୋଇଅଛି । ଆତ୍ମରକ୍ଷାର୍ଥେ ଯେତିକି କାର୍ଯ୍ୟ ଆବଶ୍ୟକ ଏହିଁର ଅତିରିକ୍ତ କାର୍ଯ୍ୟ ପ୍ରତିବାଦିମାନେ କରିଅଛନ୍ତି ସତ୍ୟ ମାତ୍ର ରବର୍ଟ ସାହେବ ସେମାନଙ୍କ ପ୍ରତି ଯେପରି ବ୍ୟବହାର କଲେ ଏହିଁରେ ରାଗ ଜନ୍ମିବାର ସମ୍ଭବ ଓ ସେପରି ଅବସ୍ଥାରେ ଆତ୍ମରକ୍ଷାର ଅତିରିକ୍ତ କାର୍ଯ୍ୟକୁ ଦୋଷସ୍ୱରୂପ ଘେନା ନ ଯିବ, ଯେହେତୁ ତେତେବେଳେ ଠିକ ବିଚାର ରହି ନ ପାରେ ଏହା ସ୍ୱାଭାବିକ ଅଟେ । ବାଦୀ ପକ୍ଷରୁ ଆପତ୍ତି ହେଲା ଯେ ବନ୍ଧରକ୍ଷା ସକାଶେ ପ୍ରତିବାଦିମାନେ ପୁଲିସରେ ସମ୍ବାଦ ଦେଇଥାନ୍ତେ କିମ୍ବା ବନ୍ଧ କଟା ହେଲାରୁ ସେମାନେ ବାଦିଙ୍କୁ ମାରପିଟ ନ କରି ତାଙ୍କ ନାମରେ ନାଲିଶ କରିଥାନ୍ତେ । ଏଥିକୁ ଜଏଣ୍ଟମେଜିଷ୍ଟ୍ରେଟ ବୋଲନ୍ତି ଯେ ନିକଟସ୍ଥ ଥାନା ସେ ସ୍ଥାନରୁ ପାଞ୍ଚ ମାଇଲ ଅନ୍ତର, ଥାନାକୁ ଯାଇ ପୁଲିସକୁ ଆଣିଲା ବେଳକୁ ବନ୍ଧ ଦଶଥର କଟା ଯାଇଥାନ୍ତା । ରବର୍ଟ ସାହେବ ଓ ତାଙ୍କ ପକ୍ଷୀୟ ଲୋକେ ବନ୍ଧ କାଟିବା ଉଦ୍ୟମରେ ଯେତେବେଳ ଯାଏ ବୈଦ୍ୟନାଥର ଭୂମିରେ ଥିଲେ ତେତେବେଳ ଯାଏ ଅନଧିକାର ପ୍ରବେଶ ଅପରାଧ ଜାଗରୂକ ଥିଲା ଓ ପ୍ରମାଣରୁ ପ୍ରକାଶ ହୋଇଅଛି କି ପ୍ରତିବାଦିମାନେ ବାଦିଙ୍କୁ ମାରପିଟ କରିବାରୁ ସେ

Split by PDF Splitter
Digitized by srujanika@gmail.com

Split by PDF Splitter



ବନ୍ଧ କାଟିବାରୁ କ୍ଷାନ୍ତ ରହିଲେ । ସେ ବନ୍ଧ କାଟି ସେଠାରୁ ଶୃଳ ଗଲା ଉତ୍ତାରେ ମାରପିଟ ହୋଇ କାହିଁ ମାରପିଟ ଯୋଗୁଁ ବନ୍ଧ ରକ୍ଷା ପାଇଅଛି ଏବଂ ସେ ବନ୍ଧକୁ ରକ୍ଷା କରିବାର ବୈଦ୍ୟନାଥର ସମ୍ପୂର୍ଣ୍ଣ ଅଧିକାର ଥିଲା । ଏହି ବିବେଚନାରେ ଜଏଣ୍ଟମେଜିଷ୍ଟ୍ରେଟ ପ୍ରତିବାଦୀମାନଙ୍କୁ ଦଣ୍ଡବିଧିର ଧା ୯୬ ଘୁର ବର୍ଣ୍ଣିତ ବିଧାନାନୁସାରେ ମୁକ୍ତ କଲେ ।

ଉପର୍ଯ୍ୟୁକ୍ତ ମୀମାଂସା ଯେ ଯୁକ୍ତି, ନ୍ୟାୟ ଓ ଆଇନସଙ୍ଗତ ହୋଇଅଛି ଏହା ବୋଲିବାର ବାହୁଲ୍ୟ, ଗୋରା କଲା ମଧ୍ୟରେ ମାମଲା ହେଲେ କେତେକ ସ୍ଥଳେ ବିଚାରର ତ୍ରୁଟି ଦେଖାଯାଏ । ଏ ସ୍ଥଳେ ଗୋରା ହାକିମ କଲାଲୋକଦ୍ୱାରା ଅପମାନିତ ଓ ପୀଡାଗ୍ରସ୍ତ ହୋଇଥିବା ପ୍ରତ୍ୟକ୍ଷେ ଯେ ଜଏଣ୍ଟ ମେଜିଷ୍ଟ୍ରେଟ ଏତାଦୃଶ ସୂକ୍ଷ୍ମ ବିଚାର କଲେ ଏ ଯୋଗୁଁ ଆମ୍ଭେମାନେ ତାଙ୍କର ଭୂରି ୨ ପ୍ରଶଂସା କରୁଅଛୁଁ । ଗ୍ରବର୍ଣ୍ଟସାହେବ ଅତି ଉତ୍ତମ ଓ ଭଦ୍ରବ୍ୟକ୍ତି ଅଟନ୍ତି ସେ କପଟ ଏପରି ଅବିବେଚକ କାର୍ଯ୍ୟ କଲେ ବଡ ଆଶ୍ଚର୍ଯ୍ୟ ଓ ଦୁଃଖର ବିଷୟ ଅଟେ । ଯାହା ହେଉ ସେ ଇଜହାରରେ ବିବେକତା ଓ ସାହସ ପୂର୍ବକ ସମୁଦାୟ ବୃତ୍ତାନ୍ତ ଓ ଆପଣାର ଦୋଷସବୁ ଲେଖାଇ ଅଛନ୍ତି । ସେ ଯେପରି ମୁକ୍ତକଣ୍ଠରେ କହିଅଛନ୍ତି ତାଙ୍କର ସାକ୍ଷିମାନେ ସେପରି ନ କହି ସାହେବଙ୍କୁ ବଞ୍ଚାଇ ସାକ୍ଷ୍ୟ ଦେଇଅଛନ୍ତି । ସାହେବ ସତ୍ୟ କହିବାରୁ ମକଦ୍ଦମା ହାରିଲେ, ମାତ୍ର ନୀତି ଓ ଧର୍ମ ରକ୍ଷା କଲେ । ମକଦ୍ଦମା ହାରିବା ଅତି ସାମାନ୍ୟ ଓ ତୁଚ୍ଛନୀୟ କ୍ଷତି ଅଟେ । ଶପଥପୂର୍ବକ ମିଥ୍ୟା କହି ପାପ ଅର୍ଜିବା ଓ ପରକାଳ ନଷ୍ଟ କରିବା ବୃହତ୍ ଓ ଭୟଙ୍କର କ୍ଷତି ଅଟେ । ସେ କ୍ଷତି କସ୍ମିନ୍ କାଳେ ଓ କୌଣସି ପ୍ରକାରରେ ପୂରଣ ହୋଇ ନ ପାରେ । ଗ୍ରବର୍ଣ୍ଟସାହେବଙ୍କର ସତ୍ୟପରାୟଣତା ବାଞ୍ଛନୀୟ ଓ ପ୍ରଶଂସନୀୟ ଅଟେ ଓ ଏପକ୍ଷରେ କମ୍ପରପତି ତାଙ୍କର ପ୍ରଶଂସା କରିଅଛନ୍ତି । ଆମ୍ଭେମାନେ ସମସ୍ତ ମାମଲାକାରମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଗ୍ରବର୍ଣ୍ଟ ସାହେବଙ୍କର ସତ୍ୟପରାୟଣତା ପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରନ୍ତୁ ।

## ସାପ୍ତାହିକ ସଂବାଦ ।

କଟକ କଲେକ୍ଟରୀ ନାଜରର ଫୌଜଦାରୀ ମୋକଦ୍ଦମା ଆରମ୍ଭ ହୋଇ କେବଳ ମୁଦ୍ଦେଇ ପକ୍ଷର ପ୍ରମାଣସବୁ ଗୃହୀତ ହୋଇଅଛି ଓ ବନ୍ଦୀର ଜବାବ ମଧ୍ୟ ନିଆଯାଇଅଛି ।

କାଶ୍ରେଣ ଗୁରୁଦ୍ଧି ପୁନର୍ବାର ଫଉଜଦାରୀରେ ଉପସ୍ଥିତ । ଜଣେ ବ୍ୟକ୍ତି ତାହା ଓ ତାହାର ଭାଇ ଓ ପୁତ୍ରଙ୍କ ନାମରେ ନାଲିଶ କରିଅଛି କି ସେମାନେ ତାହା ଜାଗାରେ ଥିବା କଞ୍ଜନା ଓ କଦଳଗଛ କାଟି ତାକୁ ମାରିବା ପାଇଁ ଭୟ ଦେଖାଇଲେ । ମକଦ୍ଦମା ମେଜିଷ୍ଟ୍ରେଟସାହେବଙ୍କ ନିକଟରେ ଅଛି । ଆଗାମୀ ମାସରେ ନିଷ୍ପତ୍ତି ପାଇବ ।

ଗତ ସପ୍ତାହରେ ଏକପ୍ରକାର ଅତଶୟ ନଦୀ ବୃଦ୍ଧି ହୋଇଥିଲା ମୋଫସଲର ସ୍ଥାନ ୨ ରେ ଧୋଇ ହେବାର ଶୁଣାଯାଏ ମାତ୍ର ପାଣି ଶୀଘ୍ର ଖସିପଡିବାରୁ ବିଶେଷ କ୍ଷତିର ଆଶଙ୍କା ନାହିଁ ।

କଦମରସୁଲ ଫାଣ୍ଡି ବାଙ୍କାବଜାରକୁ ଦୁଇଦିନ ହେଲା ଉଠିଗଲାଣି । ଯେଉଁ ସ୍ଥାନରେ ଫାଣ୍ଡି ଥିଲା ସେଠାରେ ଶାଖା ଦାତବ୍ୟ ଚିକିତ୍ସାଳୟ ନିର୍ମାଣ ହେବ ଓ ଶୀଘ୍ର ଇହାର କାର୍ଯ୍ୟାରମ୍ଭ ହେବାର ବନ୍ଦୋବସ୍ତ ହୋଇଅଛି ।

ଗଞ୍ଜାମଜିଲା ଅଧିନ ଚିକିଟି ରାଜ୍ୟରେ ଗୋଟିଏ ଅଭିନବ ପ୍ରକାର ହତ୍ୟା ମୋକଦ୍ଦମା ହୋଇଅଛି । ଓ ହତ୍ୟାରକୁ ଧରିବା ଉଦ୍ଦେଶରେ ଭାରି ଧୂମଧାମରେ ମୋକଦ୍ଦମାର ତଦନ୍ତ ହେଉଅଛି । ଏପର୍ଯ୍ୟନ୍ତ କିଛି ନିଷ୍ପତ୍ତି ହୋଇ ନାହିଁ ଆମ୍ଭମାନଙ୍କ ନିକଟକୁ ଏକବ୍ୟକ୍ତି ଏ ସମ୍ପର୍କରେ ଅନେକକଥା ଲେଖିଅଛନ୍ତି ମାତ୍ର ତାହାଙ୍କ ସହିତ ପରିଚୟ ନ ଥିବାରୁ ସେ ସବୁ ପ୍ରକାଶ କରିବାରୁ କ୍ଷାନ୍ତ ହେଲୁଁ ।

ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଆମ୍ଭମାନଙ୍କ ଲେଫ୍ଟନାଣ୍ଟ ଗବର୍ଣ୍ଣର କଲିକତାକୁ ପ୍ରତ୍ୟାଗମନ କରିଅଛନ୍ତି ଓ ଗତ କାଲି ତାହାଙ୍କ କୋଠିଠାରେ ଏକସଭା ହୋଇ ତହିଁରେ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ବାଲେଶ୍ୱରର ବାବୁ ଶ୍ୟାମାନନ୍ଦ ଦେଙ୍କୁ ରାୟବାହାଦୁର ପଦ ସମ୍ପର୍କୀୟ ଖିଲାତ ପ୍ରଦାନ ହୋଇଥିବ ।

ଡେଲିନିଉସ ଶୁଣିଅଛନ୍ତି ଯେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଆଗାମୀ ଅକ୍ଟୋବର ମାସରେ ସିମଲାରୁ ବାହାରିବେ ଓ ନବେମ୍ବର ମାସ ତା ୧ ରିଖ ପୂର୍ବରୁ ତାହାଙ୍କ ସଙ୍ଗେ ଯାଉଥିବା ସବୁ ଅଫିସ କଲିକତାରେ ଖୋଲମତ ବସିଥିବ । ସ୍ୱକର୍ତ୍ତୃଙ୍କ ଶୁଭାଗମନ ସମ୍ପର୍କୀୟ ବନ୍ଦୋବସ୍ତ ସବୁ କରିବା ସକାଶେ କର୍ତ୍ତୃ ଶୀଘ୍ର କଲିକତାକୁ ଫେରି ଆସିବାର ଆବଶ୍ୟକ ହୋଇଅଛି ।

ହିନ୍ଦୁସ୍ତ୍ରୀ ବିଧବା ଆପଣା ସ୍ୱାମୀର ସମ୍ପତ୍ତିରେ ଅଧିକାର ପାଇବା ବିରୁଦ୍ଧରେ ବିଲାତରେ ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ଯେଉଁ ଅପିଲ ହୋଇଅଛି ତହିଁରେ ରସପାଉଣ୍ଡର ଖର୍ଚ୍ଚା ଅମାନତ ସକାଶେ ଟ ୩୦୦୦ଙ୍କା ବିଲାତକୁ ପ୍ରେରିତ ହୋଇଅଛି ଓ ଅପିଲାଣ୍ଟ ପକ୍ଷର ଖର୍ଚ୍ଚା ସକାଶେ ପ୍ରୟୋଜନୀୟ ଟଙ୍କା ସଂଗୃହୀତ ହେଉଅଛି ସୁଖର ବିଷୟ ଅଟଇ ।

ଇଣ୍ଡିଆନମିରର ଶୁଣିଅଛନ୍ତି ଯେ ଦିଘାପତିର ରାଜା ପ୍ରମଥନାଥ ବାହାଦୁର ରାଜସାହି କଲେଜ ସକାଶେ ଦେଢଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏହିପ୍ରକାର ଦାନକୁ ପ୍ରକୃତ ଦାନ ବୋଲିଯାଏ ।

ହିନ୍ଦୁପେଟ୍ରିଅଟରେ ମଧ୍ୟଆସିଆ ସମ୍ପର୍କରେ ଯେ ସମ୍ବାଦ ପ୍ରକାଶିତ ହୋଇଅଛି ତହିଁରୁ ଦେଖାଯାଏ ଯେ କାବୁଲର ଅମିର ରୁସିଆ ବିରୁଦ୍ଧରେ ଯୁଦ୍ଧ କରିବାର ଉପକ୍ରମ କରୁଅଛନ୍ତି । ଅମିର ଆପଣା ସର୍ଦ୍ଦାରମାନଙ୍କୁ ଡକାଇ ସଭାରେ କହିଅଛନ୍ତି କି ସେମାନେ ତାହାଙ୍କ ସହିତ ଯୋଗ ନ ଦେଲେ ସେ ଅନ୍ୟ କୌଣସି ପ୍ରକାର ସାହାଯ୍ୟ ନେବେ ।

ରେଲୱେ କମ୍ପାନୀ ଗାର୍ଡରକ୍ଷକ କର୍ମରେ ଇଂରାଜଙ୍କ ପରିବର୍ତ୍ତରେ ଦେଶୀୟ କର୍ମଚାରୀ ନିଯୁକ୍ତ କରିଥିଲେ ତହିଁରେ ଇଂରାଜ ସମ୍ପ୍ରଦାୟଙ୍କ ପକ୍ଷରୁ ଆପତ୍ତି ହେବାରୁ ସମ୍ପ୍ରତି ନିୟମ ହୋଇଅଛି ଯେ ଦେଶୀୟ ରକ୍ଷକଙ୍କ ସଂଖ୍ୟା କ ୫୦ ଶରୁ ଅଧିକ ହେବ ନାହିଁ ।

ଯେ ସମସ୍ତ ଅତିରିକ୍ତ କର୍ମଚାରୀଙ୍କର ବେତନ ବୃଦ୍ଧିହେବାର ନିୟମ ଅଛି ତାହାଙ୍କ ପ୍ରତି ଗବର୍ଣ୍ଣମେଣ୍ଟ ବିଧାନ କରିଅଛନ୍ତି ଯେ ଉତ୍ତମରୂପେ କାର୍ଯ୍ୟ ନିର୍ବାହ କରିବା ସକାଶେ ସମୟ ସମୟରେ ବେତନ ବୃଦ୍ଧିକରିବାର ନିୟମ ହୋଇଅଛି ସତ୍ୟ କିନ୍ତୁ ଯେଉଁ କର୍ମଚାରୀର ସଦାଚରଣ ପ୍ରକାଶ ହେବ ତାହାକୁ ବେତନ ବୃଦ୍ଧି ଦେବା ନ ଦେବା ସମ୍ପୂର୍ଣ୍ଣରୂପେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ଇଚ୍ଛାଧୀନ ଅଟଇ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ବାବୁ ମାଧବଗୁପ୍ତ କଟକରେ ସାପ୍ତାହିକ ଗବର୍ଣ୍ଣମେଣ୍ଟ ଗେଜେଟ ବାହାର କରିବାକୁ କଳ୍ପନା କରୁଅଛନ୍ତି ବଡ ୨ ଗୃହସ୍ଥ କରୁଛନ୍ତି ଏପ୍ରକାର ଗଜେଟ ଛପା ଉତ୍ତମ ଅଟଇ ।

ଏହି ଉତ୍କଳଦୀପିକା ସହରକଟକ ଦର- ସାବଜାର କ [illegible] ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

ବିଜ୍ଞାପନ ।

ଆମ୍ଭେ ଓଡ଼ିଆ ସ୍କୁଲମାନଙ୍କରେ ପାଠ୍ୟପୁସ୍ତକ ନିର୍ବାଚନ କରୁଅଛୁଁ । ଯେବେ ଗ୍ରନ୍ଥକର୍ତ୍ତାମାନେ ସେମାନଙ୍କ ପୁସ୍ତକ ଆମ୍ଭକୁ ଦେଖାନ୍ତି ଏବଂ ତାହାସ୍ୱାର କେଉଁ ଠାରେ କେତେ ମୂଲ୍ୟରେ ସେ ପୁସ୍ତକ ବିକ୍ରୀ ହୁଏ ଓ ବିକ୍ରୀ ହେବା କାରଣ ଯଥେଷ୍ଟ ପୁସ୍ତକ ଅଛି କି ନାହିଁ ଏକଥା ଜଣାନ୍ତି ତେବେ ଆମ୍ଭେ ତାହାଙ୍କ ବାଧିତ ହେବୁଁ ।

କଟକ
ତା ୨୨ ରଖ ଜୁଲାଇ
୧୮୭୫

NANDA KISHORE DAS
*Joint Inspector of Schools*
Orissa.

ସ୍କୁଲରେ ବ୍ୟବହାର ନିମନ୍ତେ କେତେକ ପାଠ୍ୟପୁସ୍ତକ ରଚନା ଓ ପ୍ରକାଶ କରିବା କାରଣ ନିମ୍ନଲିଖିତ ପୁରସ୍କାରମାନ ଦିଆଯିବ ।

| ପୁସ୍ତକର ନାମ | ପୁରସ୍କାର |
|---|---|
| (୧) ଓଡ଼ିଶାର ଇତିହାସ ଓ ଭୂଗୋଳ (ଲେଥବ୍ରିଜ ସାହେବଙ୍କ ବଙ୍ଗଳାର ଇତିହାସ ଓ ଭୂଗୋଳ ଆଦର୍ଶରେ) .. .. .. .. | ଟ ୩୦୦୲ |
| (୨) ପାଠଶାଳାର ପାଠ୍ୟପୁସ୍ତକ .. .. .. .. .. .. | ଟ ୨୦୦୲ |

୧ମଭାଗ, ୧ମବର୍ଷ ନିମନ୍ତେ—ବର୍ଣ୍ଣପରିଚୟ, ବନାନ, ସରଳପାଠ, ସଙ୍କଳନ, ବ୍ୟବକଳନ, ଗୁଣନ ଓ ହରଣ ।

୨ୟଭାଗ, ୨ୟବର୍ଷ ନିମନ୍ତେ—ସରଳପାଠ ଓଜନମାପ ଇତ୍ୟାଦିର ପରିମାଣ, ମିଶ୍ରସଙ୍କଳନ, ବ୍ୟବକଳନ, ଗୁଣନ ଓ ହରଣ ।

୩ୟଭାଗ, ୩ୟବର୍ଷ ନିମନ୍ତେ—ପାଠ୍ୟପ୍ରବନ୍ଧ; ଜମିଦାରୀ ଓ ବଜାରହିସାବ ଏବଂ ପଟ୍ଟା କବୁଲିୟତି ଓ ସାଧାରଣ ପ୍ରଚଳିତ ଦଲିଲ ଦସ୍ତାବିଜ ଲେଖିବାର ଧାରା ।

୪ର୍ଥଭାଗ, ୪ର୍ଥବର୍ଷ ନିମନ୍ତେ—ପାଠ୍ୟପ୍ରବନ୍ଧ, ଭୂମିତିକ ଓ ସରଳଭଗ୍ନାଂଶ ।

| | |
|---|---|
| (୩) ଉତ୍କୃଷ୍ଟ ଭାଷାବ୍ୟାକରଣ .. .. .. .. .. .. | ଟ ୧୦୦୲ |
| (୪) ଅର୍ଥବ୍ୟବହାର (ହେନ୍ଥଲି ସାହେବଙ୍କକୃତ ଅର୍ଥବ୍ୟବହାର ଆଦର୍ଶରେ) .. | ଟ ୭୫୲ |
| (୫) ମାନସାଙ୍କ .. .. .. .. .. .. | ଟ ୧୦୦୲ |
| (୬) ପଦାର୍ଥତତ୍ତ୍ୱ .. .. .. .. .. .. | ଟ ୧୦୦୲ |

ପୁସ୍ତକ ରଚନାସମ୍ବନ୍ଧରେ ସବିଶେଷ ବୃତ୍ତାନ୍ତ କଟକ ଜଏଣ୍ଟଇନସ୍ପେକ୍ଟରଙ୍କଠାରେ ତତ୍ତ୍ୱ କଲେ ଜଣାଯିବ

ସର୍ତ୍ତ ।

୧ ନମ୍ବର ପୁସ୍ତକ—୧୮୭୬ ସାଲ ଫେବ୍ରୁଏରୀମାସ ତା ୨୮ ରଖେ କମ୍ପା ଉର୍ଦ୍ଧ୍ୱକ କମିଶ୍ନର ସାହେବଙ୍କ ମଞ୍ଜୁରୀ କାରଣ ଦିଆଯିବ ।

୨ " " —୧୮୭୫ ସାଲ ଡିସେମ୍ବର ମାସ ତା ୩୧ ରଖେ " "

୩ " " —୧୮୭୫ ସାଲ ନଭେମ୍ବରମାସ ତା ୩୦ ରଖେ " "

୪, ୫ ଓ ୬ " —୧୮୭୫ ସାଲ ଅକ୍ଟୋବରମାସ ତା ୩୧ ରଖେ " "

ଯାହାର ଯେଉଁ ପୁସ୍ତକ କମିଶନର ସାହେବଙ୍କଦ୍ୱାରା ମନୋନୀତ ହେବ ଓ ସେ ବିଷୟର ଅନ୍ୟସବୁ ପୁସ୍ତକଠାରୁ ଉତ୍କୃଷ୍ଟ ହେବ ତାଙ୍କୁ ପୁରସ୍କାର ଦିଆଯିବ ।

ଭାଷା ସରଳ ନ ହେଲେ ପୁସ୍ତକ ଗ୍ରାହ୍ୟ ହେବ ନାହିଁ ।

ପୁସ୍ତକ ମଞ୍ଜୁର ହେଲାରୁ, ଗ୍ରନ୍ଥକାର ଯେବେ ପୁସ୍ତକର ସ୍ୱତ୍ତ୍ୱ ଏକାବେଳକେ ଗବର୍ଣ୍ଣମେଣ୍ଟକୁ ଦିଅନ୍ତି ଅଥବା କମିଶନର ସାହେବ ଯେଉଁ ସମୟ ନିର୍ଦ୍ଦିଷ୍ଟ କରନ୍ତି ସେହି ସମୟରେ ଛପାଇ ଯେତେ ମୂଲ୍ୟରେ ବିକ୍ରୀ କରିବାକୁ ସାହେବ ମନୋନୀତ କରନ୍ତି ସେ ମୂଲ୍ୟରେ ବିକ୍ରୀ କରିବାକୁ ସମ୍ମତ ହୁଅନ୍ତି ତାହା ହେଲେ ସେ ପୁରସ୍କାର ପାଇବେ ।

ପୁସ୍ତକ ସ୍ୱୟଂ ଛାପିଲେ କେତେ ମୂଲ୍ୟରେ ବିକ୍ରୀ କରିବେ ଏକଥା ମଧ୍ୟ ଲେଖି ପଠାଇବେ ।

କଟକ
ତା ୨୩ ରଖ ଜୁଲାଇ
୧୮୭୫

NANDA KISHORE DAS
*Joint Inspector of Schools*
Orissa.

ନ ୪୧ ମ୍ବର ଉର୍ଦ୍ଦିଜାରୀ ସନ ୧୮୭୫ ମସିହା କ ଯଦ୍ଧିଁରେ ରାମଫଳ ଭଗତ ଓ ସାଲେଗ୍ରାମ ଭଗତ ବାଦୀ ଗୋଲକଚନ୍ଦ୍ର ବୋଷ ଓ ଗୋପାଳଚନ୍ଦ୍ର ବୋଷ ପ୍ରତିବାଦୀ ଅଛନ୍ତି ଉକ୍ତ ମକଦ୍ଦମାରେ ତଳଲିଖିତ ଦ୍ରବ୍ୟମାନ ସନ ୧୮୭୫ ମସିହା ଅଗଷ୍ଟମାସ ତା ୧୭ ରଖେ ବାଦୀମାନଙ୍କର ପାଉଣା ଟ ୨୧୨୧୫/୨ ଏବାରେ କଟକଜିଲାର ଶ୍ରୀଯୁତ ଜଜ ସାହେବଙ୍କ ମହକୁମାରେ ନିଲାମ ହେବ ।

୧ । ପ୍ର । ତହ ଅରଖପୁର ତଉଜି ନ ୧୯୭୧ ମ୍ବର । ତା । ପଦ୍ମନାଭପୁର ଜମିଦାରୀର ସଦରଜମା ଟ ୩୬୧୬/୪ କ ତହିଁର ରପୋର୍ଟ ଗୋଲକଚନ୍ଦ୍ର ବୋଷ ଅସାଲତନ ମହାଜିନ ଗୋପାଳଚନ୍ଦ୍ର ବୋଷ ଗଇ ନାବାଲଗ ଓ ଢାକୁମଣୀ ଦାସୀ ନାବାଲଗ ସ୍ତ୍ରୀ ଆନନ୍ଦ ଚନ୍ଦ୍ର ବୋଷ ମୁତୋଫା ନାମରେ କଟକକଲ୍ଲ । କ । ମଧ୍ୟମଭାଗ କଲଟେରୀ ସିରସ୍ତାରେ ଲେଖା ଯାଉଅଛି ଉକ୍ତ ସମ୍ପତ୍ତି ପ୍ରକାଶରେ ନିଲାମ ହେବ ।

୨ ନ ୧୭ ମ୍ବର ତଉଜି । କ । ବହଣପୁର ଜମିଦାରୀର ସଦରଜମା ଟ ୩୭୩୫/୨ କ ତହିଁର ରପୋର୍ଟ ଗୋଲକଚନ୍ଦ୍ର ବୋଷ ନାମରେ କଟକକଲ୍ଲା । କ । ମଧ୍ୟମଭାଗ କଲଟେରୀ ସିରସ୍ତାରେ ଲେଖା ଯାଉଅଛି ଏ ସମ୍ପତ୍ତି ଜାହାଜ ଉକ୍ତ ସମ୍ପତ୍ତି ପ୍ରକାଶରେ ନିଲାମ ହେବ ।

ନେତ୍ରାନନ୍ଦ ଦାସ ମୁକ୍ତାର । ମ୍ଯା । ରାମଫଳ ଭଗତ ଓ ସାଲେଗ୍ରାମ ଭଗତ ବାଦୀ । ସା । ତେଲେଙ୍ଗାବଜାର କଟକ ।

☞ ମୂଲପତ୍ର ଦେଖ ।

Digitized by srujanika@gmail.com
Split by PDF Splitter

Split by PDF Splitter




# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା୧୦ଗ
ସଂ୩୪ଖ୍ୟା

ତା୨୨ରିଖ ଅଗଷ୍ଟ ସନ ୧୮୭୯ ମସିହା । ମୁ । ଶ୍ରାବଣ ୧୦ଅଙ୍କ ସନ ୱ୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୫
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୬
ମଫସଲ ପାଇଁ ଡାକମାସୁଲ ୧୧୦


ମୃତ ବାବୁ ବିଚିତ୍ରାନନ୍ଦଦାସ ।

ଯାହାଙ୍କର ଅସାଧାରଣ ବିଚକ୍ଷଣତା, ଅସୀମ ସାହସ ଓ ଅବିଶ୍ରାନ୍ତ ଜନହିତାକାଂକ୍ଷାର ଅସଂ[illegible] ପରିଚୟ ପାଇ ଓଡ଼ିଶାବାସିମାନେ ଅନବରତ ପ୍ରଶଂସା କରୁଥିଲେ ଓ ସକଳ ବିଷୟରେ ଯାହାଙ୍କ ପ୍ରଶଂସା କରିବାକୁ ଆଗ୍ରହପୂର୍ବକ ଆସୁ ପରାମର୍ଶ ଗ୍ରହଣ କରୁଥିଲେ । ଯାହାଙ୍କର ଥିଲେ ଓ ସନ୍ତୁଷ୍ଟି ସହର ଗୋଟିଏ ଫଳ [illegible] ପ୍ରକାର ଗୁଣସମ୍ପନ୍ନ ହୋଇଲେ ଅସ୍ୱରୂପ ଏପରିକାର ଅସ୍ତିତ୍ୱସ୍ୱତ୍ୱ [illegible] ତାହା ଭିନ୍ନ ହେବ ନାହିଁ ଅଦ୍ୟ ଆମ୍ଭେମାନେ [illegible] ଙ୍କର ଶୋକାବହ ମୃତ୍ୟୁ ସମାଚାର ପାଠକମାନ ଙ୍କୁ ଜଣାଇବାକୁ ଲେଖନ ଧାରଣ କରୁଅଛୁଁ । ଏହାଠାରୁ ଅଧିକ ଅମ୍ଭମାନଙ୍କର ଦୁର୍ଭାଗ୍ୟର ବିଷୟ [illegible] କ ହୋଇପାରେ ! ବାବୁ ବିଚିତ୍ରାନନ୍ଦଦାସ [illegible] କାଳେ ଇହ ଲୋକରୁ ଗମନ କରିବେ [illegible] ଆମ୍ଭେମାନେ ଏ କଥା ସର୍ବସାଧାରଣଙ୍କୁ ଜଣା ଇବୁଁ ଏହା ସ୍ୱପ୍ନର ଅଗୋଚର ଥିଲା । ମାତ୍ର ଦୈବ ଇଚ୍ଛା ଉପରେ ବଳ କାହାର ! ନଗର ଯାକ ହାହାକାରରେ ପୂର୍ଣ୍ଣ ହୋଇଅଛି ସମସ୍ତ ଶ୍ରେଣୀର ଲୋକ ଗୁଣ କୀର୍ତ୍ତନ କରି ଅଶ୍ରୁ ତ୍ୟାଗ କରୁଅଛନ୍ତି ଆଶ୍ରିତ ଲୋକମାନେ ଅକୂଳ ଶୋକ ସାଗରରେ ମୃତପ୍ରାୟ ହୋଇ[illegible]ଛନ୍ତି ବନ୍ଧୁବାନ୍ଧବମାନେ ତାଙ୍କ ବିରହ ଯା[illegible]ାରେ ବ୍ୟାକୁଳ ହୋଇଅଛନ୍ତି ଓ ସାଧାରଣ [illegible]ହିତାକାଂକ୍ଷିମାନେ ପ୍ରଧାନ ସଖା ଓ ଉପଦେଷ୍ଟା [illegible]ାଇନେ ସନ୍ତାପିତ ହେଉଅଛନ୍ତି । ହେଲେ [illegible]ବ ? ବିଚିତ୍ରା-

ନନ୍ଦବାବୁ ଆଉ କାହାନ୍ତି ! ଯେଉଁ ସ୍ଥାନକୁ ଯିବା ପାଇଁ ଧାର୍ମିକ ଲୋକେ ନିୟତ ପ୍ରସ୍ତୁତ ହେଉଥାନ୍ତି ଯୋଗିମାନେ ସଂସାରର ସୁଖ ସଂଭୋଗକୁ ବିସର୍ଜନ ଦେଇ ନାନା ପ୍ରକାର ଶାରୀରିକ ପୀଡ଼ା ଭୋଗ କରନ୍ତି ଓ ଯେଉଁଠାରୁ କେହି ଆଉ ଫେରି ଆସଇ ନାହିଁ ବାବୁ ଗତ ସୋମବାର ରାତ୍ରି ଦୁଇ ପ୍ରହର ସମୟରେ ସେହି ଦିବ୍ୟ ସ୍ଥାନକୁ ଗମନ କରିଅଛନ୍ତି ! ଅନେକ ତପସ୍ୟା ବଳରେ ହତଭାଗିନୀ ଓଡ଼ିଶା ଏପରି ପୁତ୍ର ଗୋଟିଏ ଲାଭ କରିଥିଲା ସମ୍ପ୍ରତି ପରମେଶ୍ୱର ତାହାଙ୍କୁ ଆପଣା ନିକଟକୁ ଘେନି ଯିବାରେ ଓଡ଼ିଶା ଅନ୍ଧକାର ହେଲା ଆଉ କେହି ସେପରି ନାହିଁ ଯେ ତାହାକୁ ଦେଖି ଏ ଦାରୁଣ ଶୋକ ସନ୍ତାପର କିଛିମାତ୍ର ଉପଶମ ହେବ । ଈଶ୍ୱର ଯାହା କରନ୍ତି ତାହା ମଙ୍ଗଳ ସକାଶେ ଅଟଇ ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଓ ତାହା ହେଲେ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ଓଡ଼ିଶା କପାଳରେ ମଙ୍ଗଳ ନାହିଁ ତାହା ନ ହେଲେ ଯାହାଙ୍କଦ୍ୱାରା ଅନେକ ମଙ୍ଗଳ ସାଧନ ହୋଇଥିଲା [illegible] ଓ ହେବାର [illegible] [illegible] ତାହାଙ୍କୁ [illegible] ବିଧାତା ଏତେ ଚଞ୍ଚଳ ଓ ଅ[illegible]ରୂପେ ଆମ୍ଭମାନଙ୍କ ମଧ୍ୟରୁ ହରି ନଥାନ୍ତେ ! ଭବିଷ୍ୟତକୁ ଯାହା ହେଉ ବର୍ତ୍ତମାନ କିଛିକାଳ ସକାଶେ ଯେ ଓଡ଼ିଶାର ଦୁର୍ଦ୍ଦଶା ଏହିପରି ରହିଲା ଏଥିରେ କିଛି ସନ୍ଦେହ ନାହିଁ ।

ଯେଉଁ ରୋଗରୁ ଏ ଶୋକପୂର୍ଣ୍ଣ ଘଟନା ସଂଘଟିତ ହେଲା ତାହା ସାଂଘାତିକ ହେଲେହେଁ ସେପରି ଆକାରରେ ବାବୁଙ୍କ ଶରୀରରେ ଜାତ ହୋଇ ନ ଥିଲା; ତିନି ଚାରିମାସ ପୂର୍ବରୁ ତହିଁର ଉଦୟ ହୋଇଥିଲେ ମଧ୍ୟ ତହିଁର ବଳ ଅତ୍ୟନ୍ତ ଊଣା ଥିବାରୁ ବାବୁ ତାହାକୁ ଗ୍ରାହ୍ୟ କରି ନ ଥିଲେ । ରୋଗଟି ବହୁମୂତ୍ର ଅଟଇ ଓ ମୃତ୍ୟୁ ହେବାର ଆଠ ଦଶଦିନ ପୂର୍ବେ ସେ ଆପଣା ଶରୀର ଦିନକୁଦିନ ଦୁର୍ବଳ ହେବାର ଦେଖି ଓ ପୂର୍ବ ଚିକିତ୍ସାରେ କୌଣସି ଫଳ ନ ହେବାର ଜାଣି ଡାକ୍ତରି ଚିକିତ୍ସା ପକ୍ଷରେ ମତ ବଳାଇଲେ ମାତ୍ର ତାହାପୂର୍ବ ଶିଥିଳରୂପେ କରିବାରୁ ଶେଷଦିନ ଅର୍ଥାତ୍ ମୃତ୍ୟୁ ଦିବସ ସକାଳୁଁ ସନ୍ନିପାତ ଉଦୟହୋଇ ତାଙ୍କୁ ନିତାନ୍ତ ଅବଶ କରି ପକାଇଲା ତହିଁ ଉତ୍ତାରୁ ଯେ ଚିକିତ୍ସା ହେଲା ତାହା କିଛି କର୍ମରେ ଆସିଲା ନାହିଁ ସୁତରାଂ ଦିନ ଦୁଇ ପ୍ରହର ଉତ୍ତାରୁ ବାକ୍ ରୋଧ ଓ [illegible] ହୋଇ ପଡ଼ିଲେ ପରଶେଷ[illegible] [illegible] ଙ୍କର ଇଚ୍ଛା ଥିଲା ତାହ[illegible]

ବାବୁ ବିଚିତ୍ରାନ[illegible]

[illegible] ହାରେ ଯାଜପୁର ଅନ୍ତ[illegible] [illegible]ଣ୍ୟାବର୍ତ୍ତି ଗ୍ରାମରେ ଜନ୍ମ ଗ୍ରହଣ କରିଥି[illegible] ଏହାଙ୍କର ପିତାଙ୍କ ନାମ ବାବୁ ତ୍ରିଲୋଚନଦାସ । ତାହାଙ୍କର ଶୃଙ୍ଗଳବର୍ଷ ବୟଃକ୍ରମ ସମୟରେ ଏହି ଏକ ମାତ୍ର ପୁତ୍ର ହେବାରୁ ଅତ୍ୟନ୍ତ ସ୍ନେହରପାତ୍ର ହୋଇ ଥିଲେ । ଯେଉଁ ବଂଶରେ ଏହାଙ୍କର ଜନ୍ମ ସେ ବଂଶର ଲୋକମାନେ ମରହଟ୍ଟା ଅମଳଠାରୁ

Digitized by srujanika@gmail.com

Split by PDF Splitter



ଅବଧି ସରକାର ଉଚ୍ଚକର୍ମମାନଙ୍କରେ ଆଇ ଖ୍ୟାତିବନ୍ତ ହୋଇଅଛନ୍ତି । ଏପରି ବଂଶରେ ଜାତ ହେବାରୁ ଓ ତାହାଙ୍କର ମୁରବିପକ୍ଷମାନେ କଟକ ପୁରୀ ବାଲେଶ୍ୱର ସବୁ ନଗରରେ ଉଚ୍ଚ କର୍ମରେ ଥିବାରୁ କୌଣସିଠାରେ ତାହାଙ୍କର ଆଦରର ଊଣା ନ ଥିଲା । ତାହାଙ୍କ ପିତାଙ୍କର ଅଠରନଳା ଘାଟରେ ଚାକିରୀ ଥିଲା । ପ୍ରଥମେ ସେହିଠାରେ ବିଦ୍ୟାଶିକ୍ଷା କରନ୍ତି ମାତ୍ର ପିଲାକାଳରେ ତାହାଙ୍କର ସ୍ୱଭାବ ଅତିଶୟ ଚଞ୍ଚଳ ଓ ଉଗ୍ର ଥିବାରୁ ପିତାଙ୍କ ନିକଟରେ ଅଧୀନ ହୋଇ ନ ରହି କେତେବେଳେ ବାଲେଶ୍ୱର କେତେବେଳେ କଟକକୁ ପଳାଉ ଥିଲେ କିନ୍ତୁ ତୀକ୍ଷ୍ଣବୁଦ୍ଧିର ପରିଚୟ ପ୍ରଥମରୁ ଦେଖାଇଥିଲେ କାରଣ ଯେଉଁଠାକୁ ଯାନ୍ତି ସେଠାରେ ମୁରବିମାନେ ତାହାଙ୍କୁ ପଢାନ୍ତି ଓ ଯାହା ପଢନ୍ତି ତାହା ଅଳ୍ପାୟାସରେ ମନେ ରଖନ୍ତି ଏହିପରି କେତେବର୍ଷ ଉତ୍ତାରୁ କଟକକୁ ଆସି ବାବୁ ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାରଣରେ ଇଂରାଜୀସ୍କୁଲରେ ଅଧ୍ୟୟନ କଲେ ଓ କିଛିଦିନ ଉତ୍ତାରୁ ମୁରବିଙ୍କ କଥା ନ ମାନି ସ୍କୁଲ ଛାଡି ଲୁଣଗୋଲାଇ କମ୍ପାନୀ କର୍ମ କଲେ ତେତେ-ବେଳେ ଏହାଙ୍କ ବୟସ ବ ୧୪ ର୍ଷ ମାତ୍ର ଥିଲା ଅତଏବ ବାଲ୍ୟକାଳରୁ ଦୂରଦର୍ଶୀତା ଓ ସ୍ୱାଧୀନ ଭାବନା ଏହାଙ୍କ ମନରେ ଉଦୟ ହୋଇଥିଲା । କୌଣସି କାରଣରୁ ତାହା ଛାଡି ଦେଇ କଟକର ଫଉଜଦାରୀ କଚେରୀରେ ଲେଖାପଢି କରି ବ ୧୭ ର୍ଷ ସମୟରେ ଟ ୧୮ ଙ୍କା ବେତନର ମୋହରରିକର୍ମରେ ନିଯୁକ୍ତ ହେଲେ । ଏହି କର୍ମରେ ସେ ଆପଣା ସ୍ୱାଭାବିକ ତୀକ୍ଷ୍ଣବୁଦ୍ଧି ଓ ଅସୀମ କାର୍ଯ୍ୟକ୍ଷମତା ପ୍ରଦର୍ଶିତ କଲେ । ସନ ୧୮୬୦ ମସିହା ପର୍ଯ୍ୟନ୍ତ ଏ କାର୍ଯ୍ୟରେ ରହିଲେ ଓ ଯେତେ ହାକିମଙ୍କ ଅଧୀନରେ କର୍ମ ... ସମସ୍ତେ ଏହାଙ୍କ ଅସାଧାରଣ ଗୁଣ ଦେଖି ... ର । ... କାଳ ମଧ୍ୟରେ ଏହାଙ୍କ ... ଗଲା । ପ୍ରଚଳିତ ଆଇନ ... ଯ ଅବଗତ ହେ ... କେତେ ... ଙ୍କର ପରାମର୍ଶ ନେଉଥିଲେ । ଏଥିଉତ୍ତାରେ ... ଜିଲାରେ ସିରସ୍ତାଦାରିକର୍ମ ଖାଲି ହେବାରୁ ଶ୍ରୀଯୁକ୍ତ ଟ୍ରେବର ସାହେବ ଏହାଙ୍କୁ ଫଉଜଦାରୀରୁ ଆଣି ସେ କର୍ମରେ ନିଯୁକ୍ତ କଲେ ଏ କର୍ମରେ ଯେପରି ଯଶୋଲାଭ କରି ଅଛନ୍ତି ତାହା ସର୍ବତ୍ରରେ ପ୍ରକାଶ ଅଛି । ବର୍ତ୍ତ-ମାନର କମିଶନର ଶ୍ରୀଯୁକ୍ତ ରେଭନସା ସାହେବ ତାହାଙ୍କୁ ଆପଣାର ପ୍ରଧାନମନ୍ତ୍ରୀ ବୋଲି ଘେନିଥିଲେ ଓ ତାହାଙ୍କ ମୃତ୍ୟୁରେ ଦୁଃଖିତ ହୋଇ ଏକଦିନ କଚେରୀ ବନ୍ଦ କରି ତାହାଙ୍କର ଯଥେଷ୍ଟ ସମ୍ମାନ କରିଅଛନ୍ତି ।

ବିଚିତ୍ରାନନ୍ଦ ବାବୁ ଉପରଲିଖିତ ପ୍ରାୟ ଗୁଣ ବନ୍ତ ହୋଇ କେବଳ ସରକାରୀ କର୍ମରେ ପଟୁତା ଦେଖାଇଥିଲେ ଆମ୍ଭେମାନେ ତାହାଙ୍କ ଗୁଣ କୀର୍ତ୍ତନ କରିବାରେ ଏରୂପେ ପ୍ରବୃତ୍ତ ହୁଅନ୍ତୁ ନାହିଁ କିନ୍ତୁ ବାବୁ ସର୍ବସାଧାରଣଙ୍କର ହିତକାର୍ଯ୍ୟରେ ସର୍ବଦା ଚେଷ୍ଟିତ ଥିବା ଓ ଅନେକକାର୍ଯ୍ୟ ସାଧନ କରିଥିବାରୁ ଆମ୍ଭେମାନେ ତାହାଙ୍କପାଇଁ ଶୋକଚିହ୍ନ ଧାରଣ କରି ତାହା-ଙ୍କର ସଂକ୍ଷେପ ଜୀବନଚରିତ୍ର ଲେଖିବାକୁ କର୍ତ୍ତବ୍ୟ ଜ୍ଞାନ କରୁଅଛୁଁ । ଓଡିଶାରେ ଗତ ବ ୧୦।୧୨ ର୍ଷ ମଧ୍ୟରେ ଯାହା କିଛି ଉନ୍ନତି ହୋଇଅଛି ତହିଁର ଅଧିକାଂଶ ତାହାଙ୍କର କୀର୍ତ୍ତି ଅଟଇ । କଟକ ପ୍ରିଣ୍ଟିଂକମ୍ପାନୀ ଓ କାରେଜକମ୍ପାନୀର ଆଦିକର୍ତ୍ତା ସେହି ହେଉଅଛନ୍ତି । ସେ ପ୍ରଥମେ ଯତ୍ନ କଲେ ଏଣିକି ଓଡିଶାରେ ଏତେ ଯନ୍ତ୍ରାଳୟ ହେଲା କଟକନଗରରେ ଏତେ ଭଡାଗାଡିର ପ୍ରଚାର ହେଲା । ସଦାବର୍ତ୍ତ ସମ୍ପତ୍ତିର ଅନୁସନ୍ଧାନର ମୂଳ ମଧ୍ୟ ଏହି ମହାଶୟ । ଦୁର୍ଭିକ୍ଷରେ ଜାତ୍ୟନ୍ତର ହୋଇଥିବା ବ୍ୟକ୍ତିଙ୍କୁ ସ୍ୱଜାତି ସମ୍ମିଳନ କରିବାର ବ୍ୟବସ୍ଥା ଏହି ମହାଶୟ ସଂସ୍ଥାପିତ କରି ଅନେକ ଉପକାର ସାଧନ କରିଥିଲେ ଓ ଦୁର୍ଭିକ୍ଷସମୟରେ ଦୁଃଖିଙ୍କୁ ସାହାଯ୍ୟ କରିବାପାଇଁ ପ୍ରଥମେ ଏହି ମହାଶୟ ଚେଷ୍ଟା କରନ୍ତି । ଏପରି ଯେତେ ସର୍ବ ଓ ଯେତେ ହିତକର କାର୍ଯ୍ୟର ଅନୁଷ୍ଠାନ ହୋଇଅଛି ସବୁଥିରେ ଏହାଙ୍କର ଯତ୍ନ ଓ ଶ୍ରମ ବିଶେଷରୂପେ ଲକ୍ଷିତ ହୋଇଅଛି । ଏହାଙ୍କଠାରେ ସମସ୍ତଶ୍ରେଣୀର ଲୋକ ସନ୍ତୁଷ୍ଟ ଥିବାରୁ ସମସ୍ତଙ୍କ ଐକ୍ୟତା ବିଷୟରେ ଏ ମହାଶୟ ମଧ୍ୟସ୍ଥ ଥିଲେ ପୁରୀର ବର୍ତ୍ତମାନ ରାଜାଙ୍କୁ ଅନେକ ସଦୁପଦେଶ ଦେଇଅଛନ୍ତି । ଜଗନ୍ନାଥବଲ୍ଲଭ ମଠର ପ୍ରଥ... ମେମ୍ବର ହୋଇ ଅନେକକାର୍ଯ୍ୟ କରିଅଛନ୍ତି ଉତ୍କଳ ଛାପାପତ୍ରିକା ଏହାଙ୍କ ଯତ୍ନ ଓ ପରିଶ୍ର... ... ବିଜ୍ଞାନ ପୁସ୍ତକ ବାହାର... ... ହୋଇଅଛି । ... ବିଦ୍ୟା ଓ ଭାବନାଶକ୍ତିର ... ପରିଚୟ ଦେଇଅଛନ୍ତି ଓ କରଣମାନଙ୍କର ... ଉତ୍ପତ୍ତି ବିଷୟରେ ଖଣ୍ଡେ ପୁସ୍ତକ ମଧ୍ୟ ଲେଖି ରଖି ଯାଇଅଛନ୍ତି ଫଳତଃ ଓଡିଶା ଏପରି ରତ୍ନ ଆଉ ଗୋଟିଏ ଜାତ କରି ନାହିଁ । ସେ ଆପଣା ବିଶ୍ୱାସମତେ ଧାର୍ମିକ ଥିଲେ ଅଥଚ କୁସଂସ୍କାର ଦାସ ନ ଥିଲେ । ତାହାଙ୍କର ଆତ୍ମ ନିର୍ଭରତା ଅତ୍ୟନ୍ତ ଥିଲା । ସ୍ୱଦେଶାନୁରାଗ ଦେଶର ଉନ୍ନତି ସାଧନ ପରୋପକାର ନିର୍ଲୋଭିତା କୁପଥ ଦମନ ପ୍ରଭୃତି ତାହାଙ୍କର ଜୀବିକା ଥିଲା ଓ ଯଦ୍ୟପି ମୃତ୍ୟୁ ସମୟରେ କିଛି ଦେଣା ରଖି ଯାଇଅଛନ୍ତି ତାହା ଆପଣା ସକାଶେ କରି ନାହାନ୍ତି ପରଦୁଃଖରେ କାତର ହୋଇ ତାହାଙ୍କ ସାହାଯ୍ୟ ନିମିତ୍ତ ସେପରି କରିଥିଲେ । ଏହି ହେତୁରୁ ତାହାଙ୍କ ହାତରେ ଧନ ରହି ନାହିଁ କାରଣ ଧନ ଥିଲା ସମୟରେ ସେ କାହାର ଦୁଃଖ ସହି ନ ପାରି ଅକାତରରେ ଦାନ କରୁ-ଥିଲେ । ଦୋଷ ଛଡା ମନୁଷ୍ୟ ନାହିଁ ଏହାଙ୍କର ଯେକିଛି ସାମାନ୍ୟ ଦୋଷ ଥିଲା ତାହା ଅଗାଧ-ଗୁଣସାଗରରେ ଏମନ୍ତ ବୁଡି ରହିଥିଲା ଯେ ତାହା ଦେଖିବାର ସୁଯୋଗ ନ ଥିଲା । ଆମ୍ଭ-ମାନଙ୍କର ବ ଦୁର୍ଭାଗ୍ୟ ଯେ ଏପରି ରତ୍ନକୁ ହରାଇ ବସିଅଛୁଁ ।

---

ଗତ ବୁଧବାର ନାଜର ପ୍ରଦ୍ୟୁମ୍ନଙ୍କ ଦୋଗ- ମୋକଦ୍ଦମାରେ ଜଜସାହେବ ହୁକୁମ ପ୍ରଚା... କଲେ । ତହିଁ ପୂର୍ବରୁ ଅସେସରମାନ... ନେଇ ଥିଲେ ଯେ ଚାରିଜଣ ... ଙ୍କ ମତ ମଧ୍ୟରୁ ଏକଜଣ ଭିନ୍ନଅସମ୍ମତି ... ଅସେସରଙ୍କ ଚାରିଜଣ ସମସ୍ତଙ୍କ ... ଦୋଷୀ ଓ ଅପ-ଥିଲେ । ମାତ୍ର ଜଜ ... ଥିବାରୁ ମତ ଦେଇ କୁ ... ସାହେବ ନାଜର ଓ ବିଚାରି-କା ... ପ୍ରତ୍ୟେକ ବ୍ୟକ୍ତିକୁ ଟ ୭ ... ବାବର ଆଜ୍ଞା ଦେଲେ କେବଳ ନାଜର ବିଶ୍ୱାସିକ ଥିବାରୁ ତାହାଙ୍କୁ ପଦଚ୍ୟୁତରୁ ମୁକ୍ତି ଦେଇଅଛନ୍ତି । ଜଜସାହେବ ବ୍ୟକ୍ତକଲେ ନାଜରର ଦୋଷଠାରୁ ବନ୍ଧିର ଦୋଷ ଗୁଣ ଅଧିକ ଏଥିର କାରଣ ବୋଧ ହୁଅଇ ନାଜର ସବୁବେଳେ ସିରସ୍ତାରେ ବସି ରହୁ ନ ଥାଏ ତାହାକୁ କର୍ମାନୁରୋଧରେ ସବୁ ହାକିମଙ୍କ ମିସଲ ଓ ମୋଫସଲରେ ବୁଲିବାକୁ ହୁଅଇ । ବେଲେଶ୍ୱର ଜାଏଦାଦବସ୍ତୁ ଜଜସାହେବ ଏକାବେଳକେ ଖଲାସ ଦେଇଅଛନ୍ତି ତାହା ଉପରେ କୌଣସି ଅପରାଧ ସାବ୍ୟସ୍ତ ହେଲା ନାହିଁ । ଜଜସାହେବଙ୍କ ଆଜ୍ଞା ଏଠାରେ ସାଧ୍ୟ... ରଣ ବିଶ୍ୱାସ ... ପ୍ରଯୁକ୍ତ ହୋଇ ଅଛି କାରଣ ବସ୍ତୁଭେଦ ... ନେ କରିଥିଲେ ଯେ ବର... ନାଜର ଗଲା ... ପାଇବ ମାଏ ବେଲେଶ୍ୱର କା-ହାର ପାଇବ ... ନାହିଁ କାରଣ ବେଲେଶ୍ୱର ପ୍ରତି ବିଶ୍ୱାସ ହନ ... କିବା ଅନେକକର୍ମ କରିଥିଲା ।

Digitized by srujanika@gmail.com

Split by PDF Splitter



ଯାହା ହେଉ ପ୍ରମାଣରେ ତାହା ସ୍ଥିର ହେଲ ନାହିଁ । ବେଲେଶ୍ୱର ବେଲପଥ ଗଡ ବାହାର ଗଲା ।

---

ଅଗାମିବର୍ଷ ସକାଶେ କଟକଜିଲାର ରୋଡ଼ସେସର ଆୟ ବ୍ୟୟ ଓ ପଥକରର ଦର ଧାର୍ଯ୍ୟ କରିବା ପାଇଁ ଗତ ସପ୍ତାହରେ ରୋଡସେସ କମିଟିର ଅଧିବେଶନ ହୋଇଥିଲା ଓ ଭାଗ୍ୟବଶତଃ ଏ ସଭରେ ପ୍ରାୟ ସମସ୍ତସଭ୍ୟ ଉପସ୍ଥିତ ହୋଇଥିଲେ । ନିୟମିତ କାର୍ଯ୍ୟ ହେଲା ଉତ୍ତାରୁ ସଭାପତି କଲେକ୍ଟର ସାହେବ ପ୍ରତିଟଙ୍କାରେ ଦୁଇପଇସା ଲେଖାଁଏ ପଥକର ଧାର୍ଯ୍ୟ କରିବାର ପ୍ରସ୍ତାବ କଲେ । ଏଥିରେ ସରକାରି ସଭ୍ୟମାନେ ଓ ବାବୁ ଭାଗ୍ୟକାନ୍ତ ବିଦ୍ୟାସାଗର ଐକ୍ୟ ହେଲେ ମାତ୍ର ଜମିଦାର ସଭ୍ୟମାନେ ଅନୈକ୍ୟ ହୋଇ ଟଙ୍କାରେ ଏକପଇସା କର ପୂର୍ବବତ୍ ଧାର୍ଯ୍ୟ କରିବାର ମତଦେଲେ ଓ ସେମାନଙ୍କର ସଂଖ୍ୟା ଅଧିକ ଥିବାରୁ ସେମାନଙ୍କର ମତ ପ୍ରବଳ ହେଲା ସୁତରାଂ ସଭାପତିଙ୍କ ପ୍ରସ୍ତାବ ରହିତ ହେଲା । ଏ ଦେଶର ଅବସ୍ଥା ଦୃଷ୍ଟିରେ ଏକପଇସାଦର ଉଚିତ ଅଟେ ତହିଁରୁ ଅଧିକ ହେଲେ ଦୁଃଖିପ୍ରଜାଙ୍କୁ ବାଧିପାରେ । ଟଙ୍କା ଅନଟନ କରବୃଦ୍ଧି ପ୍ରସ୍ତାବର ହେତୁଥିଲା କିନ୍ତୁ ଏକପଇସା ଦରରେ ଘାଟରସୁମ ସହିତ ରୋଡସେସକମିଟିଙ୍କର ବାର୍ଷିକ ଆୟ ଟ ୪୧୦୦୦ ହେଉଅଛି, ଏହା ପରିମିତରୂପେ ବ୍ୟୟ ହେଲେ ଏତସ୍ୱର କାର୍ଯ୍ୟକୁ ଯଥେଷ୍ଟ ହେବ ଓ ପ୍ରତିବର୍ଷ କୋଡ଼ିଏ ଅଧେ ନୂତନସଡକ ହେଲେ ପାଞ୍ଚ ସାତ ବର୍ଷରେ ଅନେକ ଗୁଡ଼ିଏ ସଡକ ହୋଇ ଯିବ ଅଥଚ ପ୍ରଜାଙ୍କୁ ନ ବାଧିବ । ଜମିଦାର ସଭ୍ୟଙ୍କଦ୍ୱାରା ଆଉ କିଛି କାର୍ଯ୍ୟ ହେଉ ନ ହେଉ ଏକ୍ପଇସା ଦର ଯେ ଧାର୍ଯ୍ୟ ରହିଲା ବଡ ସୁଖର ବିଷୟ । ବର୍ତ୍ତମାନ୍ ଯେପରି ପରିମିତବ୍ୟୟ ହୁଏ ସେ ପକ୍ଷରେ ସେମାନେ ଓ ସଭାପତି ବିଶେଷ ଦୃଷ୍ଟି ରଖନ୍ତୁ । ଦୁଇପଇସା ଗଡ ଅଣାଏ ଲେଖାଁଏ ଦର ହେଲେ ସୁଦ୍ଧା ଅପରିମିତ ବ୍ୟୟକୁ ନିଅଣ୍ଟ ହେବ । ତାହା ଯେପରି ନ ହେଉ ।

---

## ସୂଚୀ ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରୁ ପଥର ଖସିବା ବିଷୟ ଯେତ ଗତସପ୍ତାହରେ ଏଠାରେ ଏମ ଆନ୍ଦୋଳନ ହୋଇ ଯାଇଅଛି ଓ ସେ ବିଷୟରେ ସର୍ବସାଧାରଣଙ୍କ ମନ ଆକୃଷ୍ଟ ହୋଇଥିବାରୁ ଅମ୍ଭେମାନେ ତହିଁର କେତେକ ବିବରଣ ଏଠାରେ ଲେଖୁଅଛୁଁ । ଜଗନ୍ନାଥଙ୍କ ମନ୍ଦିର ଖୁବ ଉଚ ଓ ପ୍ରାଚୀନକାଳର କୀର୍ତ୍ତିବୋଲି ସମସ୍ତେ ଜାଣନ୍ତି ଏହାକୁ ରଜା ଅନଙ୍ଗଭୀମଦେବ ୧୪ବର୍ଷରେ ନିର୍ମାଣ କରାଇଥିଲେ ସନ ୧୧୯୮ ମସିହାରେ ଏହାର କାର୍ଯ୍ୟ ଶେଷ ହୋଇଥିଲା । ମାତ୍ର ମନ୍ଦିରର ବାହାରୁ ଯାହା ଦେଖାଯାଏ ତାହା ଛଡା ଏହାର ଭିତରପାଖ କିରୂପ ତାହା କାହାରିକି ଜଣା ନାହିଁ । ତହିଁର କାରଣ ଏହି ଯେ ମନ୍ଦିରର ଭିତରପାଖ ଅତ୍ୟନ୍ତ ଅନ୍ଧକାର ଦିନବେଳେ ଗୋ ୩୬ ଟା ପ୍ରଦୀପର ଆଲୋକରେ କେବଳ ଠାକୁରମାନଙ୍କ ଦର୍ଶନ ହୁଏ ମନ୍ଦିରର ଗଠନପ୍ରଣାଳୀ ବିଷୟରେ କିଛି ଜଣାପଡ଼ଇ ନାହିଁ । ସମ୍ପ୍ରତି ପଥର ଖସିପଡ଼ିବାରୁ ମନ୍ଦିରଭିତରର ବ୍ୟାପାରସବୁ ଦେଖିବା ଅବଶ୍ୟକ ହେଲା ଓ ଗବର୍ଣ୍ଣମେଣ୍ଟଙ୍କୁ ପ୍ରେରିତ ହୋଇଥିବା ଇଞ୍ଜିନିୟର ଓ ରଜାଙ୍କର ବା ମନ୍ଦିରର କର୍ମଚାରୀଙ୍କ ମଧ୍ୟରୁ କେହି୨ ମଶାଲ ଜାଳି ଭିତରର ଅବସ୍ଥାସବୁ ଦେଖି ଅଛନ୍ତି ଓ ମନ୍ଦିରର ଭିତରପାଖର ଖଣ୍ଡିଏ ଚିତ୍ରପଟ ମଧ୍ୟ ପ୍ରସ୍ତୁତ କରିଥିବାର ବୋଧ ହୁଅଇ ନୋହିଲେ ସେରୂପ ଚିତ୍ରପଟ ଏ ନଗରକୁ ଆସିବାର ସମ୍ଭାବନା ନ ଥିଲା । ଯେଉଁ ଚିତ୍ରପଟ ଯୋଗ ଏଠାଲୋକେ ମନ୍ଦିରର ଗଠନ ଦେଖୁଅଛନ୍ତି ଅମ୍ଭେମାନେ ଶୁଣିଲୁଁ ଯେ ତାହା ପୁରୀସ୍ଥରାଜାଙ୍କଦ୍ୱାରା ବାବୁ ବିଚିତ୍ରାନନ୍ଦ ଦାସଙ୍କ ନିକଟକୁ ପ୍ରେରିତ ହୋଇଥିଲା ତହିଁରୁ ଏଠାଲୋକମାନେ ଅନେକପ୍ରସ୍ତ ପ୍ରତିଲିପି ନେଇଅଛନ୍ତି । ସେ ଚିତ୍ରପଟରୁ ଜଣାଯାଏ ଯେ ମନ୍ଦିରଟି ଚାରିମହଲା କୋଠାପରି ଅର୍ଥାତ୍ ରତ୍ନସିଂହାସନ ଉପରେ ଯେପରି ବୋଲକୁଚ ଛାତ ଅଛି ସେହିପରି ଉପରକୁ ଅନ୍ତର ଦୁଇ ପ୍ରସ୍ତ ଛାତ ଥାଇ ତହିଁଉପରେ ମନ୍ଦିରର ଚୂଡା ନିର୍ମିତ ହୋଇ ଅଛି । ମନ୍ଦିରର ପୂର୍ବପାଖରେ ଉପରକୁ ଯିବାକୁ ପାହାଚ ଅଛି ଯେ ତାହାଦେଇ ଉପରର ଛାତପ୍ରସ୍ତ ଘରେ ପ୍ରବେଶ ହେବାର ସୁବିଧା ଅଛି ଓ ସର୍ବୋଚ୍ଚ ପ୍ରସ୍ତରୁ ମନ୍ଦିରର ବାହାରପାଖକୁ ବାହାରିଯିବାପାଇଁ ମଧ୍ୟ ଗୋଟିଏ ବାଟ ଅଛି । ଏଛଡା ବାହାରପାଖରୁ ଆଉ କିଛି ବାଟ ଦେଖାଯାଉ ନାହିଁ । ଚିତ୍ରପଟରେ ଅନ୍ତର ଲେଖାଅଛି ଯେ ଦ୍ୱିତୀୟପ୍ରସ୍ତରେ ଅର୍ଥାତ୍ ସିଂହାସନ ଉପରେ ଯେଉଁ ଛାତ ଅଛି ତହିଁଉପରେ ଥିବା କୋଠରିରେ ଜଗନ୍ନାଥପ୍ରଭୃତିଙ୍କର ଅନୁରୂପରେ ଚତୁର୍ଦ୍ଧାମୂର୍ତ୍ତି ବସିଅଛନ୍ତି । ଏପରି ଗୁପ୍ତଭାବରେ ଚତୁର୍ମୂର୍ତ୍ତି ମନ୍ଦିରରେ ଥିବାର କେବେ ଶୁଣାଯାଇ ନାହିଁ ଓ ତାତ୍ପର୍ଯ୍ୟ ମଧ୍ୟ କିଛି ପ୍ରକାଶ ପାଉ ନାହିଁ ବିଶେଷତଃ ଯାହାର ଏମନ୍ତ ଭୟଙ୍କର ଅବସ୍ଥାରେ ଅଛି ଯେ ତହିଁରେ ଉଠିଯିବାର ବର୍ତ୍ତମାନକୁ କଠିନ ଓ ପୂର୍ତ୍ତିବାରୁ ସେଥିଉପରେ ଚଢ଼ି ଏରୂପ ଦେଖି ନାହାନ୍ତି ସୁତରାଂ ଏ କଥାରେ ସମସ୍ତଙ୍କର ବିଶ୍ୱାସ ହେବାର ଜଣାଯାଉ ନାହିଁ ପୂର୍ତ୍ତିବାରୁଙ୍କ ଅନୁସନ୍ଧାନ ବିଷୟରେ ଯାହା ଶୁଣାଯାଏ ତହିଁରୁ ଅନୁମାନ ହୁଅଇ ସେ ପ୍ରଥମ ପ୍ରସ୍ତ ଅର୍ଥାତ୍ ଯହିଁରେ ଠାକୁରମାନଙ୍କୁ ବିରାଜମାନ ହେବାର ଲୋକେ ଦେଖୁଅଛନ୍ତି କେବଳ ସେହି ପ୍ରସ୍ତର ତଦନ୍ତ କରି ଅଛନ୍ତି । ଏହି ପ୍ରସ୍ତର ଉପରଭାଗ ହାତ୬ଟ ଉର୍ଦ୍ଧ୍ୱରୁ ଗୋଟିଏଖଣ୍ଡ ପଥର ଖସିପଡିଅଛି ଓ ଆଉ କେତେସ୍ଥାନରେ ମଧ୍ୟ ଫାଟସବୁ ବାହାରିଅଛି । ଗୋଟିଏ୨ ଫାଟ ଦୁଇ ପାଞ୍ଚହାତ ଲମ୍ବା ଓ ୨।୩ ଅଙ୍ଗୁଳ ମେଲାହୋଇ ଯାଇଅଛି । ଲୁହାର କଡି ଓ ବରଗାସବୁ ମୂର୍ଚ୍ଛା ଖାଇ ଯାଇଅଛି ଓ ପଥର ଦେହରେ ଥିବା ଲୁହାର ବନ୍ଦନୀମାନ କ୍ଷୟ ହୋଇ ଯାଇଅଛି ଏସବୁ କାରଣରୁ ମନ୍ଦିରର ଅବସ୍ଥା ନିତାନ୍ତ ମନ୍ଦ ହୋଇଅଛି ଓ ତହିଁ ମଧ୍ୟରେ ପ୍ରବେଶ କରିବା ବିପଦଜନକ ଅଟଇ । ଏପରି ଦୁରବସ୍ଥା ଘଟିବାର ନାନାବିଧ କାରଣ ଲୋକେ କହନ୍ତି ମାତ୍ର ତହିଁମଧ୍ୟରେ ଯୁକ୍ତିଯୁକ୍ତ କାରଣ ଏହି ଯେ ଯେଉଁ ସ୍ଥାନରୁ ପଥର ଖସିପଡ଼ିଅଛି ଦୁଇବର୍ଷ ତଳେ ସେଠାରେ ବଜ୍ରପାତ ହୋଇ ଥିଲା ଓ ମନ୍ଦିର ଉପରେ ନାନା ସ୍ଥାନରେ ଗଛମାନ ହେବାରୁ ତହିଁର ଚେର କ୍ରମଶଃ ଭିତରକୁ ପଶିଯାଇ ପଥର ଯୋଡ଼ ସବୁକୁ ଢିଲା କରି ଦେଇଅଛି ଏବଂ ଲୁହା ବନ୍ଧନୀ ସବୁ କ୍ଷୟ ଓ କଡି ବରଗାମାନ ମରିଚ ଯୋଗୁଁ ଦୁର୍ବଳ ହୋଇଅଛି । ପଥର କୌଣସିରୂପେ କ୍ଷୟ ବା ଜୀର୍ଣ୍ଣ ହୋଇ ନାହିଁ । ଏଥିରେ ବୋଧ ହୁଅଇ ଯେ ଫାଟ ସ୍ଥାନମାନ ଭାଙ୍ଗି ନୂତନ ଲୁହାର ବନ୍ଧନୀ ଓ କଡ଼ି ଇତ୍ୟାଦି ଲଗାଇ ମନ୍ଦିରକୁ ସଂସ୍କାର କରିଦେଲେ ପୂର୍ବ ପ୍ରାୟ ମନ୍ଦିର ଦୃଢ଼ ହୋଇଯିବ । ଏପରି ଜୀର୍ଣ୍ଣସଂସ୍କାର ଅଳ୍ପଦିନ ମଧ୍ୟରେ ହେବାର ନୁହଇ । ଏଥିପାଇଁ ଦୁଇଚାରିମାସ ବା ଅଧିକକାଳ ଲାଗିପାରେ ତେତେଦିନ ଠାକୁରମାନେ କେଉଁଠାରେ ରହିବେ ଏକଥା ଦେନି ଅନେକ ତର୍କ ଲାଗିଅଛି କିଛି ନିଶ୍ଚୟ ହୋଇ ନାହିଁ । ଏ ସମ୍ପର୍କରେ ଅମ୍ଭେମାନେ ଆପଣା କଥା ନ କହି

Digitized by srujanika@gmail.com

Split by PDF Splitter



ପୁରୀର ଜଣେ ପତ୍ରପ୍ରେରକଙ୍କଠାରୁ ପାଇଥିବା ପତ୍ରରୁ ନିମ୍ନଲିଖିତ ଅଂଶକୁ ଉଦ୍ଧୃତ କଲୁଁ ପାଠକମାନେ ତହିଁରୁ ସବିଶେଷ ଜାଣିପାରିବେ

“ମନ୍ଦିରର ଜୀର୍ଣ୍ଣସଂସ୍କାର ସ୍ଥିର ହୁଅନ୍ତେ ଶ୍ରୀମହାରାଜ ଅତ୍ରତ୍ୟ ଯାବତୀୟ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ନିକଟକୁ ନିଜର ସ୍ୱାକ୍ଷରିତ ଆହ୍ୱାନପତ୍ର ପଠାଇଲେ । ସମସ୍ତ ସଭ୍ୟବୃନ୍ଦ ମନ୍ଦିରରେ ସମବେତ ହେଲେ । ଏପରି ମନ୍ଦିରବିଷୟକ ସଭା ଆମ୍ଭେମାନେ ଅଦ୍ୟାବଧି ଦେଖି ନ ଥିଲୁଁ ଏହା ଅଧିକନ୍ତୁ ଆନନ୍ଦର ବିଷୟ ଯେ ଶ୍ରୀମହାରାଜା ସ୍ୱୟଂ କୌଳିକାଚାରମାନ ପରିହାରପୂର୍ବକ ସନ୍ନିଧିରେ ସାଧାରଣ ସଭ୍ୟପରି ଉପବିଷ୍ଟ ହେଲେ ପ୍ରଥମତଃ ଶ୍ରୀମହାରାଜ ମହାଶୟ ସଭ୍ୟମହୋଦୟମାନଙ୍କୁ ସମ୍ବୋଧନପୂର୍ବକ ପ୍ରଶ୍ନକଲେ ଯେ ମନ୍ଦିରର ଜୀର୍ଣ୍ଣୋଦ୍ଧାର କର୍ତ୍ତବ୍ୟ କି ନା ? ତାହାହେଲେ ମହାପ୍ରଭୁ ତଦବଧି କେଉଁଠାରେ ଅବସ୍ଥିତ ହେବେ ? ଏଥିରେ ଶ୍ରୀଯୁକ୍ତ ମହନ୍ତ ନାରାୟଣଦାସ ଓ ପଣ୍ଡିତବର ମାର୍କଣ୍ଡେୟମହାପାତ୍ର ଉଭୟବ୍ୟକ୍ତି ମହାରାଜାଙ୍କ ପ୍ରଶ୍ନ ଓ ମନୋଭାବର ବ୍ୟାଖ୍ୟାପକ ହୋଇଥାନ୍ତି । ଆମ୍ଭେମାନେ ପଣ୍ଡିତମହାଶୟଙ୍କ ଯୁକ୍ତିବାଦ ଶୁଣି ସନ୍ତୁଷ୍ଟ ହେଲୁଁ ଶୁଣିଅଛୁଁ ଯେ ମହାରାଜା ମଧ୍ୟ ତାଙ୍କ ଉପରେ ପ୍ରୀତ ଅଛନ୍ତି । ପରିଶେଷେ ମହାପ୍ରଭୁଙ୍କର ଅବସ୍ଥିତି ବିଷୟରେ ମତ ଦ୍ୱୈଧ ଜନ୍ମିଲା । ଶ୍ରୀଶ୍ରୀମହାରାଜା ଓ ଶ୍ରୀଯୁକ୍ତ ମହନ୍ତ ନାରାୟଣଦାସ ଏବଂ ପଣ୍ଡିତ ଶ୍ରୀଗୋପୀନାଥମିଶ୍ର ପ୍ରଭୃତି କତିପୟ ସଭ୍ୟମାନେ ଅବଧାରଣ କଲେ ଯେ ଜୀର୍ଣ୍ଣସଂସ୍କାର ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଠାକୁରମାନେ ଜଗମୋହନରେ ଅବସ୍ଥାନ କରିବେ ଏହାର ବିରୋଧୀ ହୋଇ ଅପର ମହନ୍ତ ଓ ଜଗନ୍ନାଥଙ୍କ ସେବକମାନେ ଏକବାକ୍ୟରେ କହିଲେ ଯେ ଠାକୁରମାନେ ସିଂହାସନରେ ଅବସ୍ଥିତ କରି ଏହିକାର୍ଯ୍ୟ ସମ୍ପନ୍ନ ହେବ । ଏଥିର ସୌକାର୍ଯ୍ୟାର୍ଥ ସେମାନେ ମହାପ୍ରଭୁଙ୍କ ଶିରୋଭାଗୋପରି ଏକ ଛାତ ନିର୍ମାଣ କରିବେ ଓ ଭୋଗ ଶୀଘ୍ର ଅର୍ଥାତ୍ ଦିବା ଦଶଘଣ୍ଟା ମଧ୍ୟରେ ସମାପନ କରିବେ । ଅମ୍ଭମାନଙ୍କ ବିବେଚନାରେ ଏହି ପ୍ରସ୍ତାବଟି ପରିଣାମରେ ଶୁଭଫଳଦାୟୀ ହେବ ନାହିଁ । କାରଣ ଯଦ୍ୟପି ଦୈବାତ୍ କାର୍ଯ୍ୟ ସମୟରେ ଉପରସ୍ଥାତ୍ କୌଣସି ଶିଳା ଭଙ୍ଗ ହୁଏ ତେବେ ଏହା ଛାତ ମୂର୍ତ୍ତିଙ୍କର ଅଧୋଭାଗରେ ତାଦୃଶ ଅନିଷ୍ଟୋତ୍ପାଦନ କରିବ ବୋଲାଯାଇ ନ ପାରେ । ପଣ୍ଡାପଡିହାରିମାନଙ୍କର ଏତଦ୍ବିଷୟକ ଦୁରାଗ୍ରହର କାରଣ ଏକମାତ୍ର ସ୍ୱାର୍ଥପରତା ଅଟଇ ସେମାନଙ୍କର ଆଶଙ୍କା ଏହି ଯେ ଯଦ୍ୟପି ପଶ୍ଚାତ୍ ନବୋଧ ଯାତ୍ରିମାନଙ୍କର ମନରେ କୌଣସି ଭାବାନ୍ତର ହୁଅଇ ତେବେ ସେମାନଙ୍କର ପ୍ରତାରଣା ସାଫଲ୍ୟ ହେବ ନାହିଁ ଏବଂ ସୁତରାଂ ବୃତ୍ତିଚ୍ଛେଦ ହେବାର ବିଶେଷ ସମ୍ଭାବନା । ଏତାଦୃଶ ପ୍ରସ୍ତାବରେ ମହାରାଜା ହଠାତ୍ ସମ୍ମତ ନ ହୋଇ କହିଲେ ଯେ ତୁମ୍ଭେମାନେ ଗବର୍ଣ୍ଣମେଣ୍ଟରୁ ଏହାର ଆଦେଶ ନ ଆଣିଲେ ଆମ୍ଭେ ତୁମ୍ଭମାନଙ୍କୁ ଠାକୁରଙ୍କୁ ସିଂହାସନରେ ସ୍ଥାପନ କରିବାକୁ ଅନୁମତି ଦେବୁଁ ନାହିଁ । ଏଥିରେ ସେମାନେ ଶ୍ରୀଯୁକ୍ତ କଲେକ୍ଟରସାହେବଙ୍କୁ ଆବେଦନ କରି ଅଛନ୍ତି କିନ୍ତୁ ଅଦ୍ୟାପି କିଛି ଉତ୍ତର ମିଳି ନାହିଁ । ତଦ୍ଦିନାବଧି ଏମାନେ ଶ୍ରୀମହନ୍ତ ନାରାୟଣଦାସଙ୍କୁ ଧର୍ମ୍ମ ବିରୋଧୀ ବୋଲୁଅଛନ୍ତି । ଏହା ଅତୀବ ଦୁଃଖାବହ ବ୍ୟାପାର ଅଟଇ । ଉପସଂହାରରେ ଅମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଆମ୍ଭେମାନେ ଶ୍ରୀମହାରାଜାଙ୍କର ଯାଦୃଶ ବାକ୍ଶୁଶ୍ରୂଷା ଓ ସୁଶୀଳତା ଅବଲୋକନ କଲୁଁ ତାହା ଅତୀବ ଆଶାଜନକ ଅଟଇ । ଏଥିରେ ଆମ୍ଭେମାନେ ଜାଣିଲୁଁ ଯେ ରାଜେନ୍ଦ୍ର ଶ୍ରୀଦିବ୍ୟସିଂହଦେବ ମହାରାଜାଙ୍କର ବିମଳଜ୍ୟୋତ୍ସ୍ନା ପାର୍ଶ୍ୱଦରୂପ ରାହୁ ଗ୍ରସ୍ତ ହେବାର କଛହିଁ ପ୍ରକାଶ ପାଉ ନାହିଁ ଯାହାହେଉ ଅମ୍ଭେମାନେ ଆଶା କରୁଁ ମହାରାଜା ଶନୈଃ ସଭ୍ୟତା ପଦବୀରେ ପଦାର୍ପଣ କରି ଅମ୍ଭମାନଙ୍କୁ ବାଧିତ କରିବେ ।”

ଏଥିରୁ ପୁରୀର ରାଜା ଏବଂ ଅନ୍ୟାନ୍ୟ ପ୍ରାଚୀନ ମନ୍ଦିରର ଅଧିକାରୀମାନେ ଜାଣିପାରିବେ ଯେ ମନ୍ଦିର ଉପରେ ଗଛ ଉଠିବା କେଡେ ଦୁଃଖାବହ ବ୍ୟାପାର ଅଟଇ । ଗଛ ଉଠି ବଡ ହୋଇଗଲେ ତାହାକୁ ଉପରୁ କାଟିଦେବା ମଧ୍ୟ ଯଥେଷ୍ଟ ନୁହଇ ତହିଁର ମୂଳ ପର୍ଯ୍ୟନ୍ତ ତାଡିଦେବାର ଉଚିତ ଓ କ୍ଷୁଦ୍ରଗଛ ହେଲାମାତ୍ରକେ ତାହାକୁ ମୂଳରୁ ଉତ୍ପାଟି ପକାଇବା ମନ୍ଦିରସବୁ ରକ୍ଷା କରିବାର ସର୍ବାପେକ୍ଷା ଭଲ ଉପାୟ ଅଟଇ ।

## ସାପ୍ତାହିକ ସଂବାଦ ।

ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ ବାବୁ ଅର୍ତ୍ତବଲ୍ଲଭ କର କମିଶନରୀ ମହକୁମାର ଏକ୍ଟିଂ ସିରସ୍ତାଦାର ହୋଇଅଛନ୍ତି । ଜନରବ ଶୁଣାଯାଏ ଯେ କମିଶନର୍ ସାହେବ ଜଣେ ଉପଯୁକ୍ତଲୋକର ଅନୁସନ୍ଧାନରେ ଅଛନ୍ତି ।

ଶ୍ରୀଯୁକ୍ତ ବିମସ୍ ସାହେବ କଲେକ୍ଟରଙ୍କ କେତେକ ଦିନ ହେଲା ପୀଡିତ ଥିଲେ ସଂପ୍ରତି ଆରୋଗ୍ୟ ହୋଇ ବାୟୁ ସେବନ ନିମିତ୍ତ ଜଗ-ତକୁ ଯାଇଅଛନ୍ତି । ଦୁଇ ଏକଦିନେ ଫେରି ଆସିବେ ।

ଏ ନଗରର ଖାସମହାଲ୍ ଓ ଘାଟଗଞ୍ଜ ବାଜେୟାପ୍ତି ଜମିର ବନ୍ଦୋବସ୍ତ ଲାଗିଅଛି । ଜମା ଚଳିସ୍ତଣଠାରୁ ଅଠ ଦଶଗୁଣ ପର୍ଯ୍ୟନ୍ତ ହେବାର ଶୁଣାଯାଏ । ଏଥିରେ ଲୋକମାନେ ବଡଭୀତ ହେଉଅଛନ୍ତି ମାତ୍ର କାହାରିକୁ ପ୍ରତିକାର ଲୋଡିବାର ଦେଖା ଯାଉ ନାହିଁ ।

ପୁରୀର ପଣ୍ଡିତ ଓ ବିଶେଷରେ ପଣ୍ଡାମାନେ ସିଦ୍ଧାନ୍ତ କରିଅଛନ୍ତି ଯେ ଠାକୁରମାନେ ସିଂହାସନରେ ନ ବସିଲେ ଅନ୍ନ ଲେଖା ହେବ ନାହିଁ ।

ଗତ ରବିବାର ଅମାବସ୍ୟା ଦିନ ରଥ ସବୁ ସିଂହଦ୍ୱାରକୁ ଫେରି ଆସିଲା ଓ ବୁଧବାର ପର୍ଯ୍ୟନ୍ତ [illegible] ହୋଇ ନ ଥିଲା ।

କଟକ କଲେଜ ସମ୍ବନ୍ଧେ ଯାଜପୁରରେ ୳ ୨୦୬୮ ଟଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଅଛି । ବାବୁ ହରଗୋପାଳ ଘୋଷ ୳ ୧୫୦ ଚୌଧୁରୀ ସହଦେବ ମହାପାତ୍ରର ୳ ୧୦୦ ବାବୁ ଶିବପ୍ରସାଦ ସିଂହ ୳ ୫୦ ଟଙ୍କା ଓ ବାକି ସମସ୍ତେ ୳ ୫୦ ଟଙ୍କାରୁ ଊଣା ଚାନ୍ଦା ସ୍ୱାକ୍ଷର କରିଅଛନ୍ତି ତହିଁ ମଧ୍ୟରେ ଅନେକ ରାଜାପୁଅ ଅଛନ୍ତି ଯେ କେବଳ ୳ ୨୫ ଟଙ୍କା ଲେଖିଅଛନ୍ତି ଏହା କଦାପି ସନ୍ତୋଷଯୋଗ୍ୟ ନୁହେ ଏଠାରେ ଗୋପାଳଗ୍ରାମ[illegible] ୳ ୫୦ ଟଙ୍କା ଦେଇଅଛନ୍ତି । ଏ ଚାନ୍ଦାରୁ ମୋଟ ୳ ୨୭୦୦୦ ଟଙ୍କା ହେଲା !

ବିଲାତର ବାର୍ଷିକ ଆୟ ୳ ୮୦୦୦୦୦୦୦୦୦ ଟଙ୍କା ଅନୁମାନ ହୋଇ ଅଛି ଏଥିରେ ପ୍ରତି ଲୋକର ହାରାହାରି ବାର୍ଷିକ ଆୟ ଛତିଶ ଟଙ୍କା ପଡୁଅଛି ମାତ୍ର ଭାରତବର୍ଷର ଆୟ ୳ ୩୦୦୦୦୦୦୦୦୦ ଟଙ୍କା ଓ ପ୍ରତିଲୋକର ହାରାହାରି ବାର୍ଷିକ ଆୟ କେବଳ କୋଡିଏ ଟଙ୍କା । ଏ ଦୁଇଦେଶର ଅବସ୍ଥାରେ କେତେ ପ୍ରଭେଦ ।

ଆମେରିକା ଦେଶସ୍ଥ ଦୁଇଗୋଟି ନଗର ଭୂମିକମ୍ପଦ୍ୱାରା ବିଧ୍ୱଂସ ହୋଇଅଛି । ସେଥିର [illegible] ୩୫୦୦୦ ଜଣଙ୍କ ମଧ୍ୟରୁ ତି ୧୬୦୦୦ ଜଣଙ୍କର ପ୍ରାଣନାଶ ହୋଇଅଛି । କି ଭୟଙ୍କର ବ୍ୟାପାର !

ତାନଯୋରର ରାଜକୁମାରୀ ଅପର୍ଣ୍ଣା ସ୍ୱାମୀ ସହିତ ମାନ୍ଦ୍ରାଜକୁ ଆଗମନ କରିବାର ମନସ୍ଥ କରନ୍ତି । ସେଠାରେ ଇଂଲଣ୍ଡର ଯୁବରାଜଙ୍କ ସହିତ ସାକ୍ଷାତ କରିବେ ।

☞ ଏହି ଉତ୍କଳଦୀପିକା ସହରକ[illegible] ଶନିବାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯ[illegible] ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଅ ଢ ର ଭୁ ।

ଉତ୍କଳଦୀପିକା ତା ୭ ଇଖ ଅଗଷ୍ଟ ସନ ୧୮୭୫ ମସିହା ।

## ମୃତ୍ୟୁର ତାଲିକା ବାବତ୍ ମାହେ ଜୁନ ସନ ୧୮୭୫ ମସିହା ।

### ଜିଲ୍ଲା କଟକ

ଭୂମିପରିମାଣ ୩୧୭୮ ବର୍ଗମାଇଲ

ଲୋକସଂଖ୍ୟା ପୁରୁଷ ୭,୨୫,୩୩୦ ସ୍ତ୍ରୀ ୭୬୯୪୫୪

ଜାତିର ବିବରଣ

| | |
|---|---|
| ଖ୍ରୀଷ୍ଟିୟାନ | ଜ ୨୩୧୪ |
| ମୁସଲମାନ | ଜ ୪୦,୦୧୩ |
| ହିନ୍ଦୁ | ଜ ୧୪,୩୦,୦୪୦ |
| ବୌଦ୍ଧ | ଜ ୦ |
| ଅନ୍ୟାନ୍ୟଜାତି | ଜ ୨୨୪୧୭ |
| ମୋଟ | ଜ ୧୪,୯୪,୭୮୪ |

କେଉଁ ଜାତିରେ କେତେ ମୃତ୍ୟୁ

| | |
|---|---|
| ଖ୍ରୀଷ୍ଟିୟାନ | ଜ ୪ |
| ମୁସଲମାନ | ଜ ୩୩ |
| ହିନ୍ଦୁ | ଜ ୧୭୮୧ |
| ବୌଦ୍ଧ | ଜ ୦ |
| ଅନ୍ୟାନ୍ୟଜାତି | ଜ ୧ |
| | ଜ ୧୮୧୯ |

| ରୋଗର ନାମ | ପୁରୁଷ | ସ୍ତ୍ରୀ |
|---|---|---|
| ବିସୂଚିକା | ୩୦୯ | ୨୯୯ |
| ବସନ୍ତ | ୭ | ୨ |
| ଜ୍ୱର | ୨୩୪ | ୧୯୭ |
| ଉଦରରୋଗ | ୧୧୩ | ୬୯ |
| ଆତ୍ମହତ୍ୟା | ୩ | ୯ |
| ଆଘାତ | ୧ | ୦ |
| ଦୁର୍ଘଟନା | ୧୨ | ୧୬ |
| ସର୍ପାଘାତ ଓ ହିଂସ୍ରଜନ୍ତୁଙ୍କ ହତ | ୨୪ | ୨୨ |
| ଅନ୍ୟକାରଣ | ୨୭୦ | ୨୨୭ |
| ମୋଟ | ୯୭୩ | ୮୪୬ |

ଯେତେ ବୟସରେ ମୃତ୍ୟୁ

| | ପୁରୁଷ | ସ୍ତ୍ରୀ |
|---|---|---|
| ମୃତଜାତ | ୧୯ | ୧୩ |
| ଏକବର୍ଷର ଅନଧିକ | ୧୭୪ | ୧୪୬ |
| ଏକଠାରୁ ଛବର୍ଷ | ୧୩୧ | ୧୩୮ |
| ୬ ,, ୧୨ | ୯୪ | ୬୮ |
| ୧୨ ,, ୨୦ | ୧୦୪ | ୮୨ |
| ୨୦ ,, ୩୦ | ୧୩୬ | ୧୦୬ |
| ୩୦ ,, ୪୦ | ୧୦୧ | ୯୪ |
| ୪୦ ,, ୫୦ | ୬୬ | ୪୯ |
| ୫୦ ,, ୬୦ | ୫୬ | ୫୧ |
| ୬୦ ବର୍ଷରୁ ଊର୍ଦ୍ଧ୍ୱ | ୯୨ | ୯୮ |
| ମୋଟ | ୯୭୩ | ୮୪୬ |

### ଜିଲ୍ଲା ପୁରୀ

ଭୂମିପରିମାଣ ୨୧୭୦ ବର୍ଗମାଇଲ

ଲୋକସଂଖ୍ୟା ପୁରୁଷ ୩୮୯୪୪୯ ସ୍ତ୍ରୀ ୩୮୦୨୨୫

ଜାତିର ବିବରଣ

| | |
|---|---|
| ଖ୍ରୀଷ୍ଟିୟାନ | ଜ ୫୭୬ |
| ମୁସଲମାନ | ଜ ୧୧୫୮୬ |
| ହିନ୍ଦୁ | ଜ ୭୩୯୬୩୬ |
| ବୌଦ୍ଧ | ଜ ୮ |
| ଅନ୍ୟାନ୍ୟଜାତି | ଜ ୧୭୮୬୮ |
| | ଜ ୭୬୯,୬୭୪ |

କେଉଁ ଜାତିରେ କେତେ ମୃତ୍ୟୁ

| | |
|---|---|
| ଖ୍ରୀଷ୍ଟିୟାନ | ଜ ୦ |
| ମୁସଲମାନ | ଜ ୯ |
| ହିନ୍ଦୁ | ଜ ୬୬୩ |
| ବୌଦ୍ଧ | ଜ ୦ |
| ଅନ୍ୟାନ୍ୟଜାତି | ଜ ୧୮ |
| | ଜ ୬୯୦ |

| ରୋଗର ନାମ | ପୁରୁଷ | ସ୍ତ୍ରୀ |
|---|---|---|
| ବିସୂଚିକା | ୨୬ | ୧୯ |
| ବସନ୍ତ | ୪ | ୨ |
| ଜ୍ୱର | ୯୩ | ୭୪ |
| ଉଦରରୋଗ | ୭୨ | ୫୬ |
| ଆତ୍ମହତ୍ୟା | ୩ | ୨ |
| ଆଘାତ | ୦ | ୦ |
| ଦୁର୍ଘଟନା | ୭ | ୧୦ |
| ସର୍ପାଘାତ ଓ ହିଂସ୍ରଜନ୍ତୁଙ୍କ ହତ | ୬ | ୬ |
| ଅନ୍ୟକାରଣ | ୧୩୫ | ୧୬୯ |
| | ୩୪୬ | ୩୪୪ |

ଯେତେ ବୟସରେ ମୃତ୍ୟୁ

| | ପୁରୁଷ | ସ୍ତ୍ରୀ |
|---|---|---|
| ମୃତଜାତ | ୨୪ | ୨୨ |
| ଏକବର୍ଷର ଅନଧିକ | ୬୯ | ୬୫ |
| ଏକଠାରୁ ଛବର୍ଷ | ୩୮ | ୩୪ |
| ୬ ,, ୧୨ | ୧୧ | ୧୦ |
| ୧୨ ,, ୨୦ | ୧୮ | ୪୨ |
| ୨୦ ,, ୩୦ | ୪୩ | ୪୬ |
| ୩୦ ,, ୪୦ | ୪୧ | ୩୮ |
| ୪୦ ,, ୫୦ | ୩୧ | ୨୨ |
| ୫୦ ,, ୬୦ | ୩୬ | ୨୯ |
| ୬୦ ବର୍ଷରୁ ଊର୍ଦ୍ଧ୍ୱ | ୩୬ | ୨୯ |
| | ୩୪୬ | ୩୪୪ |

### ଜିଲ୍ଲା ବାଲେଶ୍ୱର ।

ଭୂମିପରିମାଣ ୨୦୪୦ ବର୍ଗମାଇଲ

ଲୋକସଂଖ୍ୟା ପୁରୁଷ ୩,୭୧,୦୭୭ ସ୍ତ୍ରୀ ୩,୯୯,୧୫୫

ଜାତିର ବିବରଣ

| | |
|---|---|
| ଖ୍ରୀଷ୍ଟିୟାନ | ଜ ୫୩୦ |
| ମୁସଲମାନ | ଜ ୧୮,୮୬୮ |
| ହିନ୍ଦୁ | ଜ ୭,୩୮,୩୯୬ |
| ବୌଦ୍ଧ | ଜ ୧ |
| ଅନ୍ୟାନ୍ୟଜାତି | ଜ ୧୨,୪୩୭ |
| | ଜ ୭,୭୦,୨୩୨ |

କେଉଁ ଜାତିରେ କେତେ ମୃତ୍ୟୁ

| | |
|---|---|
| ଖ୍ରୀଷ୍ଟିୟାନ | ଜ ୦ |
| ମୁସଲମାନ | ଜ ୯ |
| ହିନ୍ଦୁ | ଜ ୬୮୩ |
| ବୌଦ୍ଧ | ଜ ୦ |
| ଅନ୍ୟାନ୍ୟଜାତି | ଜ ୯ |
| | ଜ ୭୦୧ |

| ରୋଗର ନାମ | ପୁରୁଷ | ସ୍ତ୍ରୀ |
|---|---|---|
| ବିସୂଚିକା | ଜ ୧୩୧ | ୧୧୩ |
| ବସନ୍ତ | ଜ ୭ | ୯ |
| ଜ୍ୱର | ଜ ୭୫ | ୮୦ |
| ଉଦରରୋଗ | ଜ ୬୧ | [illegible] |
| ଆତ୍ମହତ୍ୟା | ଜ ୦ | ୫ |
| ଆଘାତ | ଜ ୦ | ୦ |
| ଦୁର୍ଘଟନା | ଜ ୪ | ୫ |
| ସର୍ପାଘାତ ଓ ହିଂସ୍ରଜନ୍ତୁଙ୍କ ହତ | ଜ ୧୩ | ୧୦ |
| ଅନ୍ୟକାରଣ | ଜ ୭୭ | ୭୫ |
| | ଜ ୩୫୭ | ୩୪୪ |

ଯେତେ ବୟସରେ ମୃତ୍ୟୁ

| | ପୁରୁଷ | ସ୍ତ୍ରୀ |
|---|---|---|
| ମୃତଜାତ | ଜ ୫ | ୧୧ |
| ଏକବର୍ଷର ଅନଧିକ | ଜ ୩୬ | ୨୯ |
| ଏକଠାରୁ ଛବର୍ଷ | ଜ ୪୯ | ୫୨ |
| ୬ ,, ୧୨ | ଜ ୨୩ | ୨୪ |
| ୧୨ ,, ୨୦ | ଜ ୨୬ | ୩୪ |
| ୨୦ ,, ୩୦ | ଜ ୫୯ | ୬୫ |
| ୩୦ ,, ୪୦ | ଜ ୫୯ | ୪୪ |
| ୪୦ ,, ୫୦ | ଜ ୩୯ | ୨୨ |
| ୫୦ ,, ୬୦ | ଜ ୨୬ | ୨୨ |
| ୬୦ ବର୍ଷରୁ ଊର୍ଦ୍ଧ୍ୱ | ଜ ୩୪ | ୪୨ |
| | ୩୫୭ | ୩୪୪ |

Digitized by srujanika@gmail.com

Split by PDF Splitter

REGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦

ସଂଖ୍ୟା

ତା୧୪ରଖ ଅଗଷ୍ଟ ସନ୧୮୭୫ ମସିହା । ମୂ । ଶ୍ରାବଣ ଢ୍ୟାଁ୧ନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେମୂଲ୍ୟ ଦେଲେ ବର୍ଷକୁ ୩୨
ମଫସଲ ପାଇଁ ଡାକମାସୁଲ ୨୧୧୵

ସମୁଦ୍ର ପଥରେ ବିଦେଶରୁ ଆସୁଥିବା ବାଣିଜ୍ୟ ଉପରେ ଗବର୍ଣ୍ଣମେଣ୍ଟ ଯେଉଁ ମାସୁଲ ନିଅନ୍ତି ତହିଁର ନୂତନ ବ୍ୟବସ୍ଥା କରି ଏକ ଆଇନ ଚଳିତ ମାସ ତା ୫ ରିଖରେ ଗବର୍ଣ୍ଣମେଣ୍ଟଇଣ୍ଡିଆ ଜାରି କରିଅଛନ୍ତି । ଉକ୍ତ ଆଇନାନୁସାରେ କେବଳ ନୀଳ ଧାନ ଚାଉଳ ଓ ଲାଖ ଛଡା ଆଉ ସମସ୍ତ ଦ୍ରବ୍ୟର ରପ୍ତାନୀ ମାସୁଲ ଉଠିଯାଇଅଛି । ଛାଡ ହେବା ଦ୍ରବ୍ୟ ଉପରେ ଗତବର୍ଷ ଟ ୧୭,୩୦,୦୦୦ ଆଦାୟ ହୋଇଥିଲା । ଆମଦାନୀ ଦ୍ରବ୍ୟର ସାଧାରଣ ମାସୁଲ ଟ୭।୵ ଙ୍କାରୁ ଟ ୫ ଙ୍କା ହୋଇଅଛି ଏଥିରେ ମଧ୍ୟ ଟ୧୭,୩୦,୦୦୦ଙ୍କା ଉଣା ହେବାର ସମ୍ଭାବନା । ସୂତା ଲୁଗାର ମୂଲ୍ୟ ଉଣା ହେବାରୁ ତହିଁରେ ଆଠଲକ୍ଷ ଟଙ୍କା ଉଣା ହେବ । ସରାବର ଆମଦାନୀ ମାସୁଲ ଏକ ଟଙ୍କା ବୃଦ୍ଧି ହୋଇଅଛି ଅର୍ଥାତ ଉତ୍ତମ ସରାବର ମାସୁଲ ଟ୩ଙ୍କାରୁ ଟ ୪ ଙ୍କା ଓ ଫେଣାଯୁକ୍ତ ସରାବର ମାସୁଲ ଟ୧।୵ରୁ ଟ୨।୵ ଓ ଅନ୍ୟାନ୍ୟ ନରମ ସରାବ ଟ ୧ ରୁ ଟ ୧।୵ ହୋଇଅଛି । ଏଥିରେ ଟ୧୦,୦୦,୦୦୦ଙ୍କା ଅଧିକା ମିଳିବାର ସମ୍ଭାବନା । ଦ୍ରବ୍ୟର ମୂଲ୍ୟ ଉଣା କରିବାରେ ଟ ୭,୨୦,୦୦୦ ଙ୍କା ରାଜସ୍ୱ କ୍ଷତିହେବାର ସ୍ଥିର ହୋଇଅଛି ଏରୂପେ ଦେଖାଯାଏଯେ ନୂତନ ଆଇନଦ୍ୱାରା ସର୍ବସୁଦ୍ଧା ଟ ୩୦୮୦,୦୦୦ ଙ୍କା ଗବର୍ଣ୍ଣମେଣ୍ଟଙ୍କର କଷ୍ଟମ ମାସୁଲ କ୍ଷତି ହେବ । ଗବର୍ଣ୍ଣର ଜେନେରଲସାହେବ ଏଆଇନ ବିଧିବଦ୍ଧ ସମୟରେ କହିଲେ ଯେ ଭାରତବର୍ଷର ଆୟବ୍ୟୟର ଅବସ୍ଥା ବର୍ତ୍ତମାନ ଭଲଅଛି ଓ ପରମିତ ବ୍ୟୟ ପକ୍ଷରେ କଠିନରୂପେ ଦୃଷ୍ଟି ରଖିଲେ କଷ୍ଟମ ମାସୁଲରେ ଯାହା କ୍ଷତି ବୋଧ ହେଉଅଛି ତାହା ବାଧିବ ନାହିଁ । ବାସ୍ତବରେ ବାଣିଜ୍ୟ ବିସ୍ତାରଦ୍ୱାରା ମାସୁଲ ପୂର୍ବପ୍ରାୟ ସମାନ ହୋଇଯିବ ଅଥଚ ଲୋକଙ୍କର ଅନେକ ସୁବିଧା ହେବ । ସିମଲାରୁ ଆସିଥିବା ତାର ସମ୍ବାଦରୁ ଆମ୍ଭେମାନେ ଉପର ଲିଖିତ ବିଷୟମାନ ଉଦ୍ଧୃତ କଲୁଁ ।

---

କଟକ ନଗରବାସିଙ୍କ ଦୁରବସ୍ଥା ଅଦ୍ଭକାଳ କହିଲେ ସରିବ ନାହିଁ । ଏକଆଡ଼େ ଓଲାଉଠା ଓ ଅତି ବର୍ଷା ଏ ଦୁଇ ଦୈବୀଭୟ ଏବଂ ଅନ୍ୟ ଆଡ଼େ ଖାସମାହାଲ ବନ୍ଦୋବସ୍ତରୂପ ରାଜଭୟ ଉପସ୍ଥିତ ହେବାରୁ ଲୋକେ ଚଉଆଡୁ ହତାଶ ହେଲେଣି କି ଉପାୟରେ ବଞ୍ଚିବେ କିଛି ସ୍ଥିର କରି ପାରୁ ନାହାନ୍ତି । ଓଲାଉଠା ସକାଶେ ଗ୍ରାମ ଦେବତୀମାନଙ୍କୁ ପୂଜା କରି ଓ ନାନାସ୍ଥାନରେ କାଲସୀ ଲଗାଇ ଯୋଗିନୀମାନଙ୍କୁ ଚେତନା ଘଣା ଦେଇ ଏକପ୍ରକାର ବୋଧ କରି ଝାଞ୍ଜ ମୃଦଙ୍ଗ ଶବ୍ଦରେ ତଡି ଦେବାକୁ ସମର୍ଥ ହୋଇଅଛନ୍ତି ସେ ରୋଗର ପ୍ରତାପ ଅନେକ ଉଣା ହେଲାଣି । ଅତି ବର୍ଷା ଦୈବୀଦୁଃଖ ହେଲେହେଁ ଟାଉନକମିଟିର ଭାରପ୍ରାପ୍ତ କର୍ମଚାରୀମାନେ ମନୋଯୋଗୀ ହୋଇଥିଲେ ତହିଁର କ୍ଲେଶ ଅନେକାଂଶରେ ଲାଘବ କୋଇପାରନ୍ତା ଓ ଏତେ ଘରଭଙ୍ଗ ବା ରୋଗ ଜାତ ହୁଅନ୍ତା ନାହିଁ ଯଦ୍ୟପି ତାହା ନ ହେବାରେ ଦୁଃଖ ହେଉଅଛି ତଥାଚ ଏହି ମନେ କରି ଲୋକେ ତାହା ସହୁଅଛନ୍ତି ଯେ କୌଣସିରୂପେ ଆଉ ଦୁଇମାସ କଟିଗଲେ ଏକଷ୍ଟ ରହିବ ନାହିଁ । କିନ୍ତୁ ଖାସମାହାଲ ବନ୍ଦୋବସ୍ତ ଜନିତ କଷ୍ଟ ସବୁଠାରୁ ବଳଅଛି । ଏଥିରେ ଲୋକଙ୍କର ଏ ନଗରରେ ରହିବାର ଆଶା ନାହିଁ । ଯେଉଁମାନେ କୋଠାବାଡି କରି ବଡ଼ଲୋକ ହୋଇ ନିର୍ବାହ ହେଉଅଛନ୍ତି ସେମାନଙ୍କୁ ଯେତେ ବାଧୁ ନ ବାଧୁ ଦୁଃଖୀଙ୍କରିତ ସ୍ଥାନତ୍ୟାଗ ଭିନ୍ନ ଉପାୟ ଦିଶୁ ନାହିଁ ଅଥଚ ଘର ଛାଡି ଦେଶାନ୍ତର ହେବା ଯେ ଏଦେଶୀୟଙ୍କ ପକ୍ଷରେ ମୃତ୍ୟୁ ଅପେକ୍ଷା ଅଧିକ ତାହା ସମସ୍ତେ ଜାଣନ୍ତି ଅବଧି କେବଳ ନଗରର ଦୁଇ ଏକ ବଜାରର ବନ୍ଦୋବସ୍ତ ହୋଇଅଛି କିନ୍ତୁ ଯେ ଜମା ତହିଁରେ ବସିଅଛି ତାହା ଶୁଣିଲେ ପ୍ରାଣ ଉଡି ଯାଉଅଛି । ମାଣ ୨ ୨।୵ ଙ୍କାରୁ ଉଣା ନାହିଁ ଉର୍ଦ୍ଧ୍ୱସଂଖ୍ୟା ହଜାରଟଙ୍କା ପର୍ଯ୍ୟନ୍ତ ହେବାର ଶୁଣାଯାଏ ଦୁଇଗ ଅଢେଇଗ ଟଙ୍କା ମାଣପ୍ରତି ବନ୍ଦୋବସ୍ତ ହେବାର ଦେଖାଗଲାଣି । କି ଉପାୟରେ ଲୋକେ ଏଥିରୁ ଉଦ୍ଧରିବେ ସମସ୍ତେ ଦିବାରାତ୍ରୀ ଏହି ଚିନ୍ତାରେ କାତର ମାତ୍ର କିଛି ଉପାୟ ଦିଶୁ ନାହିଁ । ସ୍ଥାନୀୟ କଲେକ୍ଟର ଓ କମିଶନର ଏରୂପ କରୁଅଛନ୍ତି ତାହାଙ୍କପ୍ରତି ଏଠା ଲୋକଙ୍କର ବିଶେଷ ଭୟ ବାଲେ ତାହାଙ୍କ ବିରୁଦ୍ଧରେ ଆବେଦନ କଲେ ଅଧିକ ବିପଦରେ ପଡିବେ ଏବେଦନ ପ୍ରକାଶ୍ୟ

Digitized by srujanika@gmail.com

Split by PDF Splitter



ରୂପେ ବନ୍ଧ କରୁ ନ ଥିଲେ କିନ୍ତୁ ଅମ୍ଭେମାନେ ଶୁଣୁଅଛୁଁ ଯେ ଏଣିକି ଏ ଦୁଃଖ ତାହାଙ୍କ ସ୍ୱାକ୍ଷରିତ ସହସ୍ତ୍ରୁ ତାଲୁ ଅତିକ୍ରମ କଲାଣି ଓ ଅଳ୍ପକାଳମଧ୍ୟରେ କେତେଗୁଡ଼ି ଅବେଦନପତ୍ର ସ୍ଥାନୀୟ ହାକିମ ଓ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଉପସ୍ଥିତ ହେବ । ଅମ୍ଭେମାନେ ମଧ୍ୟ ନଗରବାସିଙ୍କୁ ପରାମର୍ଶ ଦେଉ ଯେ ହାକିମଙ୍କଠାରେ ମନରେ ଦୁଃଖ ରଖିବା ଅପେକ୍ଷା ପ୍ରକାଶ୍ୟରୂପେ ଆପଣା ଦୁଃଖ ଜଣାନ୍ତୁ ତାହା ହେଲେ ଏଥିର କୌଣସି ପ୍ରତୀକାର ହୋଇପାରେ ।

---

## ତଳକଟିର ଖୁନ ମକଦ୍ଦମା ।

ଗଞ୍ଜାମ ଏଲାକାର ତଳକଟି ଗଡ଼ରେ ଗୋଟିଏ ନରହତ୍ୟା ହେବାର ଯାହା ଅମ୍ଭେମାନେ ଏଥି ପୂର୍ବେ ଲେଖିଥିଲୁଁ ତହିଁର ବିବରଣ ବ୍ରାହ୍ମପୁର ନିବାସୀ ଜଣେ ପତ୍ରପ୍ରେରକଙ୍କଠାରୁ ଏହିପରି ଅବଗତ ହୋଇଅଛୁଁ ଯେ ଗତ ମେମାସରେ ତଳକଟି ରାଜା ଏକ ମହୋତ୍ସବର ଅନୁଷ୍ଠାନ କରିଥିଲେ । ଉତ୍ସବ ଶେଷ ନ ହେଉଣୁଁ ଗଡ଼ରୁ ଦୁଇକୋଶ ଅନ୍ତରରେ ଜଙ୍ଗଲ ମଧ୍ୟରେ ଶ୍ରୀ ଥାଟରାଜଙ୍କ ଜଣେ ପାଇକ ଗଛରେ ଟଙ୍ଗା ହୋଇଥିବାର ଦେଖାଗଲା ତାହାର ଏକହସ୍ତ ଓ ଏକ ପାଦ ଛେଦିତ ଥିଲା । ଏ ସମ୍ବନ୍ଧରେ ଜନରବ ଏହି ଯେ ଶ୍ରୀ ଥାଟ ରାଜା ଦେବୀମନ୍ତ୍ରୋପାସନା କରୁଥିବାରୁ ଗୁରୁଙ୍କ ଆଜ୍ଞାରେ ଉପାସନା ସିଦ୍ଧ ନିମିତ୍ତ ସେବ୍ୟକ୍ତିକୁ ବଳି ଦେଇଅଛନ୍ତି । ମାତ୍ର ମୃତବ୍ୟକ୍ତିର ଅବସ୍ଥାରୁ ଏ ଅନୁମାନ ସିଦ୍ଧ ହେବାର ଦୃଶ୍ୟ ନାହିଁ କାରଣ ବଳିଦାନ ଠିକ ହେଲେ ମସ୍ତକ ଛେଦନ ନ ହୋଇ ହସ୍ତ ପଦ ଛେଦନ ହେବାର ତାତ୍ପର୍ଯ୍ୟ କି ? ଯାହାହେଉ ରାଜା ଓ ଦେୱାନ ପ୍ରଭୃତି ଗଡ଼ଠାରେ ମକଦ୍ଦମା ପ୍ରମାଣ କରିବାର କଠିନ ହେବ ଏ ହେତୁ ମାଜିଷ୍ଟ୍ରେଟ ସାହେବ ରାଜାଙ୍କୁ ଘୁମସର ଓ ଦେୱାନଙ୍କୁ ଚିକାକୁଲକୁ ସ୍ଥାନାନ୍ତରିତ କରିଅଛନ୍ତି ଓ ରାଜାଙ୍କର କନିଷ୍ଠଭ୍ରାତା ଶ୍ରୀ ଗୋପୀନାଥଦେବ ନାମ ଯେଉଁ ଥାଟ ରାଜାଙ୍କୁ ପୁଲିସ ଆପଣାର ହାଜତରେ ରଖି ଅଛନ୍ତି । ପ୍ରଥମେ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ତହିଁ ଉତ୍ତାରୁ ସ୍ୱୟଂ ମାଜିଷ୍ଟ୍ରେଟ ହତ୍ୟାସ୍ଥାନକୁ ଯାଇ କିଛିଦିନ ରହି ଅନେକ ତଦନ୍ତ କଲେ କିଛି ଠିକ ନ ହେବାରୁ ଫେରି ଆସି ଅନୁସନ୍ଧାନରେ ଅଛନ୍ତି । ମାଜିଷ୍ଟ୍ରେଟ ସାହେବଙ୍କ ଆଦେଶାନୁସାରେ ଜଣେ ମୁସଲମାନ ଦେୱାନ ନିଯୁକ୍ତ ହୋଇ ରାଜ୍ୟର କର୍ମ ଚଳାଉଅଛନ୍ତି ଓ ଫରିକଦାରୀ ମାମଲା ବୁଝିବା ପାଇଁ ଜଣେ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟ ସେଠାକୁ ପ୍ରେରିତ ହୋଇଅଛନ୍ତି । ମୃତ ପାଇକର ନାମ ଚାରଣୁ ଥିଲା ତାହାର ହତ୍ୟା ସମ୍ପର୍କୀୟ ସମାଚାର ଓ ହତ୍ୟାକାରୀ ଉପରେ ଦୋଷ ନିଶ୍ଚୟ ହେବାର ଉପଯୁକ୍ତ ପ୍ରମାଣ ଯେକେହି ବ୍ୟକ୍ତି ବାହାର କରିଦେବ ତାହାକୁ ଗବର୍ଣ୍ଣମେଣ୍ଟରୁ ଟ ୧୫୦୦୲ ଙ୍କା ପାରିତୋଷିକ ମିଳିବ ବୋଲି ଗବର୍ଣ୍ଣମେଣ୍ଟଙ୍କ ସିଲ ପ୍ରକାରେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ସାହେବ ଘୋଷଣା ଦେଇଅଛନ୍ତି । ଗଞ୍ଜାମ ସରକାରୀ ଗେଜେଟରେ ଏ ଘୋଷଣା ବାହାରି ଅଛି । ରାଜାଙ୍କର ଅନ୍ତଃପୁର ନିବାସିନୀ ରାଣୀ ଓ ପୋଇଲମାନଙ୍କର ଗୁଡ଼ା ଏ ମକଦ୍ଦମାରେ କୋବାନବନ୍ଦୀ ନିଆ ଯାଇଅଛି କିନ୍ତୁ କୌଣସି ପ୍ରମାଣ ଅବଧି ପ୍ରାପ୍ତ ହୋଇ ନାହିଁ । ଏଣିକି ଏହା ପାରିତୋଷିକ ଲୋଭରେ ମକଦ୍ଦମାର ନିଗୂଢ଼ ବିବରଣ ସବୁ ବାହାରି ପାରେ ।

---

## ରାଜକୁମାରଙ୍କ ଅଭ୍ୟର୍ଥନାର ଉଦ୍ୟମ ।

ଶ୍ରୀମତୀମହାରାଣୀଙ୍କର ଜ୍ୟେଷ୍ଠପୁତ୍ର ପ୍ରିନ୍ସ ଅବ୍ ୱେଲସ୍‌ଙ୍କ ଶୁଭାଗମନ ଉପଲକ୍ଷରେ କଲିକତାରେ ଗତ ସପ୍ତାହରେ ଘୋର ସଭାମାନ ହୋଇ ଯାଇଅଛି । ନଗରବାସିଙ୍କର ସାଧାରଣ ସଭା ଗତ ମାସର ଶେଷ ଦିବସରେ ହୋଇଥିଲା । ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣରସାହେବ ଏ ସଭାର ସଭାପତି ହୋଇଥିଲେ । ସଭାରେ ତଳ ଲିଖିତ ବିଷୟମାନ ଧାର୍ଯ୍ୟ ହେଲା ଯଥା;
୧—ରାଜକୁମାରଙ୍କର ଶୁଭାଗମନ କଥା ଶ୍ରବଣ କରି ନଗରବାସିମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛନ୍ତି ଓ ଶ୍ରୀମତୀମହାରାଣୀ ଓ ରାଜ ପରିବାରସ୍ଥ ବ୍ୟକ୍ତିଙ୍କ ପ୍ରତି ରାଜଭକ୍ତି ପ୍ରଦର୍ଶନ କରିବାର ସୁଯୋଗ ପାଇଅଛନ୍ତି ଅତଏବ ସମସ୍ତ ଶ୍ରେଣୀର ଲୋକ ଏକତ୍ରିତ ହୋଇ ରାଜକୁମାରଙ୍କର ସମ୍ମାନ କରିବାଦ୍ୱାରା ଉକ୍ତ ଭକ୍ତି ପ୍ରକାଶ କରିବେ । ୨—ସମସ୍ତ ଶ୍ରେଣୀର ଲୋକ ଏକତ୍ରିତ ହୋଇ ରାଜକୁମାରଙ୍କୁ ଗୋଟିଏ ଅଭିନନ୍ଦନପତ୍ର ଦେଇବେ ଯେ ତହିଁରେ ଶ୍ରୀ ଶ୍ରୀମତୀମହାରାଣୀ ଓ ରାଜକୁମାରଙ୍କ ପ୍ରତି ସମସ୍ତ ଲୋକଙ୍କର ରାଜଭକ୍ତି ଓ ସ୍ନେହର ପ୍ରସଙ୍ଗ ଲେଖାଥିବ । ୩—କଲିକତା ମିଉନିସିପାଲିଟି ଅଧିକାରରେଥିବା ଘରମାନ ରୋଶନାଇ କରିବା କାରଣ ତାହାଙ୍କ ପ୍ରାର୍ଥନା ହେବ ଓ ନଗରବାସିମାନେ ଆପଣା୨ ଘର ଓ କାର୍ଯ୍ୟାଳୟମାନ ରୋଷନି କରିବାର ଉଦ୍ୟମ କରୁ ଏସବୁକାର୍ଯ୍ୟ ନିମନ୍ତେ ସର୍ବାଗ୍ରେ ଗୋଟିଏ କମିଟି ମନୋନୀତ ହୋଇଅଛି ଓ ଚାନ୍ଦା ସଂଗ୍ରହ ହେବା ମଧ୍ୟ ଆରମ୍ଭ ହେଲାଣି । ଅବଧି ଚାନ୍ଦାରେ ଟ ୨୭୦୦୦ ଙ୍କା ସ୍ୱାକ୍ଷରିତ ହୋଇଅଛି । ମିଉନିସିପଲ ସଭାରେ ପ୍ରସ୍ତାବ ହୋଇଥିଲା ଯେ ରୋଷନାଇ ସକାଶେ ମେମ୍ବରମାନେ ଟ୭୫୦୦୦ଙ୍କା ବ୍ୟୟ କରି ପାଇବେ ଏନିମନ୍ତେ ଗୋଟିଏ ଆଇନ ହେବାର ଉଚିତ । ଏଥିରୁ ଅନେକ ସଭ୍ୟ ପ୍ରତିବାଦ କରି କହିଲେ ଯେ ଲୋକଙ୍କଠାରୁ ଆଦାୟ ହେଉଥିବା ଟାକ୍ସ ଏପରି କାର୍ଯ୍ୟରେ ବ୍ୟୟ ହୋଇ ନ ପାରେ । ରାଜଭକ୍ତି ଦେଖାଇବା ଅବଶ୍ୟ ସୁଖକର କାର୍ଯ୍ୟ ଓ ତାହା ସ୍ୱେଚ୍ଛାପୂର୍ବକ ହେବାର ଉଚିତ ମୁନିସ କନଷ୍ଟେବଳ ଧକ୍କା ଦେଇ ରାଜଭକ୍ତ ବାହାର କରିବାର ଯୋଗ୍ୟନୀୟ ନୁହଇ । ଟାକ୍ସ ଟଙ୍କା ଆଦାୟ ସକାଶେ ଲୋକଙ୍କୁ ଓ୍ୱାରଣ୍ଟରେ ଧରାଯାଉଅଛି ସେ ଟଙ୍କା ରୋଷନାଇରେ ଖର୍ଚ୍ଚ କରିବା ନ୍ୟାୟସଙ୍ଗତ ନୁହଇ । ଏପରି ପ୍ରତିବାଦରେ ଉପର ଲିଖିତ ପ୍ରସ୍ତାବଟି ସ୍ଥିର ରହି ନ ପାରିଲା । ପଶ୍ଚାତ୍‌ଶେଷରେ ସଭାପତି କହିଲେ ଯେ ମିଉନିସିପଲ ଫଣ୍ଡରୁ ସେମାନଙ୍କର ଘର ଇତ୍ୟାଦି ରୋଷନାଇ ହେବ । ଖର୍ଚ୍ଚ କେତେ ହେବ ତହିଁର କିଛି ନିଦର୍ଶନ ଦିଅ ନାହିଁ । ଏରୂପେ ଦେଖାଯାଏ ଯେ କଲିକତାରେ ସେ ସମୟରେ ଭାରୀ ସମାରୋହ ହେବ ଓ ତହିଁ ପାଇଁ ଲୋକେ ପାଞ୍ଚମାସ ପୂର୍ବରୁ ପ୍ରସ୍ତୁତ ହେଉଅଛନ୍ତି ।

---

## ପୁରୀ ।

ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର କଥା ଅଚିହ୍ନା ଓଡ଼ିଶାର ପ୍ରଧାନ ବିଷୟ ହୋଇଅଛି । ସବୁଠାରେ ଲୋକଙ୍କୁ ଏଥିର ଚର୍ଚ୍ଚା କରିବାକୁ ଦେଖାଯାଏ । ପୁରୀରୁ କେହି ଆସିଲେ ସର୍ବାଗ୍ରେ ମନ୍ଦିରର କଥା ତାହାକୁ ପ୍ରଶ୍ନ ହୁଅଇ ଓ ଯାହା ମନକୁ ଯାହା ଆସେ ସେ ତାହା କହିବାରୁ ନାନାପ୍ରକାର ସତ ମିଛ କଥା ରଟନା ହୋଇଅଛି । ଗୁପ୍ତକଥା ଶୁଣିବା ଏଠାଲୋକଙ୍କର ସ୍ୱଭାବସିଦ୍ଧ ଇଚ୍ଛା ଓ ପ୍ରକାଶ୍ୟ ବିଷୟ ତାଦୃଶ ମନୋରଞ୍ଜନ ହେବାର ଦେଖା ନ ଯାଏ ଏଥିନିମନ୍ତେ ଚତୁରଲୋକମାନେ ଗୋଟିଏ୨ ନୂତନ କଥା ରଚନା କରନ୍ତି ଓ ତାହା ସତ୍ୟ ହେଉ ବା ମିଥ୍ୟା ହେଉ ତହିଁ ର ଅନୁସନ୍ଧାନ କେହି ନ କରି ଭକ୍ତିପୂର୍ବକ ସେସବୁକୁ ବିଶ୍ୱାସ କରନ୍ତି ଏହି ହେତୁରୁ ଲୋକପ୍ରମୁଖାତ୍ ପରମ୍ପର କଳୁଷ

Digitized by srujanika@gmail.com

ପ୍ରହାରର ଅନେକ କଥା ଶୁଣା ଯାଏ ଅତଏବ ସେସବୁ ଜନରବର ବୃତ୍ତାନ୍ତ ପରିତ୍ୟାଗ କରି ଅମ୍ଭେମାନେ ପ୍ରକୃତ ଘଟନା ଯାହା ଶୁଣିଅଛୁଁ ଏଠାରେ ଲେଖୁଅଛୁଁ ତାହା ଏହି ଯେ ଠାକୁରମାନେ ରଥାରୋହଣରେ ସିଂହଦ୍ୱାରକୁ ଫେରି ଆସିଲାରୁ ସେମାନଙ୍କୁ କେଉଁଠାରେ ରଖି ପୂଜା ହେବ ଏଥିର ତର୍କ ଉପସ୍ଥିତ ହେଲା । ପୁରୀର ରାଜା ସମସ୍ତ ସନ୍ନ ମହନ୍ତ ପଣ୍ଡିତ ପଣ୍ଡା ପ୍ରଭୃତି ଭଦ୍ରଲୋକଙ୍କୁ ଆହ୍ୱାନକରି ଶ୍ରୀ ଲକ୍ଷ୍ମୀଠାକୁରାଣିଙ୍କ ମନ୍ଦିର ସମ୍ମୁଖରେ ଏକ ସଭା ରଚନା କଲେ ଅନେକ ତର୍କ ଓ ଶାସ୍ତ୍ରର ପ୍ରସଙ୍ଗ ଉତ୍ତାରୁ ମହନ୍ତ ନାରାୟଣଦାସ ଓ ଅନ୍ୟ କେତେକ ପଣ୍ଡିତ ମତ ଦେଲେ ଯେ ଅଣସର ବେଦୀର ନିକଟରେ ଠାକୁରମାନଙ୍କୁ ବସାଇଲେ ସେଠାରେ ଅନ୍ନ ଭୋଗ ହୋଇ ପାରିବ ମାତ୍ର ପଣ୍ଡିମାନେ ଏଥିରେ ସମ୍ମତ ହେଲେ ନାହିଁ ତାଙ୍କର ଆପତ୍ତି ଏହି ଯେ ସିଂହାସନ ଛଡା ଆଉ କୌଣସି ସ୍ଥାନରେ ଅନ୍ନ ଭୋଗ ହେବାର ସ୍ପଷ୍ଟବିଧାନ ଶାସ୍ତ୍ରରେ ନାହିଁ । ଏ ଆପତ୍ତି ଖଣ୍ଡନ ନିମିତ୍ତ ମାଦଳାପାଞ୍ଜିରୁ ଏକ ଉଦାହରଣ ବାହାରିଲାଯେ ବର୍ତ୍ତମାନ ମନ୍ଦିର ନିର୍ମାଣ ପୂର୍ବ ଏକସମୟରେ ମନ୍ଦିର ଜୀର୍ଣ୍ଣ ହେବାରୁ ତହିଁର ସଂସ୍କାର ପର୍ଯ୍ୟନ୍ତ ଠାକୁରମାନେ ବୃକ୍ଷନିକଟରେ ରହିଥିଲେ ସେଠାରେ ଅନ୍ନଭୋଗ ପଣ୍ଡିମାନେ ଗ୍ରହଣ ନ କରିବାରୁ ମହାପ୍ରଭୁଙ୍କ ଆଜ୍ଞାକ୍ରମେ ଜଣେ ଗୁଙ୍ଗା ଏକ ଶ୍ଳୋକ ପଢି ପଣ୍ଡିଙ୍କର ପ୍ରତ୍ୟୟ ଜନ୍ମାଇ ଥିଲା ଶ୍ଳୋକଟି ପଢି ପୁନର୍ବାର ସେବ୍ୟକ୍ତି ଗୁଙ୍ଗାହୋଇ ପଣ୍ଡିମାନେ ଏକଥାକୁ ମାନ କଲେହେଁ ତାହା ପ୍ରକ୍ଷେପ୍ତ ନୂତନ ବୋଲି ଆପଣା ପୂର୍ବମତ ପରିତ୍ୟାଗ ନ କଲେ । ଯାହା ହେଉ ରାଜା ଏହିପ୍ରକାର ବୁଝିଲେ ଯେ ଅଣସରବେଦୀ ନିକଟରେ ଠାକୁରଙ୍କ ରହିବା କଥାରେ ସମସ୍ତେ ସମ୍ମତ ହେଲେ ସୁତରାଂ ସେ ଉକ୍ତପ୍ରକାର ଆଜ୍ଞା ଦେଲେ ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ କେହ ତାହା ମାନିଲେ ନାହିଁ । ରାଜା ଆପଣାଅଧିକାର ବ୍ୟର୍ଥ ହେବାର ଦେଖି ଅକର୍ତ୍ତବ୍ୟ ହୋଇ ଆପଣା ମୁକ୍ତାରକୁ ମାଜିଷ୍ଟ୍ରେଟ ସାହେବଙ୍କ ନିକଟ ତାରୁଖାମୁଦାମକୁ ପଠାଇଲେ । ତହିଁରେ କି ଫଳ ହେଲା ଅବଧି ଜଣାପଡି ନାହିଁ । ସେବକମାନଙ୍କ ଇଚ୍ଛା ଯେ କଭାନ୍ତପକ୍ଷରେ ଯେପର୍ଯ୍ୟନ୍ତ ଶ୍ରୀମନ୍ଦିରଠାରେ ଜଗମୋହନରେ ବନ୍ଧା ହୋଇଥାନ୍ତି ସେହିପରି ଠାକୁରମାନେ ଶ୍ରୀମନ୍ଦିର ଜଗମୋହନରେ ବନ୍ଧା ହୋଇ ରହିବେ । ଅନ୍ୟଥରେ ରହିଲେ ପୁନର୍ବାର ରଥଯାତ୍ରା ପର୍ଯ୍ୟନ୍ତ ଆଉ କୌଣସି ସ୍ଥାନକୁ ବଡେ ହୋଇ ପାରିବେ ନାହିଁ । ରାଜା ଏଥିରେ ମଧ୍ୟ ସମ୍ମତ ହେବାର ଶୁଣାଯାଏ ମାତ୍ର ଏହି ନିଯମରେ ଯେ ଠାକୁରମାନେ ପୃଥକ୍ ବନ୍ଧା ନ ହୋଇ ଏକତ୍ରରେ ଜଗମୋହନରେ ବସିବେ ଓ ମନ୍ଦିରର ମରାମତି କାର୍ଯ୍ୟ ଶେଷ ହେଲେ ସିଂହାସନକୁ ବିରାଜମାନ ହେବେ । ଏଥିରେ ସୁଦ୍ଧା ସେବକମାନେ ସମ୍ମତ ନୁହନ୍ତି ସୁତରାଂ ଦେଖାଯାଏ ଯେ ସେବକଙ୍କପ୍ରତି ରାଜାଙ୍କର କୌଣସି ଅଧିକାର ନାହିଁ ବରଂ ସେବକମାନେ ତାହାଙ୍କୁ ଆପଣା ଅଧୀନରେ ରଖିବାକୁ ସର୍ବପ୍ରକାରରେ ଚେଷ୍ଟା କରୁଅଛନ୍ତି ।

ଉପରଲିଖିତ ବିଷୟ ଲେଖାହେଲା ଉତ୍ତାରୁ ଅମ୍ଭେମାନେ ପୁରୀରୁ ସମ୍ବାଦ ପାଇଲୁଁ ଯେ ରାଜାଙ୍କର ମୁକ୍ତାର ଖୋରଧାକୁ ଯିବାର ଦେଖି ସେବକମାନେ ଏକ ଦରଖାସ୍ତ ପଠାଇଲେ ଓ ମାଜିଷ୍ଟ୍ରେଟ ସାହେବ ଏଦୁଇ ଦରଖାସ୍ତ ଦେଖି ଆଜ୍ଞାଦେଲେ କି ମନ୍ଦିରରେ ରାଜାଙ୍କର ସମ୍ପୂର୍ଣ୍ଣ ଅଧିକାର ସେ ଯେଉଁଠାରେ ମହାପ୍ରଭୁଙ୍କୁ ବସାଇବେ ଓ ଯାହା କରିବେ ସେବକମାନେ ତାହା ପ୍ରତିପାଳନ କରିବେ ନୋହିଲେ ମାଙ୍ଗୁଲ ହେବେ । ଏ ଆଜ୍ଞାରେ କର୍ମଚାରମାନେ ଆପଣା କର୍ମ ଯିବା ଭୟରେ ଯେ ଯାହା କର୍ମରେ ଉପସ୍ଥିତ ହେଲେ । ଏଥି ମଧ୍ୟରେ ଗତ ରବିବାରଦିନୁ ଠାକୁରମାନେ ପହଣ୍ଡିବିଜେ ହୋଇ ରାଜାଙ୍କର ନିର୍ଦ୍ଦିଷ୍ଟ ସ୍ଥାନ ଅର୍ଥାତ ପ୍ରାଚନ ଭଣ୍ଡାରର ସମ୍ମୁଖ ଓ ରତ୍ନକାଷ୍ଠର ବାହାରେ ଅବସ୍ଥିତ କଲେ । ଓ ସେବକମାନେ ଅସମ୍ମତ ଥିବା ବେଳେ ଦୁଇ ଏକଦିନ ରାଜା ଅନ୍ୟାନ୍ୟ ବ୍ରାହ୍ମଣ ଦ୍ୱାରା ସେବା ନୀତମାନ ଚଳାଇ ନେଇଥିଲେ ପରେ ସେବକମାନେ ଆପଣା କର୍ମରେ ଉପସ୍ଥିତ ହେଲେ କିନ୍ତୁ ଯେଉଁ ଅନ୍ନ ପ୍ରସାଦ ହେଉଅଛି ତାହା ସମସ୍ତ ଶ୍ରେଣୀର ଲୋକ ଗ୍ରହଣ କରୁ ନାହାନ୍ତି କେବଳ ରାଜାଙ୍କର ଅନୁଚର ଓ ଯାବତୀୟ ବଙ୍ଗାଳ ଯାତ୍ରୀ ପ୍ରଭୃତି ତାହା ସେବନ କରୁଅଛନ୍ତି । ଫଳତଃ ଦେଖାଯାଏ ଯେ ରାଜାଙ୍କର ବ୍ୟବସ୍ଥାରେ କେବଳ ପଣ୍ଡି ଓ ସେବକ କାହିଁକି କି ପଣ୍ଡିତ ଓ ଭଦ୍ରଲୋକ ଅଧିକାଂଶ ବିରୁଦ୍ଧମତ ରଖିବାର ଦେଖାଯାଏ ଓ ଯେବେ ମହାପ୍ରସାଦ ସମ୍ବନ୍ଧରେ ପ୍ରଚଳିତ ନ ହୁଅଇ ତେବେ ବଡ ଦୁଃଖର ବିଷୟ ହେବ । ଯେରୂପ ଅବସ୍ଥା ଘଟିଅଛି ତହିଁରୁ ଜଣାଯାଏ ଯେ ଜଗନ୍ନାଥଙ୍କ ମନ୍ଦିର ଓ ନୀତ ସମ୍ପର୍କରେ ରାଜାଙ୍କର କେପର୍ଯ୍ୟନ୍ତ ଅଧିକାର ଅଛି ଏକପ୍ରକାର ସ୍ଥିର ହେବ । ସମସ୍ତ ହିନ୍ଦୁଧର୍ମାବଲମ୍ବିଙ୍କୁ ଏ ବିଷୟ ପ୍ରତି ଦୃଷ୍ଟିରଖିବାର ଉଚିତ ।

---

# ସାପ୍ତାହିକ ସଂବାଦ ।

ଦଶପଲ୍ଲାର ରାଜା ଓ ତାହାଙ୍କ ଦୟାନଙ୍କ ମଧ୍ୟରେ ମନାନ୍ତର ଘଟିଥିବାରୁ ତହିଁର ପ୍ରତୀକାର ନିମିତ୍ତ ରାଜା କଞ୍ଚଦନ ହେଲା ଏ ନଗରରେ ଅବସ୍ଥିତ କରିଅଛନ୍ତି । ଅମ୍ଭେମାନେ ଯାହା ଶୁଣିଅଛୁଁ ତହିଁରୁ ବୋଧହୁଅଇ ଏ ରାଜାଙ୍କ କଥା ଡୋମପଡା ରାଜାଙ୍କ ପରି ହୋଇଅଛି । ବସୋବା ସୁରଁଗୁଅରଙ୍କ ଅବସ୍ଥାରୁ କଛି ଦୃଷ୍ଟାନ୍ତର ମିଳ ନାହିଁ କି ?

ମୟୂରଭଞ୍ଜର ରାଜା ସ୍କୁଲ ଓ ଚିକିତ୍ସାଳୟ ଆପଣା ଗଡରେ ବସାଇବାକୁ ଦୃଢ କଳ୍ପ ହୋଇ କର୍ମଚାରି ନିଯୋଗ ନିମିତ୍ତ ଘୋଷଣା ଦେଇଥିଲେ । ମାତ୍ର ଅବଧି ତହିଁର କିଛି ସ୍ଥିର ନ ହେବାରୁ ବାଲେଶ୍ୱର ସମ୍ବାଦପତ୍ରିକା ଦ୍ୱୟ ଯଥାର୍ଥରୂପେ ତାହାଙ୍କୁ ଆକ୍ରମଣ କରିଅଛନ୍ତି । ଏ ରାଜା ପରା ଓଡିଶାରେ ସମସ୍ତଙ୍କ ଠାରୁ ବଡ ବୋଲାଇବାର ଅଭିମାନ ରଖନ୍ତି ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ନୀଳଗିରି ରାଜାଙ୍କର ମୋକଦ୍ଦମା ବିଚାର ଅବଧି ଶେଷ ହୋଇ ନାହିଁ ।

କମିସ୍ନରୀ ସିରସ୍ତାଦାରୀ କର୍ମହେନ ଅବଧି ଏଠାରେ ଚର୍ଚ୍ଚା ଲାଗି ରହିଅଛି । କମିସ୍ନରସାହେବ ଜଣେ ନିତାନ୍ତ ଓଡିଆ ଲୋଡିବାର ଜନରବ ଉଠିଅଛି କେହି କହନ୍ତି ପକ୍କା ଓଡିଆ କେହି କହନ୍ତି କଞ୍ଚା ଓଡିଆ ସେ ଲୋଡୁଅଛନ୍ତି । ମାତ୍ର ଦେଖାଯାଏ ଯେ ସମସ୍ତପ୍ରକାରର ଓଡିଆ ଦରଖାସ୍ତ ପଠାଉ ଅଛନ୍ତି ।

ବାଲେଶ୍ୱରର ବାବୁ ଶ୍ୟାମାନନ୍ଦ ଦେଙ୍କୁ ରାୟବାହାଦୁର ପଦ ଦେବା ସମୟରେ ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ସଭାରେ ବାବୁଙ୍କର ଏହିରୂପ ପରିଚୟ ଦେଲେ ଯେ ସନ ୧୮୬୬ ଓଡିଶାର ଦୁର୍ଭିକ୍ଷ ସମୟରେ ବଦାନ୍ୟତା ଦେଖାଇ ଏ ବାବୁ ଖ୍ୟାତିଲାଭ କରିଥିଲେ ଓ ତହିଁ ଉତ୍ତାରୁ ସ୍କୁଲ ଚିକିତ୍ସାଳୟ ସଡକ ଇତ୍ୟାଦି ସର୍ବାଶେ ଅକାତରରେ ଦାନ କରି ଆସୁଅଛନ୍ତି ଜମିଦାର ସ୍ୱରୂପ ଏହାଙ୍କର ଚରିତ୍ର ସପକ୍ଷରେ ସ୍ଥାନୀୟ ହାକମମାନେ ବରାବର ଲେଖି ଆସୁଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ଓଡିଶାର ଅନ୍ୟାନ୍ୟ

Split by PDF Splitter
Digitized by srujanika@gmail.com

ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏହିପରି ଖ୍ୟାତି ଲଭିବାର ଚେଷ୍ଟା କରନ୍ତୁ ।

ଶୁକ୍ର ଓ ବୃହସ୍ପତି ଏ ଦୁଇ ଗ୍ରହଙ୍କର ମଧ୍ୟରେ ଯେଉଁ ଗ୍ରହ ପୁଞ୍ଜ ଅଛି ତହିଁରେ ଆଉ ଗୋଟିଏ ନୂତନ ଗ୍ରହ ଆବିଷ୍କୃତ ହୋଇଅଛି । ମାରସେଲ୍ ନଗରର ଷ୍ଟିଫନ୍ ସାହେବ ଏହାକୁ ବାହାର କରିଅଛନ୍ତି । ଏହାକୁ ମିଶାଇ ଉକ୍ତ ଗ୍ରହ ପୁଞ୍ଜରେ ଗ୍ରହ ସଂଖ୍ୟା ୧୪୭ ହୋଇଅଛି ।

ଆମେରିକାର ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ନ୍ୟୁଗ୍ରେନେଡା ସ୍ଥିତ କୁଅଣ୍ଟାକନରରେ ଭାରି ଭୂମିକମ୍ପ ହୋଇଅଛି କଥିତ ହୁଅଇ ଯେ କେତେକ ଗୁଡିଏ ଘର ଛଡା ଉକ୍ତ ନଗରଟି ସମ୍ପୂର୍ଣ୍ଣରୂପେ ଧ୍ୱଂସ ହୋଇଅଛି । ତହିଁ ନିକଟବର୍ତ୍ତୀ ଖଣ୍ଡ ସହରରେ ମଧ୍ୟ ଅନେକ କ୍ଷତି ହୋଇଅଛି । ଯେତେ ଆୟତନରେ ଭୂମିକମ୍ପ ହେଲା ତହିଁର ଲୋକସଂଖ୍ୟା ୩୫୦୦୦ ତହିଁମଧ୍ୟରୁ ନ ୧୬୦୦୦ ଣ ମରି ପଡିଅଛନ୍ତି ।

ଏବର୍ଷ ରଥଯାତ୍ରାରେ କୌଣସି ଠାରେ କିଛି ଦୁର୍ଘଟନା ହୋଇ ନାହିଁ ।

ଗତମାସ ଶେଷ ସପ୍ତାହରେ ଏଠାରେ ଯେମନ୍ତ ବୃଷ୍ଟିବର୍ଷା ହୋଇଥିଲା ସେହିପରି ଆଉ୨ ସ୍ଥାନରେ ମଧ୍ୟ ହୋଇଥିବାର ସମ୍ବାଦ ପାଆଯାଏ ହେତଉରେ ଏକରାତ୍ରରେ ଛଅଇଞ୍ଚ ଜଳ ବର୍ଷିଥିଲା ଓ ଅରଦିନ ସକାଳେ ନଗର ପାଣିରେ ଭାସୁଥିଲା ପରିବୋଧ ହେଲା ।

ଆମ୍ଭମାନଙ୍କ ଲେଫ୍ଟନେଣ୍ଟ ଗବର୍ଣ୍ଣର କଲିକତାରୁ ଅବି ପୁନର୍ବାର ଦାର୍ଜିଲିଙ୍ଗକୁ ଗମନ କରି ଅଛନ୍ତି ବର୍ଷାଦିନରେ ଆଉ ଦାର୍ଜିଲିଙ୍ଗକୁ କାହିଁକି ?

ବର୍ତ୍ତମାନର ପ୍ରସିଦ୍ଧ ରଙ୍ଗଜୀବିଙ୍କ ମଧ୍ୟରେ ବନୁର ଫ୍ରିଞ୍ଚଗୋ ଯେରୂପ କୃତକାର୍ଯ୍ୟତା ଲଭି ଅଛନ୍ତି ସେପରି ପୃଥିବୀରେ ଆଉ କାହାରି ଭାଗ୍ୟରେ ଘଟି ନାହିଁ କଥିତ ହୁଅଇ ସେ ଏଥିରେ ଚାରିଲକ୍ଷ ଟଙ୍କା ଉପାର୍ଜନ କଲେଣି ।

ହିନ୍ଦୁପେଟ୍ରିଅଟର ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି ଯେ ଅସାମରେ ଜଣେ ଅସିଷ୍ଟାଣ୍ଟ କମିଶନରଙ୍କ କୋଠି ପଟର ସମ୍ମୁଖରେ ଜଣେ ମୌଜାଦାର ଛତା ମେଲାଇ ଯାଉଥିଲା । ଏହା ଦେଖି ହାକିମର ମର୍ଯ୍ୟାଦା ହାନି ହେବାରୁ ସେ ଉକ୍ତ ମଉଜାଦାରକୁ ଡକାଇ ଯଥୋଚିତ ଲାଞ୍ଛନା କଲେ । ମୌଜାଦାର ଭୟରେ କମ୍ପିତକଲେବର ହୋଇ ଅନେକ ସ୍ତୁତିପାଠ ପୂର୍ବକ କ୍ଷମା ପ୍ରାର୍ଥନା କଲା ଓ ହାକିମ ସନ୍ତୋଷ ହୋଇ ତାହା ଗ୍ରାହ୍ୟକଲେ । ମୋଫସଲରେ ଯେମନ୍ତ ହାକିମୀର ସୁଖ ଏମନ୍ତ ଆଉ କିଛି ନାହିଁ ।

ଭାରତବର୍ଷରେ ସର୍ବସୁଦ୍ଧା ୩୧୫୫ ଶ୍ର ଇଂରେଜୀ ୩୨୧୪ ଶ୍ର ଦେଶୀଭାଷା ଏବଂ ୩୭୯ ଶ୍ର ମିଶ୍ରିତଭାଷାର ସମ୍ବାଦପତ୍ର ବର୍ତ୍ତମାନ ପ୍ରକାଶିତ ହେଉଅଛି ସବୁଠାରୁ ବହୁତ ସମ୍ବାଦପତ୍ର ବମ୍ବେଇରେ ପ୍ରଚଳିତ ହେଉଅଛି ତହୁଁ ଉଣେ ବଙ୍ଗଳା ଓ ତହୁଁ ଉଣେ ଅନ୍ୟ ପ୍ରଦେଶମାନ ।

ବାବୁ ବ୍ରଜେନ୍ଦ୍ରନାଥ ଦେ ଏଥର ସିଭିଲ ସରଭିସର ଶେଷ ପରୀକ୍ଷାରେ ଅଧିକ ସ୍ଥାନ ପାଇ ଅଛନ୍ତି । ସାଧାରଣ ତାଲିକାରେ ସେ ଉନ୍ତ୍ରିଶ ଏବଂ ବଙ୍ଗଳାର ତାଲିକାରେ ପ୍ରଥମ ହୋଇ ଅଛନ୍ତି । ବିଲାତରେ ପରୀକ୍ଷା ଦେଇ ଏପରି ଉଚ୍ଚସ୍ଥାନ ପାଇବା ସହଜକଥା ନୁହଇ ।

କୌଣସି ସମ୍ବାଦପତ୍ରରୁ ହିନ୍ଦୁପେଟ୍ରିଅଟ ଅବଗତ ହୋଇ ଅଛନ୍ତି ଯେ ଭାରତବର୍ଷକୁ ଲୁଣ ରପ୍ତାନି କରିବା ବିଷୟରେ ମିଶ୍ରଦେଶ ଅଳ୍ପଦିନରେ ପ୍ରାଧାନ୍ୟତା ଲାଭ କରିବ । ସୁଏଜର ଲବଣ ମାରିବାସ୍ଥାନମାନଙ୍କରେ ପ୍ରସ୍ତୁତ ହୋଇଥିବା ଲୁଣରୁ ଗତ ମଇମାସ ତା ୧ ରଖଠାରୁ ୬୦୦୦ ଟନ [ ପ୍ରତିଟନ କଳିକତା ମ ୨୭ ମଣ ] କଲିକତାକୁ ଆମଦାନି ହୋଇଅଛି ମିଶ୍ରଦେଶ ସହିତ ଆମ୍ଭମାନଙ୍କର ଅତି ପୂର୍ବକାଳରେ ବାଣିଜ୍ୟ ଥିଲା ପୁନର୍ବାର ତାହା ହେଲେ ତାହା ବଡ ସୁଖର ବିଷୟ ଅଟଇ ।

ମୁନସି ପ୍ୟାରିଲାଲଙ୍କ ଶ୍ରମ ଶେଷ ସଫଳ ହେବାର ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ବିବାହର ବ୍ୟୟ ଊଣାକରି ଯେ ପରିମାଣରେ ତାହା ରହିବାର ସ୍ଥିର କରିଅଛନ୍ତି ସେହିପରିମାଣ ବ୍ୟୟ କରି ଗତ କେତେକ ମାସରେ ୫୦୦ ବିବାହ ହୋଇଯାଇଅଛି । ଓଡିଶା ଭାଗ୍ୟକୁ ଜଣେ ଏପରି କାହିଁକି ବାହାରୁ ନାହିଁ ।

ବମ୍ବେଇରେ ଗୋଟିଏ ତାମସା ହୋଇଗଲା ଦିନକରେ ବଜାରରେ କଥା ଉଠିଲା ଯେ ଏକ ପଞ୍ଜାବସ୍ତ୍ରୀ ବମ୍ବେଇବାସୀ କୁସ୍ତିଗିରଙ୍କୁ ଲଢାଇ କରିବାକୁ ଡାକୁଅଛି ଓ ଯେଉଁ ବ୍ୟକ୍ତି ତାହାକୁ କୁସ୍ତିରେ ଜିଣି ପାରିବ ସେ ତାହାକୁ ବିବାହ କରିବ । ସବୁଠାରେ ଏକଥା ପ୍ରଚାର ହୋଇଗଲା ଓ ଏମାମବାଡାଠାରେ ଲଢାଇର ସ୍ଥାନ ବୋଲି ମଧ୍ୟ ପ୍ରକାଶ ହେଲା । ଏଥିରେ କୌତୁକ ଦେଖିବାପାଇଁ ଶହଅନ୍ତୁ ଲୋକ ବାହାରିବାରେ ରାସ୍ତାର ଜନତା ହେଲା ଓ ଏମାମବାଡାଠାରେ ଲୋକଙ୍କର ଭିଡ ଏମନ୍ତ ହେଲା ଯେ ତହିଁ ମଧ୍ୟରେ ପ୍ରବେଶ କରିବାର କଠିନ ହୁଅଇ ଯେତେ ଲୋକଙ୍କୁ ଭୁଲାଇଲେ ଯେ ଏ କୁସ୍ତିରକଥା ସବୁ ମିଛ ମାତ୍ର ହଏ ତାହା ଶୁଣୁଅଛି ଏକଦଳରେ ଭିଡ଼ ଲାଗେ୨ ଅନ୍ୟଦଳରେ ଭିଡ଼ ହୋଇଯାଏ ସ୍ତ୍ରୀଲୋକ କୁସ୍ତି କରିବ ପୁଣି ସେ ସୁନ୍ଦରୀ ବୋଲି ପ୍ରକାଶ ହୋଇଥିଲା ଏଥିରେ କ ପୁରୁଷର ଉଦ୍ଦେଶ ଶୁଣାଯାଏ । ସନ୍ଧ୍ୟା ଘ ୭ ଟା ପର୍ଯ୍ୟନ୍ତ ଏହିପରି ଭିଡ଼ ରହିଲ ନଗରରେ ପରିଶେଷରେ କୁସ୍ତି ନ ହେବାର ଜାଣି ସମସ୍ତେ ଆପଣା୨ ଘରକୁ ଫେରିଗଲେ । ଯେ ଏକଥାଟି ପ୍ରଥମେ ରଚନା କଲା ସେ ପ୍ରସଂଶାର ଯୋଗ୍ୟ ଅଟଇ ।

ଅଗାମୀ ଦଶହରା ପର୍ବ ଉପଲକ୍ଷରେ କଲିକତାର ହାଇକୋର୍ଟ ଆଗାମୀ ସେପ୍ଟେମ୍ବରମାସ ତା ୨୦ ରୁ ବନ୍ଦ ହେବାର ସ୍ଥିର ହୋଇଅଛି ।

ଡାକ୍ତର ମହେନ୍ଦ୍ରଲାଲ ସରକାରଙ୍କର ବୈଜ୍ଞାନିକ ସଭା ନିମିତ୍ତ ପ୍ରାୟ ୮୦ହଜାର ଟଙ୍କାପର୍ଯ୍ୟନ୍ତ ଦେବା ହେଲାଣି । ଆଉ କେତେ ଟଙ୍କା ହେଲେ ଏ ପ୍ରସ୍ତାବଟି କାର୍ଯ୍ୟରେ ପରିଣତ ହେବ ବୋଲିଯାଇ ନ ପାରେ ।

କଲିକତାରେ ମାଛବିଷୟରେ ଯେଉଁ ଗୋଳମାଳ ଉଠିଅଛି ଅଦ୍ୟାପି ତହିଁର ଶେଷ ହୋଇ ନାହିଁ । ଡାକ୍ତର କନାଇଲାଲ ଦେ ରାୟବାହାଦୁର ଅନେକପ୍ରକାର ଅହାରୀୟ ମତ୍ସ୍ୟ ଉଦାରଣ କରି ଦେଖିଅଛନ୍ତି ଯେ ମାଛମଧ୍ୟରେ ଯେଉଁ ଅତି କ୍ଷୁଦ୍ରକୀଟଙ୍କୁ ଦେଖାଯାଏ ତାହା ସ୍ୱାଭାବିକ ଅଟଇ ଓ ରନ୍ଧନସମୟରେ ସେ ସବୁ କୀଟ ସମ୍ପୂର୍ଣ୍ଣରୂପେ ବିନାଶ ହୁଅନ୍ତି ସୁତରାଂ ତଦ୍ୱାରା ମନୁଷ୍ୟର ଶରୀରପ୍ରତି କୌଣସି ଅନିଷ୍ଟ ହୁଅଇ ନାହିଁ ।

ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି ଯେ ଗୋଟାଏ କଲବୁସନାମକ ମାଛପେଟରୁ ଦୁଇଫୁଟରୁ ଅଧିକ ଲମ୍ବା ଗୋଟାଏ କୀଟ ବାହାରିଥିଲା । ମାଛଟିର ଓଜନ ପ୍ରାୟ ଅଢେଇସେର ହେବ ।

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ରାମପ୍ରସାଦ ସିଂହ | ପୁରୀ ବଙ୍କାପୁର | | ଟ ୬୷ |
| „ ଗଣେଶ୍ୱର ଦାସ | କଟକ | „ | ଟ ୨ |
| „ ଗଣେଶପ୍ରସାଦ ସିଂହ | „ | „ | ଟ ୩ |
| „ ଚିମନାଗି ଯାଦବ | „ | „ | ଟ ୨ |
| „ ଭଗବତୀଚରଣ ସେନ | „ | „ | ଟ ୭ |
| ମୁନସି ରମଜାନ ମହମ୍ମଦ | ବ୍ରାହ୍ମଣୀ | „ | ଟ ୪ |
| ବାବୁ ଅର୍ଦ୍ଧବନ୍ଧ କର | କଟକ | „ | ଟ ୧ |
| „ ଦିବାକର ଦାସ | „ | „ | ଟ ୬ |

---

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter
EGISTERED NO. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ଶ }
ସଂଖ୍ୟା ୩୪ }
ତା ୨୧ ଅଗଷ୍ଟ ସନ ୧୮୭୫ ମସିହା । ମୁ । ଭାଦ୍ରବ ବ ୭ ଦିନ ସନ ୧୨୮୨ ସାଲ ଶନିବାର
{ ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧।୵

ଭ୍ରମ ସଂଶୋଧନ ।

ଗତମାସ ତା ୧୪ ରିଖର ଉତ୍କଳଦୀପିକା ପୃ ୧୩୦ ଷ୍ଠା ୨ୟ ସ୍ତମ୍ଭ ୧୩ ପଂକ୍ତିରେ 'ରାଣୀ ଓ ପୋଇଲି' ସ୍ଥାନରେ 'ସୋହାଗୀ ପୋଇଲି' ପାଠ ହେବ ।

ସଂ ଉ, ଦୀ, ।

---

ଗତ ସୋମବାର ଏଠା ଟାଉନକମିଟୀର ସଭା ହୋଇଥିଲା । ଏ ସଭାରେ ଗୋଟିଏ ଉପହାସ କାର୍ଯ୍ୟ ହୋଇଅଛି ଓ ତହିଁ ପାଇଁ ସର୍ବସାଧାରଣ ପ୍ରାୟ ଦୁଇବର୍ଷ ହେଲା ଆକାଂକ୍ଷା କରି ରହିଥିଲେ । ଏହାର କାରଣ ଶୁଣିଲୁଁ ଶ୍ରୀଯୁକ୍ତ କମିଶ୍ନରସାହେବ ଅଟନ୍ତି । ସେ ମେଜଷ୍ଟର ସାହେବଙ୍କ ନିକଟକୁ ଲେଖିଲେ ଯେ ସହର ଟାକ୍ସଟଙ୍କାର ଅର୍ଥ ବ୍ୟୟର ଉତ୍ତମ ତଦନ୍ତ ହେଉ ନାହିଁ । ଯେଉଁ କର୍ମ ସବୁ ହେଉଅଛି ଓ ସେଥିରେ କେତେଟଙ୍କା ଯଥାର୍ଥ ବ୍ୟୟ ହେଲା ଏଥିର ତତ୍ତ୍ୱ କେହି ଯାଉ ନାହିଁ ସୁତରାଂ ଅଧିକ ବ୍ୟୟ ହୋଇ ଅଳ୍ପକୁ ବ୍ୟୟ ଦେଖାଉ ଅଛି ଅତଏବ ଏହା ନିବାରଣାର୍ଥେ ଏବଂ କର୍ମ ଓ ଖର୍ଚ୍ଚାର ତଦନ୍ତ କରିବା ସକାଶେ କେତେକ ଜଣ ସଭ୍ୟଙ୍କୁ ନିଯୁକ୍ତ କରିବାର ଆବଶ୍ୟକ । ମେଜଷ୍ଟରସାହେବ କମିଶ୍ନରସାହେବଙ୍କ ଆଜ୍ଞା ସଭାରେ ବ୍ୟକ୍ତ କରିବାରୁ ତଦନୁସାରେ ସକଳ ସଭ୍ୟଙ୍କ ଅନୁମତି ସହିତ ଡିଷ୍ଟମାଜିଷ୍ଟ୍ରେଟ ସ୍ମିଥନ୍‌ସାହେବ, ବାରକମାଷ୍ଟର ବାନସାହେବ, ଓ ବାବୁ କାଳିପଦ ବାନୁର୍ଯ୍ୟା ଉପସ୍ଥିତ କାର୍ଯ୍ୟରେ ନିଯୁକ୍ତ ହେଲେ । ଆମ୍ଭମାନଙ୍କ ବିବେଚନାରେ ବାବୁ ଜଗମୋହନରାୟଙ୍କୁ ମଧ୍ୟ ନିଯୁକ୍ତ କରିଥିଲେ ଭଲ ହୋଇଥାନ୍ତା । କାରଣ ସେ କାର୍ଯ୍ୟଦକ୍ଷ ଓ ହିସାବ କିତାବ ତଦନ୍ତ କରିବାରେ ବିଶେଷ ନିପୁଣ ଅଟନ୍ତି ତାଙ୍କର ତଦନ୍ତରେ ପୂର୍ବ ଟାକ୍ସମୋହରରର ଅପହରଣ ଇତ୍ୟାଦି ଧରା ପଡ଼ିବାରୁ ସେ କର୍ମଚ୍ୟୁତ ହେଲା ବିସ୍ମହାଲ ହେଲା ଆମ୍ଭେମାନେ ସହର ଟାକ୍ସର ବ୍ୟୟ ପ୍ରତି ଅନାସ୍ଥା ଦେଖୁଅଛୁଁ ସହସ୍ର ଟଙ୍କା ବ୍ୟୟ ହୋଇ ହାଟସ୍ଥାନ କଣାଗଲା ଓ ସେଥିରୁ ଅସଂଖ୍ୟ ପଥର କାଢ଼ାଗଲା କେତେ ପଥର ବାହାରିଲା କେତେ କାହିଁରେ ଖର୍ଚ୍ଚ ହେଲା ତହିଁର ଉତ୍ତମ ତତ୍ତ୍ୱ ହୋଇଥିବାର ବୋଧ ହେଉ ନାହିଁ । କେତେକ ଅଦ୍ଭୁତର କାର୍ଯ୍ୟରେ ଟଙ୍କା ବ୍ୟୟ ହେଉଅଛି ମାତ୍ର ନାଳ ସଫାଇ ଯେ ଅତି ଆବଶ୍ୟକ ଓ ଏଥିପୂର୍ବ ପ୍ରତିବର୍ଷ ସେ କାର୍ଯ୍ୟ ହେଉଥିଲା ସେଥିକେଲକୁ ଟଙ୍କା ବାହାରୁ ନାହିଁ ଓ ଏ ବର୍ଷ ନାଳସଫାଇ ନ ହେବାରୁ ନଗରର ଏତାଦୃଶ ଦୁର୍ଗତି ହୋଇ ଅଛି । ଅତଏବ କି କି କାର୍ଯ୍ୟ ଅତି ଆବଶ୍ୟକ ଓ ଅସ୍ୟ ଅନୁସାରେ କି କି କାର୍ଯ୍ୟ ଅଗ୍ରେ କରିବାର ଉଚିତ ଏହା ନିରୂପଣ କରିବା ସକାଶେ ଗୋଟିଏ ସବ୍‌କମିଟୀ ହେଲେ ଉପ୍ପା ଉପର ଲିଖିତ ମେମ୍ବରମାନଙ୍କୁ ଭାର ଦିଆଗଲେ ଅଧିକ ଉତ୍ତମ ହେବ ମେଜଷ୍ଟରସାହେବଙ୍କର ନାନାଦି କାର୍ଯ୍ୟ ସେ ଏକାକୀ ଏସବୁ ଯଥାର୍ଥରୂପେ ନିର୍ବାହ କରିବାର ଅସମ୍ଭବ ଏପରି କିଛି ବନ୍ଦୋବସ୍ତ କରିବାର ତାଙ୍କୁ ଉଚିତ ଥିଲା ଓ କରିବାର ସମୟ ଯାଇ ନାହିଁ । ଆମ୍ଭେମାନେ ତାଙ୍କୁ ସେଥିପାଇଁ ଅନୁରୋଧ କରୁଅଛୁଁ ଯେ ଏପରି କିଛି ବନ୍ଦୋବସ୍ତ କରନ୍ତୁ ।

---

ଖାସମାହାଲ ବନ୍ଦୋବସ୍ତ ।

ଆମ୍ଭେମାନେ ଯାହା ଶୁଣିଥିଲୁଁ ତାହା ପ୍ରତ୍ୟକ୍ଷରେ ଦେଖାଗଲା । କଟକ ଖାସମାହାଲର ପ୍ରଜାମାନେ ଏକତ୍ର ହୋଇ ଗତ ସୋମବାର ଶ୍ରୀଯୁକ୍ତ କମିଶ୍ନରସାହେବଙ୍କ ନିକଟରେ ଏକ ଦରଖାସ୍ତ ଦାଖଲ କଲେ ଓ ଏ ଦରଖାସ୍ତ ଦେବା ପାଇଁ ପ୍ରାୟ ୭।୮ ଶତ ଲୋକ କଟେଇକୁ ଯାଇଥିଲେ । ସେଦିନ ଗମ୍ଭାପୂର୍ଣ୍ଣିମା ଓଡ଼ିଶାର ଗୋଟିଏ ଭାରି ପର୍ବଦିନ ଥିଲା ତଥାପି ପର୍ବ ରକ୍ଷାକୁ ପଛକୁ ପକାଇ ଆଗେ ପ୍ରାଣ ବଞ୍ଚାଇବା ଆଶାରେ ହାକମଙ୍କ ନିକଟକୁ ଗୁହାରି କରିବାକୁ ଗଲେ । ଏତେଲୋକ ଐକ୍ୟ ହୋଇ ଆଉ କୌଣସି ସମୟରେ ହାକମଙ୍କ ନିକଟରେ ଦୁଃଖ ଜଣାଇବାର ଆମ୍ଭେମାନେ ଦେଖି ନାହୁଁ କି ଶୁଣି ନାହୁଁ । ପୁଣି ଆହୁରି ଆନନ୍ଦର ବିଷୟ ଏହି ଯେ ଏପ୍ରକାର ଭାରି ଜନତା ହୋଇଥିବା ପ୍ରତ୍ୟକ୍ଷେ କୌଣସି ଗୋଳମାଳ ହୋଇ ନାହିଁ । ଅନ୍ୟାନ୍ୟ ସମୟରେ ୧୦।୧୨ ଜଣ ଏକାଠି ହେଲେ ଯେମନ୍ତ ଗୋଳମାଳ ଓ ହରିବୋଲ ଧ୍ୱନି କରନ୍ତି ତାହା କାହାରିକୁ ଅବିଦିତ ନାହିଁ

Digitized by srujanika@gmail.com

Split by PDF Splitter



କିନ୍ତୁ ଏଭଳି ସେପରି କିଛି ବିରକ୍ତି ଜନକ ବ୍ୟାପାର ଘଟି ନାହିଁ । ଦରଖାସ୍ତକାରମାନେ ଯାଉଁ ହୋଇ ମୂକ ପ୍ରାୟ ଛିଡା ହୋଇଥିଲେ ଓ ଯାହାଙ୍କୁ ଆଗୁଆ କରିଥିଲେ କେବଳ ସେହି-ମାନେ ଦରଖାସ୍ତ ବଢାଇ ଦେଲେ ଓ ସାହେବ ଯାହା ପ୍ରଶ୍ନ କଲେ ତହିଁର ଉତ୍ତର ଦେଲେ । ନଗରବାସି ନିମ୍ନ ଶ୍ରେଣୀ ଲୋକଙ୍କର ଏପ୍ରକାର ଚରିତ୍ର ଅତି ଶୋଭନୀୟ ଅଟଇ ଓ ଏଥିରୁ ବୋଧ ହେଉଅଛି କି ସଭ୍ୟତା ତାହାଙ୍କ ମଧ୍ୟରେ କ୍ରମଶଃ ପ୍ରବେଶ କରୁଅଛି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ଦରଖାସ୍ତକାରଙ୍କର ଏରୂପ ଶାନ୍ତ ସ୍ୱଭାବରେ କମିଶ୍ନରସାହେବ ସନ୍ତୋଷ ପ୍ରକାଶ ନ କରି ସେମାନେ କମିଯୁତବସ୍ତ ହୋଇ ଯାଇ-ଥିବାର କହିଲେ ! ଯାହା ହେଉ କମିଶ୍ନର-ସାହେବ ଦରଖାସ୍ତ ଗ୍ରହଣ କରି ସୁପ୍ରଶ୍ରିଖି ସିରସ୍ତାଦାର ବାବୁ ହରମୋହନମିତ୍ରଙ୍କୁ ତାହା ପାଠ କରିବାକୁ ଆଦେଶ କରିବାରୁ ସେ ଦୁଇ ତିନ ଦଫା ପଢିଲେ । ତହିଁରେ ପ୍ରକାଶ ପାଇଲା ଯେ ଖାସମାହାଲର ବର୍ତ୍ତମାନ ବନ୍ଦୋବସ୍ତକୁ ଦରଖାସ୍ତକାରମାନେ ଅତିକ ବିରୁଦ୍ଧ ଜ୍ଞାନ କରନ୍ତି ଓ ଯେଉଁ ନିରଖରେ କର ବସୁଅଛି ତାହା ଅତ୍ୟନ୍ତ କଠିନ ଓ ତାହା ଦେବାକୁ ସମ୍ପୂର୍ଣ୍ଣରୂପେ ଅକ୍ଷମ ହେବାରୁ ତହିଁରୁ ରକ୍ଷା ପାଇବାକୁ ପ୍ରାର୍ଥନା କରନ୍ତି । ଏତିକି ଶୁଣି ସାହେବ ତହିଁ ଉପରେ କି ଆଜ୍ଞା ଲେଖିଲେ ତାହା ଆମ୍ଭେମାନେ ନିଶ୍ଚୟ କରି କହି ନ ପାରୁଁ କାରଣ ସେ ଦରଖାସ୍ତକାରଙ୍କୁ ହୁକୁମର ମର୍ମ ବୁଝାଇ ନ ଦେଇ କହିଲେ କି ଦୁଇବର୍ଷ ହେଲା ବନ୍ଦୋବସ୍ତର ଉଦ୍ୟମ ଲାଗିଅଛି ତୁମ୍ଭେମାନେ ଏତେକାଳ କେଉଁଠାରେ ଥିଲ । ଦରଖାସ୍ତ-କାରଙ୍କ ଆଗୁଆ ଜଣକ କହିଲା କି କଅଣ ବନ୍ଦୋବସ୍ତ ହେବ ଆମ୍ଭେମାନେ ବୁଝି ପାରି ନ ଥିଲୁଁ । ବନ୍ଦୋବସ୍ତ ହେବାରୁ ତାହା ଅତ୍ୟନ୍ତ ପୀଡାଜନକ ଦେଖି ଗୁହାରି କରିବାକୁ ଆସିଲୁଁ । ସାହେବ ଆହୁରି କହିଲେ ଯେ ଏତେକାଳ ତୁମ୍ଭେମାନେ ଅତ୍ୟଳ୍ପ କର ଦେଇଆସିଲ ଏଣିକି ସରକାର ଛାଡିବେ ନାହିଁ ଉଚିତ କର ନେବେ ତହିଁକି ଉତ୍ତର ଏହି ଦିଆଗଲା ଯେ ଉଚିତ କର ଦେବାକୁ କେହି ଅସମ୍ମତ ନାହାନ୍ତି ଓ ଦେଇ ଆସୁଅଛନ୍ତି ମାତ୍ର ଏତେ ଅଧିକ କର କିପରି ଦେବେ । ଏହିପରି ଦୁଇ ଏକ କଥା କହି ସାହେବ ତାହାଙ୍କୁ ବିଦାୟ କରିଦେଲେ । ଏ ସବୁ କଥୋପକଥନରୁ ଏପ୍ରକାର ଅନୁମାନ ହୋଇପାରେ ଯେ ଦରଖାସ୍ତ ନାମଞ୍ଜୁର ହେଲା ମାତ୍ର ଆମ୍ଭେମାନେ ଶୁଣୁଅଛୁଁ ଯେ ସାହେବ ତାହା ନ କରି ଉକ୍ତ ଦରଖାସ୍ତକୁ ଶ୍ରୀଯୁକ୍ତ କଲେକ୍ଟରସାହେବଙ୍କ ନିକଟକୁ ପଠାଇ କଇଫି-ୟତ ତଲବ କରିଅଛନ୍ତି । ଦେଖାଯିବ କଲେ-କ୍ଟରସାହେବ କି କଇଫିୟତ ଦେବେ ଓ କମି-ଶ୍ନରସାହେବ ଅବା କି ବିଚାର କରିବେ । ଫଳତଃ ପ୍ରଜାମାନେ ଯେରୂପ ସଭା କରି ସମସ୍ତେ ଐକ୍ୟ ହୋଇ ଉଚିତ ଉପାୟସବୁ କରିବାକୁ ଦୃଢଚିତ୍ତ ହୋଇଅଛନ୍ତି ତହିଁରେ ଅନୁମାନ ହୁଅଇ ଯେ କମିଶ୍ନରସାହେବଙ୍କଠାରେ ଫଳ ଲାଭ ନ ହେଲେ ସେମାନେ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ଆବେଦନପତ୍ର ପଠାଇବେ ।

ଉପସଂହାରରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଏ ନଗରର ପ୍ରଧାନ ୨ ଜମିଦାର ଓ ଭଦ୍ରଲୋକମାନେ ଅନ୍ୟାନ୍ୟ ଖାସମାହାଲ ପ୍ରଜାଙ୍କ ପରି ନୂତନ ବନ୍ଦୋବସ୍ତକୁ କ୍ଲେଶକର ଜ୍ଞାନ କରୁଥିବା ପ୍ରତ୍ୟକ୍ଷେ ଏ ଦରଖାସ୍ତରେ ଯୋଗ ଦେଇ ନାହାନ୍ତି । ସ୍ୱାଭାବିକ ବିବେଚନାରେ ଆଶା କରି ଯାଇପାରେ ଯେ ଏମାନେ ଅଗ୍ରସର ହୁଅନ୍ତେ ଓ ମୂର୍ଖ ଓ ଇତର ଶ୍ରେଣୀର ପ୍ରଜା-ମାନେ ତାହାଙ୍କ ପଛରେ ଗୋଡାନ୍ତେ ମାତ୍ର ବାସ୍ତବ ଘଟଣା ତହିଁର ବିପରୀତ ହେଲା । ଏଥିରେ କାହାର ତ୍ରୁଟି ଆମ୍ଭେମାନେ କହିବାକୁ ମାନସ ନ ରଖୁଁ ।

---

## ଓଡିଶାର ସଙ୍ଗୀତ ।

ଗତସପ୍ତାହରେ ଝୁଲଣପୂର୍ଣ୍ଣିମା ଉପଲକ୍ଷରେ ନଗରବାସିମାନେ ଆମୋଦ ପ୍ରମୋଦରେ କାଳା-ତିବାହିତ କରିଥିଲେ । ଏନଗରରେ ଚାରି ପାଞ୍ଚ ମଠବାଡିରେ ଯାତ୍ରା ହୋଇଥିଲା ଓ ପ୍ରତ୍ୟେକ ମଠରେ ଏକ ବା ଦୁଇ ତିନ ସମ୍ପ୍ରଦାୟ ନାଚୁଆ ପିଲା ଦର୍ଶକଙ୍କର ଆନନ୍ଦବର୍ଦ୍ଧନ ସକାଶେ ନୃତ୍ୟ ଗାନ କରୁଥିଲେ । ତାଲୁରାମ ମିଶ୍ରଙ୍କ ନୂତନ ଠାକୁରବାଡିରେ ମଧ୍ୟ ଏହିରୂପେ ଯାତ୍ରା ହୋଇଥିଲା । ଝୁଲଣବାଡାର ଆଡମ୍ବର ଏଠାରେ ଅଧିକ ନାହିଁ ତଥାଚ ପୂର୍ବବର୍ଷ ସବୁପରି ଏବର୍ଷ ମଧ୍ୟ ସାମାନ୍ୟରେ ତହିଁର ଅଭାବ ନ ଥିଲା । କେବଳ ବନୋଦବିହାରୀଙ୍କ ମନ୍ଦିର ପୂର୍ବପ୍ରଚଳିତ ପ୍ରଥାନୁସାରେ ବଙ୍ଗାଳି ଏବଂ ଅନ୍ୟାନ୍ୟ ଦେଶୀୟ ଭଦ୍ରଶ୍ରେଣୀର ଲୋକମାନେ ଉଚ୍ଚାଙ୍ଗର ସଙ୍ଗୀତର ଚର୍ଚ୍ଚା କରିଥିଲେ । ଏଣୁକରି ଏକାଳରେ ସଙ୍ଗୀ-ତର ବର୍ତ୍ତମାନ ଅବସ୍ଥା କିରୂପ ଅଛି ତାହା ପ୍ରତ୍ୟକ୍ଷ କରିବାର ବଡ ସୁଯୋଗ ଏସମୟରେ ହୋଇଥିଲା । ଆମ୍ଭେମାନେ ଯାହା ଦେଖିଲୁଁ ତହିଁରେ ଅନୁଭବ ହେଲା ଯେ ଏଠା ଲୋକ-ଙ୍କର ବିଶେଷ ଭଦ୍ରସମାଜର ସଙ୍ଗୀତ ପ୍ରତି ଭଲ ରୁଚି ଜନ୍ମି ନାହିଁ ଓ ସଙ୍ଗୀତ ବ୍ୟବସାୟିମାନେ ମଧ୍ୟ ପୂର୍ବାପେକ୍ଷା କୌଣସି ଅଂଶରେ ଉତ୍କୃଷ୍ଟତା ଲଭି ନାହାନ୍ତି । ମଠଧାରୀମାନେ ନଗରବାସି ସମ୍ଭ୍ରାନ୍ତ ଜମିଦାର ଓ ରାଜକର୍ମଚାରୀଙ୍କୁ ଆମନ୍ତ୍ରଣ କରିଥିଲେ ଓ ଏମାନେ ମଧ୍ୟ ଥରେ ୨ ସବୁସ୍ଥାନକୁ ଯାଇ କେବଳ ଆମନ୍ତ୍ରଣ ରକ୍ଷା କରିବା ସକାଶେ କିଛିକାଳ ନାଚ ଦେଖି ନାଚୁଆପିଲାଙ୍କୁ କିଛି ୨ ପାରିତୋଷିକ ଦେଇ ଆସିଥିଲେ ମାତ୍ର ସବୁ କେବଳ ସାମାଜିକ ଦାୟ ପରିଶୋଧ ସକାଶେ ହୋଇଥିବାର ବୋଧ ହେଲା । କୌଣସି କା-ର୍ଯ୍ୟରୁ ଏମାନଙ୍କର ସଙ୍ଗୀତପ୍ରତି ଆସ୍ଥା ଥିବାର ଜଣାଗଲା ନାହିଁ । ଯେବେ ନୃତ୍ୟ ଗାନ ଏମାନଙ୍କ ମନକୁ ଆକର୍ଷଣ କରିଥାନ୍ତା ତାହା ହେଲେ ଅବଶ୍ୟ ଘଣ୍ଟାଏ ପହରେ କୌଣସିଠା-ରେ ବସି ସେ ସୁଖକୁ ସମ୍ଭୋଗ କରନ୍ତେ । ତେବେ ଏକଥା ମଧ୍ୟ ବୋଲାଯାଇ ପାରେ ଯେ ପିଲାଦିନୁ ଏଠାରେ ସଙ୍ଗୀତର ଅବସ୍ଥା ଯେରୂପ ଦେଖିଅଛନ୍ତି ତହିଁରୁ କିଛିମାତ୍ର ଫରକ ହୋଇ ନାହିଁ ସୁଖ ଅବା କାହିଁ ହେବ କେଉଁଠାରୁ ? ନାଚୁଆମାନଙ୍କୁ କେବଳ ବେଶ କରିବାରେ କିଛି ଉନ୍ନତି ଦେଖାଯାଏ ଆଉ ସବୁ କ୍ରିୟା ପୂର୍ବପ୍ରାୟ କର୍କଶ ଓ ହୀନାବସ୍ଥାରେ ରହିଅଛି । ଏଥିରେ ମନକୁ ସନ୍ତୋଷ କରିବାର କୌଣସି କଥା ନାହିଁ ଓ ଆମ୍ଭେମାନେ ଦେଖିଅଛୁଁ ଯେ ନାଚୁଆପିଲାଙ୍କ ନୃତ୍ୟ ଗାନ ସମୟରେ ଏମନ୍ତ ଗୋଳମାଳ ହୁଅଇ ଯେ କେବଳ ସେମାନେ ବିଶ୍ରାମ କଲା-ବେଳେ କିଛି ସୁଖ ବୋଧ ହୁଅଇ । ଏ ଆପତ୍ତି ସତ୍ୟ ହେଲେହେଁ ଏଥିରୁ ଏହିମାତ୍ର ପ୍ରତିପନ୍ନ ହୁଅଇ ଯେ ଓଡିଶାର ସମ୍ଭ୍ରାନ୍ତ ଶ୍ରେଣୀର ଲୋକ-ଙ୍କଠାରେ ସଙ୍ଗୀତର ଆଦର ନାହିଁ ଓ ଏମାନେ ଏ ବିଦ୍ୟାର ରସ ଆଦୌ ପାଇ ନ ଥିବାରୁ ତାହା ଲୋଡନ୍ତି ନାହିଁ କାରଣ ଯେବେ ଲୋଡି-ଥାନ୍ତା ତେବେ ଅବଶ୍ୟ ସେ ଅଭାବ ପୂର୍ଣ୍ଣ କରି-ବାକୁ କେହି ହେଲେ ଯତ୍ନ କରନ୍ତା । ଆମ୍ଭେ-ମାନେ ଶୁଣିଅଛୁଁ ଯେ ମୋଫସଲରେ କେହି ୨ ଜମିଦାର ଏକ ୨ ସମ୍ପ୍ରଦାୟ ନାଚୁଆପିଲା ସଞ୍ଚିତ କରିଥିଲେ ମାତ୍ର ତହିଁରେ ସଙ୍ଗୀତବିଦ୍ୟାର କିଛି ଉନ୍ନତି ହେଲା ନାହିଁ କାରଣ ସେମାନଙ୍କର ରୁଚି ଆଗେ ବିଶୁଦ୍ଧ ନ ହେଲେ ଅନ୍ୟକୁ ଶିକ୍ଷା

Digitized by srujanika@gmail.com

Split by PDF Splitter



ହେବାର ଉପାୟ କାହିଁ ହେବ । ଏଠା ସମ୍ଭ୍ରାନ୍ତ ଲୋକଙ୍କ ମଧ୍ୟରେ ଯେ ସଙ୍ଗୀତପ୍ରତି କଛୁ ମାତ୍ର ଶ୍ରଦ୍ଧା ନାହିଁ ତାହା ପ୍ରତ୍ୟକ୍ଷ ଦେଖା ଯାଉଅଛି । କଟକ ଜମିଦାର ଓ ଉଚ୍ଚକର୍ମଚାରୀଙ୍କ ଘରକୁ ଯାଇଁ ଦେଖ କୌଣସି ବାଦ୍ୟଯନ୍ତ୍ର ଦୃଷ୍ଟିଗୋଚର ହେବ ନାହିଁ କିମ୍ବା କେବେ ଗାନଧ୍ୱନି ଶୁଣିବାକୁ ପାଇବ ନାହିଁ । ଏମାନଙ୍କ ଶ୍ରଦ୍ଧା ଥିଲେ ଏଥିକୁ ବିଷୟର ଆଲୋଚନା ଅବଶ୍ୟ ଦେଖିବାରେ ଆସନ୍ତା ସଙ୍ଗୀତ ମଧ୍ୟରେ କେବଳ ସଙ୍କୀର୍ତ୍ତନର ଯାହା ଚର୍ଚ୍ଚା ଦେଖାଯାଏ ମାତ୍ର ତହିଁରେ ସଙ୍ଗୀତର ସୁଖ କଛୁ ନାହିଁ । କେବଳ ଧର୍ମାନୁଷ୍ଠାନର ଅଙ୍ଗ ବୋଲି ଲୋକେ ତାହାକୁ ଅବଲମ୍ବନ କରନ୍ତି । ବାସ୍ତବରେ ସଙ୍କୀର୍ତ୍ତନ ଓଡ଼ିଶାର ଅଧମସଙ୍ଗୀତ ନୁହଇ ତାହା ବଙ୍ଗଳାରୁ ଏଠାକୁ ଆନୀତ ହୋଇଅଛି ଓ ବଙ୍ଗଳାର ଗୋସ୍ୱାମିମାନେ ଏପ୍ରକାର ସଙ୍ଗୀତର ଯେପରି ଉନ୍ନତି କରିଅଛନ୍ତି ତହିଁର କୌଣସି ଅଂଶ ଏଠାରେ ଦେଖାଯାଏ ନାହିଁ । ସଙ୍ଗୀତର ଏପରି ଦୁର୍ଦ୍ଦଶା ଅମ୍ଭେମାନେ ପାଠକଙ୍କ ଗୋଚରରେ ଆଣିବାର ତାତ୍ପର୍ଯ୍ୟ ଏହି ଯେ ଏଠା ଧନୀ ଓ ସଭ୍ୟ ଲୋକମାନେ ସଙ୍ଗୀତବିଦ୍ୟାର ଉତ୍କର୍ଷସାଧନ ପକ୍ଷରେ ମନୋଯୋଗୀ ହୁଅନ୍ତୁ ।

---

### ପରିଶ୍ରମ ଓ ବିଶ୍ରାମ ।

ଇଣ୍ଡିଆନ ମେଡିକଲ ଗେଜେଟରେ ଅତିପରିଶ୍ରମ ବିଷୟରେ ଗୋଟିଏ ପ୍ରସ୍ତାବ ଲେଖାଅଛି ଯେ ଭାରତବର୍ଷରେ କି ପରିମାଣରେ କର୍ମ କଲେ ଓ କେତେ ସମୟ ବିଶ୍ରାମ ନେଲେ ଶରୀରର ସ୍ୱାସ୍ଥ୍ୟ ରହିବ ତହିଁର ବିଚାର ଉକ୍ତ ପ୍ରସ୍ତାବରେ ହୋଇଅଛି । ଲେଖକ କହନ୍ତି ଯେ ସକଳ ପ୍ରକାର କର୍ମର ସ୍ୱଭାବ ଏକରୂପ ନ ଥିବାରୁ କେତେବେଳ ପର୍ଯ୍ୟନ୍ତ ପ୍ରତିଦିନ ଏକଜଣ ମନୁଷ୍ୟ କର୍ମ କରିପାରେ ତାହା ନିଶ୍ଚୟରୂପେ କୁହାଯାଇ ନ ପାରେ । କଛିକାଳ ବସି ରଚନା କରିବାର ପରିଶ୍ରମ ଦିନଯାକ ନାମ ଦସ୍ତଖତ କରିବା ଅବା ନିୟମିତ କର୍ମ ଚଳାଇବାଠାରୁ ଅଧିକ । ଗୋଟାଏ ଗୋଲମାଳିଆ ମକଦମାର କାଗଜପତ୍ର ଶୁଣିବା କେତେ ଗୁଣରେ ସହଜ କଣସୁର ଚିଠିପତ୍ର ଦେଖିବାଠାରୁ ଅଧିକ । ଗୋଟାଏ କଠିନ ଅଙ୍କଚର୍ଚ୍ଚା କିମ୍ବା ନୈତିକ ବକ୍ତୃତା ଦେବାର ପରିଶ୍ରମ ଅନେକକ୍ଷଣ ବସି ପଢ଼ିବାଠାରୁ ଅଧିକ । ଏପରି ତରଳଭାବରେ ଓ ଯଥାର୍ଥ ମନୋଯୋଗ ପୂର୍ବକ କଛିକାଳ କର୍ମ କରିବା ଦିନଯାକ ବୁଲିବୁଲି କୌଣସିରୂପେ ଆପଣା କର୍ତ୍ତବ୍ୟ କର୍ମଟି ସମାପ୍ତ କରିବାଠାରୁ ଅଧିକ । ସୁତରାଂ ଏ ସମସ୍ତଙ୍କ ପାଇଁ ନିଶ୍ଚୟ ନିୟମ ହୋଇ ନ ପାରେ । ତେବେ ସାଧାରଣରୂପେ ଏତିକି କୁହାଯାଇ ପାରେ ଯେ ପ୍ରତିଦିନ ଘ ୭ ଘଣ୍ଟାଠାରୁ ଘ ୮ ଘଣ୍ଟା ପର୍ଯ୍ୟନ୍ତ ଦୃଢ଼ଚିତ୍ତ ହୋଇ କର୍ମ କରିବା ଏ ଦେଶୀୟ ଲୋକଙ୍କ ପକ୍ଷେ ଯଥେଷ୍ଟ ବୋଲାଯାଇ ପାରେ । ଏଥିରୁ ଅଧିକ ପରିଶ୍ରମକୁ ଅତିରିକ୍ତ ଶ୍ରମ କୁହାଯାଏ । ଶୋଇବା ବିଷୟରେ ଏହି ବୋଲାଯାଇ ପାରେ ଯେ ଆଠଘଣ୍ଟା ନିଦ୍ରା ଯିବା ଏ ଦେଶ ସକାଶେ ପ୍ରଚୁର ଅଟଇ ଓ ଯେଉଁମାନେ ଏତିକ ସମୟ ଗାଢ଼ନିଦ୍ରାରେ କଟାଇ ପାରନ୍ତି ତାହାଙ୍କ ପରି କେହି ସୁଖୀ ନାହିଁ । ଦସ୍ତୋଡ଼ି କଥା ଏଦେଶରେ ଅତ୍ୟନ୍ତ କର୍ତ୍ତବ୍ୟ ଯଥା, ମଧ୍ୟାହ୍ନ ଭୋଜନ ଗୁରୁତରରୂପେ ଅତି ବିଳମ୍ବରେ କରିବା ଏବଂ ଭୋଜନାନ୍ତେ କର୍ମ କରିବା । କର୍ମ କରିବାର ଉପଯୁକ୍ତ କାଳ ପ୍ରାତଃକାଳ ଅଟଇ ଓ ଯେଉଁ ଲୋକ ପ୍ରକୃତରୂପେ ଏକଦିନର କର୍ମ କରିଅଛି ସେ ଯେବେ ଆହାରାନ୍ତେ ଘଣ୍ଟାଏ ନିଦ୍ରିତ ହୋଇ ଶୋଇ ପାରେ ତେବେ ତହିଁରେ ଅନେକ ଉପକାର ହୁଅଇ ଶୀତଦିନରେ ଅନ୍ଧକାର କୋଠରି ପଙ୍ଖା ତଳେ ଶୋଇବା ଅତ୍ୟନ୍ତ ଅନିଷ୍ଟକର ଅଟଇ ଓ ଯେଉଁ ଲୋକ ଦିନମାନର ଅନ୍ୟ ସମୟରେ ଭଲ କର୍ମ କରଇ ତାହା ପକ୍ଷରେ ଉକ୍ତ ପ୍ରକାର ଶୋଇବା ଦୁର୍ବଳତାର କାର୍ଯ୍ୟ ବୋଲାଯାଇ ନ ପାରେ ।

ଉପରେ ଯେଉଁ ମତ ଲେଖା ଗଲା ତହିଁରୁ ଦେଖାଯାଏ ଯେ ଅନୁଦେଶୀୟ ଲୋକଙ୍କ ପକ୍ଷରେ ମଧ୍ୟାହ୍ନ ଭୋଜନ ଉତ୍ତାରୁ କିଛିକାଳ ଅବସର ନେବା ଅତ୍ୟନ୍ତ ପ୍ରୟୋଜନୀୟ ଓ କେବଳ ସରକାରୀ ଚାକର ଛଡ଼ା ଅନ୍ୟ ସମସ୍ତେ ତାହା ଭୋଗ କରିବାକୁ ସକ୍ଷମ ହେବାରୁ ସେମାନଙ୍କର ଶାରୀରିକ ଅବସ୍ଥା ଭଲ ଦେଖାଯାଏ । ଇଂରାଜୀ କଚେରୀ କରିବା ନିୟମ ଆମ୍ଭମାନଙ୍କ ସ୍ୱାଭାବିକ ଅବସ୍ଥାର ବିରୁଦ୍ଧ ଓ ତହିଁରେ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ରକ୍ଷା ପାଇବାର କଣ୍ଟକ ବ୍ୟାପାର ଦେଖାଯାଏ । ତେବେ ଅବର୍ତ୍ତମାନରେ ତାହା ହେଉଅଛି କାରଣ ଏକାବେଳକେ ୬।୮ ଘଣ୍ଟା କର୍ମ କରିବା ସକାଳେ କି ମଧ୍ୟାହ୍ନ ଉତାରୁ ସୁବିଧା ହୁଅଇ ନାହିଁ ଓ ସର୍ କାମ୍ବେଲ ସାହେବଙ୍କ ପ୍ରସ୍ତାବିତ ଦୁଇବେଳିଆ କଚେରୀ ମଧ୍ୟ ଏହିପରି ନାନା ଅସୁବିଧାର ହେତୁ ହେବାରୁ ତାହା କାର୍ଯ୍ୟରେ ପରିଣତ ହୋଇ ନ ପାରିଲା । ଆମ୍ଭମାନଙ୍କ ମତରେ ଶୀତାନ୍ତ ପକ୍ଷରେ ଶଣ୍ଠ ବର୍ଷା ଅଠମାସ ସକାଳୁଆ କଚେରୀ ହେଲେ ସବୁ ଅଡ଼ ରକ୍ଷା ହୋଇ ପାରେ ।

---

## ସାପ୍ତାହିକ ସଂବାଦ ।

ଦର୍ପଣ ବୋଲନ୍ତି ଯେ ମୟୂରଭଞ୍ଜ କିଲ୍ଲା ଇଲାକାରେ ଜଣେ ଲୁଣ ବେପାରୀ ଆପଣା ଘରକୁ ଫେରି ଯାଉଥିଲା । ବାଟରେ ଦଶବାର ଜଣ ଡକାୟତ ତାହାକୁ ମାରପିଟ କରି ୫।୮୦ ଙ୍କର ପଦାର୍ଥ ଛଡ଼ାଇ ନେଇଅଛନ୍ତି । ବାଲେଶ୍ୱରର ଡକାୟତମାନେ ଏବେ ମୋଗଲବନ୍ଦୀ ଛାଡ଼ି ଗଡ଼ଜାତରେ ବ୍ୟବସାୟ କରିବାର ବୋଧ ହୁଅଇ ।

ଉକ୍ତ ପତ୍ରରୁ ଜଣାଯାଏ ଯେ ବାଲେଶ୍ୱରର ସଦର ମୋଫସଲରେ ଥିବା କଷ୍ଟମସକୁମାର ମୋହରରମାନେ ଉଠିଯାଇ ଇଂରାଜୀ ଜାଣିବା ଲୋକେ ତାହାଙ୍କ ସ୍ଥାନରେ ନିଯୁକ୍ତ ହେଉଅଛନ୍ତି । କଷ୍ଟମ ଇଲାକା କର୍ମରେ ବାସ୍ତବରେ ଇଂରାଜୀ ଜାଣିବା ଲୋକଙ୍କଦ୍ୱାରା କର୍ମର ଅଧିକ ସୁବିଧା ହୁଅଇ ।

କଲିକତାର ଗୁପ୍ତପ୍ରେସରୁ ଅମ୍ଭେମାନେ ଗତ ଶ୍ରୀଏ ବଙ୍ଗଳା ପୁସ୍ତିକା ଉପହାର ସ୍ୱରୂପ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏହାର ନାମ ସଚିତ୍ର ଏକାଧିକସହସ୍ର ରଜନୀ ମୂଲ୍ୟ ୫୦ ପୃଷ୍ଠାମାନରେ ଏକଖଣ୍ଡ ଲେଖାଏ ଏହିପରି ଛପା ହେବ । ଏଥିରେ ଆରବ୍ୟ ଉପନ୍ୟାସର ଯେ ସମସ୍ତ ଗଳ୍ପ ଏଥିପୂର୍ବେ ପ୍ରକାଶିତ ହୋଇ ନାହିଁ ସେହି ସବୁ କ୍ରମଶଃ ପ୍ରକାଶ ହେବ, ଏହାର ଛାପା ଉତ୍ତମ ହୋଇଅଛି ଓ ଚିତ୍ରମୂର୍ତ୍ତି ଗୁଡ଼ିକ ମଧ୍ୟ ମନ୍ଦ ନୁହେ ।

ମାନ୍ଦ୍ରାଜ ରେଭନ୍ୟୁ ବୋର୍ଡ କେତେକ ଜିଲାର ତାଲୁକ ଓ ହଜୁର କଚେରୀରେ ଅନେକ ରାତିବା ତେଲ ଖର୍ଚ୍ଚ ହେବାର ଦେଖି ଏହି ଆଜ୍ଞା ପ୍ରଚାର କରିଅଛନ୍ତି ଯେ ତହସିଲଦାରମାନେ ଦିନ ଦୁଇପ୍ରହର ଉତାରୁ କଚେରୀକୁ ଯାଇଁ ରାତ୍ରି ପର୍ଯ୍ୟନ୍ତ ଅମଲାମାନଙ୍କୁ ସେଠି କର୍ମ କରାନ୍ତି ବୋଲି ଏତେ ତେଲ ଖର୍ଚ୍ଚ ହୁଅଇ । ଏ ନିୟମ ମନ୍ଦ ଅଟଇ । ଏଣିକି ଦିନ ସଂସ୍ଥାଠାରୁ ଘ ୬ ଘଣ୍ଟା ପର୍ଯ୍ୟନ୍ତ କଚେରୀରେ କର୍ମ ହେବ ଓ ଯଦ୍ୟପି ଅବସ୍ଥାରେ କୌଣସି ଇତଲାମ ସକାଶେ ରାତ୍ର ପର୍ଯ୍ୟନ୍ତ ରହିବାକୁ ପ୍ରୟୋଜନ

Digitized by srujanika@gmail.com

Split by PDF Splitter



ହେବ ତେବେ ସବୁଅମଲଙ୍କୁ ଜବେତ୍ତରେ ଅଟକାଇ ରଖିବାର ଉଚିତ ହେବ ନାହିଁ । ବଙ୍ଗପ୍ରଦେଶରେ ଏପରି ସର୍କ୍ୟୁଲର ଜାରି ହେବାର ଆବଶ୍ୟକ ଅଛି ।

ମିଉନିସିପଲ ଆଇନ ଲଙ୍ଘନ ସକାଶେ ଶ୍ରୀରାମପୁରର ଜଏଣ୍ଟ ଇନ୍‌ସ୍ପେକ୍ଟର ଜଣେ ଅନୁପସ୍ଥିତ ଅସାମିକୁ ଦଣ୍ଡ ଦେଇଥିଲେ । ଅପିଲରେ ହାଇକୋର୍ଟ ସିଦ୍ଧାନ୍ତ କଲେ କି ଅସାମୀ ହାଜରରେ ଏକତରଫା ବିଚାର କରିବାର କୌଣସି ଆଇନ ଫଉଜଦାରି କାର୍ଯ୍ୟବିଧିରେ ନାହିଁ, ସୁତରାଂ ଅସାମୀ ଖଲାସ ପାଇଲା ।

ମାନ୍ଦ୍ରାଜରେ ହିନ୍ଦୁଶ୍ରେୟ ପ୍ରବର୍ତ୍ତିନୀ ନାମରେ ଗୋଟିଏ ସଭା ସଂସ୍ଥାପନ ହୋଇଅଛି । ଏଥିରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ହିନ୍ଦୁଧର୍ମ ପ୍ରଚାର ପକ୍ଷରେ ଅଧିକ ଯତ୍ନ ହେବ ଓ ହିନ୍ଦୁମାନଙ୍କ ସମସ୍ତଙ୍କୁ ଜଣାଇବା ପାଇଁ ସୁସମାଚାର ଛପା ହେବ । ଶିବଶଙ୍କରପଣ୍ଡିତ ଏସଭାର ପ୍ରଧାନ ସମ୍ପାଦକ ହୋଇଅଛନ୍ତି ।

ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ଯଶୋରକୁ ବିଜେ କରିଥିଲେ । ତାହାଙ୍କ ସମ୍ମାନ ନିମିତ୍ତ ସେଠା ଲୋକମାନେ ଯେ ଉତ୍ସବ ମଧ୍ୟରେ ରାଜା ବରଦାକାନ୍ତରାୟ ପ୍ରଧାନ ଥିଲେ ଅନେକ ଆୟୋଜନ କରିଥିଲେ ମାତ୍ର ବର୍ଷା ହେତୁରୁ ସେ ଆମୋଦ ଇଚ୍ଛାମତ ହୋଇ ନ ପାରିଲା ।

କଲିକତା ବିଦ୍ୟାଳୟର ସୁସ୍ଥାନ ନିର୍ବାଚନ କରିବା କାରଣ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ଏକ ନୂତନ କମିଟୀ ନିଯୁକ୍ତ କରିଅଛନ୍ତି । ତହିଁର ସଭାପତି ରାଜା ଯତୀନ୍ଦ୍ରମୋହନ ଠାକୁର ଓ ଅପର ସଭ୍ୟମାନେ ବାବୁ ରାଜେନ୍ଦ୍ରଲାଲ ମିତ୍ର, ଭୂଦେବ ମୁଖୋପାଧ୍ୟାୟ ଓ ଗାରେଟ ସାହେବ ଅଟନ୍ତି ।

ସଜକୁମାରଙ୍କ ଅଭ୍ୟର୍ଥନାର ବ୍ୟୟ ନିମିତ୍ତ ବମ୍ବେଇର ମିଉନିସିପାଲିଟି ୧ ୫୦,୦୦୦ଙ୍କା ବ୍ୟୟ କରି ପାରିବାର ଅଧିକାର ନିମିତ୍ତ ଏକ ଆଇନ ପ୍ରଚଳିତ ହେବାର ପ୍ରାର୍ଥନା କରିଅଛନ୍ତି ଶୁଣାଯାଏ ଯେ ମିଉନିସିପାଲିଟିର ଏ ପ୍ରକାର ପ୍ରାର୍ଥନା ବମ୍ବେ ଗବର୍ଣ୍ଣମେଣ୍ଟ ପୂର୍ଣ୍ଣ କରିବାକୁ ମତ କରାଇ ଅଛନ୍ତି । କଲିକତାରେ ତେବେ କାହିଁକି ଏହା ନ ହେଲା ।

ରାଜକୁମାରଙ୍କ ଅଭ୍ୟର୍ଥନା ନିମିତ୍ତ ବମ୍ବେଇ ନିବାସିମାନେ ୧ ୨୫୦୦୦ଙ୍କା ଚନ୍ଦା ଭେଦା ସଂଗ୍ରହ କଲେଣି । କଲିକତାରେ ପ୍ରାୟ ଏଥିର ଦ୍ୱିଗୁଣ ଚେନ୍ଦା ସ୍ୱାକ୍ଷରିତ ହୋଇଅଛି । ଧନଶାଳୀ ବମ୍ବେଇ ଏବିଷୟରେ ଏତେ ପଛିଥିବ କାହିଁକି ?

ମିରଟରୁ ଅବଗତ ହେଲୁଁ ଇଣ୍ଡିଆନ ମେଡିକଲ ବିଭାଗର ସର୍ଜନ ଜେନରଲ ଡାକ୍ତର ବାଲ୍‌ଫୋର ଲୁଣ୍ଠଗ୍ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ଉପରେ ଗର୍ଜନ ଏବଂ ଗ୍ଲିସିରିନ୍ ତେଲ ବ୍ୟବହାର କରିଅଛନ୍ତି । ଏହି ତେଲ ନିମ୍ନଲିଖିତ ପ୍ରକାରେ ପ୍ରସ୍ତୁତକରି ସେବନ କରିବାକୁ ହେବ ।

ଗର୍ଜନତେଲ ।

ସେବନ ନିୟମ— ଚୂନପାଣି ଏବଂ ଉକ୍ତ ତେଲ ସମାନଭାଗ କରି ମିଶାଇବାକୁ ହେବ ଦସ୍ତୁର ବ୍ୟକ୍ତିକୁ ମଟର ଚାମଚରେ ଦିନରେ ଦୁଇଥର ଏକ ଚାମଚ ଲେଖାଏଁ ଖୋଇବାକୁ ହେବ । ବାହାରେ ବ୍ୟବହାର ପାଇଁ ଅତି ଏକ ଅଂଶ ତେଲ ତିନିଭାଗ ଚୂନପାଣି ସହିତ ଫେଣ୍ଟି ସକାଳେ ଏବଂ ସନ୍ଧ୍ୟାବେଳେ ଚୂଇସଣ୍ଟା ସମ୍ପ୍ରଦାୟ ଶରୀରରେ ଲେପନ କରିବାକୁ ହେବ ।

ସ୍ନାନ—ପ୍ରତିଦିନ ମଧ୍ୟାହ୍ନକାଳରେ ଥଣ୍ଡା ବା ଗରମ ପାଣିରେ ସ୍ନାନ କରିବାକୁ ହେବ । ଦେହ ଚମ ସଫା କରିବାପାଇଁ ଶୁଦ୍ଧକାରମାଟି ତେଲ ବା ସାବୁନର ଅବଶ୍ୟକ ହୋଇପାରେ ।

ଖାଇବା ବିଷୟରେ କିଛି ନିୟମ ନାହିଁ ଯେତେ ଜଣା କଷ୍ଟିବ ତେତେ ଭଲ ।

ଗ୍ଲିସିରିନ୍ ତେଲ ।

ପ୍ରତିଦିନ ଦୁଇ ବା ତିନିଥର ଏକଆଉନ୍ସ ଦୁଧରେ ଦଶଫୋଟା ପକାଇ ଖାଇବାକୁ ହେବ ।

ବାହାରେ ବ୍ୟବହାର ପାଇଁ-ନେହ ତେଲର ଏକଭାଗ ନଡିଆତେଲର ଷୋଳଭାଗ ସଙ୍ଗେ ଉତ୍ତମରୂପେ ମିଶାଇବାକୁ ହେବ । ସକାଳ ଏବଂ ସନ୍ଧ୍ୟାବେଳେ ଘ ୨ ଘଣ୍ଟା କାଳ ଦୁଇ ବା ତିନଟେକଲ ପ୍ରମାଣ ଉପରେ ନେଇ ବ୍ୟବହାର କରିବାକୁ ହେବ ।

ସ୍ନାନ ଆହାରାଦି ଉପରଲିଖିତରୂପେ କରିବାକୁ ହେବ ।

ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଏ ନଗର ସ୍ଥିତ ପ୍ରାୟ ସାଢ଼େତୋଷ ଦୂର ହେବ ଦେଉଗାଁ ପ୍ରଗଣାର ଅନ୍ତର୍ଗତ ଏରଣ୍ଡି ଗ୍ରାମର ଜମୀଦାର ଜଜିବାବୁ ଶ୍ରୀ ଦେବୀଚାର କାନଗୋଇଙ୍କ ପୌତ୍ର ଓ ଯାଭବାସ କାନଗୋଇଙ୍କ ପୁତ୍ର ଚତୁର୍ଭୁଜ ନାମକ ସାତବର୍ଷର ଗୋଟିଏ ବାଳକ ପ୍ରାୟ ଏକମାସ ହେବ ଏଠା ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଅଛନ୍ତି । ଅତି ଆହ୍ଲାଦ ଓ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏତାଦୃଶ କ୍ଷୀଣକାୟ ଓ କ୍ଷୁଦ୍ର ବାଳକ ବିଦ୍ୟା ଲାଭରେ ସ୍ୱେଚ୍ଛାପୂର୍ବକ ସ୍ୱଗ୍ରାମରୁ ଅତି ଦୂରବର୍ତ୍ତୀ ହୋଇ ଦୃଢ଼ ମନ ପ୍ରଫୁଲ୍ଲିତାନ୍ତଃକରଣରେ ଅଧ୍ୟୟନ କରୁଅଛନ୍ତି ଏବଂ ଏହାଙ୍କର ପିତାମହ, ପିତାମହୀ, ପିତା ଓ ମାତା ଏମାନେ ମଧ୍ୟ ପୁତ୍ରରତ୍ନ ଅପେକ୍ଷା ବିଦ୍ୟାରତ୍ନରେ ବିଶେଷ ସ୍ନେହ ଥିବାର ଉତ୍ତମ ରୂପେ ପରିଚୟ ହେଉ ଅଛନ୍ତି ଯେହେତୁ ଅଦ୍ୟପର୍ଯ୍ୟନ୍ତ କୌଣସି ଉତ୍କଳ ଦେଶୀୟ ଜନକ ଜନନୀ ବିଦ୍ୟାନୁରାଗରେ ଏପରି ଅତି ଛୋଟ ପୁତ୍ରକୁ ଦେଶାନ୍ତରିତ କରି ଛନ୍ତି କି ଏହିବାର ଶୁଣା ନ ଥିଲା । ଅତଏବ ସେମାନଙ୍କୁ ଧନ୍ୟବାଦ ନ ଦେଇ କ୍ଷାନ୍ତ ହେବା ପକ୍ଷେ ଅକ୍ଷମ ହେଲୁଁ । କିମଧିକଂ ବିଜ୍ଞବରେଷୁ ଇତି । ୨।୮।୭୫ ।

କଟକସ୍ଥ
ଛାତ୍ରସ୍ୟ ।

## NOTICE.

Wanted a fourth master for the Balasore Zilla School. Candidates are required to be natives of the Province to speak, read, and write English and Uriya correctly, and to have passed the Entrance Examination. Salary Rs. 25.

16—8—75. } (Sd.) T. Norman. Acting Magte.

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦାମୋଦର ଦାସ କଟକ | ବକାୟା ଟ | ୬୲ |
| ଚୌଧୁରୀ ପଦ୍ମଲୋଚନ ଦାସ | ,, ୧ | ୮୲ |
| ବାବୁ କୃଷ୍ଣଚନ୍ଦ୍ର ମୁଖୋପାଧ୍ୟା କଟକ | ,, ଟ | ୩୲ |
| ବାବୁ ବନମାଳୀ ପଟ୍ଟନାୟକ ସମ୍ବଲପୁର | ,, ୧ | ୨୵ |
| ବାବୁ ସୁଧାଂଶୁଶେଖର ନନ୍ଦେ କେନ୍ଦ୍ରାପଡା | ,, ୧ | ୨୬୵ |
| ରାଣୀ ରାଜା କଞ୍ଚେ ଜାଇପେର | ,, ୧ | ୨ । |

☞ ଏହି ଉତ୍କଳଦୀପିକା ମହୁରବନ୍ଦ ଦଶପାଟଣାର କଟକପ୍ରିଣ୍ଟିଂକୋମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 18

150

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ଶ
ସଂଖ୍ୟା ୩୫

ତା ୨୮ରିଖ ଅଗଷ୍ଟ ସନ ୧୮୭୫ ମସିହା । ମୂ । ଭାଦ୍ରବ ୧୪ ନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୦
ମଫସଲ ପାଇଁ ଡାକମାସୁଲ ୫୧୫୦

କଲିକତାରେ ଏହିପ୍ରକାର ଜ୍ୱରରୋଗ ସମ୍ପ୍ରତି ଆରମ୍ଭ ହୋଇ ଅଛି ଯେ ତହିଁର ଚିକିତ୍ସା ବିଷୟରେ ଡାକ୍ତର ବାଲଫର ସାହେବ କେତେକ ଉପଦେଶ ଦେଇଅଛନ୍ତି । ଅମ୍ଭେମାନେ ହିନ୍ଦୁପେଟ୍ରିଅଟରୁ ନିମ୍ନଲିଖିତ ଉପଦେଶମାନ ଉଦ୍ଧୃତ କଲୁଁ । ଯଥା; ରୋଗ ପ୍ରକାଶ ହେବାମାତ୍ରକେ ରୋଗୀ ଗର୍ମ ବର୍ଷା ଓ ଶୀତର ବତାସ ଦେହରେ ନ ଲଗାଇ ଘରେ ବସିରହିବ ଓ ତଡାଶେଲ ଅଥବା ଅନ୍ୟ ସେହିପରି କିଛି ଔଷଧ ଜୁଲାପ ନେବ । ପେଟ ପରିଷ୍କାର ହୋଇଗଲେ କ୍ୱିନାଇନ ନାମକ ଔଷଧ ଗ୍ରେଣ ଭଲ ହେବାଯାଏ ପ୍ରତିଦିନ ସେବା କରିବ । ଜ୍ୱରରୋଗରେ ଏଠାଲୋକେ ଲଙ୍ଘନ ଦିଅନ୍ତି ମାତ୍ର ଏ ରୀତି ଭଲ ନୁହଇ କାରଣ ଅନାହାରରେ ଜ୍ୱର ପ୍ରବଳ ହୁଅଇ ଓ ତହିଁରେ ମନ୍ଦଫଳ ଘଟିପାରେ । ଜ୍ୱରରୋଗୀ ପକ୍ଷରେ ଦୁଧ, ପେଜ, ଗୋଲମରିଚ ପାଣି ବା ଝୋଳ ଅତି ଉତ୍ତମପଥ୍ୟ ଅଟଇ ମାତ୍ର ରୋଗୀ ଯେତେଶୀଘ୍ର ପାରିବ ଅପଣାଅଭ୍ୟସ୍ଥିତ ଆହାର ଗ୍ରହଣ କରିବ । ଯେଉଁମାନେ ଜ୍ୱରରୋଗରୁ ମୁକ୍ତ ହେବେ ସେମାନେ ସର୍ବଦା ଦେହକୁ ଉଷ୍ଣ ରଖିବେ । କେବେହେଁ ଶରତ୍ତର ରାତ୍ରା ଆଉ କୌଣସିଠାରେ ଶୋଇବେ ନାହିଁ । ଯେଉଁ ଋତୁରେ ଜ୍ୱର ବିଶେଷ ହୁଅଇ ସେ ସମୟରେ ସମସ୍ତଙ୍କୁ ଉଷ୍ଣଲୁଗା ପିନ୍ଧିବାକୁ ଓ ଉଚ୍ଚାଲୁଗା ପରିଧାନ କମ୍ବା ମୁକୁଳା ସ୍ଥାନରେ ଶୋଇବାରୁ କ୍ଷାନ୍ତ ରହିବାର ଉଚିତ ।

ଭାଦ୍ରବ ଓ କାର୍ତ୍ତିକମାସରେ ଏ ଅଞ୍ଚଳରେ ଜ୍ୱର ରୋଗ ବିସ୍ତର ହେବାର ଦେଖାଯାଏ । ଏ ସମୟରେ ଲୋକେ ସାବଧାନ ସହିତ ଉପର ଲିଖିତ ନିୟମ ମଧ୍ୟରୁ ଯାହା ସଙ୍ଗତ ବୋଧ କରନ୍ତି ତାହା ଅବଲମ୍ବନ କଲେ ଭଲ ହେବ । ଏହି ଆଶାରେ ଅମ୍ଭେମାନେ ସେ ନିୟମ ଗୁଡିକ ପ୍ରକାଶ କଲୁଁ ।

---

ବାଲେଶ୍ୱର ସଂବାଦ ବାହକରୁ ଅବଗତ ହେଲୁଁ ଯେ ଉକ୍ତ ନଗରରେ ବାବୁ ଜଗନ୍ନାଥନାଥ ରାୟଙ୍କ ଯତ୍ନରେ ଗୋଟିଏ ସଭା ସ୍ଥାପିତ ହୋଇଅଛି । ଏ ସଭାର ସଭାପତି ବାବୁ ଶ୍ୟାମାନନ୍ଦ ଦେ ଓ ସମ୍ପାଦକ ବାବୁ ବୈକୁଣ୍ଠନାଥ ଦେ ଅଟନ୍ତି । ଏ ସଭରେ ସର୍ବାଗ୍ରେ ଗୋଟିଏ ସାଧାରଣ ପୁସ୍ତକାଳୟ ସ୍ଥାପନ କରିବାର ସ୍ଥିର ହୋଇଅଛି । ଏଥିପାଇଁ ଟଙ୍କା ସଂଗୃହୀତ ହେଲେ ଗୋଟିଏ ଉପଯୁକ୍ତ ଘର ନିର୍ମାଣ ହେବ ଓ ତାହା ହେବା ପର୍ଯ୍ୟନ୍ତ ବାବୁ ମଦନମୋହନଦାସଙ୍କ କଚିରୀଘରେ ପୁସ୍ତକମାନ ରହି ପୁସ୍ତକାଳୟର କାର୍ଯ୍ୟ ଚଳିବାର ବନ୍ଦୋବସ୍ତ ହୋଇ ଅଛି । ଗତ ଦଶବର୍ଷ ମଧ୍ୟରେ ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ଅନେକ ସଭାର ଅନୁଷ୍ଠାନ ହେବାର ଅମ୍ଭେମାନେ ଦେଖିଅଛୁଁ ମାତ୍ର ଦୁର୍ଭାଗ୍ୟକ୍ରମେ ଓଡିଶାର କପାଳରୁ ଗୋଟିଏ ସଭା ସୁଦ୍ଧା ସ୍ଥିର ରହି ପାରି ନାହିଁ କିମ୍ବା କୌଣସି କାର୍ଯ୍ୟ ସାଧନ କରି ନାହୁଁ । ବର୍ତ୍ତମାନ ଉକ୍ତ ସଭାଟି ସେପରି ଦୁର୍ଗତିକୁ ନ ଭଜେ ଅମ୍ଭମାନଙ୍କର ଏକାନ୍ତ ମାନସ ତଥାଚ ଅମ୍ଭେମାନେ ସଭ୍ୟମାନଙ୍କୁ ଅନୁରୋଧ କରୁଁ ଯେ ପ୍ରସ୍ତାବିତ ବିଷୟଟିକୁ ଯେତେ ଶୀଘ୍ର ହୋଇ ପାରେ କାର୍ଯ୍ୟରେ ପରିଣତ କରନ୍ତୁ ତାହା ହେଲେ କାଳାନ୍ତରେ ଯେବେ ସଭାପ୍ରତି ଲୋକଙ୍କର ଅନାସ୍ଥା ଜନ୍ମେ ତେବେ ସୁଦ୍ଧା ପୁସ୍ତକାଳୟଟି ରହିଯାଇ ବହୁକାଳ ପର୍ଯ୍ୟନ୍ତ ଲୋକଙ୍କର ଉପକାର ସାଧନ କରୁଥିବ । ଓଡିଶାର କୌଣସି ଜିଲ୍ଲାରେ ଅଦ୍ୟାବଧି ପ୍ରକୃତ ସାଧାରଣ ପୁସ୍ତକାଳୟ ସ୍ଥାପନ ହୋଇ ନାହିଁ । କଟକରେ ଯାହା ଅଛି ତାହା ସାଧାରଣ ବୋଲି ବୋଲାଯାଇ ନ ପାରେ ଓ ଭଦ୍ରକରେ ଗୋଟିଏ ପୁସ୍ତକାଳୟ ବାବୁ ଗୁରୁଦେବହାର ଘୋଷ ଡେପୁଟିକଲେକ୍ଟରଙ୍କ ଅମଳରୁ ସ୍ଥାପିତ ହୋଇଅଛି ମାତ୍ର ତହିଁର ଅବସ୍ଥା ଯେ ଭଲ ଏମନ୍ତ ଅମ୍ଭେମାନେ କେବେ ଶୁଣି ନାହୁଁ ପ୍ରତ୍ୟେକ ଜିଲ୍ଲାର ସଦରମୁକାମରେ ଗୋଟିଏ ଲେଖାଏ ଭଲ ପୁସ୍ତକାଳୟ ରହିବାର ଉଚିତ ଓ ସେ ପକ୍ଷରେ ଏଠାଲୋକେ ଶୀଘ୍ର ଯତ୍ନବାନ୍ ହେଲେ ବଡ଼ ସୁଖର ବିଷୟ ହେବ ।

---

ପୁରୀ ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅନ୍ନ ମହାପ୍ରସାଦ ବିଷୟରେ ପୂର୍ବେ ଅମ୍ଭେମାନେ ଯାହା ପାଠକଙ୍କୁ ଜଣାଇଅଛୁଁ ତହିଁର ତିଳମାତ୍ର ବ୍ୟତିକ୍ରମ ଘଟି ନାହିଁ । ସେବିଷୟରେ ତର୍କ ବିତର୍କ ଲାଗି ରହି-

Digitized by srujanika@gmail.com

Split by PDF Splitter



ଅଛି । ଦଣ୍ଡି ଓ ପଣ୍ଡିତମାନେ ଶାସ୍ତ୍ରର ମତ ସହିତ ଆପଣା ଅଭିପ୍ରାୟ ଲେଖୁଅଛନ୍ତି । ଲେଖା ଶେଷ ହେଲେ ସର୍ବସାଧାରଣଙ୍କର ମତ ଜାଣିବା ସକାଶେ ନାନାସ୍ଥାନରେ ତାହା ପ୍ରଚାରିତ ହେବ । ଅତଏବ ଓଡ଼ିଶାର ସକଳସ୍ଥାନର ପଣ୍ଡିତମାନଙ୍କୁ ଏବିଷୟରେ ପୂର୍ବରୁ ପ୍ରସ୍ତୁତ ହେବାର ଆବଶ୍ୟକ ମହାପ୍ରସାଦ ସେନ ଜଗନ୍ନାଥକ୍ଷେତ୍ରର ପ୍ରଧାନ ମହାତ୍ମ୍ୟ, ଯେବେ ସେ ବିଷୟରେ ମତଭେଦ ହେଲା ତେବେ ପୁରୁଷୋତ୍ତମକ୍ଷେତ୍ରର ଆଉ କି ମହିମା ରହିଲା ।

ଏଣେ ଶୁଣାଯାଏ ଯେ ଅସିଷ୍ଟାଣ୍ଟ ଇଞ୍ଜିନିଅର ବାବୁ ପୂର୍ଣ୍ଣଚନ୍ଦ୍ରଙ୍କର ରିପୋର୍ଟରେ ଏକଜିକ୍ୟୁଟିବ ଇଞ୍ଜିନିୟର ବଣ୍ଡ ସାହେବ ଆପଣା ମତ ଲେଖି ଗବର୍ଣ୍ଣମେଣ୍ଟଙ୍କୁ ପଠାଇଅଛନ୍ତି । ତାହାଙ୍କ ମତରେ ମନ୍ଦିରଟି ସମ୍ପୂର୍ଣ୍ଣରୂପେ ବିପଦଜନକ ଓ ଉତ୍ତମରୂପେ ସଂସ୍କାର ହେବାପର୍ଯ୍ୟନ୍ତ କୌଣସିରୂପେ ବ୍ୟବହାର ହୋଇ ନ ପାରେ । ଯାତ୍ରିମାନଙ୍କୁ ମନ୍ଦିର ମଧ୍ୟକୁ ଯିବାକୁ ନିଷେଧ କରିବାପାଇଁ ସେ ପ୍ରସ୍ତାବ; କରିଅଛନ୍ତି ଫଳତଃ ବିପଦର ଆଶଙ୍କା ଥିବାରୁ ଏପରି ଆଜ୍ଞା ପ୍ରଚାର ହେବା ବିଷୟରେ କିଛି ସନ୍ଦେହ ନାହିଁ । ତାହା ହେଲେ କିଛିକାଳ ଏଠାକୁ ଯାତ୍ରୀ ଆସିବାର ବନ୍ଦ ହେବ ଓ ତହିଁରେ ଯେ ଓଡ଼ିଶା ଲୋକଙ୍କର ବିଶେଷତଃ ପୁରୀବାସିଙ୍କର କି ପରିମାଣରେ କ୍ଷତି ହେବ ତାହା କୁହା ଯାଇ ନ ପାରେ । ଏମନ୍ତ ଅବସ୍ଥାରେ ଆମ୍ଭମାନଙ୍କ ବିବେଚନାରେ ପୁରୀ ରଜାଙ୍କର ନିତାନ୍ତ କର୍ତ୍ତବ୍ୟ ହେଉଅଛି ଯେ କାଳବିଳମ୍ବ ନ କରି ଗବର୍ଣ୍ଣମେଣ୍ଟଙ୍କଠାରୁ ଜଣେ ଉପଯୁକ୍ତ ହିନ୍ଦୁ ଇଞ୍ଜିନିୟରର ସାହାଯ୍ୟ ନେଇ ମନ୍ଦିରର ଜୀର୍ଣ୍ଣସଂସ୍କାର କାର୍ଯ୍ୟାରମ୍ଭ କରନ୍ତୁ ଓ ଯେତେ ଶୀଘ୍ର ହୋଇପାରେ ତାହା ଶେଷ କରନ୍ତୁ । ଏହା ନ କଲେ ତାହାଙ୍କର ସାମାନ୍ୟ କ୍ଷତି ହେବ ନାହିଁ ।

ମନ୍ଦିରର ଏରୂପ ଦୁର୍ଗତି କଥା ଶୁଣି ଓଡ଼ିଶାର ନାନାସ୍ଥାନର ଲୋକମାନେ ଭାରି ଉତ୍ପାତ ଓ ବିପଦର ଆଶଙ୍କା କରି ବଡ଼ କାତର ଅଛନ୍ତି । ଯାଜପୁରଠାରୁ ସମ୍ବାଦ ପାଇଅଛୁଁ ଯେ ଲୋକମାନେ ତହିଁରୁ ଉଦ୍ଧାର ହେବାପାଇଁ ଗ୍ରାମ ଗ୍ରାମରେ ମହାପ୍ରଭୁଙ୍କ ନାମକୁ ଆଶ୍ରୟ କରି ଭାଗବତ ରାମାୟଣ ମହାଭାରତାଦି ପୁରାଣ ପାଠ ହେଉଅଛି ଓ ଅଷାଢ଼ ସଂକ୍ରାନ୍ତିପର ତିନିଦିନ ରଜ ପାଳଥିଲେ ତହିଁରେ କିଛି କର୍ମ କରିବାର ତେଣିକି ଥାଉ ଲୋକେ ଅନ୍ନ ସୁଦ୍ଧା ରାନ୍ଧି ଖାଇ ନାହାନ୍ତି ।

ଏହି ସୁଯୋଗରେ ଧାମନଗର ଗୋହିରଟିକିରିଠାରେ ଜଣେ ବୈଷ୍ଣବ ମହାପ୍ରଭୁଙ୍କର ବସ୍ୟାଙ୍କ ଅବତାରର ଛବି ନିର୍ମାଣ ଓ ମୂର୍ତ୍ତି ପ୍ରତିଷ୍ଠା କରି ପୂଜା କରୁଅଛି । କାର୍ତ୍ତିକମାସରେ ପୂଜା ଶେଷ କରି ଏକ ମହାଯାଗ କରିବ ଯେ ତହିଁପାଇଁ ଗୃହଆଡୁ ପଇସା ଓ ଘିଅ ମାଗଣ ହେଉଅଛି । ଏ ଯାଗରେ ବୋଧ ହୁଅଇ ଲୋକଙ୍କର ସମସ୍ତ ବିପଦ କ୍ଷୟ ହେବ ତେଣିକି ଜଗନ୍ନାଥଙ୍କ ମନ୍ଦିର ଥାଉ କି ନ ଥାଉ ଲୋକଙ୍କର କିଛି କ୍ଷତି ହେବ ନାହିଁ !!!

———

## ନାଲ ଓ ରେଲଷ୍ଟେଡ ।

ଗତମାସ ତା ୨୩ ରଖର ଡେଲିନ୍ୟୁସରେ ତଳଲିଖିତ ବିଷୟଟି ଲେଖାଅଛି । ଯଥା;

ଭାରତବର୍ଷର ଜଳସେଚନ ମହକୁମାର ପୂର୍ବ ଇନ୍‌ସ୍ପେକ୍ଟର ଜେନେରଲ କର୍ଣ୍ଣେଲ ରଣ୍ଡଲସାହେବ ମଧ୍ୟପ୍ରଦେଶର ଦୁର୍ଭିକ୍ଷନିବାରଣ ଉଦ୍ଦେଶ୍ୟରେ କେତେଗୁଡ଼ିଏ ନାଲ ନିର୍ମାଣ କରିବାର ପ୍ରସ୍ତାବ କରିଥିଲେ । ତହିଁ ସମ୍ପର୍କରେ ମଧ୍ୟପ୍ରଦେଶର ପ୍ରଧାନକମିଶ୍ନର ମରିସସାହେବ ଲେଖି ଅଛନ୍ତି ଯେ ମହାନଦୀକୂଳଦେଇ ସମ୍ବଲପୁରଠାରୁ କଟକକୁ ନାଲନିର୍ମାଣ କରିବାରେ ବିସ୍ତରବ୍ୟୟ ହେବ ମାତ୍ର ତହିଁରୁ ବାଣିଜ୍ୟର କିଛି ଉପକାର ହେବ ନାହିଁ ଏବଂ କିଛି ଆୟ ମଧ୍ୟ ହେବ ନାହିଁ । ଗୋଦାବରୀରେ ନୌକା ଯାତାୟାତ ସକାଶେ ଯେ ପ୍ରସ୍ତାବ ହୋଇଥିଲା ତହିଁରେ ମଧ୍ୟ ପ୍ରଧାନ କମିଶ୍ନରଙ୍କ ମତ ଭଲ ନୁହଇ । ତାହାଙ୍କ ବିବେଚନାରେ ମଧ୍ୟପ୍ରଦେଶର ବାଣିଜ୍ୟ ବିସ୍ତାର ଓ ସେ ଦେଶକୁ ଅଧିକ ଉଠିଆ କରିବାର ଏକମାତ୍ର ଉପାୟ ରେଲବାଟ ନିର୍ମାଣ କରିବା ଅଟଇ ଏଥିପାଇଁ ସେ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଅନୁରୋଧ କରି ଅଛନ୍ତି ଯେ ନାଗପୁରଠାରୁ ଛତିଶଗଡ଼ ଓ ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ରେଲବାଟ ଶୀଘ୍ର ପ୍ରସ୍ତୁତ ହେଉ । ଏ ପ୍ରସ୍ତାବର ଅବତାରଣା ବହୁଦିନରୁ ହୋଇଅଛି ଓ ଯେତେବେଳେ ଏହା ବିଚାରାଧୀନରେ ଅଛି ତହିଁରୁ ଜଣାଯାଏ ଯେ ଭାରତବର୍ଷର ପ୍ରଧାନ କର୍ମଚାରୀମାନେ ଏ ପ୍ରସ୍ତାବର ପ୍ରତି ଅନୁକୂଳ ଅଛନ୍ତି ।

ଅମ୍ଭେମାନେ ବହୁଦିନପୂର୍ବେ ଏ ପ୍ରସ୍ତାବର କଥା ପାଠକମାନଙ୍କୁ ଜଣାଇଥିଲୁଁ ଓ ତହିଁ ସମ୍ପର୍କରେ ଆପଣା ମତ ମଧ୍ୟ ପ୍ରକାଶ କରିଥିଲୁଁ । ଏହା ମଧ୍ୟପ୍ରଦେଶ ତାହିଁକି ଏ ପ୍ରସ୍ତାବରେ ଓଡ଼ିଶାର ମଧ୍ୟ ବିଶେଷ ଉପକାରର ସମ୍ଭାବନା ଅଛି ଓ ଏଠାଲୋକେ ମନରେ ତାହା ଯଥାଯୋଗ୍ୟରୂପେ ଲାଗିବାରୁ ସେମାନେ ଗବର୍ଣ୍ଣମେଣ୍ଟଙ୍କଠାରେ ସମ୍ବଲପୁରଠାରୁ କଟକକୁ ରେଲବାଟ ଆଣିବା କାରଣ ଦରଖାସ୍ତ କରିଅଛନ୍ତି । ଏଥକୁ ଅଠମାସକାଳ ଗତ ହେଲା ଅଦ୍ୟାପି ଏ ପ୍ରସଙ୍ଗରେ କିଛି ଶୁଣାଯାଉ ନାହିଁ ମାତ୍ର ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ ନିକଟକୁ ଆଉ ଯେତେ ଆବେଦନପତ୍ର ତାହାଙ୍କର ଓଡ଼ିଶାକୁ ଶୁଭାଗମନ ସମୟରେ ଦିଆ ଯାଇଥିଲା ସେ ସବୁର ଉତ୍ତର ଆସିବା ପ୍ରତ୍ୟକ୍ଷେ ଏ ବିଷୟର କିଛି ଉତ୍ତର ନ ଆସିବାରୁ ଅନୁମାନ ହେଉଅଛି ଯେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏଠା ସର୍ବସାଧାରଣଙ୍କ ଆବେଦନପତ୍ରକୁ ମନରେ ସେନି ଅଛନ୍ତି ଓ ବୋଧ ହୁଅଇ ଗବର୍ଣ୍ଣମେଣ୍ଟ ଇଣ୍ଡିଆକୁ ତାହା ଜଣାଇ ଅଛନ୍ତି । ଫଳତଃ ଶାସନକର୍ତ୍ତାମାନେ ଯାହା ବିବେଚନା କରନ୍ତୁ ତହିଁର କାହାର କଲ ନାହିଁ ମାତ୍ର ମୁକ୍ତକଣ୍ଠରେ ସ୍ୱୀକାର କରିବାକୁ ହେବ ଯେ କଟକରୁ ନାଗପୁର ପର୍ଯ୍ୟନ୍ତ ରେଲବାଟ ହେଲେ ଓଡ଼ିଶା ଓ ମଧ୍ୟପ୍ରଦେଶର ଯେତେ ଉପକାର ହେବ ତହିଁର କୌଣସି ଅଂଶ ନାଲଦ୍ୱାରା ହେବାର ସମ୍ଭାବନା ନାହିଁ । ନାଲଦ୍ୱାରା କି ପରିମାଣରେ ଦୁର୍ଭିକ୍ଷ ନିବାରଣ ଓ ଅନ୍ୟାନ୍ୟ ଉପକାର ହୋଇପାରେ ତହିଁର ପରିଚୟ ଓଡ଼ିଶାବାସିଙ୍କୁ ଦେବାର ଅନାବଶ୍ୟକ କାରଣ ସେମାନେ ତାହା ସ୍ୱୟଂ ପ୍ରତ୍ୟକ୍ଷ କରୁଅଛନ୍ତି । ପ୍ରଧାନ କମିଶ୍ନର ମରିସ ସାହେବ ନାଲ ନ ଦେଖି ଯେ ତହିଁର ଉପଯୋଗିତାର ଯଥାର୍ଥ ନିରାକରଣ କରିଅଛନ୍ତି ସୁଖ୍ୟାତିର ବିଷୟ ଅଟଇ । ବିଶେଷତଃ ବଙ୍ଗାଳାର ଦୁର୍ଭିକ୍ଷରୁ ଯେଉଁ ଆଶ୍ଚର୍ଯ୍ୟ ଲର୍ଡ ନର୍ଥବ୍ରୁକ ଗ୍ରହଣ କରିଅଛନ୍ତି ବିଲାତର ସେକ୍ରେଟେରୀ ପର୍ଯ୍ୟନ୍ତ ତାହା ଅନୁମୋଦନ କରି ଅଛନ୍ତି ତହିଁରେ ସ୍ପଷ୍ଟ ପ୍ରକାଶ ପାଉଅଛି ଯେ ଭାରତବର୍ଷରେ ଦୁର୍ଭିକ୍ଷ ନିବାରଣର ଉପାୟ ନାଲ ନୁହଇ ରେଲବାଟ ଅଟଇ । ଏପରି ଗବର୍ଣ୍ଣମେଣ୍ଟଙ୍କ ମତ ହୋଇଥିବା ସ୍ଥଳେ ଯେ ଏ ପ୍ରଦେଶକୁ ରେଲବାଟ ନ ଆସିଲା ଦୁଃଖର ବିଷୟ ଅଟେ । ଓଡ଼ିଶାର ଦୁର୍ଭାଗ୍ୟ ବୋଲିବାକୁ ହେବ ଯେ ଏଠାକୁ ରେଲବାଟ ନ ଆସି ବହୁ ବ୍ୟୟରେ ନାଲମାନ ନିର୍ମାଣ କରିବାକୁ ଗବର୍ଣ୍ଣମେଣ୍ଟ ସ୍ଥିର କଲେ । ଯେବେ ନାଲର ଅନୁଷ୍ଠାନ ହୋଇ ନ ଥାନ୍ତା ତେବେ ବର୍ତ୍ତମାନକୁ ହୁଏତ ରେଲବା-

Digitized by srujanika@gmail.com

Split by PDF Splitter



ଙ୍କର ଦୃଷ୍ଟାନ୍ତ ହୋଇଥାନ୍ତା । ଏହିପରି ମଧ୍ୟପ୍ରଦେଶରେ ଯେବେ ଥରେ ଜାଲର ଅନୁଷ୍ଠାନ ହେବ ତେବେ ଆଉ ରେଲବାର୍ଟ ହେବ ନାହିଁ । ଏଥିପାଇଁ ଅମ୍ଭେମାନେ ଆଶାକରୁଁ ଯେ ପଞ୍ଚିମ ବଙ୍ଗାନାଗପୁର ମଧ୍ୟପ୍ରଦେଶ ଆଉ କଚ୍ଛିଦନ ଅନାସ୍ଥା ହୋଇ ପଡ଼ିଥାଉ ଗବର୍ଣ୍ଣମେଣ୍ଟ ଯେମନ୍ତ ଓଡ଼ିଶାପରି ଏ ପ୍ରଦେଶକୁ ଜାଲରେ ଭର୍ତ୍ତି ନ କରନ୍ତୁ ।

---

ନୂତନ ପୁସ୍ତକର ସମାଲୋଚନା ।

ବାଲେଶ୍ୱର ଉତ୍କଳ ପ୍ରେସରେ ଅର୍ଥବ୍ୟବହାର ପ୍ରଥମ ଭାଗ ନାମରେ ଖଣ୍ଡିଏ ପୁସ୍ତକ ମୁଦ୍ରିତ ହୋଇଅଛି ବାବୁ ବୈକୁଣ୍ଠନାଥ ଦେ ଏପୁସ୍ତକର ସ୍ୱତ୍ୱାଧିକ ଅଟନ୍ତି ଓ ତାହାଙ୍କଠାରୁ ଅମ୍ଭେମାନେ ଖଣ୍ଡିଏ ପୁସ୍ତକ ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ବାବୁ ଗଜକୃଷ୍ଣଚୌଧୁରୀଙ୍କ ବଙ୍ଗଳା ମୂଳ ଗ୍ରନ୍ଥରୁ ଏପୁସ୍ତକ ଖଣ୍ଡି ଅନୁବାଦିତ ହୋଇଅଛି । ଅନୁବାଦକ ବାବୁ କାଶିନାଥ ଆଚାର୍ଯ୍ୟ । ଓଡ଼ିଶା ସ୍କୁଲରେ ଏ ଶାସ୍ତ୍ରର ଶିକ୍ଷା ଦେବା ସକାଶେ କୌଣସି ପୁସ୍ତକ ନ ଥିବାରୁ ଅନୁବାଦକ ମହାଶୟ ବାବୁ ରାଧାନାଥ ରାୟ ଡେପୁଟୀ ଇନ୍ସପେକ୍ଟରଙ୍କ ଅନୁରୋଧରେ ଏଥିରେ ଶ୍ରମ କରି ଅଛନ୍ତି । ଏହାଙ୍କ ଯୋଗେ ବିଦ୍ୟାଳୟର ପାଠୋପଯୋଗୀ ନୂତନ ଗ୍ରନ୍ଥ ଖଣ୍ଡିଏ ବାହାରିଲା ସୁଖର ବିଷୟ ଅଟଇ । ଅମ୍ଭେମାନେ ପୁସ୍ତକର ଅନେକସ୍ଥଳ ପଢ଼ି ଦେଖିଅଛୁଁ ଯେ ଅନୁବାଦ କାର୍ଯ୍ୟଟି ମନ୍ଦ ହୋଇ ନାହିଁ ଓ ଯଦ୍ୟପିହି କେତେକ ସ୍ଥାନରେ ସାମାନ୍ୟ ରଚନାଦୋଷ ପ୍ରତ୍ୟକ୍ଷ ହୁଅଇ ମାତ୍ର ତାହା ବିଶେଷ ଧର୍ତ୍ତବ୍ୟ ନୁହଇ କାରଣ ଉତ୍କଳଭାଷା ରଚନା ଅଦ୍ୟାପି ଶୁଦ୍ଧାବସ୍ଥାକୁ ପ୍ରାପ୍ତ ହୋଇ ନାହିଁ । ଅମ୍ଭମାନଙ୍କ ବିବେଚନାରେ ଅନୁବାଦକ ସରଳ ଭାଷାରେ ଗ୍ରନ୍ଥକର୍ତ୍ତାଙ୍କର ଭାବ ପ୍ରକାଶ କରିଅଛନ୍ତି ଓ ବର୍ତ୍ତମାନ ସକାଶେ ଏତିକି ଯଥେଷ୍ଟ ଅଟଇ । ମୂଳଗ୍ରନ୍ଥର ସମାଲୋଚନା କରିବା ଅମ୍ଭେମାନେ କର୍ତ୍ତବ୍ୟ ଜ୍ଞାନ କରୁ ନାହୁଁ ମାତ୍ର ଯେସ୍ଥଳେ ଗବର୍ଣ୍ଣମେଣ୍ଟ ଅନ୍ୟାନ୍ୟ ପୁସ୍ତକ ମଧ୍ୟରେ ଅର୍ଥ ବ୍ୟବହାର ସକାଶେ ସର୍ବୋଚ୍ଚ ପାରିତୋଷିକ ପ୍ରଦାନ ପୂର୍ବକ ଭଲ ପୁସ୍ତକ ପାଇବାର ଆଶା କଲାଇଅଛନ୍ତି ସେ ସ୍ଥଳେ ଅମ୍ଭେମାନେ ଏତିକି କହିପାରୁଁ ଯେ ସମାଲୋଚିତ ପୁସ୍ତକ ବାହାରିଅଛି ବୋଲି ଅନ୍ୟ ଯେଉଁମାନେ ଏ ବିଷୟର ପୁସ୍ତକ ରଚନା କରିବାକୁ ମାନସ କରିଅଛନ୍ତି ତାହାଙ୍କର ହତାଶ ହେବାର କୌଣସି କାରଣ ନାହିଁ ତହିଁର ହେତୁ ଏହି ଯେ ଏଥିରୁ ଭଲ ପୁସ୍ତକ ବାହାରିବା ଓଡ଼ିଶାର ବର୍ତ୍ତମାନାବସ୍ଥାରେ ଅସମ୍ଭବ ନୁହଇ । ସମାଲୋଚିତ ଗ୍ରନ୍ଥରେ ଅର୍ଥଶାସ୍ତ୍ରର ପ୍ରଧାନ ବିଷୟମାନ ସଂକ୍ଷେପରେ ବର୍ଣ୍ଣିତ ହୋଇଅଛି ସତ୍ୟ, ମାତ୍ର ସେସବୁର ତତ୍ତ୍ୱ ଭଲ କରି ବୁଝାଇ ଦିଆ ଯାଇ ନାହିଁ । ଧନ, ଅର୍ଥ ଓ ମୁଦ୍ରା ମଧ୍ୟରେ କି ପ୍ରଭେଦ ଓ ଉକ୍ତ ତିନି ପଦାର୍ଥ ସମ୍ପୂର୍ଣ୍ଣରୂପେ ପୃଥକ କି ଏକ ପଦାର୍ଥର ବିଶେଷ ଅବସ୍ଥା ଏସବୁ ପରିଷ୍କାରରୂପେ ଏ ପୁସ୍ତକରୁ ଜଣା ଯାଉ ନାହିଁ । ସଚରାଚର ଦେଖାଯାଏ ଯେ କୌଣସି ଧନୀ ବ୍ୟକ୍ତିର ବିଷୟ କେତେ ନିର୍ଣ୍ଣୟ କରିବାକୁ ହେଲେ ନୋଟକାଗଜ ଓ ତମସୁକ ପ୍ରଭୃତି ସବୁ ଧନ ମଧ୍ୟରେ ଗଣନା ହୁଅଇ ଏ ସ୍ଥଳେ ଟଙ୍କା କୌଣ ଧନ ନୁହେ ବୋଲି ଯେ ପୁସ୍ତକର ପ୍ରଥମ ପୃଷ୍ଠାରେ ଲେଖାଯାଇଅଛି ତହିଁର କୌଣସି ଯୁକ୍ତି ଉକ୍ତ ପୁସ୍ତକ ମଧ୍ୟରେ ନାହିଁ । ଅମ୍ଭେମାନେ ପୂର୍ବରୁ କହିଅଛୁଁ ଯେ ଅମ୍ଭେମାନେ ମୂଳ ଗ୍ରନ୍ଥର ସମାଲୋଚନା କରିବାକୁ ମାନସ ନ କରୁଁ କେବଳ ଭବିଷ୍ୟତ ଗ୍ରନ୍ଥକର୍ତ୍ତାମାନଙ୍କର ଯେମନ୍ତ ଉତ୍ସାହ ଭଗ୍ନ ନ ହୁଏ ଏହି ଉଦ୍ଦେଶ୍ୟରେ ବାଧ୍ୟ ହୋଇ ଗ୍ରନ୍ଥର ଦୁଇ ଏକ ବିଷୟ ଲେଖିଲୁଁ ।

---

## ସାପ୍ତାହିକ ସଂବାଦ ।

ଅମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ଶ୍ୟାମଚନ୍ଦ୍ର ନାଥ ଡେପୁଟୀ କଲେକ୍ଟର ଗତ ରବିବାର ମାନବଲୀଳା ସମ୍ବରଣ କଲେ । ବାବୁଙ୍କର ଦୈବାତ ପୀଡ଼ାରେ ଏପରି ଦୁର୍ଘଟନା ହେଲା ।

ଅମ୍ଭେମାନେ ଦୁଃଖିତ ହୋଇ ପାଠକଙ୍କୁ ଜଣାଉଅଛୁଁ ଯେ କଟକର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ପୁଲିସ ଲେସି ସାହେବ ଅନ୍ୟାନ୍ୟ ଆଜ୍ଞା ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାକ୍ରମେ ସସ୍ପେଣ୍ଡ ହୋଇଅଛନ୍ତି । ସାହେବଙ୍କର ଏମନ୍ତ କି ଗୁରୁତର ଦୋଷ ବାହାରିଅଛି ଯେ ତହିଁପାଇଁ ଭାରତାଧିପଙ୍କ ଯୋଗେ ଏପରି ଆଜ୍ଞା ଆସିଲା ଅମ୍ଭେମାନେ ତାହା କହି ନ ପାରୁଁ । ସାଧାରଣ ଅନୁମାନ ଏହି ଯେ ମାଜିଷ୍ଟ୍ରେଟ ଟିମସ ସାହେବଙ୍କ ସହିତ ତାହାଙ୍କର କୌଣସି ସରକାରୀ କାର୍ଯ୍ୟୋପଲକ୍ଷରେ ମତାନ୍ତର ଘଟିଥିବାରୁ ତହିଁର ମୀମାଂସା ପର୍ଯ୍ୟନ୍ତ ଏପରି ଆଜ୍ଞା ହୋଇଅଛି ।

କଟକ କଲେକ୍ଟରୀ କଚେରୀରୁ ଗୋଲମାଲ ଛାଡ଼ ହେଉ ନାହିଁ । ଗତ ସପ୍ତାହରେ ଜଣେ ମହାଜନ ସାହେବଙ୍କ ଜମାଦାର ଏକ ମକଦ୍ଦମା ଉପଲକ୍ଷରେ ଆପଣା କାରବାରର ଖାତାବହୀସବୁ ବାବୁ ରଙ୍ଗଲାଲଙ୍କର ମିସଲକୁ ଦେଇ ଯାଇଥିଲା । ସେ ବହୀମାନ ହଜିବାରୁ ତାହା ଯେ ପାଇଦେବ ତାହାକୁ ଟ ୫୦୯ ଙ୍କା ପାରିତୋଷିକ ଦେବାର ଘୋଷଣା ଦିଆ ଯାଇଅଛି ଓ ଏହି ହେତୁରୁ ରଙ୍ଗଲାଲ ବାବୁ ଡେପୁଟୀଙ୍କ ସମସ୍ତ ଅମଲା ଓ କମିଶନରର ଜମାଦାର ସସ୍ପେଣ୍ଡ ହୋଇଅଛନ୍ତି । ଶେଷଲିଖିତ ବ୍ୟକ୍ତି ସସ୍ପେଣ୍ଡ ହେବାର କାରଣ ଏହି ଯେ ତାହାଙ୍କର ଉକ୍ତ ମକଦ୍ଦମା ସହିତ କୌଣସି ପ୍ରକାର ସମ୍ବନ୍ଧ ଅଛି ବୋଲି ହାକିମଙ୍କର ବିଶ୍ୱାସ ହୋଇଅଛି ଆଉ ଏକ ଗୋଲମାଲ ଏହି ଯେ ଗୋଟାଏ ଫଉଜଦାରୀ ନଥି ଗତବର୍ଷ ଫଏସଲ ହୋଇ ମାହାଫିଜଖାନାରେ ରଖା ଯାଇଥିଲା ବର୍ତ୍ତମାନ ଦେଖାଗଲା ଯେ ତହିଁରେ ହାକିମଙ୍କ ରାୟ ନାହିଁ । ରାୟ ଆଦୌ ନଥିରେ ଥିଲା କି ନାହିଁ ଓ ଥିଲେ କେଉଁ ଆଡ଼େ ଗଲା ତହିଁର ତଦନ୍ତ ହେଉଅଛି ।

ଏଠାର ସର୍ବସାଧାରଣ ଶୁଣି ଦୁଃଖିତ ହେବେ ଯେ ଜଜ ଓ୍ୟାକୋପ ସାହେବ ବିଲାତକୁ ଛୁଟୀ ନେଇ ଯାଇଥିଲେ ସେଠାରୁ ତାହାଙ୍କର ଶୋକାବହ ମୃତ୍ୟୁସମ୍ବାଦ ଆସିଅଛି । ଓ୍ୟାକୋପ ସାହେବ ବଙ୍ଗଳା ସିଭିଲ କର୍ମଚାରୀଙ୍କ ମଧ୍ୟରେ ଜଣେ ବିଖ୍ୟାତ ବ୍ୟକ୍ତି ଥିଲେ ଯେଉଁଠାରେ ଯେ କର୍ମ ସେ କରିଥିଲେ ତହିଁରେ ତାହାଙ୍କର ପ୍ରଶଂସା ହୋଇଥିଲା । ଦୁର୍ଭିକ୍ଷ ସମୟରେ ସେ ଏଠାକୁ ଜଜ ହୋଇ ଆସି ଆପଣା କାର୍ଯ୍ୟ ଦକ୍ଷତା ଦେଖାଇବାରୁ ଏଠା ଲୋକଙ୍କ ମଧ୍ୟରେ ସେ ବିଶେଷରୂପେ ପରିଚିତ ହୋଇଥିଲେ ।

ଏନଗରରେ ପୁଣି ଓଲାଉଠା ରୋଗ ପ୍ରବଳ ହୋଇଅଛି । ମଧ୍ୟରେ କିଛିଦିନ ଊଣା ଥିଲା । ଶୁଣିଲୁଁ ଯେ ଗତସପ୍ତାହ ତିନିଦିନ ମଧ୍ୟରେ ଏକସାହିରେ କ ୧୩ ଣ ମନୁଷ୍ୟ ମରିଅଛନ୍ତି ।

ନାୟବ୍‌ସରିସ୍ତାଦାର ଓଗେର ସହିତ ବାବୁ ମହେଶ୍ଚନ୍ଦ୍ର ବାନୁର୍ଯ୍ୟାଙ୍କ ନାମରେ ଏକବ୍ୟକ୍ତି ଜାଲ ଦସ୍ତାବିଜ ପ୍ରସ୍ତୁତ କରିବାର ଅଭିଯୋଗ କରିଥିଲା । ତହିଁରେ ବାବୁଜଣ ଆଉ ଆସାମିମାନେ ହାଜତ ପର୍ଯ୍ୟନ୍ତ ଯାଇଥିଲେ । ମୁଦ୍ଦେଇ ପ୍ରମାଣ ଦେଇ ନ ପାରିବାରୁ ସମସ୍ତେ ଖଲାସ ପାଇଲେ ।

Digitized by srujanika@gmail.com

Split by PDF Splitter



ଯାଜପୁରରୁ ସମ୍ବାଦ ପାଇଅଛୁଁ ଯେ କ୍ରମାଗତ ସୁବୃଷ୍ଟି ହେବାରୁ ଫସଲର ଅବସ୍ଥା ଅତ୍ୟନ୍ତ ଭଲ ଦେଖାଯାଏ । ଧାନ ଚାଉଳ ଦର ଇତ୍ୟାଦି ପର୍ଯ୍ୟାପ୍ତରୂପେ ମିଳୁଅଛି ।

ଉକ୍ତ ସମ୍ବାଦଦାତାଙ୍କଠାରୁ ଅବଗତହେଲୁଁ ଯେ ମୃତବାବୁ ସଚ୍ଚିଦାନନ୍ଦ ଦାସଙ୍କ ଶ୍ରାଦ୍ଧକର୍ମ ଉତ୍ତମରୂପେ ନିର୍ବାହିତ ହୋଇଅଛି କେବଳ ବର୍ଷାକାଳ ଥିବାରୁ ଅଧିକ ବ୍ରାହ୍ମଣଭୋଜନ କରି ପାରି ନାହାନ୍ତି ।

ଗତ ଅଗଷ୍ଟମାସ ତା ୬ ରିଖ ସନ୍ଧ୍ୟାସମୟରେ ଯାଜପୁରରେ ବନାବର୍ଷାରେ ଘଡ଼ଘଡ଼ିଧ୍ୱନି ଦଣ୍ଡେ୨ ଛଡାରେ ୩ ଥର ହେଲା ତହିଁରେ ଏକ ଜାଗାରେ ନଡିଆଗଛ ଗୋ ୨ ଟା ଜଳି ଯାଇଅଛି ଓ ଆଉ ଏକ ଜାଗାରେ ଧାନକ୍ଷେତ ମଧ୍ୟରେ କଛି ଧାନ ଜମିର ଧାନଗଛ ଜଳି ଯାଇଅଛି ଓ କ ୪ଣ ମନୁଷ୍ୟ ଅଚେତନ ହୋଇଥିଲେ ତହିଁମଧ୍ୟରୁ ଜ ୨ ଣ ଏକଦିନ ପରେ ଓ ଆଉ ଏକଜଣ ଚାରିଦିନ କ୍ରମା ଦ ୬ ନ ପରେ ଚେତା ପାଇ ଶଙ୍କାଶୂନ୍ୟ ହେଲେ ଆଉ ଜ ୧ ଣ ବରାବର ବଧିର ହୋଇ ରହିଅଛି ।

ବାଲେଶ୍ୱର ସମ୍ବାଦବାହକାରୁ ଅବଗତହେଲୁଁ ଯେ ଜଣେ କନେଷ୍ଟବଲ ଅପଣା ସ୍ତ୍ରୀପକ୍ଷରୁ ନାଲିସ କଲା କି ତାହାର ସ୍ତ୍ରୀକୁ ଜଣେ ଓବରସିଅରଙ୍କ ସ୍ତ୍ରୀ ଓ ପୁତ୍ର ମାଡ ମାରିଅଛନ୍ତି । ବିଚାରକର୍ତ୍ତା ଫିଲିପସ୍ ସାହେବ ଅଭିଯୁକ୍ତଙ୍କ ମାରିବାର ଯଥେଷ୍ଟ ପ୍ରମାଣ ନ ପାଇବାରୁ ମକଦ୍ଦମା ଡିସମିସ କଲେ କିନ୍ତୁ କନେଷ୍ଟବଲର ସ୍ତ୍ରୀ ବାସ୍ତବରେ ମାଡ ଖାଇଥିବାର ତାହାଙ୍କ ହୃଦ୍‌ବୋଧ ହେବାରୁ ତାହାକୁ ଆପଣାହାତରୁ ଟ ୫୲ କା କ୍ଷତିପୂରଣ ଦେଲେ ବିଚାରକର୍ତ୍ତାଙ୍କଠାରେ ଏପରି ଦୟା ଅତ୍ୟନ୍ତ ପ୍ରଶଂସାର ବିଷୟ ଅଟଇ ।

ବାଙ୍କିପୁର ଜେଲଖାନାରେ ଜଣେ କଏଦୀ ଡାକ୍ତର ସାହେବଙ୍କୁ ଉଦ୍ୟାନକରୂପେ ଆକ୍ରମଣ କରିଥିଲା । ଦୈବବଳରୁ ସାହେବ ବଞ୍ଚିଗଲେ । ଉକ୍ତ କଏଦୀ ନିୟମିତରୂପେ କାର୍ଯ୍ୟ ନ କରିବାରୁ ଡାକ୍ତର ସାହେବ ତାହାପ୍ରତି ବେତ୍ରାଘାତ ଦଣ୍ଡବିଧାନ କଲେ । ଯେତେବେଳେ କଏଦୀକୁ ଜେଲଫାଟକ ପାଖରୁ ନେଇ ଯାଉଥିଲେ ସେ ଦୁଇଟା ଲୁହାର ବଟକରି ଡାକ୍ତରଙ୍କ ମୁଣ୍ଡକୁ ଦେଖାଇ ମାରିଲା ଯେ ତହିଁରୁ ଗୋଟାଏ ଡାକ୍ତରଙ୍କ ପିଠିରେ ବାଜିଲା ଆଉ ଗୋଟାଏ ଟୋପିଉପରେ ଲାଗି ବାହାରି ଗଲା । ଏଥିପାଇଁ କଏଦୀର ପାଞ୍ଚବର୍ଷ କଠିନପରିଶ୍ରମସହିତ କାରାବାସ ଦଣ୍ଡ ହୋଇଅଛି ।

ସନ ୧୮୭୩ ମସିହାରେ ବଙ୍ଗଦେଶରେ ଯେଉଁ ଦୁର୍ଭିକ୍ଷ ହୋଇଥିଲା ତହିଁରେ ସର୍ବସୁଦ୍ଧା ସାତକୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏଥିମଧ୍ୟରୁ ପ୍ରାୟ ତିନକୋଟି ଟଙ୍କା କେବଳ ସାହାଯ୍ୟ କର୍ମରେ; ଅଢେଇକୋଟି ଟଙ୍କା ବନ୍ଧ ନାଳ ଓ ରେଲବାଟ ପ୍ରଭୃତି ଅସ୍ଥାୟୀ କାର୍ଯ୍ୟରେ ଏବଂ ଦେଢକୋଟି ଟଙ୍କା ଜମିଦାର ଓ ପ୍ରଜାମାନଙ୍କୁ ଦାଦନ ଦେବାରେ ବ୍ୟୟ ହୋଇଥିଲା । ଶେଷ ଲିଖିତ ଟଙ୍କା ଆଦାୟ ଯୋଗ୍ୟ ଅଟଇ ଓ ଆଦାୟ ହେଉଅଛି ।

ଯୁବରାଜଙ୍କ ଅଭ୍ୟର୍ଥନା ହେବା ବମ୍ବେଇରେ ଟ ୩୦୦୦୦୲ କା ପର୍ଯ୍ୟନ୍ତ ସ୍ୱାକ୍ଷରିତ ହୋଇଅଛି ଓ ଅଧିକ ହେବା ସ୍ୱାକ୍ଷରିତ ହେଉଅଛି । ଅଭ୍ୟର୍ଥନା କାର୍ଯ୍ୟର ପ୍ରଧାନଅଙ୍ଗ ବାଣପୋଡିବା ଓ ଏବିଷୟରେ ତିନିଖଣ୍ଡ ଇଷ୍ଟିମେଟ କମିଟିରେ ଆଗତ ହୋଇଥିଲା । ଏକ ତାଲିକା ଅନୁସାରେ ଟ ୭୫୦୦୲ ଅପରତାଲିକା ଅନୁସାରେ ଟ ୧୦୦୦୦ ଓ ଆଉ ଏକତାଲିକା ଅନୁସାରେ ଟ ୨୦୦୦୦୲ ବାଣବାଜିରେ ବ୍ୟୟ ହେବ । କମିଟୀ ଶେଷଲିଖିତ ତାଲିକାକୁ ଗ୍ରହଣ କରିବେ ଏମନ୍ତ ଅନୁମାନ ହେଉଅଛି । କୋଡିଏହଜାର ଟଙ୍କାର ବାଣ ଘଣ୍ଟାକ ମଧ୍ୟରେ ପୋଡିବା କେମନ୍ତ ତମାସାର ବ୍ୟାପାର ଏଠା ଲୋକମାନେ ତହିଁର କଳନା କରିପାରିବେ ନାହିଁ ।

ମହାମାନ୍ୟ ସିନ୍ଧିଆଙ୍କ ଓ ବରୋଦାର ନୂତନ ଗାଇକୁଅର ହେବାରେ ଆପଣାରାଜ୍ୟର ପଣ୍ଡିତମାନଙ୍କୁ ଶାଲ ପାଗ ଓ ଅନ୍ୟାନ୍ୟ ବସ୍ତ୍ରମାନ ଦାନ କରିଅଛନ୍ତି ।

ଏବର୍ଷ ଯେମନ୍ତ ଉତ୍ତରପଶ୍ଚିମ ପ୍ରଦେଶରେ ସେହିପରି ପଞ୍ଜାବରେ ଅତ୍ୟନ୍ତ ଅନାବୃଷ୍ଟି ହୋଇଥିଲା । ଏଥିରେ ଅନେକପ୍ରକାର କ୍ଷତି ଲୋକଙ୍କୁ ସହ୍ୟ କରିବାକୁ ହୋଇଅଛି ।

ଏବର୍ଷ ଶୀତକାଳରେ କଲିକତାରେ ଭାରି ସମାରୋହପୂର୍ବକ ଘୋଡାଦୌଡ କ୍ରୀଡା ସମ୍ପାଦିତ ହେବ । ଯୁବରାଜଙ୍କୁ ଦେଖାଇବାପାଇଁ ଏତେ ସମାରୋହ ହେଉଅଛି । ଶୋଭାବଜାରର ରାଜାମାନେ ଘୋଡଦୌଡ଼ ସକାଶେ ଟ ୧୨୦୦୲ କା ଦେବା ଦେଇଅଛନ୍ତି ।

ବମ୍ବେଇରେ ଏମନ୍ତ ଜନରବ ଉଠିଅଛି ଯେ ସର୍ ଲୁଇସପେଲି କି ଯେଉଁ ମହାଶୟ ବରୋଦାର ରେସିଡେଣ୍ଟ ଥାଇ ବଲଇଲୁ ଛୁଟି ନେଇ ଯାଇଅଛନ୍ତି ବମ୍ବେଇର ଗବର୍ଣ୍ଣର ପଦରେ ନିଯୁକ୍ତ ହେବେ ।

ଆମ୍ଭେମାନେ ଆନନ୍ଦର ସହିତ ଅବଗତ ହେଲୁଁ ଯେ ବାବୁ ସତ୍ୟେନ୍ଦ୍ରନାଥ ଠାକୁର ବମ୍ବେଇ ପ୍ରଦେଶ ଶିକାରପୁରଜିଲାର ସିଭିଲ ଓ ସେସନ ଜଜ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଯୁବରାଜଙ୍କ ଅଭ୍ୟର୍ଥନା ସକାଶେ ସିଂହଳଦ୍ୱୀପର ଗବର୍ଣ୍ଣମେଣ୍ଟ ଏକଲକ୍ଷ ଟଙ୍କା ବ୍ୟୟ କରିବାକୁ ସମ୍ମତ ହୋଇଅଛନ୍ତି ।

ଉତ୍ତରପଶ୍ଚିମର ଏକ ସମ୍ବାଦପତ୍ରରେ ଲେଖା ଅଛି ଯେ ଜଣେ ଇଂରେଜ ଜମିଦାର ଆପଣା ଜମିଦାରୀ ମଧ୍ୟରେ ଏମନ୍ତ ଉତ୍କୃଷ୍ଟରୂପେ ଏକ ଖଣି ପ୍ରସ୍ତୁତ କରି ତହିଁରେ ଗହମ ଜମା କରି ରଖିଥିଲେ ଯେ ବ ୧୫ ର୍ଷ ଉତ୍ତାରୁ ସେ ଖଣି ଫିଟାଇ ଦେଖିବାରେ ସେ ଗହମ ବର୍ତ୍ତମାନ ନଷ୍ଟ ନ ହୋଇ ଠିକ ନୂଆ ଫସଲ ପ୍ରାୟ ପ୍ରତୀୟମାନ ହେଲା । ଏଥକୁ ସମ୍ପାଦକ ବୋଲନ୍ତି ଯେ ଗବର୍ଣ୍ଣମେଣ୍ଟ ଯେବେ ପ୍ରତ୍ୟେକ ମୌଜାରେ ଏହିପରି ଗୋଟିଏ ଲେଖାଏ ଖଣି କରି ଗହମ ଜମା କରି ରଖିବା ପାଇଁ ଗ୍ରାମର ଗୃହିମାନଙ୍କୁ ବାଧ୍ୟ କରନ୍ତି ତାହା ହେଲେ ଦୁର୍ଭିକ୍ଷର କ୍ଲେଶ ଆଉ କାହାରିକି ଭୋଗ କରିବାକୁ ହେବ ନାହିଁ । ସତ୍ୟ, ମାତ୍ର ମହାଜନମାନଙ୍କର କି ଦୁର୍ଦ୍ଦଶା ହେବ ?

ଜ୍ଞାପନ ।

ଅମ୍ଭେ ଭୁବନେଶ୍ୱର ଏବଲିଙ୍ଗ ଗଙ୍ଗାଧର । ସା । କଲିକତା ଓ ରଙ୍ଗବାଇ ସଉଦାଗର ଅଛୁ ବିଜ୍ଞାପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ । ସା । ହାଲ ଗଡବାଇ ଶଦାଶି ନିମନ୍ତଇସୁ ଯେଉଁଲୋକଙ୍କୁ ଯେଉଁ କ୍ଷମତାପତ୍ର ଅର୍ଥାତ୍ ଆମ୍ ମୋକ୍ତାରନାମା ଦେଇଥିଲୁଁ ତାହା ଗତ ଜୁଲାଇ ମାସ ତା ୧୫ ଦିନରେ ତାଙ୍କଠାରୁ ଉଠାଇ ନେଇଅଛୁଁ ।

ଭୁବନେଶ୍ୱର ଏବଲିଙ୍ଗ ଗଙ୍ଗାଧର ।

**NOTICE.**

Wanted a fourth master for the Balasore Zilla School. Candidates are required to be natives of the Province to speak, read, and write English and Uriya correctly, and to have passed the Entrance Examination. Salary Rs. 25.

16—8—75. } (Sd.) T. NORMAN.
Acting Magte.

☞ ଏହି ଉତ୍କଳଦୀପିକା ସହର କଟକର ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦
ସଂଖ୍ୟା ୩୬
ଇଂରାଜୀ ସିପ୍ଟେମ୍ବର ସନ ୧୮୭୫ ମସିହା । ମୁ । ଭାଦ୍ରବ ୨୬ ତା ସନ ୧୨୮୨ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୫୧୦

ଶ୍ରାବଣପୂର୍ଣ୍ଣିମାଠାରୁ ଭାଦ୍ର ଅମାବାସ୍ୟା ପର୍ଯ୍ୟନ୍ତ ପକ୍ଷଟି ଏ ବର୍ଷ ଦ ୧୩ ଦିନରେ ଶେଷ ହେବାର ସ୍ଥିର କରି ଲୋକେ ଏହାର ନାମ ତ୍ରୟୋଦଶଦିନପକ୍ଷ ଦେଇଅଛନ୍ତି । ଗତ ସୋମବାର ଏ ପକ୍ଷଟି ଶେଷ ହେଲା । ଏପରି ପକ୍ଷ ପଡିଲେ ଭାରି ଅମଙ୍ଗଳ ଘଟଇ ଏରୂପ ଆଶଙ୍କା କରି ଲୋକମାନେ ବଡ ସଶଙ୍କିତ ଥିଲେ ଓ ନଗରରେ ଆଜିକାଲି ଯେମନ୍ତ ଓଲାଉଠାରୋଗର ଉପକ୍ରମ ହୋଇଅଛି ତାହା ଉକ୍ତ ଶଙ୍କାମାନଙ୍କୁ ଅଧିକ ବଳବତୀ କଲା । ବୃଦ୍ଧଲୋକମାନେ ନାନାଦି ଦେବଦେବୀଙ୍କର ଆଜ୍ଞା ପ୍ରଚାର କରି ଅନେକପ୍ରକାର ନିୟମ ପାଳିବାପାଇଁ ଜନରବ ଉଠାଇ ଦେଲେ ଓ ଏଠା ଲୋକଙ୍କୁ ଅନ୍ଧ ବୋଲିବାକୁ ହେବ ଯେ ସେମାନେ ଯଥାସାଧ୍ୟ ସେସବୁ ଦୃଢରୂପେ ପ୍ରତିପାଳନ କଲେ । ଅନ୍ୟାନ୍ୟ ନିୟମର କଥା ଛେଣିକି ଆଉ ଆମ୍ଭେମାନେ ଶୁଣି ଆଶ୍ଚର୍ଯ୍ୟ ହେଲୁଁ ଯେ ଅନେକ ଲୋକ ଗତ ସୋମବାର ରାତ୍ରରେ ଆପଣା ଘରେ ଭାତ ନ ରାନ୍ଧି ଉପବାସ ଶୋଇଥିଲେ କାରଣ ଠାକୁରାଣୀଙ୍କର ଆଜ୍ଞା ହୋଇଥିଲା ଯେ ସେ ରାତ୍ରରେ ଖାଇଲେ ପ୍ରାଣରକ୍ଷା କଠିନ ହେବ । ଫଳତଃ ଏ ପକ୍ଷଟା ୧୩ଦିନରେ ପୂର୍ଣ୍ଣ ହେଲା କି ୧୪ଦିନ ହେଲା ପାଞ୍ଜି ନ ଦେଖି ଲୋକେ ଏପରି କାତର ହେଲେ ବଡ ତମାସାର କଥା ଅଟଇ ।

---

ନାନାପ୍ରକାର ଦ୍ରବ୍ୟ ବନ୍ଧକ ରଖି ଯେଉଁମାନେ ଟଙ୍କା ଉଧାର ଦେବାର ବ୍ୟବସାୟ କରନ୍ତି ତାହାଙ୍କ କାର୍ଯ୍ୟର ଶାସନ ନିମନ୍ତେ ଗୋଟିଏ ଆଇନ କରିବା ସକାଶେ କଲିକତାର ବଣିକସଭା ଗବର୍ଣ୍ଣମେଣ୍ଟ ବଙ୍ଗାଳକୁ ଏକ ଆବେଦନପତ୍ର ପଠାଇଥିଲେ । ମାତ୍ର ଗବର୍ଣ୍ଣମେଣ୍ଟ ଯାହାଙ୍କ ହିତାର୍ଥ ହେବାକୁ ମନ୍ତବ୍ୟ ତାହାଙ୍କର ତହିଁରୁ କ୍ଷାନ୍ତ ହୋଇଅଛନ୍ତି । ସାହେବପ୍ରଶଂସିତଙ୍କର ମତ ଏହି ଯେ ଯଦ୍ୟପି ଇଂଲଣ୍ଡପ୍ରଭୃତି ଦେଶପରି ଏଠାରେ କେବଳ ଏହି ବ୍ୟବସାୟରେ କେତେଗୁଡାଏ ଲୋକ ନିଯୁକ୍ତ ଥାନ୍ତେ ତାହା ହେଲେ ତାହାଙ୍କ କାର୍ଯ୍ୟସମ୍ପର୍କରେ କୌଣସି ଆଇନ ବିଧିବଦ୍ଧ ହୋଇ ପାରନ୍ତା । ମାତ୍ର ବାସ୍ତବିକ ଅବସ୍ଥା ସେପରି ନୁହଇ ଏଠାରେ (ଭାରତବର୍ଷରେ) ସମସ୍ତଶ୍ରେଣୀର ହିନ୍ଦୁମାନେ ନାନାବିଧ ଦ୍ରବ୍ୟ ବନ୍ଧକ ରଖି ଟଙ୍କା ଋଣ ଦେବାର ପ୍ରଥା ଚଳିତ ଅଛି । ମର୍ଯ୍ୟାଦାବନ୍ତ ଭଦ୍ର ଲୋକମାନେ ଏପରି କାରବାର କରନ୍ତି ଏବଂ ଘରମଧ୍ୟରେ ଆବଦ୍ଧଥିବା ସ୍ତ୍ରୀମାନେସୁଦ୍ଧା ଏ କାର୍ଯ୍ୟରେ ଲିପ୍ତ ଅଛନ୍ତି ଏମନ୍ତ କି ଭଲ ଭଲ ପରିବାରର ବିଧବାସ୍ତ୍ରୀମାନେ ଉଚ୍ଚଦରରେ ସୁଧ ନେଇ ଅଳଙ୍କାରାଦି ବନ୍ଧକ ରଖି ଟଙ୍କା ଉଧାର ଦିଅନ୍ତି ଦେଶର ଅବସ୍ଥା ଏପରି ଥିବାପ୍ରଯୁକ୍ତେ ସାଧାରଣ ବନ୍ଧକଦାରଙ୍କ ବ୍ୟବସାୟପ୍ରତି କିରୂପେ କୌଣସି ଆଇନ ହୋଇ ପାରିବ ତହିଁର କିଛି ଉପାୟ ଦିଶୁ ନାହିଁ । କାରଣ ଏପରି ନିୟମ କଲେ ଅନେକ ଭଦ୍ରଲୋକଙ୍କ ସାଧାରଣ ବ୍ୟବହାର ପ୍ରତି ହସ୍ତକ୍ଷେପଣ କରିବା ହେବ ଓ ସେପରି କରିବା ଉଚିତ ନୁହଇ ।

### ଓଡିଶା ଗଡଜାତର ଅବସ୍ଥା ।

ଗତମାସ ତା ୧୧ ରିଖର କଲିକତା ଗଜେଟରେ ଶ୍ରୀଯୁକ୍ତ ରେଭେନ୍‌ସା ସାହେବ ଗଡଜାତ ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ସନ ୧୮୭୪।୭୫ ବାବତ ଗଡଜାତର କାର୍ଯ୍ୟବିବରଣୀ ଉପରେ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ମନ୍ତବ୍ୟ ପ୍ରକାଶ ହୋଇଅଛି । ଆମ୍ଭେମାନେ ତହିଁରୁ ନିମ୍ନଲିଖିତ ପ୍ରଧାନ ବିଷୟମାନ ପାଠକଙ୍କ ଗୋଚରାର୍ଥେ ସଙ୍କଳନ କରୁଅଛୁଁ ।

ଗଡଜାତ ମହାଲର ଦେଓ୍ୱାନୀ ରେବନ୍ୟୁ ଓ ଫୌଜଦାରୀ କାର୍ଯ୍ୟର ଅବସ୍ଥା ସନ୍ତୋଷଜନକ ଅଟଇ । ଫୌଜଦାରୀ ମକଦ୍ଦମା ୬୭୧ ନମ୍ବର ହୋଇଥିଲା ମାତ୍ର ସବୁ ସାମାନ୍ୟ ଅପରାଧ ସମ୍ପୃକ୍ତ ଅଟଇ କେବଳ ନ ୧୪ ମ୍ବର ଖୁନ ଓ ନ ୨ ମ୍ବର ଡକାଇତୀ ଗୁରୁତର ଅପରାଧ ମଧ୍ୟର ଅଟଇ । ଖୁନ ମକଦ୍ଦମା ନ ୬ ମ୍ବରରେ ଅସାମିମାନେ ଦଣ୍ଡ ପାଇଅଛନ୍ତି ଆଉ ସବୁ ମଧ୍ୟରୁ କେହି ମିଥ୍ୟା ଓ କେତେକ ପାଗଲଲୋକର କାର୍ଯ୍ୟ ଇତ୍ୟାଦି ଥିଲା । ଡକାଇତୀ ନ ୧ ମ୍ବର ସତ୍ୟ ଥିବାରୁ ତହିଁରେ ଅସାମିମାନେ ଦଣ୍ଡ ପାଇଅଛନ୍ତି ।

ଗଡଜାତରେ ସଡକ ନିର୍ମାଣ ପ୍ରତି ଅଧିକ ମନୋଯୋଗ ଏ ବିଜ୍ଞାପନୀର ଶୁଭସମ୍ବାଦ ମଧ୍ୟରେ ଅଟଇ । କେତମାହାଲର କେତମାନେ ନିଜଲି ପ୍ରତି ଛନ୍ଦିଅଣା ଲେଖାଏଁ କାଟିକରି ସେଚ୍ଛାପୂର୍ବକ ଦେବାରୁ ତହିଁରେ ୫ ୧୬ ୧୯ ଖା

Digitized by srujanika@gmail.com

Split by PDF Splitter



ଅଦାୟ ହୋଇଥିଲା ଓ ଗବର୍ଣ୍ଣମେଣ୍ଟ ଏହି ପରିମାଣରେ ସାହାଯ୍ୟ କଲେ ସୁଦ୍ଧା ସଡ଼କନିର୍ମାଣ ସକାଶେ ଉପଯୁକ୍ତ ପାଣ୍ଠି ହୋଇଅଛି । ଗତ ବର୍ଷରେ ୧୩ ମାଇଲ ସଡ଼କ ପାଇଁ ଜଙ୍ଗଲ କଟାଇ ଓ ହଡସ୍ତାର ଇତ୍ୟାଦି ତିଆରି ହେବାରେ ଟ ୧୬୨୬୯ ଙ୍କା ଖର୍ଚ୍ଚ ହୋଇ ଟ ୧୮୧୬୯ ଙ୍କା ତହବିଲରେ ଅଛି । ଲେଫ୍ଟନାଣ୍ଟ ଗବର୍ଣ୍ଣର ଏଥିପାଇଁ ନନ୍ଦମାଳ ତହସିଲଦାରଙ୍କ ପ୍ରଶଂସା କରିଅଛନ୍ତି । ରାଜାମାନେ ମଧ୍ୟ ଆପଣା ଏଲାକାରେ ସଡ଼କ ପ୍ରସ୍ତୁତ କରୁଅଛନ୍ତି ଯଥା କେଓଁଝରରାଜା ହାତରଙ୍ଗା ଓ ରାମଗଡ଼ ବାଟ ପରିଷ୍କାର କରି ବଡ ସଡ଼କ ସହିତ ମିଶାଇବାର ଯତ୍ନ କରୁଅଛନ୍ତି । ଅଠମଲ୍ଲିକର ରାଜା କନ୍ତିଗଡ଼ଠାରୁ ସମ୍ବଲପୁର ବାଟ ପର୍ଯ୍ୟନ୍ତ ୨୫ ମାଇଲ ବାଟ ନିର୍ମାଣ କରୁଅଛନ୍ତି । ବାମନଘାଟିଠାରେ ୧୦ ମାଇଲ ବାଟ ପ୍ରସ୍ତୁତ ହୋଇଅଛି ଏବଂ କେଉଁଝର ରାଜା କଲିକତା ସଡ଼କ ସଙ୍ଗରେ ମିଶାଇବାପାଇଁ ଗୋଟିଏ ସଡ଼କ ସକାଶେ ଟ ୫୦୦୦୯ ଙ୍କା ଦେଇଅଛନ୍ତି । ଏସବୁ ଦେଖି ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କର ଦୃଢ ବୋଧ ହୋଇଅଛି ଯେ ଗଡଜାତର ରାଜାମାନେ ଆପଣା ରାଜ୍ୟଶାସନ ପକ୍ଷରେ କ୍ରମାଗତ ମନୋନିବେଶ କରୁଅଛନ୍ତି ।

ଶିକ୍ଷା ବିଷୟରେ ନନ୍ଦମାଳର ଲୋକମାନେ ମଧ୍ୟ ସବୁଠାରୁ ଭଲ ଉପାୟ କରୁଅଛନ୍ତି । ମଦଦୋକାନ ଉପରେ ବସିଥିବା ଟାକ୍ସରୁ ମୋ ୧୭ ଟି ବିଦ୍ୟାଳୟ ସ୍ଥାପିତ ହୋଇଅଛି ଓ ଗୋଟିଏ ନର୍ମାଲ ଶ୍ରେଣୀ ମଧ୍ୟ ଫିଟିଅଛି । ରାଜାମାନଙ୍କ ମଧ୍ୟରେ ମହାରାଜା ଢେଙ୍କାନାଳ ଓ କେଉଁଝର ଓ ମୟୂରଭଞ୍ଜର ରାଜାମାନେ ଶିକ୍ଷାକାର୍ଯ୍ୟରେ ଅଧିକ ଧନବ୍ୟୟ କରିବାରୁ ପ୍ରଶଂସା ପାଇଅଛନ୍ତି ।

ପ୍ରଜାଙ୍କ ସହିତ ଗଡଜାତ ରାଜାଙ୍କର ବ୍ୟବହାର ଭଲ ନୁହଇ ଶୁଣି ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ଦୁଃଖ ପ୍ରକାଶ କରିଅଛନ୍ତି କମି ବନ୍ଦୋବସ୍ତ ବିଷୟରେ ଅନେକ ସ୍ଥଳରେ ପ୍ରଜାଙ୍କର ଅସୁଖର କାରଣ ଦେଖାଯାଏ ଓ ସୁପ୍ରିଣ୍ଟେଣ୍ଟ ସାହେବଙ୍କ ପରାମର୍ଶରେ ଏ ଅତ୍ୟାଚାର କେତେକ ଉଣା ହୋଇଅଛି ସତ୍ୟ ମାତ୍ର ଦଶପଲ୍ଲା ରାଜାଙ୍କ ପ୍ରତି ସୁପ୍ରିଣ୍ଟେଣ୍ଟ ସାହେବଙ୍କର ସଦୁପଦେଶ କିଛିମାତ୍ର ଫଳପ୍ରଦ ହୋଇ ନାହିଁ । ଏ ରାଜା ଆପଣା ପିତାଙ୍କ ଶ୍ରାଦ୍ଧ ଓ ଆପଣାର ବିବାହ ଉପଲକ୍ଷରେ ଟ ୨୪୦୦୦ ଙ୍କା ମାଗଣ ବାବତ [illegible] ରୂପେ ଟ ୧୮୬୭୨ ଙ୍କା ଉସୁଲ କଲେ । କଥିତ ହୁଅଇ ଏ ରାଜା ଆପଣାରୁ ତାଙ୍କର ବୃତ୍ତ ଭିନ୍ନ ମୁକେରଙ୍କ ହସ୍ତରେ ସମର୍ପଣ କରିଅଛନ୍ତି ଓ ସେମାନେ ପ୍ରଜାଙ୍କ ଉପରେ ନାନା ପ୍ରକାର ଅତ୍ୟାଚାର କରୁଅଛନ୍ତି । ଲେଫ୍ଟନାଣ୍ଟ ଗବର୍ଣ୍ଣର ଏଥିରେ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ତାହା ରାଜାଙ୍କୁ ଜଣାଇବା ପାଇଁ ସୁପ୍ରିଣ୍ଟେଣ୍ଟ ସାହେବଙ୍କୁ ଆଜ୍ଞା ଦେଇଅଛନ୍ତି ଓ ରାଜାଙ୍କୁ ଏହାସୁଦ୍ଧା ଲେଖା ଯାଇଅଛି ଯେ ଭବିଷ୍ୟତରେ ଏପରି ଅତ୍ୟାଚାର ଗବର୍ଣ୍ଣମେଣ୍ଟ ସହି ପାରିବେ ନାହିଁ । ରଣପୁରର ରାଜା ମଧ୍ୟ ଭାରି ଅତ୍ୟାଚାର କରିଥିବାର ଲୋକେ ଗୁହାରି କରି ଅଛନ୍ତି ଏବଂ ନୀଳଗିରି ଓ ବଡଅମ୍ବା ପ୍ରତି ବିଶେଷ ଦୃଷ୍ଟି ରଖିବା ପାଇଁ ଲେଫ୍ଟନାଣ୍ଟ ଗବର୍ଣ୍ଣର ସାହେବ ସୁପ୍ରିଣ୍ଟେଣ୍ଟ ସାହେବଙ୍କୁ ଅନୁରୋଧ କରିଅଛନ୍ତି । ନୟାଗଡ଼ ନରସିଂହପୁର, ଅଠମଲ୍ଲିକ, ଆଠଗଡ଼, ଓ କେଉଁଝରର ରାଜାମାନେ ଓ ଢେଙ୍କାନାଳର ମହାରାଜା ଆପଣା ରାଜ୍ୟ ସୁନ୍ଦରରୂପେ ଶାସନ କରୁଥିବାର ସୁପରିଣ୍ଟେଣ୍ଡେଣ୍ଟ ସାହେବ ଲେଖିଅଛନ୍ତି ଓ ତହିଁରେ ଲେଫ୍ଟନାଣ୍ଟ ଗବର୍ଣ୍ଣରସାହେବ ବଡ ଆନନ୍ଦିତ ହୋଇଅଛନ୍ତି । ଅନୁଗୁଳ, ବାଙ୍କି ଓ ନନ୍ଦମାଳର ତହସିଲଦାରଙ୍କର ମଧ୍ୟ ପ୍ରଶଂସା ହୋଇଅଛି ।

ଗଡ଼ଜାତ ରାଜାମାନେ ସଡକବାଟ ନିର୍ମାଣ ପକ୍ଷରେ ମନୋଯୋଗୀ ହେବାର ଦେଖି ଆମ୍ଭେମାନେ ବଡ ଆନନ୍ଦିତ ହୋଇଅଛୁଁ । ଗଡ଼ଜାତର ଅବସ୍ଥା ଭଲ କରିବା ପକ୍ଷରେ ଏଥିରୁ ବଳିକରି ଉପାୟ ନାହିଁ । ବିଦ୍ୟାଳୟ ପ୍ରଭୃତି ସ୍ଥାପନଦ୍ୱାରା ଅବଶ୍ୟ ବହୁତ ଉପକାର ହେବ ମାତ୍ର ସଡ଼କବାଟଦ୍ୱାରା ସାକ୍ଷାତ ଉପକାର ଲାଭର ସମ୍ଭାବନା । ଯେତେ ସଡ଼କବାଟ ଫିଟିବ ସେତେ ବାଣିଜ୍ୟର ସୁଯୋଗ ହେବ ଓ ବାଣିଜ୍ୟ ବୃଦ୍ଧି ସଙ୍ଗେ ଲୋକଙ୍କର ଅବସ୍ଥା ଓ ଧନର ଉନ୍ନତି ହେବ । ସମସ୍ତ ଗଡ଼ଜାତ ରାଜାମାନଙ୍କୁ ଉଚିତ ଯେ ଆପଣା ଏଲାକାରୁ ଏପରି ସଡ଼କମାନ ନିର୍ମାଣ କରନ୍ତୁ କି ଯହିଁରେ ଗଡ଼ଜାତ ଓ ମୋଗଲବନ୍ଦିରାଜ୍ୟ ମଧ୍ୟରେ ବାଣିଜ୍ୟ ଚାଲିବାରେ କୌଣସି ପ୍ରତିବନ୍ଧକ ନ ଘଟିବ ।

ଏ ରିପୋର୍ଟର ଆଉ ଗୋଟିଏ ଜାଣିବାର କଥା ଏହି ଯେ ଗଡ଼ଜାତ ରାଜାଙ୍କ ମଧ୍ୟରେ କେଏ ଭଲ ଓ କେଏ ମନ୍ଦ ତାହା ଏଥିରେ ସ୍ପଷ୍ଟରୂପେ ଦେଖାଇ ଦିଆଯାଇଅଛି । ଏଥିରୁ ରାଜାମାନେ କେଏ ବ୍ୟବହାର ଗବର୍ଣ୍ଣମେଣ୍ଟଠାରେ ସମାଦୃତ ତାହା ଜାଣି ପାରିବେ ଓ ଯେଉଁମାନଙ୍କ ପ୍ରତି ଗବର୍ଣ୍ଣମେଣ୍ଟ ଅସନ୍ତୋଷ ପ୍ରକାଶ କରିଅଛନ୍ତି ସେମାନେ ଆପଣା ଚରିତ୍ର ସଂଶୋଧନ ପକ୍ଷରେ ଯତ୍ନଶୀଳ ହେବେ । ସେମାନଙ୍କ ଉତ୍ତମରୂପେ ଜାଣିବାର ଉଚିତ କି ଯେହେତୁ ମନ୍ଦ ଶାସନ ହେତୁରୁ ବରୋଦାର ସ୍ୱାଧୀନ ମହାରାଜା ପଦଚ୍ୟୁତ ହେଲେ ସେ ସ୍ଥଳେ ସେମାନଙ୍କର ବିପଦ ଘଟିବାର କେତେଜାଣ ।

---

## କଷ୍ଟମମାସ୍ତୁଲର ନୂତନ ଆଇନ ।

ଆମ୍ଭେମାନେ ଏ ଆଇନର ପ୍ରଧାନ ପ୍ରଧାନ ବିଧିମାନ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ଏ ଆଇନ ସେତେ ଭାରତବର୍ଷରେ ବଡ଼ ଆନ୍ଦୋଳନ ଉପସ୍ଥିତ ହୋଇଅଛି ପ୍ରାୟ ସବୁ ସମ୍ବାଦପତ୍ରରେ ଗବର୍ଣ୍ଣମେଣ୍ଟଙ୍କ ପ୍ରତି କଟାକ୍ଷପାତ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ଯେଉଁ ବିଚାରରେ ଏ ଆଇନଟିକୁ ବିଧିବଦ୍ଧ କଲେ ତାହା ସର୍ବସାଧାରଣରେ ପ୍ରକାଶ ନ ଥିବାରୁ ଅନେକ ସମ୍ବାଦପତ୍ରରେ ବିରୁଦ୍ଧବାଦର ମତମାନ ବାହାରିଅଛି । ଆମ୍ଭେମାନେ କଲିକତାର ଇଣ୍ଡିଆ ଗେଜେଟରେ ଦେଖିଲୁଁ ଯେ ମହାମାନ୍ୟ ଗବର୍ଣ୍ଣରଜେନେରଲ ସାହେବ କଷ୍ଟମମାସ୍ତୁଲ ପରିବର୍ତ୍ତନ ବିଷୟରେ ବାସ୍ତବରୂପେ ଆପଣା ମତ ପ୍ରକାଶ କରିଅଛନ୍ତି ତାହା ପାଠ କରି ନର୍ଥବ୍ରୁକଙ୍କ ପ୍ରଶଂସା ନ କରି କ୍ଷାନ୍ତ ରହି ନ ପାରିଲୁଁ । କେବଳ ଗୋଟିଏ ବିଷୟରେ ତାହାଙ୍କର ମତରେ ଏଠା ଲୋକମାନେ ଐକ୍ୟ ହୋଇ ନାହାନ୍ତି ସେ ବିଷୟ ଆମ୍ଭେମାନେ ପଛେ କହିବୁଁ । ସ୍ୱାଧୀନବାଣିଜ୍ୟର କଥା ଏଠା ଲୋକମାନେ ଶୁଣିଥିଲେ କିନ୍ତୁ ତାହା କିରୂପେ ସମ୍ପାଦିତ ହୁଅଇ ଅଦ୍ୟାପି ପ୍ରତ୍ୟକ୍ଷରେ ଦେଖାଯାଇ ନ ଥିଲା । ନର୍ଥବ୍ରୁକ ତାହା ସମ୍ପୂର୍ଣ୍ଣରୂପେ ସ୍ପଷ୍ଟ କରି ଦେଖାଇଅଛନ୍ତି । ଏଥିର ପ୍ରଧାନ ପରିବର୍ତ୍ତନ ରପ୍ତାନୀଦ୍ରବ୍ୟର ମାସୁଲ [illegible] ଅଟଇ । ପୂର୍ବେ ଅନେକ ଦ୍ରବ୍ୟ ଉପରେ ରପ୍ତାନୀମାସୁଲ ଲାଗୁଥିଲା ଓ ଏହି ମାସୁଲ ହେତୁରୁ ଭାରତବର୍ଷରୁ କେତେକ ଦ୍ରବ୍ୟ ବିଦେଶକୁ ଯିବାର ଏକପ୍ରକାର ରହିତ ହୋଇ ଯାଇଅଛି । ବର୍ତ୍ତମାନ ଯେଉଁ ଆଇନ ହୋଇଅଛି ତହିଁରେ କେବଳ ଚାଉଳ ନୀଳବଡ଼ି ଓ [illegible] ଛଡ଼ା ଆଉ ସମସ୍ତ ଦ୍ରବ୍ୟ ଉପରେ ମାସୁଲ ଉଠି ଯାଇଅଛି । ରପ୍ତାନି ମାସୁଲ ଥିବାରୁ [illegible] ବିଦେଶକୁ ଯିବା ପକ୍ଷରେ ବାଧା ଥିଲା ଓ ତହିଁରେ ଏଦେଶର ଧନାଗମର ଉପାୟ ଅଲେଖ [illegible]

Digitized by srujanika@gmail.com

Split by PDF Splitter



ହୋଇଥିବା କାରଣ ରପ୍ତାନୀ ବାଣିଜ୍ୟ ଧନାଗମର ପ୍ରଧାନ ଉପାୟ ଅଟଇ । ଯେତେ ଏଠା ଦ୍ରବ୍ୟ ବିଦେଶୀଙ୍କୁ ଯିବ ତେତେ ଏଠାରେ ଲୋକେ ଅଧିକ ଦ୍ରବ୍ୟ ଜାତ କରିବାକୁ ପ୍ରବୃତ୍ତ ହେବେ ଓ ସେହି ପରିମାଣରେ ଏଦେଶର ଧନବୃଦ୍ଧି ହେବ । ନୂତନ ଆଇନରେ କେବଳ ଚାଉଳର ମାସୁଲ ପୂର୍ବପ୍ରାୟ ରହିଅଛି ଓ ତହିଁର ହେତୁ ବୋଧ ହୁଅଇ ଚାଉଳ ଏଠାର ପ୍ରଧାନ ଖାଦ୍ୟଦ୍ରବ୍ୟ ଓ ତାହା ଅଭାବରୁ ସମୟେ ୨ ରେ ଦୁର୍ଭିକ୍ଷ ପଡଇ ଅତଏବ ଏ ଦ୍ରବ୍ୟର ରପ୍ତାନି କମିଲେ ଉଣା ହେଲେ ମଧ୍ୟ ସାଧାରଣ ଉପକାର ଅଛି ଏଥିର ଚାଉଳଦ୍ୱାରା କିଛିର ରାଜସ୍ୱ ଆଦାୟ ହୁଅଇ ତେତେ ରାଜସ୍ୱ ଗବର୍ଣ୍ଣମେଣ୍ଟ ସହସା ପରିତ୍ୟାଗ କଲେ ରାଜକାର୍ଯ୍ୟ ଚଳିବାର କଠିନ ହେବ ଏ ହେତୁରୁ ବୋଧ ହୁଅଇ ଗବର୍ଣ୍ଣମେଣ୍ଟ ଚାଉଳର ମାସୁଲ ପୂର୍ବପ୍ରାୟ ରଖିଅଛନ୍ତି ।

ଆମଦାନୀଦ୍ରବ୍ୟ ଉପରେ ଅନେକ ମାସୁଲ ଉଣା ହୋଇଅଛି କିନ୍ତୁ ତହିଁମଧ୍ୟରେ ଥାନଲୁଗାର ମାସୁଲ ଉଣା ହେବା ପ୍ରଧାନ ବିଷୟ ଅଟଇ । ଏ ଦ୍ରବ୍ୟରେ ପୂର୍ବେ ୫ ୭୵ ମାସୁଲ ଥିଲା ବର୍ତ୍ତମାନ ୫ ୬୯ ଟା ହୋଇଅଛି । ଅତଏବ ଲୋକେ ବିଲାତିଲୁଗା ବସ୍ତ୍ରର ବାଣିଜ୍ୟ କରୁଅଛନ୍ତି ମା. ଲ ଉଣା ହେବାରେ ଏଠା ଲୋକଙ୍କର ଲାଭ ଅଛି । ମାତ୍ର ଏ ସମ୍ପର୍କରେ ଗୋଟିଏ କଥା ଏହି ଥିଲା ଯେ ବର୍ତ୍ତମାନ ଭାରତବର୍ଷରେ ଥାନଲୁଗା ପ୍ରସ୍ତୁତ ହେବାର ଆରମ୍ଭ ହୋଇଅଛି ଓ ବିଦେଶୀୟ ଲୁଗା ଆମଦାନୀ ନ ହେଲେ ଏଠା ମହାଜନଙ୍କର ବସ୍ତ୍ରର ଗତି ହେବ । ଏଥିପାଇଁ ଭାରତବର୍ଷର ହିତାଭିଳାଷିମାନେ କହନ୍ତି ଯେ ବିଦେଶୀୟ ଲୁଗା ଉପରେ ମାସୁଲ ଅଧିକ ଥିଲେ ଦେଶୀୟ ଲୁଗାଠାରୁ ତହିଁର ମୂଲ୍ୟ ଅଧିକ ରହିବ ସୁତରାଂ ଦେଶୀୟ ଲୁଗା ଅଧିକ ବିକ୍ରୟ ହେବ । ପକ୍ଷାନ୍ତରେ ମାଞ୍ଚେଷ୍ଟର ନଗରର ବଣିକମାନେ ଥାନଲୁଗା ଉପରେ ଆମଦାନୀ ମାସୁଲ ନ ବସାଇବା ସକାଶେ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରିଥିଲେ । ଗବର୍ଣ୍ଣମେଣ୍ଟ ବୋଲନ୍ତି ଯେ ରାଜସ୍ୱର ଅବସ୍ଥା ଭଲ ଥିଲେ ସେ ତାହାଇ କରନ୍ତେ ମାତ୍ର ଯେ ସ୍ଥଳେ ଗବର୍ଣ୍ଣମେଣ୍ଟ ରାଜସ୍ୱ କମି ଭଲି ନ ପାରେ ଓ ଶତକଡ଼ା ପାଞ୍ଚଟଙ୍କା ମାସୁଲ ବସିବାରେ ଏଠା ଲୋକଙ୍କର କୌଣସି କ୍ଷତି ନାହିଁ କିମ୍ବା ଦ୍ରବ୍ୟ ଆମଦାନୀ ଉଣା ପଡ଼ୁ ନାହିଁ ସେ ସ୍ଥଳେ ମାସୁଲ ରହିବାର ଉଚିତ । କଷ୍ଟମମାସୁଲ କେବଳ ରାଜସ୍ୱ ନିମିତ୍ତ ବସିଅଛି କୌଣସି ବାଣିଜ୍ୟକୁ ରକ୍ଷା କରିବା ସକାଶେ ନୁହଇ । ସ୍ୱାଧୀନ ବାଣିଜ୍ୟର ମୂଳ ଏହି ଯେ ଏ ଦେଶ ଓ ବିଦେଶର ବାଣିଜ୍ୟ ସମାନ ଅବସ୍ଥାରେ ରହିବ । ଏକସ୍ଥାନର ବାଣିଜ୍ୟକୁ ଉତ୍ସାହ ଦେବା ଲାଗି ଅନ୍ୟ ସ୍ଥାନର ବାଣିଜ୍ୟକୁ ଅଟକ କରିବା କଦାଚ କର୍ତ୍ତବ୍ୟ କାର୍ଯ୍ୟ ନୁହଇ ଅତଏବ ଲୁଗା ବିଷୟରେ ବିଲାତର ଓ ଭାରତବର୍ଷର ମହାଜନମାନେ ଯେପରି ଦୁଇ ସମାନ ଅବସ୍ଥାରେ ରହି ପାରନ୍ତି ତାହା କରିବାର କର୍ତ୍ତବ୍ୟ ଓ ଏହି ବିବେଚନାରେ ମାସୁଲ ଉଣା ହୋଇଅଛି । ଏଥିକୁ କେହି୨ ବୋଲନ୍ତି ଯେ ଧନ ବିଜ୍ଞାନଶାସ୍ତ୍ରରେ ଏମନ୍ତ ଗୋଟିଏ ନିୟମ ଅଛି ଯେ ଯଦ୍ୟପି କୌଣସି ଦ୍ରବ୍ୟର ଆମଦାନିଦ୍ୱାରା ଦେଶର ଶିଳ୍ପକାର୍ଯ୍ୟର ଅବସ୍ଥା ଅତ୍ୟନ୍ତ ମନ୍ଦ ହୋଇଯାଏ ତେବେ ସେ ଦ୍ରବ୍ୟର ଆମଦାନୀ ଉପରେ ଅଟକ ରଖିବା ଉଚିତ ଅଟଇ । ଥାନଲୁଗା ଆମଦାନୀଦ୍ୱାରା ଯେ ଭାରତବର୍ଷର ତନ୍ତିମାନେ ଅଧୋଗତିକୁ ଲଭିଅଛନ୍ତି ଏଥିରେ କିଛି ସନ୍ଦେହ ନାହିଁ ଓ ଅଟକ ରଖିଲେ କିଛି ପରିମାଣରେ ଭଲ ହୋଇପାରେ ମାତ୍ର ଗବର୍ଣ୍ଣମେଣ୍ଟ ବୋଲନ୍ତି ଯେ ଭାରତବର୍ଷରେ ଯେଉଁ ଥାନଲୁଗା ହେଉଅଛି ତାହା ମୋଟରକମର ଅଟଇ ଓ ସେ ସବୁ ଭାରତବର୍ଷର ପ୍ରୟୋଜନ ଅନୁଯାୟୀ ଉତ୍ପତ୍ତିକୁ ଅଧିକପରିମାଣରେ ଓ ଶସ୍ତା ଦରରେ ପ୍ରସ୍ତୁତ ହେଲେ ମଧ୍ୟ ବିଲାତରୁ ଭଲ ରକମର ଲୁଗା ବର୍ଷକୁବର୍ଷ ଅଧିକ ଆମଦାନି ହେବ ଏମନ୍ତ ସମ୍ଭାବନା ଦେଖାଯାଏ ସୁତରାଂ ବିଲାତର ଲୋକଙ୍କୁ ସୁଯୋଗ ହେଲେ ଭାରତବର୍ଷରେ ଯେଉଁମାନେ ବ୍ୟବସାୟ କରୁଅଛନ୍ତି ତାହାଙ୍କର କ୍ଷତି ହେବ ନାହିଁ ଅଥଚ ବିଲାତିଲୁଗା ଉପରେ ମାସୁଲ ରହିବାରେ ସେଠା ବ୍ୟବସାୟୀଙ୍କର ମଧ୍ୟ କ୍ଷତି ନାହିଁ । ଅତଏବ ପାଠକମାନେ ଦେଖିବେ ଯେ ଥାନଲୁଗାର ମାସୁଲ କିଛି ଉଣା କରି ଗବର୍ଣ୍ଣମେଣ୍ଟ ଭାରତବର୍ଷବାସିଙ୍କର କୌଣସି ଅନିଷ୍ଟ କରି ନାହାନ୍ତି ଓ ବାସ୍ତବରେ ଏ ବ୍ୟବସ୍ଥା ମଧ୍ୟ ଭଲ ହୋଇଅଛି ।

ନୂତନ ଆଇନରେ ବସ୍ତ୍ର ପରିମାଣରେ ପ୍ରଶଂସନୀୟ ପରିବର୍ତ୍ତନମାନ ହୋଇଅଛି କେବଳ ଉଣା କଥା ମଧ୍ୟରେ ଏତିକି ଯେ ସିଂହଳଦ୍ୱୀପ ଓ ମଧ୍ୟଆସିଆରୁ ଆମଦାନୀ ହେଉଥିବା କାର୍ପାସ ଭିନ୍ନ ଅନ୍ୟସବୁ ବିଲାତି କାର୍ପାସ ଉପରେ ଶତକଡ଼ା ୫ ୲ ଟଙ୍କା ଲେଖାଏ ଆମଦାନୀ ମାସୁଲ ବସିଅଛି । ଏ ମାସୁଲ ପୂର୍ବେ ନ ଥିଲା ଓ ଏହା ଏମନ୍ତ ପରିମାଣରେ ଆମଦାନୀ ହୁଅଇ ନାହିଁ ଯେ ଯେବେ ମାସୁଲ ବସିବାରେ ବିଶେଷ କ୍ଷତି ହେବ ତେବେ ଏଠା ଲୋକେ ଉତ୍ତମୋତ୍ତମ ଭଲଲୁଗା ପ୍ରସ୍ତୁତ କରିବା କାରଣ ଏ ଦ୍ରବ୍ୟର ଆମଦାନୀ କରାଇ ପାରନ୍ତି । ଏଥିରେ ମାସୁଲ ବସିବା ଏହି ସକାଶେ ଭଲ ହୋଇ ନାହିଁ । ଗବର୍ଣ୍ଣମେଣ୍ଟ ବୋଲନ୍ତି ଯେ ଲୁଗା ପ୍ରସ୍ତୁତ କରିବା ବ୍ୟବସାୟୀ ଓ ଲୁଗା ଆମଦାନୀ କରିବା ବ୍ୟବସାୟିଙ୍କୁ ସମାନ ଅବସ୍ଥାରେ ରଖିବା ସକାଶେ ଏ ମାସୁଲ ବସାଇଅଛନ୍ତି କିନ୍ତୁ ଯେ ସ୍ଥଳେ ଏ ଦ୍ରବ୍ୟ ଉପରେ ବିଲାତରେ ଆମଦାନୀ ମାସୁଲ ଗୃହୀତ ହୁଅଇ ନାହିଁ ଓ ଏଠାରୁ ଅଧିକ ପରିମାଣରେ ଆମଦାନୀ ହେଲେ କି ଫଳ ହେବ ତାହା ପ୍ରତ୍ୟକ୍ଷ ହୋଇ ନାହିଁ ସେ ସ୍ଥଳେ ଆଗହୁଁ ଏପରି ବନ୍ଧ ବାନ୍ଧିବାରେ ଏତିକି ପ୍ରକାଶ ପାଏ ଯେ ଏଠାର ଲୁଗା କାରବାରକୁ ବୃଦ୍ଧି କରି ନ ଦେବାର ଗୋଟିଏ ଉପାୟ ସ୍ୱରୂପ ଏହା ହୋଇଅଛି ଅତଏବ ସମସ୍ତେ ଏ ବିଷୟରେ ଅସନ୍ତୋଷ ହୋଇଅଛନ୍ତି ।

## ସାପ୍ତାହିକ ସଂବାଦ ।

ଶ୍ରୀଯୁକ୍ତ ଲେସିସାହେବ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସସପେଣ୍ଡ ହୋଇ ଗତ ବୁଧବାର ଆପଣା କାର୍ଯ୍ୟର ଭାର ଡେପୁଟୀକଲେକ୍ଟର ମୌଲବୀ ଅବଦୁଲକାଦରଙ୍କୁ ବୁଝାଇ ଦେଲେ ।

ଆମ୍ଭେମାନେ ମୋଫସଲରୁ ସମ୍ବାଦ ପାଇଅଛୁଁ ଯେ ଏବର୍ଷ ଫସଲର ଅବସ୍ଥା ଗୁଡ଼ଅଞ୍ଚଳେ ଭଲ ଦେଖାଯାଏ ନୂଆବଆଳୀଧାନ କଟଣ ହେବାର ଆରମ୍ଭ ହେଲାଣି ଓ ଯଦ୍ୟପି କ ସହରରେ ଧାନ ଚାଉଳର ଦର କିଛି ଟାଣ ଅଛି ତହିଁରୁ ଫସଲ ମନ୍ଦ ଥିବାର ଅନୁମାନ କରିବା ଉଚିତ ନୁହଇ । ସବୁବର୍ଷରେ ଏହି ସମୟରେ ଅନ୍ୟ କାରଣରୁ ଦର ତେଜ ହୁଅଇ ।

ଗତ ସପ୍ତାହରୁ ବଡ ଗ୍ରୀଷ୍ମ ହୋଇଅଛି ଓ କେତେବେଳେ ଅଳ୍ପେ ବର୍ଷା ହେଉଥିଲେ ସୁଦ୍ଧା ଛିଡ଼ି ଭିଜାଇପାରୁ ନାହିଁ । ଖରା ଅତି ପ୍ରଖର ହୋଇଅଛି ।

ଶୁଣାଯାଏ ଯେ ପୁରୀର କଲେକ୍ଟର ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂସାହେବ ଶୀଘ୍ର କୁଟୀନେଇ ବିଲାତକୁ

Digitized by srujanika@gmail.com

Split by PDF Splitter



ଯିବେ । ତାହାଙ୍କ କର୍ମରେ ଷ୍ଟିବନ୍ସସାହେବ ନିଯୁକ୍ତ ହେବାର ମଧ୍ୟ କଥା ହେଉଅଛି ।

ଗତସପ୍ତାହରେ କମିଶନରୀ ସିରସ୍ତାଦାରୀ ଯେନ ବଡ କୌତୁକ ହୋଇ ଗଲା । ଅଦାଲତ ସିରସ୍ତାଦାର ବାବୁ ହରେକୃଷ୍ଣ ଦାସ ଉକ୍ତ କର୍ମ ଗ୍ରହଣ କରିବାକୁ କମିଶନରଙ୍କ ନିକଟରେ ସମ୍ମତ ହୋଇ ୨ ୪ ଘଣ୍ଟା ମଧ୍ୟରେ ପୁଣି ଅସ୍ୱୀକାର କଲେ । ତାହାଙ୍କ ମାତାଙ୍କର ସାଙ୍ଘାତିକ ପୀଡାର ସମ୍ବାଦ ପାଇ ସେ ବ୍ୟସ୍ତ ହୋଇ ତିନସପ୍ତାହର ଛୁଟୀ ନେବାରୁ ଏରୂପ ହେଲା ।

ଜସକଜନଗରରେ ଯେଉଁବ୍ୟକ୍ତି ଗୋଟିଏ ପିଲାକୁ ବୁଡାଇ ମାରିବା ଅପରାଧରେ ଦୋଷୀ ହୋଇଥିଲା ଗତ ମଙ୍ଗଳବାର ତାହାର ଫାଶୀ ହୋଇଗଲା ।

ଏ ପତ୍ରିକା ସହିତ ଯେଉଁ ମୁଦ୍ରିତ ତାଲିକା ବାହାରୁଅଛି ତହିଁରୁ ପାଠକମାନେ ଦେଖିବେ ଯେ ଗତ ଜୁଲାଇମାସରେ କଟକ ଓ ପୁରୀଜିଲା-ରେ ଓଲାଉଠାରୋଗରେ ବହୁତ ପ୍ରାଣୀ ମରି ପଡିଅଛନ୍ତି ।

ଚନ୍ଦ୍ରମଣ୍ଡଳ ବୋଧ ହୁଅଇ ସମସ୍ତେ ଦେଖି-ଅଛନ୍ତି ମାତ୍ର ତାହା ସତସ୍ତରର ଏକାବର୍ଣ୍ଣର (ପ୍ରାୟ ପାଣ୍ଡୁରବର୍ଣ୍ଣ) ଦେଖାଯାଏ ଲକ୍ଷ୍ନୌବା-ସିମାନେ ଅଳ୍ପଦିନତଳେ ଠିକ ଇନ୍ଦ୍ରଧନୁର ବର୍ଣ୍ଣ-ପ୍ରାୟ ଚନ୍ଦ୍ରମଣ୍ଡଳ ଦେଖିଅଛନ୍ତି । ୧୫ମିନିଟ୍ ପର୍ଯ୍ୟନ୍ତ ବର୍ଣ୍ଣସବୁ ସ୍ପଷ୍ଟରୂପେ ଦେଖାଗଲା ।

କଲିକତାର ଜଣେ ବ୍ରାହ୍ମଣ ଆପଣା ସ୍ତ୍ରୀ ତିନୋଟି ପୁଅ ଓ ତିନୋଟି ଝିଅ ସହିତ ଖ୍ରୀଷ୍ଟ-ଧର୍ମ ଅବଲମ୍ବନ କରିଅଛି ।

ଷ୍ଟାଣ୍ଡର୍ଡ ଅଟେ ଲେଖନ୍ତି ଯେ ଫରାସିମାନେ କୋଚୀନ ଚୀନରାଜ୍ୟରେ କ୍ରମଶଃ ଆଧିପତ୍ୟ ବିସ୍ତାର କରୁଅଛନ୍ତି । ଟେଂକ୍ୱିନନଗରରେ ତିନୋଟି ବନ୍ଦର ଫିଟିଅଛି ଓ ଫରାସି ପ୍ରତିନିଧି-ଙ୍କଠାରୁ ଅନୁମତି ନେଇ ବିଦେଶୀୟ ଲୋକ-ମାନେ ରାଜ୍ୟମଧ୍ୟରେ ଭ୍ରମଣ କରିବାର ଅଧିକାର ପାଇଅଛନ୍ତି ଏସବୁ ଅଧିକାର ସକାଶେ ଫରାସି ମାନେ ଉକ୍ତ ରାଜ୍ୟର ରାଜାଙ୍କୁ ପାଞ୍ଚୋଟି ଧୂଆଁ ଜ-ହାଜ ୧୦୦ତୋପ ଓ ୧୦୦୦ଅସ୍ତ୍ର ଉପ-ଢୌକନ ଦେବାର ସ୍ଥିର କରିଥିଲେ ।

ଜଣାଯାଏ ହୁଅଇ ଯେ ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ମାନ୍ୟବର ଜା ରମିଏନ ଲସ୍ ନୂତନ ଆଇନାନୁସାରେ ପ୍ରଥମଦେଶୀୟ ଚିଫ୍ ଜଷ୍ଟିସ୍ କର୍ମପ୍ରାପ୍ତ ହେବେ । ଏହାଙ୍କୁ ଏଙ୍ଗଲ-ର କଲେକ୍ଟରୀପଦ ଦିଆଯିବବୋଲି ଶୁଣାଯାଏ

ବଙ୍ଗପ୍ରଦେଶର ଫସଲ ସମ୍ପର୍କରେ ପ୍ରକାଶ ହୋଇଥିବା ଗତ ବିଜ୍ଞାପନରୁ ଜଣାଯାଏ ଯେ ପ୍ରାୟ ସବୁଠାରେ ଭାରି ବୃଷ୍ଟି ବନ୍ଦ ହୋଇଅଛି ଓ ନଦୀବଢି ଯଥାପରିମାଣରେ ଛାଡିଯାଇଅଛି । ଫସଲର ଅବସ୍ଥା ବଙ୍ଗଳାର ସର୍ବତ୍ରରେ ଏ ବର୍ଷ ଅତ୍ୟୁତ୍ତମ ଥିବାର ବୋଧ ହୁଅଇ । ଭବିଷ୍ୟତ୍ ଈଶ୍ୱରଙ୍କର ଯେପରି ଇଚ୍ଛା ।

ଇଂଲିସମାନ ପତ୍ରରୁ ଜଣାଯାଏ ସରରିଚର୍ଡ ଟେମ୍ପଲ୍ ଭାରି ବିପଦରେ ପଡିଥିଲେ । ଦୈବ-ବଳରେ ରକ୍ଷା ପାଇଅଛନ୍ତି । ସେ ଦାର୍ଜିଲିଂ-ଠାରେ ଗୋଟିଏ ପାହାଡଅସଡାଙ୍କର ସରୁପାର୍ଶ୍ୱ-ରେ ଘୋଡା ଚଢି ଯାଉଥିଲେ । ଘୋଡା ଅଡିବାରୁ ତାହାର ଗୋଡ ଖସିଗଲା । ସରରି-ଚର୍ଡ ତତ୍କ୍ଷଣାତ୍ ଅତ୍ୟନ୍ତ ସାହସସହକାରେ ଘୋ-ଡା ଉପରୁ ଲୁଦପଡି ଭୂମିରେ ଛିଡା ହେଲେ ଓ ଘୋଡା ଆପଣାକୁ ଦମ୍ଭ ହୋଇ ନ ପାରି ୧୦୦ ଫୁଟ ପର୍ଯ୍ୟନ୍ତ ତଳକୁ ଖସିପଡିଲା । ଅତ୍ୟନ୍ତ ଆନନ୍ଦର ବିଷୟ ଯେ ସରରିଚର୍ଡଙ୍କର କିଛି ପୀଡା ହୋଇ ନାହିଁ ।

ଅମ୍ଭେମାନେ ଦେଖୁଁ ଯେ ଅଷ୍ଟ୍ରେଲିଆପ୍ରକାରର ଗଳ୍ପ ସବୁଠାରେ ସମୟ୨ରେ ଉଦୟ ହୁଅଇ । ସମ୍ପ୍ରତି ବାଦାସହରରେ କେତୋଟି ଗଳ୍ପ ଉଠି-ଅଛି । ଗୋଟିଏ ଏହି ଯେ ଗୋଟାଏ ବଣିଗ୍ଧ ତାହାର ନାମ ନାଗାବାଗ ଅଟଇ ସେଠାରେ ଏହି ଗଳ୍ପକୋଚା ଟାଙ୍ଗିଅଛି ଯେ ଯିଏ ଲୁହାର କବାଟ ଦିଅଛି ଓ କରି ବାଲ୍ଟିମାନ ପଡିଅଛି ଘର ଉପରେ 'ଖଜାଣା' ବୋଲି ଲେଖା ଅଛି । ଜଣାଇ ହୁଅଇ ସରକାର ଏଠାରେ ପହରା ରଖାଇଅଛନ୍ତି । ଆଉ ଗୋଟାଏ ଗଳ୍ପ ଏହି ଯେ ଯାଜପୁର ହାଟରେ ଏକବ୍ୟକ୍ତି ଘରେ ଗୋଟିଏ କନ୍ୟା ଜନ୍ମ ହେ-ବାର ଏକଘଣ୍ଟା ପରେ ମରିଗଲା ମାତ୍ର ମରିବା ପୂର୍ବେ ଏତିକି କଥା ତାହା ମୁହଁରୁ ବାହାରିଲା ଯଥା 'ଏ ଇଂରାଜ ଆଲି ବହିତ ଛଲବାର ଚଳେଗି' ବୃଥା ଗଳ୍ପ କରିବା ଗୋଟିଏ ବେପାର ଅଟଇ ।

ଲାହୋର ଓ ତନ୍ନିକଟବର୍ତ୍ତୀ ସ୍ଥାନ ସବୁରେ ଗତ ବୃଷ୍ଟିରେ ବହୁତ କ୍ଷତି ହୋଇଥିବାର ଜଣାଯାଏ । ଏକା ନଗର ମଧ୍ୟରେ ୫୦୦ ରୁ ୧୦୦୦ ପର୍ଯ୍ୟନ୍ତ ଘର ଭାଙ୍ଗି ଯାଇଅଛି ଓ ୩୫ ଜଣ ମନୁଷ୍ୟ ମରି ପଡିଅଛନ୍ତି । ଇଂରାଜମାନଙ୍କ ରହିବା ବାଗରେ ପ୍ରାୟ ୪୦ କୋଠା କୋଠି ଅକର୍ମଣ୍ୟ ହୋଇ ଯାଇଅଛି । ଚତୁଃପାର୍ଶ୍ୱର ଗ୍ରାମମାନଙ୍କରେ ଘରସବୁ ଭସି ଯାଇଅଛି ଓ ଗୋରୁ ଗାଇ ମରି ପଡିଅଛନ୍ତି ବା ଅଧିକାର ବିନା ବର୍ତ୍ତମାନ ମରୁଅଛନ୍ତି ।

ଏବର୍ଷ କଲିକତାର ଘୋଡ଼ଦୌଡ ସମୟରେ ପ୍ରିନସ୍ଅବ୍ ୱେଲସ୍ ଉପସ୍ଥିତ ଥିବେ ବୋଲି ତାହାଙ୍କ ସମ୍ମାନାର୍ଥେ ଦେଶୀୟ ବଡ଼ଲୋକମାନେ ବହୁତ ଟଙ୍କା ଦେବା ଦେଉଅଛନ୍ତି । କେବଳ ଦରଭଙ୍ଗାର ରାଜା ୫୧୦୦୦ଟଙ୍କା ଦେଉଅଛନ୍ତି ।

ଧତୁରାଫଲର ଚୂର୍ଣ୍ଣ କରି ଗୋଲମରିଚ ଓ ମଧୁସଙ୍ଗରେ ବଟିକା ପ୍ରସ୍ତୁତ କରି ଓଲାଉଠାରୋ-ଗିକୁ ଖୁଆଇଲେ ଉକ୍ତ ରୋଗ ଶାନ୍ତ ହେବ-ବୋଲି ବାବୁ ଦ୍ୱାରିକାନାଥ ସେନ ସମସ୍ତ ଚିକି-ତ୍ସକଙ୍କୁ ପରୀକ୍ଷା କରିବାପାଇଁ ଅନୁରୋଧ କରିଅଛନ୍ତି ଯେବେ ଏହା ପରୀକ୍ଷାରେ ଭଲ ହୁଅଇ ତେବେ ଏମନ୍ତ ସହଜ ଔଷଧ ମିଳିବା ବଡ ସୁଖକର ଅଟଇ ।

ଭାରତର ପଶ୍ଚିମ ଓ ମଧ୍ୟ ପ୍ରଦେଶର ରାଜାମାନେ ପ୍ରିନସ୍ ଅବ୍ୱେଲସ୍ଙ୍କୁ ଭେଟିବା ସକାଶେ ଆଗନ୍ତୁ ବହୁତ ଆୟୋଜନମାନ କରୁଅଛନ୍ତି ।

ଫ୍ରାନସ୍ ଦେଶର ଏକଭାଗରେ ଗତ ଜୁନମା-ସରେ ଭାରି ଜଳପ୍ଲାବନ ହୋଇ ହୋଇଅଛି । ସେ ଅଞ୍ଚଳରେ କିଛି ମାତ୍ର ଫସଲ ହେବାର ଆଶା ନାହିଁ । ବହୁତ ଘର ଭାଙ୍ଗି ପଡିଅଛି ଓ ଲୋକଙ୍କର ଅସୀମ କ୍ଲେଶ ହୋଇଅଛି । ଏହାଙ୍କ ସାହାଯ୍ୟ ନିମିତ୍ତ ସ୍ଥାନ୨ରେ ଚନ୍ଦା ସଂଗୃହୀତ ହେଉଅଛି ।

---

ବିଜ୍ଞାପନ ।

ଆଗାମୀ ବୁଧବାର ସାୟଂ ସାଢ଼େ୫ଟିକା ସମୟ-ରେ ସ୍ନନଲାଗୌଗ ଡାକ୍ତରଙ୍କ ଉପରମହଲା-ରେ ସାଧାରଣଙ୍କ ନିମନ୍ତେ ବ୍ରହ୍ମୋପାସନା ହେବ ଉପଦେଶର ବିଷୟ, 'ପରତ୍ରାଣର କଥନ'

ଶ୍ରୀ ଯଦୁମଣିପୋଦ୍ଦାର

---

ଅମ୍ଭେ ଲୁଣବନ୍ଦ ଏବଂ ଲବଣ ଗଜଧର । ସା । କଲିକତା ଓ ବାନବାଲି ସଉଦାଗର ଅଟୁ ବିଜ୍ଞା-ପନଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ । ସା । ହାଲ କଟକବାଲି ନିବାସୀ ଲାମଚରଣ ପୋଦ୍ଦାରଙ୍କୁ ଯେଉଁ ମୋକ୍ତାରନାମା ଅର୍ଥାତ୍ ଅମ୍ମୋକ୍ତାରନାମା ଦେଇଥିଲୁଁ ତାହା ସନ ଚଳିତ ମାସ ତା ୧୫ ଦିନରେ ତାଙ୍କଠାରୁ ଫେରସ୍ତ ନେଇଅଛୁଁ ।

ଲୁଣବନ୍ଦ ଏବଂ ଲବଣ ଗଜଧର ।

---

ଏହି ଉତ୍କଳଦୀପିକା ସହରକଟକ ଦଗ-ଦାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଅତରଣ୍ଡ ।

ଉତ୍କଳଦୀପିକା ତା ୪ ରଖ ସେପ୍ଟମ୍ବର ସନ ୧୮୭୫ ମସିହା ।

## ମୃତ୍ୟୁର ତାଲିକା ଜାବତ୍ ମାହେ ଜୁଲାଇ ସନ ୧୮୭୫ ମସିହା ।

| ଜିଲାକଟକ | ଜିଲାପୁରୀ |
|---|---|
| ଭୂମିପରିମାଣ ୩୧୭୮ ବର୍ଗମାଇଲ | ଭୂମିପରିମାଣ ୨୧୭୦ ବର୍ଗମାଇଲ |
| ଲୋକସଂଖ୍ୟା ପୁରୁଷ ୭,୨୫,୩୩୦ ସ୍ତ୍ରୀ ୭୬୯୪୫୪ | ଲୋକସଂଖ୍ୟା ପୁରୁଷ ୩୮୯୪୪୯ ସ୍ତ୍ରୀ ୩୮୦୨୨୫ |

### ଜାତିର ବିବରଣ

| | ଜିଲାକଟକ | ଜିଲାପୁରୀ |
|---|---|---|
| ଖ୍ରୀଷ୍ଟିୟାନ | ଜ ୨୩୧୪ | ଜ ୪୬୭ |
| ମୁସଲମାନ | ଜ ୪୦,୦୧୩ | ଜ ୧୧୫୮୬ |
| ହିନ୍ଦୁ | ଜ ୧୪,୩୦,୦୪୦ | ଜ ୭୩୯୬୩୭ |
| ବୌଦ୍ଧ | ଜ ୦ | ଜ ୮ |
| ଅନ୍ୟାନ୍ୟଜାତି | ଜ ୨୨୪୧୭ | ଜ ୧୭୮୬୮ |
| ମୋଟ | ଜ ୧୪,୯୪,୭୮୪ | ଜ ୭୬୯,୬୭୪ |

### କେଉଁ ଜାତିରେ କେତେ ମୃତ୍ୟୁ

| | ଜିଲାକଟକ | ଜିଲାପୁରୀ |
|---|---|---|
| ଖ୍ରୀଷ୍ଟିୟାନ | ଜ ୩ | ଜ ୦ |
| ମୁସଲମାନ | ଜ ୪୩ | ଜ ୫ |
| ହିନ୍ଦୁ | ଜ ୧୯୧୦ | ଜ ୧୦୭୪ |
| ବୌଦ୍ଧ | ଜ ୦ | ଜ ୦ |
| ଅନ୍ୟାନ୍ୟଜାତି | ଜ ୦ | ଜ ୪୨ |
| | ଜ ୧୯୫୬ | ଜ ୧୧୨୧ |

| ରୋଗର ନାମ | ପୁରୁଷ | ସ୍ତ୍ରୀ | ପୁରୁଷ | ସ୍ତ୍ରୀ |
|---|---|---|---|---|
| ବସନ୍ତିକା | ୩୦୬ | ୨୬୧ | ୨୫୮ | ୧୮୨ |
| ହଇଜା | ୮ | ୪ | ୩ | ୧ |
| ଜ୍ୱର | ୨୭୫ | ୨୬୧ | ୯୭ | ୮୭ |
| ଉଦରରୋଗ | ୧୨୫ | ୯୯ | ୮୯ | ୬୬ |
| ଅଗ୍ନିଦଗ୍ଧ | ୪ | ୧୦ | ୨ | ୦ |
| ଅଘାତ | ୦ | ୦ | ୧ | ୦ |
| ଦୁର୍ଘଟନା | ୧୫ | ୨୪ | ୧୨ | ୧୩ |
| ସର୍ପାଘାତ ଓ ହିଂସ୍ରଜନ୍ତୁଦ୍ୱାରା ହତ | ୫ | ୨୯ | ୪ | ୩ |
| ଅନ୍ୟକାରଣ | ୨୮୫ | ୨୩୨ | ୧୮୩ | ୧୨୦ |
| ମୋଟ | ୧୦୩୬ | ୯୨୦ | ୬୪୯ | ୪୭୨ |

### ଯେତେ ବୟସରେ ମୃତ୍ୟୁ

| | ପୁରୁଷ | ସ୍ତ୍ରୀ | ପୁରୁଷ | ସ୍ତ୍ରୀ |
|---|---|---|---|---|
| ମୃତଜାତ | ୨୩ | ୨୨ | ୨୮ | ୨୦ |
| ଏକବର୍ଷର ଅନଧିକ | ୧୮୧ | ୧୩୫ | ୭୫ | ୩୮ |
| ଏକଠାରୁ ଛବର୍ଷ | ୧୬୩ | ୧୬୦ | ୭୮ | ୬୩ |
| ୬ ,, ୧୨ | ୭୧ | ୬୨ | ୩୮ | ୩୧ |
| ୧୨ ,, ୨୦ | ୬୬ | ୮୪ | ୬୩ | ୪୨ |
| ୨୦ ,, ୩୦ | ୧୩୨ | ୧୨୯ | ୧୧୧ | [illegible] |
| ୩୦ ,, ୪୦ | ୧୧୨ | ୮୩ | ୯୬ | ୬୨ |
| ୪୦ ,, ୫୦ | ୮୧ | ୫୩ | ୬୬ | ୪ |
| ୫୦ ,, ୬୦ | ୭୧ | ୭୨ | ୪୮ | [illegible] |
| ୬୦ ବର୍ଷର ଉର୍ଦ୍ଧ | ୧୬୭ | ୧୨୦ | ୪୪ | |
| ମୋଟ | ୧୦୩୬ | ୯୨୦ | ୬୪୯ | |

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. 18



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା° ୧୦ଗ
ସଂ° ୩୭ଖ୍ୟା

ତା° ୧୧ରଖ ସେପ୍ଟେମ୍ବର ସନ ୧୮୭୫ ମସିହା । ମୂ । ଭାଦ୍ରବ ୨୭ ଦିନ ସନ ୧୨୮୨ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
ମଫସଲ ପାଇଁ ଡାକମାସୁଲ ୨।୵

ଗତ ମାସ ତା ୬ ରିଖ ଶୁକ୍ରବାର କଲିକତାରେ ଗୋଟିଏ ଭୂମିକମ୍ପ ହୋଇଥିଲା । ଅମ୍ଭେମାନେ ସମ୍ବାଦପତ୍ରରୁ ଅବଗତ ହୋଇଅଛୁଁ ଯେ ବେଳ ୨।୨୦ ମିନିଟ ସମୟରେ ପ୍ରଥମ କମ୍ପନ ଆରମ୍ଭ ହେଲା । କମ୍ପନଟି ଉତ୍ତରରୁ ଦକ୍ଷିଣକୁ ହୋଇଥିଲା । ଏ ଭୂମିକମ୍ପ ପ୍ରାୟ ଦୁଇମିନିଟ ପର୍ଯ୍ୟନ୍ତ ରହିଥିଲା ଯେ ଏଥିରେ ଉଭୟର କମ୍ପନ ହେଉଥିଲା ଯେ ଘରର ଘଣ୍ଟା ବାଜି ଥଣ୍ଡା ଅନୁଭବ ହେଲା । ଘରର ପଙ୍ଖା ଲମ୍ବକ ଉଭୟ ଆପେ ଦୋହଲିବାର ଦେଖାଗଲା ଓ ଘରସବୁ ଟଳମଳ ହେଲା । ପୁଷ୍କରିଣୀର ଜଳ ପାଞ୍ଚ ଛ ଇଞ୍ଚ ଉଚ୍ଚ ଫାଙ୍କି ଉଠିଥିଲା । ବୃଦ୍ଧମାନେ ଏଣୁଥିରୁ ଏହି ଭୂମିକମ୍ପର ଘୋଷଣା ଦେଲେ । ଦୁର୍ଲବର୍ଷଣରୁ ଜଣାଗଲା ଯେ ବାଲେଶ୍ୱର ପର୍ଯ୍ୟନ୍ତ ଭୂମିକମ୍ପ ପ୍ରତ୍ୟକ୍ଷ ହୋଇଥିଲା କାରଣ ସେଠାରେ ମଧ୍ୟ ସେହି କାଳରେ ପୁଷ୍କରିଣୀସବୁର ଜଳ ହାତେ ବା ଅଧିକ ଉଚ୍ଚରେ ଫାଙ୍କି ଉଠିଥିଲା । କଟକ ସ୍ଥଳରେ ଭୂମିକମ୍ପ ଜଣାପଡ଼ି ନାହିଁ । ଏଥିରୁ ବୋଧ ହୁଅଇ ଯେ କଲିକତାଠାରୁ ବାଲେଶ୍ୱରପର୍ଯ୍ୟନ୍ତ ଏ ଭୂମିକମ୍ପର ଅନୁଭବ ଥିଲା ମାତ୍ର କଟକପର୍ଯ୍ୟନ୍ତ ଆସି ନାହିଁ ଓ ଉତ୍ତରରେ କେତେଦୂରପର୍ଯ୍ୟନ୍ତ ଯାଇଥିଲା ତାହା ଜଣାପଡ଼ି ନାହିଁ । ଏ ଭୂମିକମ୍ପ ସଙ୍ଗେ କୌଣସି କ୍ଷତି ହେବାର ଶୁଣାଯାଇ ନାହିଁ ।

---

ଫଉଜଦାରୀ ଅଦାଲତର ପ୍ରଚଳିତ କାର୍ଯ୍ୟ ଅଧିରେ ସପ୍ତାହର ବିଚାର କରିବା ସମ୍ବନ୍ଧରେ ଯେଉଁ ଧାରାମାନ ସନ୍ନିବେଶିତ ହୋଇଅଛି ତହିଁର କାର୍ଯ୍ୟ କିରୂପେ ଚଳୁଅଛି ଗବର୍ଣ୍ଣମେଣ୍ଟ ଛମାସକୁ ଛମାସ ଏଥିର କଇଫିୟତ ପ୍ରତ୍ୟେକ ବିଭାଗର କମିଶନରଙ୍କଠାରୁ ନେଉଅଛନ୍ତି । କମିଶନରମାନେ ଗତ ଅପ୍ରେଲ ମାସରେ ଶେଷ ହେବା ଛମାସ ବାବତ ଯେଉଁ କଇଫିୟତ ପଠାଇଥିଲେ ତହିଁରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଆପଣା ମନ୍ତବ୍ୟ ଲେଖି ଗତ ପ୍ରକାଶିତ ଇଂରାଜୀ ଗେଜେଟରେ ପ୍ରକାଶ କରିଅଛନ୍ତି । ଓଡ଼ିଶା ସମ୍ପର୍କରେ ତହିଁରେ ଯେଉଁ ଲିଖିତ କଥା ଲେଖା ଅଛି ଯଥା ;

କଟକର ମାଜିଷ୍ଟ୍ରେଟ ସାହେବ ସକଳ ମୁନ୍ସିଫଙ୍କ ସୁବାଦାରଙ୍କଠାରୁ ଶୁଣିଅଛନ୍ତି ଯେ ସପ୍ତାହ ବିଚାର ପଦ କାହାର ଅଭକ୍ତି ନାହିଁ । ବେଶ୍ୱର କାରଣ ଓ ଅଜ୍ଞରେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି । ଅନ୍ୟାନ୍ୟ ସ୍ଥଳରେ ମଧ୍ୟ ସପ୍ତାହର ପ୍ରଣାଳୀ ସଫଳତା ଲାଭ କରୁଅଛି । କମିଶନର ସାହେବ ବୋଲନ୍ତି ଯେ ପୁରୀରେ କେତେଗୁଡ଼ିଏ ମୋକଦ୍ଦମାର ବିବରଣପତ୍ର ଅତିବିସ୍ତାରିତ ରୂପରେ ଲେଖାଯାଇଅଛି ।

ଅନ୍ୟାନ୍ୟ ବିଭାଗର କମିଶନରମାନେ ମଧ୍ୟ ସପ୍ତାହର ପ୍ରଣାଳୀର ସପକ୍ଷରେ ମତ ଦେଇଅଛନ୍ତି ଓ ତଦ୍ଦ୍ୱାରା କାର୍ଯ୍ୟ ସନ୍ତୋଷଜନକରୂପେ ଚଳୁଅଛି ବୋଲି କହୁଅଛନ୍ତି କେବଳ ହାବଡ଼ା ପ୍ରଭୃତି ଦୁଇଏକ ଜିଲ୍ଲାରେ କିଛି ବୈଷମ୍ୟ ଜାତ ହୋଇଅଛି । ଯାହାହେଉ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମୋଟରେ ଏ ପ୍ରଣାଳୀର ସଫଳତା ଦେଖି ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛନ୍ତି ସପ୍ତାହର ବିଚାରରେ ଅନେକ ସୁଯୋଗ ଅଛି ତହିଁର ସନ୍ଦେହ ନାହିଁ କେବଳ ଏ ଆଇନର ମନ୍ଦ ବ୍ୟବହାର ହେଲେ ତହିଁର ଉପାୟ ନାହିଁ ବୋଲି ଲୋକେ ପ୍ରଥମରୁ କାତର ଥିଲେ ଓ ବର୍ତ୍ତମାନ ମଧ୍ୟ ଅଛନ୍ତି । ମନ୍ଦର ଲାଗ ଗୁଣ ମାତ୍ର ଯାହା ଉପରେ ପଡ଼ଇ ତାହାକୁ ସଙ୍କଟ ।

---

ଅଳ୍ପବୟସ୍କ ଅପରାଧୀମାନଙ୍କ ଶିକ୍ଷା ଓ ଚରିତ୍ର ସଂଶୋଧନ ନିମନ୍ତେ ବିଲାତରେ ରିଫରମେଟରୀ ସ୍କୁଲ ନାମରେ ଏକପ୍ରକାର ବିଦ୍ୟାଳୟମାନ ସ୍ଥାପିତ ଅଛି । ଭାରତବର୍ଷରେ ସେପରି ବିଧି ବିଧାନ ନ ଥିବାରୁ ଉକ୍ତ ପ୍ରକାର ବିଦ୍ୟାଳୟମାନ ସ୍ଥାପନ କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଇଣ୍ଡିଆର ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନର ପାଣ୍ଡୁଲିପି ଆନୀତ ହୋଇଅଛି । ଆଇନରେ ଏହିରୂପ ବିଧାନ ହେବାର ପ୍ରସ୍ତାବ ହୋଇଅଛି ଯେ ଏପ୍ରକାର ବିଦ୍ୟାଳୟରେ ତିନି ଶ୍ରେଣୀର ବାଳକ ଅଧ୍ୟୟନ କରିବେ । ଯଥା;—

ବ ୧୬ ବର୍ଷରୁ ଅନଧିକ ବୟସର କୌଣସି ବାଳକ ବା ଯାହା ଉପରେ କାରାବାସ ବା ଶ୍ୱୀପାନ୍ତରର ଦଣ୍ଡାଜ୍ଞା ହେବ ।

ବ ୧୬ ବର୍ଷର ଅନଧିକ ବୟସର ବାଳକ ଯେବେ କାରାଦଣ୍ଡ ପାଏ ବା ଭିକ୍ଷା କରୁଥାଏ ତହିଁ ମଧ୍ୟରୁ ଯାହାକୁ ଜେଲଖାନା ଇତ୍ୟା-

Digitized by srujanika@gmail.com

Split by PDF Splitter



ବଧାର୍ହଙ୍କ କାରାଦଣ୍ଡ ବଦଳରେ ଉକ୍ତ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିବେ ।

ବ ୧୨ ବର୍ଷରୁ ଅଧିକ ଓ ବ ୧୪ ବର୍ଷରୁ ଊଣା କୌଣସି ବାଳକ ଯେବେ ଚୋର ଡକାଇତଙ୍କ ଦୁଷ୍ଟସଂସର୍ଗରେ ଲିପ୍ତ ଥିବାର ଦେଖାଯିବ ଓ ଯାହାର ଅନୁରୂପେ ପ୍ରତିପାଳନ ହେବାର ପ୍ରକାଶ୍ୟ ଉପାୟ ନ ଥିବ ।

ଏ ସବୁ ବିଦ୍ୟାଳୟରେ ବାଳକମାନେ ଶିଳ୍ପାଦି ଶିକ୍ଷା କରିବେ ଏବଂ ଭଲ ଚରିତ୍ର ହେଲେ ଅନ୍ୟ ସ୍ଥାନରେ ଶିକ୍ଷା ପାଇବା ପାଇଁ ଛାଡ଼ି ଦିଆ ହେବାକୁ ଅନୁମତି ପାଇବେ । ବିଦ୍ୟାଳୟର ବ୍ୟୟ ମ୍ୟୁନିସିପାଲିଟିରୁ ନିର୍ବାହ ହେବ ଓ ଯାହାଙ୍କର ପିତା ମାତା ସକ୍ଷମ ଥିବେ ତାହାଙ୍କଠାରୁ ମାସି ୫ ୫ ଙ୍କାରୁ ଊଣା କୌଣସି ପରିମାଣରେ ଖର୍ଚ୍ଚା ଆଦାୟ ହେବ । ଏ ବିଦ୍ୟାଳୟରେ ବାଳକମାନେ ସାଇତର୍ଷ ପର୍ଯ୍ୟନ୍ତ ରହିବେ କିନ୍ତୁ ବ ୧୬ ବର୍ଷରୁ ଅଧିକ ବୟସର ବାଳକ ଏଥିରେ ଗୃହୀତ ହେବ ନାହିଁ ।

ଏପରି ଅତିକ ମତ ନୁହଇ କିନ୍ତୁ ଅମ୍ଭେମାନେ ବିବେଚନା କରୁଁ ଯେ ଅଳ୍ପବୟସର ଅପରାଧୀ ଏଠାରେ କମ୍ତିର ହୁଅନ୍ତି ନାହିଁ ଓ ସେପ୍ରକାର ଅପରାଧୀ ହେଲେ ମଧ୍ୟ ଲୋକେ ତାହାଙ୍କୁ କଏଦରେ ଦିଅନ୍ତି ନାହିଁ ଏଥିରେ ବୋଧହୁଅଇ ଯେ ଏପ୍ରକାର ବିଦ୍ୟାଳୟର ପ୍ରୟୋଜନତା ଯଥୋଚିତ ପରିମାଣରେ ଏ ଦେଶରେ ପ୍ରତୀକ୍ଷ ହୋଇ ନାହିଁ ।

---

## ଶ୍ରୀଯୁକ୍ତ ରେଭେନସା ସାହେବ ଓ ଓଡ଼ିଆମାନେ ।

ବାବୁ ହରେକୃଷ୍ଣ ଦାସ କମିଶନରଙ୍କ ସିରସ୍ତାଦାର ହେବାକୁ ସ୍ୱୀକୃତ ହୋଇ ପଶ୍ଚାତ୍ ତାହା ତ୍ୟାଗ କରିବାର ସଂକ୍ଷେପ ସମ୍ବାଦ ଅମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁଁ ସେ ବିଷୟ ଏନଗରର ଭଦ୍ରମଣ୍ଡଳୀରେ ବିଶେଷ ଆନ୍ଦୋଳିତ ହେଉଥିବାରୁ ଅମ୍ଭେମାନେ ତହିଁରେ କିଛି କହିବାର ପ୍ରୟୋଜନ ବିବେଚନା କରି ଏ ପ୍ରସ୍ତାବର ଅବତାରଣା କରୁଅଛୁଁ । ବାବୁ ହରେକୃଷ୍ଣ ଦାସଙ୍କୁ ଏଥିପାଇଁ ପ୍ରାୟ ସମସ୍ତେ ନିନ୍ଦା କରୁଅଛନ୍ତି ଓ ତାହା ଯେ ନିତାନ୍ତ ଅଯଥାର୍ଥ ଅମ୍ଭେମାନେ ସେରୂପ କହିବାକୁ ସାହସୀ ହେଉ ନାହୁଁ ମାତ୍ର ଅମ୍ଭେମାନେ ବିବେଚନା କରୁଁ ଯେ ହରେକୃଷ୍ଣ ବାବୁଙ୍କର ନିନ୍ଦାର ମୂଳକାରଣ କମିଶନର ସାହେବ ଅଟନ୍ତି । ହରେକୃଷ୍ଣ ବାବୁ ସ୍ୱୟଂ ଏ କର୍ମର ପ୍ରାର୍ଥୀ ହୋଇ ନ ଥିଲେ ସାହେବ ତାହାଙ୍କୁ କର୍ମ ଦେବାପାଇଁ ମନ କଲାଇବାରୁ ସେ ପ୍ରଥମେ ସାହେବଙ୍କ ସହିତ ସାକ୍ଷାତ କରି ଦୁଇ କର୍ମର ବେତନ ଏକା ଥିବା ଓ ଜଜ ଅଦାଲତରେ ତାହାଙ୍କ ନକଲ ଫିସ୍‌ସ୍ୱରୂପ କିଛି ଅଧିକା ଲାଭ ହେଉଥିବା ଏବଂ ଅନ୍ୟାନ୍ୟ କେତେକ ସୁଯୋଗ ଥିବାରୁ ଜଜ ଅଦାଲତ ଛାଡ଼ି କମିଶନରୀକୁ ଯିବାକୁ ଅସ୍ୱୀକାର କଲେ ମାତ୍ର ସାହେବ ତହିଁରେ କ୍ଷାନ୍ତ ନ ହୋଇ ବାବୁଙ୍କୁ ଉକ୍ତବେତନରେ ଉଚ୍ଚକର୍ମ ଦେବାର ଆଶା ଦେଖାଇ ପୁନର୍ବାର ମତ ସ୍ଥିର କରି ଏକସପ୍ତାହ ମଧ୍ୟରେ ନିଶ୍ଚୟ ଉତ୍ତର ଦେବା କାରଣ ସମୟ ଦେଲେ ସପ୍ତାହ ଗତ ହେଲା ଉତ୍ତାରୁ ବାବୁ ପୁନର୍ବାର କମିଶନର ସାହେବଙ୍କ ନିକଟରେ ସାକ୍ଷାତ କରି କମିଶନରୀକୁ ଯିବାର ନିଶ୍ଚୟ ଉତ୍ତର ଦେଲେ ମାତ୍ର ଏକଦିନରେ ଉପସ୍ଥିତ ଲାଭ ଓ ସୁଯୋଗ ପରିତ୍ୟାଗ ଓ ଅନ୍ୟଦିନରେ ଲାଭ ମଙ୍ଗଳର ଆଶା ଏହି ଦୁଇଙ୍କର ସଙ୍କଟ ମଧ୍ୟରେ ପଡ଼ି ବାବୁଙ୍କ ଚିତ୍ତ ଏମନ୍ତ ଚଞ୍ଚଳ ହୋଇଗଲା ଯେ ସେ ସମ୍ଭାଳି ହୋଇ ନ ପାରି 'ସେରକ ଅଧାରେ ପାଆନ୍ତ ଛାଡ଼ିବା' ପ୍ରବାଦକୁ ଅବଲମ୍ବନ କରି ଅପରାହ୍ଣରେ ପତ୍ରଦ୍ୱାରା କମିଶନର ସାହେବଙ୍କୁ ନାସ୍ତି କରି ପଠାଇଲେ । ଲୋକେ କହନ୍ତି ଯେ କମିଶନର ସାହେବ ଏଥିରେ ରାଗ କରନ୍ତି ହେଲେ ଏବଂ ଓଡ଼ିଆମାନଙ୍କ ପ୍ରତି ତାହାଙ୍କର ଯେ ପ୍ରୀତିଶ୍ରଦ୍ଧା ଥିଲା ତାହା ଅନେକ ଲଘୁ ହୋଇଗଲା । ହରେକୃଷ୍ଣ ବାବୁ ଏଥିରେ ଯେରୂପ ଚପଳତା ଦେଖାଇଅଛନ୍ତି ତାହା କଦାପି ଭଦ୍ର ସମାଜର ଅନୁମୋଦନୀୟ ନୁହଇ ଏବଂ ତାହାଙ୍କ ଯୋଗେ ଯେବେ ଓଡ଼ିଆଙ୍କ ପ୍ରତି କମିଶନର ସାହେବଙ୍କ ସ୍ନେହ ବାତ୍ସଲ୍ୟରେ ତ୍ରୁଟି ଆସେ ତେବେ ତାହାଙ୍କ ଦୋଷ ଅତ୍ୟନ୍ତ ଗରିଷ୍ଠ ହୋଇଅଛି ସନ୍ଦେହ ନାହିଁ । ଚିତ୍ତସ୍ଥିର ରଖିବା ମନୁଷ୍ୟର ପ୍ରଧାନଗୁଣ ହୋଇଅଛି ପୁଣି ଉପଯୁକ୍ତ ସମୟ ପାଇ ସୁଦ୍ଧା ଯେ ବ୍ୟକ୍ତି ଆପଣା କର୍ତ୍ତବ୍ୟ ସ୍ଥିର କରି ନ ପାରେ ତାହା ଉପରେ କିଏ ନିର୍ଭର କରିପାରେ ? ପୁନଶ୍ଚ ବାକ୍ୟଦାନ ଦେଇ ପଶ୍ଚାତ୍ ତହିଁରୁ ବିମୁଖ ହେବାରେ ଯେରୂପ ଚିତ୍ତର ଅସ୍ଥିରତା ପ୍ରକାଶ ପାଏ ତାହା ଗୁରୁତର ଅଟଇ ସନ୍ଦେହ ନାହିଁ । ଏଥିପାଇଁ ହରେକୃଷ୍ଣ ବାବୁଙ୍କ ବନ୍ଧୁବର୍ଗେ ଲୋକେ ଏହି କଥା କହୁଅଛନ୍ତି ।

ଅମ୍ଭେମାନେ ପୂର୍ବେ କହିଅଛୁଁ ଯେ ହରେକୃଷ୍ଣ ବାବୁଙ୍କ ନିନ୍ଦାର କାରଣ କମିଶନର ସାହେବ ଅଟନ୍ତି ତହିଁର ହେତୁ ଏହି ଯେ ପ୍ରଥମେ ତାହାଙ୍କ ସିରସ୍ତାଦାରୀ କର୍ମସକାଶେ ବାବୁ ହରେକୃଷ୍ଣ ଦାସଙ୍କୁ ମନୋନୀତ କରିବାର ଉଚିତ ନ ଥିଲା ଓ ଦ୍ୱିତୀୟରେ ସେ ଯେବେ ପ୍ରଥମ ସାକ୍ଷାତ ହେବାବେଳେ ସମାନ ବେତନ ଓ ମର୍ଯ୍ୟାଦାର ହେତୁ ଦେଖାଇ ଅସ୍ୱୀକାର କଲେ ତେବେ ତାହାଙ୍କୁ ଆଉ ବଳାଇବାର କୌଣସି ପ୍ରୟୋଜନ ନ ଥିଲା । କମିଶନର ସାହେବଙ୍କର ଭାବ ଏହି ଜଣାଯାଏ ଯେ ସେ ଓଡ଼ିଆମାନଙ୍କୁ ଉଚ୍ଚକର୍ମ ଦେବାପାଇଁ ହରେକୃଷ୍ଣ ବାବୁଙ୍କୁ ଆପଣା କଚେରୀକୁ ଟାଣୁଥିଲେ ମାତ୍ର ସମାନ ବେତନରେ ସେଠାକୁ ଯିବାଦ୍ୱାରା ତାହା କିରୂପେ ସଫଳ ହୁଅନ୍ତା ଅମ୍ଭେମାନେ ବୁଝି ପାରୁ ନାହୁଁ । ଯେବେ ସେ ଜାଣନ୍ତି ଯେ ହରେକୃଷ୍ଣ ବାବୁ ଯେଉଁ ପଦରେ ଅଛନ୍ତି ତହିଁରୁ ଅଧିକ ପଦର କାମନା ତେବେ ଯେତେବେଳେ ସେପରି କର୍ମ ଉପସ୍ଥିତ ହୁଅନ୍ତା ସେତେବେଳେ ତାହାଙ୍କୁ ଯାଚିଲେ ଶୋଭାପାଆନ୍ତା । ତାହାଙ୍କ କଚେରୀରେ ଏବଂ ଅନ୍ୟ ମହକୁମାରେ ଅନେକ ଓଡ଼ିଆ ଅଳ୍ପ ବେତନରେ କର୍ମ କରୁଅଛନ୍ତି ସେମାନଙ୍କ ମଧ୍ୟରୁ ଜଣକୁ ସିରସ୍ତାଦାରୀ ଦେଲେ ଅଧିକା ଜଣେ ଓଡ଼ିଆ ଉଚ୍ଚପଦାରୂଢ଼ ହୁଅନ୍ତା । ମାତ୍ର ଅମ୍ଭେମାନେ ଦୁଃଖର ସହିତ କହୁଅଛୁଁ ଯେ କମିଶନର ସାହେବ ଓଡ଼ିଆଙ୍କୁ ବଢ଼ାଇବେ ବୋଲି କହନ୍ତି କିନ୍ତୁ କାର୍ଯ୍ୟରେ ସେପରି କରୁ ନାହାନ୍ତି । ଅମ୍ଭମାନଙ୍କ ଦେଖିବାରେ ସେ କେବଳ ନନ୍ଦକିଶୋର ବାବୁ ଓ ବକ୍ସିଦ ବାବୁଙ୍କୁ ବଢ଼ାଇ ଅଛନ୍ତି ମାତ୍ର ନନ୍ଦକିଶୋର ବାବୁ ଯେଉଁ କର୍ମରେ ଥିଲେ ତହିଁରେ ଅଧିକଦୂର ସହଜରେ ବଢ଼ିଥାନ୍ତେ ତହିଁରୁ ତାହାଙ୍କୁ ସେହି ଅସି ଇନ୍ସ୍ପେକ୍ଟରୀ ପଦ ଦେବାରେ ତାହାଙ୍କର ଉନ୍ନତି ହେବାର ବିଳମ୍ବ ଦେଖାଯାଏ । ବର୍ତ୍ତମାନକୁ ନନ୍ଦକିଶୋର ବାବୁ ଏକମାତ୍ର ଓଡ଼ିଆ ଡେପୁଟୀ କଲେକ୍ଟର ଥିଲେ ତାହାଙ୍କୁ ସେ କର୍ମରେ ରଖି ଆଉ ଜଣେ ଓଡ଼ିଆକୁ ଇନ୍ସ୍ପେକ୍ଟରୀ ଦେଇଥିଲେ ଅଧିକା ଓଡ଼ିଆ ଜଣେ ଉଚ୍ଚକର୍ମ ପାଇଥାନ୍ତା ସେରୂପ ନ କରିବାରୁ ଜଣେ ଓଡ଼ିଆର କେବଳ ଅବସ୍ଥା ବଦଳି, ଲାଭ କିଛି ହେଲା ନାହିଁ । ଓଡ଼ିଆଙ୍କୁ ଉଚ୍ଚ କର୍ମ ଦେବା ବେଳେ କମିଶନର ସାହେବ ଯେରୂପ କାର୍ଯ୍ୟ କରନ୍ତି ତହିଁରୁ ଏହିବ ବୋଧ

Digitized by srujanika@gmail.com

Split by PDF Splitter



ହୁଅଇ ଯେ କେତେକ ଓଡ଼ିଆ ଅବଶ୍ୟ ଉଚ୍ଚକର୍ମ ପାଇବାର ଉପଯୁକ୍ତ ନାହାନ୍ତି ବୋଲି ସେ ଜାଣି ଥିବାରୁ ଯେଉଁ ଦୁଇ ଏକ ଜଣ ଭଲ କାର୍ଯ୍ୟକର ତାହାଙ୍କଠାରେ ପରିଚିତ ହୋଇଅଛନ୍ତି କର୍ମ ଖାଲି ହେଲେ କେବଳ ତାହାଙ୍କୁ ଲୋଡ଼ନ୍ତି ଯେବେ ସେରୂପ ବିଶ୍ୱାସ ହୋଇଥାଏ ଓ ତାହା ନିତାନ୍ତ ଅସଙ୍ଗତ ନୁହଇ ତେବେ ତାହାଙ୍କର ଉଚିତ ଅର୍ଣ୍ଣବଲ୍ଡ ବାବୁଙ୍କୁ ଆପଣା ସିରସ୍ତାଦାରି ପଦରେ ରଖି ଜଣେ ଓଡ଼ିଆଙ୍କୁ ମୁନସିଗିରିରେ ରଖନ୍ତୁ ଯେ ସେ ଭବିଷ୍ୟତରେ ସିରସ୍ତାଦାର ହୋଇ ପାରିବ । ମାତ୍ର ଅର୍ଣ୍ଣବାବୁ ବଙ୍ଗାଳିବୋଲି ସାହେବ ତାହାଙ୍କୁ ଉଚ୍ଚକର୍ମ ଦେବେ ନାହିଁ ତାହା ହେଲେ ଉପଯୁକ୍ତ ଓଡ଼ିଆ ମିଳିବା ପର୍ଯ୍ୟନ୍ତ ସିରସ୍ତାଦାରି ପଦ ଉଠାଇ ଦେଉନ୍ତୁ । ସାହେବଙ୍କର ମତ ଏହି ଯେ ଓଡ଼ିଶାରେ କେବଳ ଓଡ଼ିଆମାନେ କର୍ମ କରିବେ ବଙ୍ଗାଳୀ ମୁସଲମାନ ଗୋରଟିଆ କେଣି ତେଲଙ୍ଗା ମରହଟ୍ଟା ପ୍ରଭୃତି ଯେଉଁମାନେ ଆପଣା ଆଦିମ ସ୍ଥାନକୁ ବିସ୍ମୃତ ହୋଇ ପୁରୁଷାନୁକ୍ରମେ ଏ ପ୍ରଦେଶରେ ବାସ କରି ଅଭଯାଳ ହେଉଅଛନ୍ତି ସେମାନେ ଉଚ୍ଚ ସରକାରୀ କର୍ମ ପାଇବେ ନାହିଁ । ସେରୂପ ନ ହେଲେ ତାହାଙ୍କ ଅମଲାବର୍ଗ ଏତେ ବାଧନ୍ତା ନାହିଁ କାରଣ ଡିକ୍ଲକ୍ଟର କଲେକ୍ଟରୀ ଓ ଆପଣା ମହକୁମାରେ ଅନେକ ଉପଯୁକ୍ତ ଲୋକ ଅଛନ୍ତି ଓ ଏ ଲେଖକମାନେ ଆପଣା ଦେଶ ତ୍ୟାଗ କରି ବହୁକାଳରୁ ଓଡ଼ିଶାରେ ରହିଥିବାରୁ ସର୍ବଲୋକେ ଓଡ଼ିଆ ଅଟନ୍ତି । ଯେ ସ୍ଥଳେ କମିଶନର ସାହେବ ସେପରି ବୁଝି ନାହାନ୍ତି ଅମ୍ଭମାନଙ୍କର କଥାରେ କି ହେବ ? ଅମ୍ଭେମାନେ ଏସବୁ ଲେଖିବାର ହେତୁ ଏହି ଯେ କମିଶନର ସାହେବ ଯାହା କହୁଛନ୍ତି କି ସେ ଓଡ଼ିଆଙ୍କୁ ଉଚ୍ଚକର୍ମ ଦେବା ପାଇଁ ବଡ଼ ଯତ୍ନଶୀଳ ତାହା ଅତ୍ୟନ୍ତ ଅସାର ଅଟଇ ଏରୂପ ବୁଝିବାରେ ସେ ଆପେ ଭ୍ରମରେ ପଡ଼ିଅଛନ୍ତି ପୁଣି ସଂସାରକୁ ସେହି ଭ୍ରମରେ ପକାଇବାକୁ ଚେଷ୍ଟା କରୁଅଛନ୍ତି ।

---

ଅମ୍ଭେମାନେ କୃତଜ୍ଞତାପୂର୍ବକ ସ୍ୱୀକାର କରୁଅଛୁଁ ଯେ ଶ୍ରୀଯୁକ୍ତ ଉଇଲ୍ୟମ୍ ବ୍ରୁକ୍ସ ସାହେବଙ୍କଠାରୁ ଗୋଟିଏ ନୂତନ ଅଭିଧାନ ଉପହାର ପାଇଅଛୁଁ ଏଥିରେ ଓଡ଼ିଆଶବ୍ଦକୁ ଇଂରାଜୀ ପ୍ରତିଶବ୍ଦମାନ ସଂଯୋଗ ହୋଇ ଦେଶୀୟ ଓ ବିଦେଶୀୟ ଛାତ୍ର ଏବଂ ସ୍କୁଲର ବ୍ୟବହାର ନିମିତ୍ତ ଏହା ପ୍ରସ୍ତୁତ ହୋଇଅଛି । ପୁସ୍ତକର ଆକାର ପୃ୨୫୭ଷ୍ଠା ଓ ପ୍ରତି ପୃଷ୍ଠାରେ ଦୁଇ ସ୍ତମ୍ଭ ଅଛି ଓ ଯେମନ୍ତ କ୍ଷୁଦ୍ରାକ୍ଷରରେ ମୁଦ୍ରିତ ହୋଇଅଛି ବୋଧ ହୁଅଇ ଏଥିରେ ପ୍ରାୟ କୋଡ଼ିଏହଜାର ଓଡ଼ିଆଶବ୍ଦର ଇଂରାଜୀ ଅର୍ଥ ଲେଖା ଯାଇଅଛି । ଅମ୍ଭେମାନେ ଏଥିର ମୁଦ୍ରାଙ୍କନ କାର୍ଯ୍ୟ ଓ ଉପଯୋଗୀତା ଦେଖି ଆନନ୍ଦିତ ହୋଇଅଛୁଁ । ପୁସ୍ତକର ଶେଷରେ ରୋଗର ନାମ ଓ ଉଦ୍ଭିଦ ସବୁର ବୈଜ୍ଞାନିକ ନାମ ଦିଆ ଯାଇଥିବାରୁ ଏ ପୁସ୍ତକଟି ଏକା ଛାତ୍ରଙ୍କ ପକ୍ଷରେ କାହିଁକି ଅପରାପର ଲୋକଙ୍କର ମଧ୍ୟ ବହୁତ ପ୍ରୟୋଜନରେ ଆସିବ ।

---

ଅମ୍ଭମାନଙ୍କର ଯାଜପୁରସ୍ଥ ସଂବାଦଦାତା ଲେଖିଅଛନ୍ତି କି ଅଗଷ୍ଟ ମାସ ତା ୩୦ ରିଖ ସୋମବାର ଅମାବାସ୍ୟାରେ ଶେଷ ହେବା ପକ୍ଷ ଦ ୧୩ ଦିନରେ ଶେଷ ହେଲା ତେରଦିନିଆ ପକ୍ଷ ହେବାରୁ ଲୋକଙ୍କପ୍ରତି ଅନିଷ୍ଟ ଘଟନା ହେବ ଓ ଏହି ଭାଦ୍ରବମାସ ଦ ୧୩ ଦ । ମୁ । ଅଗଷ୍ଟମାସ ତା ୨୭ ରିଖ ଶୁକ୍ରବାର ରାତ୍ରିରେ ଘୋର ବୃଷ୍ଟି ଓ ନଦୀବଢ଼ି ପ୍ରବଳରେ ଘରସବୁ ଭାଷିଯିବ । ରାତ୍ରିରେ ଶୂନ୍ୟ ଶବଦ ହେବ ସେ ଶବଦ ଶୁଣି କେହି ସବୁ ବାହାରକୁ ବାହାର ନ ହେବ ଉଜାଗର ଥାଇ ନାମ ସ୍ମରଣ କରିବ ଏହି କଥା ଶ୍ରୀ ବଟେଶ୍ୱରଠାକୁରାଣୀ ସ୍ୱପ୍ନରେ କହିଅଛନ୍ତି ବୋଲି ଜନରବ ହେବାରେ ସେ ରାତ୍ରି ଶୁକ୍ରରେ ଏ ଯାଜପୁର ସହର ବାସିମାନେ ଉଜାଗର ରହି ଶ୍ରୀ ଭାଗବତ ଓ ପୁରାଣ ଶ୍ରବଣ ବାଦ୍ୟ ଓ ହୁଳହୁଳି ଧ୍ୱନିରେ ରାତ୍ରି ଶେଷ କଲେ ଭଗ୍ନ ନ ହେଲା । କିଏ ଏସବୁ କଥା ରଚନା କରୁଅଛି ଜଣା ଯାଉ ନାହିଁ ଆହୁରି ମଫସଲରୁ ସହର ପର୍ଯ୍ୟନ୍ତ ଏକ ରାତ୍ରିରେ ଖଣ୍ଡିଏ ଲେଖା ମାତାପୁରୁଷଙ୍କ ନାମରେ [illegible] ପଡ଼ିଅଛି ତିନ୍ଦୁ ଚାଉଳ ଓ ପଇସା ପ୍ରତ୍ୟେକ ଘରୁ ଉସୁଲ ହେଉଅଛି ଯାହା ଘରରେ ସେ ଝାଞ୍ଜି ପହଞ୍ଚି ଅଛି ସେ ଚାଉଳ ଏକସେର ଓ କୋଡ଼ିଏ ପଇସା ଦେଇ ଅନ୍ୟ ବ୍ୟକ୍ତି ନିକଟରେ ରଖି ଦେଉଅଛି ଏହିପରି ଭାବ ଚଳୁଅଛି ଶେଷରେ ସେ ଚାଉଳ ଓ ପଇସା କିଏ ନେଉଅଛି ଜଣାଯାଉ ନାହିଁ ଅନୁସନ୍ଧାନର ସବଇନସ୍ପେକ୍ଟର ଏକପଟିକା ଓ ଝାଞ୍ଜି ଓ ଚାଉଳ ୫୧/୨ ପଇସା ଏକଜାଗାରୁ ପ୍ରାପ୍ତ କରି ରିପୋର୍ଟ ସହିତ ଏଠା ଜଏଣ୍ଟ ମେଜିଷ୍ଟ୍ରେଟଙ୍କ ହଜୁରକୁ ପଠାଇବାରୁ ସାହେବ ଉକ୍ତ ମାଲ ଯାହାଠାରୁ ପାଇ ଯାଇଅଛି ତାକୁ ଦେଇ ତାହାର ରସିଦ ପଠାଇବାର ଆଜ୍ଞା ଦେଇଅଛନ୍ତି ।

ଜଗନ୍ନାଥବ ମୌଜାନିବାସୀ ଓଡ଼ିଆବ୍ରାହ୍ମଣ ଅନନ୍ତମିଶ୍ରର ସ୍ତ୍ରୀ କି ତାହାର ନାମ ରୋହିଣୀ ଅଟେ । ସେ ଅଠରବରଷ ବନ୍ଧ୍ୟା ଥାଇ ବର୍ତ୍ତମାନକୁ ଗର୍ଭବତୀ ହୋଇଅଛି ଏହା ଶୁଣି ଉକ୍ତ ସ୍ତ୍ରୀ ଗର୍ଭରେ ସ୍ୱୟଂ ମହାପ୍ରଭୁ ଜନ୍ମ ହେବେ ବୋଲି କହି ତାହାକୁ ଦେଖିବ ପାଇଁ ପ୍ରତିଦିନ ଲୋକେ ଯାଉଅଛନ୍ତି ।

ଗତ ଅଗଷ୍ଟମାସ ତା ୨୫ ରିଖ ବୁଧବାର ଦିନ ବାକୀ ଦୁଇଘଡ଼ି ଥାଉ ରାତ୍ର ଏକପ୍ରହର ପର୍ଯ୍ୟନ୍ତ ଘୋରବୃଷ୍ଟି ହେଲା ଯେ ତହିଁରେ କେତେକ ବ୍ୟକ୍ତିଙ୍କ ଘରକାନ୍ଥ ଭାଙ୍ଗି ଯାଇଅଛି ଏ ବର୍ଷ ପ୍ରତିଦିନ ସାମାନ୍ୟରୂପେ ବରଷା ହେଉଅଛି ।

ସୁବଦାବଳ ରଜାଙ୍କ ନାମ ଓ ଦସ୍ତଖତରେ ତାଙ୍କ ଇଲାକାର ଜଣେ ମାଜୁଲ ସରବରାହକାର ପରଓ୍ୱାନା ଜାରି କରି ଟଙ୍କା ଉସୁଲ କରନ୍ତେ ପ୍ରଜାଙ୍କ ତଲବ କରିଥିବା ଓ ସେ ଜାଲ ଦସ୍ତଖତି ପରଓ୍ୱାନା ଧରା ପଡ଼ିବାରୁ ପରଓ୍ୱାନା ସହିତ ଆସାମିକୁ ରାଜା ଅନରେରି ମେଜିଷ୍ଟ୍ରେଟ ସମ୍ପର୍କରେ ପାଇକ ଓ ଚପରାସିମାନଙ୍କଦ୍ୱାରା କଟକର ଇମନ୍ତେ ପଠାଇବାରୁ ଆସାମି ଏଠା ସାହେବଙ୍କ ହଜୁରରେ ଉକ୍ତ ବିଷୟ କରିଥିବାର ଏକରାର କରିଅଛି ମକଦମା ଏଯାଏ ଶେଷ ହୋଇ ନାହିଁ ।

## ସାପ୍ତାହିକ ସଂବାଦ ।

ପୁରୀର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଆର୍ମଷ୍ଟ୍ରଂ ସାହେବ ଏକବର୍ଷର ବିଦାୟ ନେଇ ବିଲାତକୁ ଯାଉଅଛନ୍ତି ଶ୍ରୀଯୁକ୍ତ ସ୍ମିଥ ବିନ୍ସ ସାହେବ ତାହାଙ୍କ କର୍ମରେ ନିଯୁକ୍ତ ହେବାରୁ ପୁରୀ ଲୋକମାନେ ଆନନ୍ଦିତ ହେବାର ଜଣାଯାଏ ।

ଏଥରର ଦୌଶ୍ୟରେ ପରସ୍ତ୍ରୀ ଗମନ ଓ ସ୍ତ୍ରୀପ୍ରତି ବଳାତ୍କାର ପ୍ରଭୃତି ଅପରାଧ ଘଟିତ ମକଦମା ଅଧିକାଂଶ ଦେଖାଯାଏ । କେତେକ ପ୍ରକାର ଗ୍ରେପର ଫଉଜଦାରୀ ଅପରାଧ ଦୃଷ୍ଟ କି ସଂଖ୍ୟାମକ ଅଟଇ ଯେ ତାହା ବିଶେଷରେ ସବୁଠା ଲୋକେ ଏକପ୍ରକାର ଅପରାଧ କରୁଥାନ୍ତି ।

କୋଠଦେଶ ପ୍ରଗନା ଭତଣିଆ ମୌଜାରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ସେ ଅଞ୍ଚଳରେ ଗୋଟିଏ ସାତେ ଛଅବର୍ଷ ବୟସର ବାଳକା ଅଛି ଯେ ତାହାର ବର୍ଷେ ହେଲା ଗର୍ଭମଳ ସ୍ତ୍ରୀସ୍ୱଭାବ

Digitized by srujanika@gmail.com

Split by PDF Splitter



ହେଉଅଛି ଓ ଅଙ୍କ ପ୍ରତ୍ୟର୍ଥୀମାନଙ୍କରେ ଯୋଜନାବସ୍ଥାର ଚିହ୍ନମାନ ଲକ୍ଷିତ ହୁଅଇ । ସର୍ବଥା ହେଲେ କତ୍ର ଚମତ୍କାର ଉତ୍ସବ ଅଟଇ ।

ଯାଜପୁରର ମୁନ୍‌ସେଫ ବାବୁ ଯଦୁନାଥ ଦାସ ଛମାସର ଛୁଟୀ ପାଇଅଛନ୍ତି । ଶୁଣାଯାଏ ଯେ ପୁରୀର ଏକଟିଂ ମୁନ୍‌ସେଫ ବାବୁ ଯୋଗେଶ୍ୱର ଚନ୍ଦ୍ର ଏହାଙ୍କ କର୍ମରେ ରହିବେ ।

ଗତ ବୁଧବାର ସନ୍ଧ ବୁଡିବାଯିବା ସମୟରେ କଟକ ଜେଲଖାନାର ସ୍ତ୍ରୀ କଏଦୀମାନଙ୍କ ଘର ନିକଟ ପାଇଖାନାରେ ଲଗିଥିବା ୬ ଇଞ୍ଚ ଲମ୍ବାର ରେଲ ମଧ୍ୟରେ ଗଳି ଗୋଟିଏ ସ୍ତ୍ରୀ ବାହାରକୁ ଆସି ଏକଗୋଟା ଖୋଳ ସହାୟରେ ପାଚେରିରେ ଚଢି ବାହାରକୁ ଡେଇଁ ପଳାଇଲା । ତହିଁର ଅଧଘଣ୍ଟା ପରେ ତାହା ସଙ୍ଗି ସ୍ତ୍ରୀମାନେ ତାହାକୁ ନ ଦେଖି ଗୋଳ କରିବାରୁ କର୍ମଚାରୀମାନେ ଖୋଜି ନ ପାଇବାରୁ ପୁଲିସ ଇନ୍‌ସ୍ପେକ୍ଟର ଅକଳଙ୍ଗୀଙ୍କ ନିକଟକୁ ସମ୍ବାଦ ଦେଲେ । ତହିଁ ଅନନ୍ତର ପୁଲିସ ଦଳ ଘ ୧୧ ଟା ସମୟରେ ଫାଣ୍ଡିବଜାର ଅଲ୍ଟ ପୋଷ୍ଟ ଇତ୍ୟାଦି ନଦୀକୂଳ ସନ୍ନିକଟରେ ଏକଜଣ ସଜ୍ଜିଆ ପିଣ୍ଡାରେ ତାହାକୁ ଗିରଫ୍ତାର କଲେ । ଏସ୍ତ୍ରୀଟି ପୂର୍ବରେ ଦସ୍ତୁଖତା କରିବା ଅପରାଧରେ ଜଜ ସାହେବଙ୍କଦ୍ୱାରା ୬ ବର୍ଷ କଠିନ ପରିଶ୍ରମସହିତ ଦଣ୍ଡ ପାଇଥିଲା । ଏସ୍ତ୍ରୀର ସାହାସକୁ ଧନ୍ୟ ବୋଲିବାକୁ ହେବ ମାତ୍ର ପୁଲିସକୁ ଯାହା ଛକିପାରିଲା ନାହିଁ ଏଥିରେ ତାହାର ବୁଦ୍ଧିକି ନିନ୍ଦା କରିବାକୁ ହେଉଅଛି ।

---

ପ୍ରେରିତପତ୍ର ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।

ଖାସମହାଲ ବନ୍ଦୋବସ୍ତରେ କଟକ ପ୍ରଜାଙ୍କର ବିଳାପ ।

ଅଶ୍ରାବଶୁନ୍ଦ୍ର ବାଣୀ ।

ହେ ପ୍ରଭୁ ଏବେ ବିପକ୍ଷ ହେଲ । ଘୁଅଇଲ ବିଷ ଖାସମହାଲ । ବିଷ କରିବା ଏହ ଅପବର୍ଗ । ହେ ବି ପ୍ରଭୁ ଶୁଣିଲ ସବୁ । କୃପା କର କାହେ ! ସତବଳ କଥା ଶୁଣ କର୍ଣ୍ଣରେ ॥ ପ୍ରଭୁ ପାଦଙ୍କ ନିବେଦନ ଶୋକ । ତୁମ୍ଭ ବିନୁ ଗତି ନାହିଁ ନି ଆଜ । ଏ ଖାସମହାଲ ହୋଇଲା । ଦସର କହୁବା ଘରକର୍ଜ । ହୋଇ ସୃଷ୍ଟିଲ । ହିନେ ବୃଷ୍ଟି ହେଲ ଦୁଃଖଅଛନ୍ତି । ୨ ହାକିମେ ଭକ୍ଷ ସ୍ୱୀକରଣ କରେ । ଦୁଃଖିଙ୍କ ଦୁଃଖ ନ ଶୁଣିଲେ ଭଲେ । ପଚାଶଗଣ ବନ୍ଦୋବସ୍ତ ଥିଲା । ଏବେ ତାହାର ଷୋଳଗୁଣ ହେଲା । କି କହିବ କବେ । ପ୍ରଜାଙ୍କୁ ଭଳିବା ଆଶା ପାଞ୍ଚିଲେ । ୩ । ପ୍ରଜାଙ୍କ ହୃଦେ ଉଭ କମ୍ପିଣୁଭ । ଅଟନ୍ତି ହିତାକାଂକ୍ଷୀ ଏ ଦେଶର । ଅବା କାହିଁ ପରବଶ ହୋଇ । ମୁନ୍ଦ କହନ୍ତି କର୍ତ୍ତୃତ୍ୱର ଦଳ । କ କଲେ ଦ କଲେ । ଲୋଭବଶେ ପ୍ରଜାଙ୍କୁ ନ ଗୁହିଁଲେ । ୪ । ଅନେକ ପ୍ରକାରେ ହେଉଣ କର । ସନ୍ତୁଷ୍ଟ ହୋଉଛି ମନ ତାଙ୍କର । ତହିଁ ଉପରେ ଆଉ ବୃଦ୍ଧି କଲେ । କୋଟଙ୍କର ଉପରେ କୋଟ ନଦଲେ । ଏପରି ଦାଉରେ । ପ୍ରଜାଙ୍କ ଦୁଃଖ କହିଲେ ନ ସରେ । ୫ । ଦୁଃଖିପ୍ରଜାଙ୍କୁ ଭଣ୍ଡିଲେ ଏହନ । ଗୃହଭଣ୍ଡାର କି ହୋଇବ ପୂର୍ଣ୍ଣ । କର୍ମ କର ମୂଲିଆ ରହିଗଲେ । କଷ୍ଟେ ଥିଲୁ ଧନ ସଞ୍ଚୟ କରୁ । ତହିଁରେ ଏବେ ତ । ସରକାରଙ୍କ ଦୃଷ୍ଟି ହେଲା ପାତ । ୬ । ଯେତେ ମଥିମାନ ସଞ୍ଚୟ କରେ । ଗୃହ ଭୂମି ହୋଇ ମଧ୍ୟତ୍ୱରେ । ବନ୍ଦୁଗ କର ସେମାନଙ୍କ ହୃଦ । ତିର ଛିଅନ୍ତି ଦୃଶ୍ୟଜନ ବୃଦ । ସେହିପରି ଏହି । ସରକାରଙ୍କର ନିଷ୍ଠୁର ଦାଉ । ୭ । ଜମିଦାରଙ୍କୁ ବୃତାଞ୍ଜଳି ହସ୍ତେ । ନିବେଦନ କରୁଁ ଅତି ଆରତେ । ଶୋକ ଛଡ ଦୂର କର ପ୍ରସନ୍ନ । ପ୍ରଜାଙ୍କୁ କରନ୍ତୁ ପ୍ରତିପାଳନ । ନ ହୋଇ ମଉନ । ଉପୋଷ କରନ୍ତୁ ସଦର ସ୍ଥାନ । ୮ । ଯାବ ଦୁଃଖୀଙ୍କର ଦୁଃଖ ପେଷିବେ । ଯଥ୍ୟର ତାଙ୍କ ପରୋକ୍ଷ ଦେବେ । ଦୁଃଖୀଙ୍କ ଦୁଃଖ ନ ପେଷିଲେ ଭରେ । ଅତି ଅକୀର୍ତ୍ତି ଲଭିବେ ଜଗତେ । ଏହି ନିବେଦନ । ପେନକୁ ପ୍ରାର୍ଥନା ହୋଇ ପ୍ରସନ୍ନ । ୯ ।

କଟକ
ତା ୭ ।
} ଶ୍ରୀ ବ୍ରଜମୋହନଲାଲ

କବିତା ଉତ୍କୃଷ୍ଟ ବୋଲି ଏହା ପ୍ରକାଶିତ ହୋଇ ନାହିଁ କେବଳ ଖାସମହାଲ ପ୍ରଜାମାନେ ବାସ୍ତବରେ ଅତୀବ ଦୁଃଖରେ ପତିତ ହୋଇ ଥିବାର ଗୋଟିଏ ଉଦାହରଣ ସ୍ୱରୂପ ଏହା ପ୍ରକାଶିତ ହେଲା ।

ସମ୍ପାଦକ ।

---

ବିଜ୍ଞାପନ ।

ଶ୍ରୀମଦ୍ଭାଗବତ ଦଶମସ୍କନ୍ଧ ସଂଶୋଧିତ ହୋଇ ହିନ୍ଦୁକ୍ରିଷ୍ଟିୟାନ୍ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହେଉଅଛି । ଅତଏବ ସାଧାରଣଙ୍କ ଜଣାଉଅଛୁ ଅନ୍ୟ କେହି ଏହି ପୁସ୍ତକର ସଂଶୋଧନାଦ କାର୍ଯ୍ୟରେ ଯତ୍ନ କରିବେ ନାହିଁ ।

ଶ୍ରୀଗୋବିନ୍ଦ୍ରଚନ୍ଦ୍ରପ୍ରିୟ ଦତ୍ତ
ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ ।

---

ଅମ୍ଭେ ଲୁହରିଙ୍କ ଏଣ୍ଡଲିଙ୍କ ଗଢ଼ଠାରୁ । ସା । କଲିକତା ଓ ଗ୍ଲେନବାଲ୍ ସଉଦାଗର୍ ଅଟ ସଞ୍ଚୟ ପନରୁଷ ନଂସାଧାରଣଙ୍କୁ ଜଣାଉଅଛୁଁ ଯେ । ସା । ହାଲ ଗ୍ଲେଦବାଲ ଇବାସୀ ଲିମଜିଉସ୍ ପେୟରେଟ୍‌କୁ ଯେଉଁ କ୍ଷମତାପତ୍ର ଅର୍ଥାତ୍ ଆମ୍‌ମୋକ୍ତାରନାମା ଦେଇଥିଲୁଁ ତାହା ଗତ ଜୁଲାଇ ମାସ ତା ୧୪ ଉଠାରେ ତାଙ୍କଠାରୁ ଉଠାଇ ନେଇଅଛୁଁ ।

ଲୁହରିଙ୍କ ଏଣ୍ଡଲିଙ୍କ କମ୍ପାନୀ ।

---

*Recently Published,*

AN ORIYA AND ENGLISH DICTIONARY,

designed for the use of European and Native Students and Schools,

BY WILLIAM BROOKS.

PRICE,—Bound in cloth ... Rs. 2 8 0

Extra for Postage, per copy 0 4 0

Applications to be sent, with payment, to *The Superintendent of the Orissa Mission Press, Cuttack.*

---

ଦେଶୀୟ ଓ ବିଦେଶୀୟ ଶବ୍ଦମାନର ଓଡ଼ିଆ ଓ ଇଂରାଜୀରେ ଗୋଟିଏ ଅଭିଧାନ ସଙ୍କଳିତ ମୁଦ୍ରିତ ହୋଇଅଛି ।

ମୂଲ୍ୟ—ଲୁଗାବିଲ୍‌ଦବନ୍ଧ ସହିତ ଘ ୧ ୮/ ୨୧୫
ମୋଫସଲପାଇଁ ଡାକମାସୁଲ ୦।

ଓଡ଼ିଶାମିଶନପ୍ରେସରେ ତତ୍ତ୍ୱକଲେ ପାପ୍ତ ହେବ ।

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଶ୍ରୀଶ୍ରୀରାଜାଗଙ୍କ ନୀଳଗିରି | କଟକ | ଟ ୨୩ |
| " " " " | ଆଠଗଡ଼ | " | ଟ ୬ |
| ବାବୁ ଜମ୍ବୁକୃଷ୍ଣ ଦାସ | କଟକ | " | ଟ ୨ |
| " ଗଣେଶ୍ୱର ଦାସ | " | " | ଟ ୨ |
| " ଅର୍ଜୁନ କଲ୍ୟାଣ କର | " | " | ଟ ୧ |
| " ଗୃହଦ୍ଦୋର୍‌ଘୋଷ | " | " | ଟ ୨ |
| " ଅନ୍ନପୂର୍ଣ୍ଣାନନ୍ଦ ଦାସ | " | " | ଟ ୨ |
| " କୃଷ୍ଣଚନ୍ଦ୍ର ଘୋଷ | " | " | ଟ ୨ |
| ଏଚ୍ ସି ଭୁକେସ୍ୱାଲାରେ | " | " | ଟ ୨ |
| ଅନୁତଗଣ୍ଡ | " | " | ଟ ୧ |

---

ଏହି ଉତ୍କଳଦୀପିକା ସହରକଟକ ଦିଆରୁ ବାଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com